


ବିନା ବ୍ରେକ୍‌ରେ
'ଜଟାଧାରା' ସୁଟିଂ
▶ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-124 ♦FRIDAY ♦31 OCTOBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୨୪ ♦ଶୁକ୍ରବାର ♦୩୧ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ପୂରଣ ହୋଇପାରୁନାହିଁ ୬୦୦ ୱାର୍ଡର ପଦ

# ଜେଲ୍ ଜଗିବେ ଗୃହରକ୍ଷୀ

■ **ଭୁବନେଶ୍ୱର, ୩୦।୧୦ (ସମିସ):** ଏଣିକି ରାଜ୍ୟର ଜେଲ୍ ଜଗିବେ ଗୃହରକ୍ଷୀ ବା ହୋମ୍‌ଗାର୍ଡ଼। ଦିନକୁ ମାତ୍ର ୫୩୩ ଟଙ୍କା ପାରିଶ୍ରମିକ ପାଉଥିବା ଗୃହରକ୍ଷୀମାନେ ଜେଲ୍‌ରେ ବନ୍ଦୀ ଥିବା କୁଖ୍ୟାତ ଅପରାଧୀ ଓ ବିଚାରାଧୀନ ବନ୍ଦୀମାନଙ୍କ ସୁରକ୍ଷା ଦାୟିତ୍ୱ ସମ୍ଭାଳିବେ। ଜେଲ୍ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି ଏବଂ ସେମାନଙ୍କୁ ବର୍ଷେ ପର୍ଯ୍ୟନ୍ତ ଅସ୍ଥାୟୀ ଭାବରେ ନିୟୋଜିତ କରିବା ପାଇଁ ସବୁ ଜିଲ୍ଲାର ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଚୌଦ୍ୱାର ଜେଲ୍‌ରୁ ଦୁଇଜଣ କୁଖ୍ୟାତ ଅପରାଧୀ ଫେରାର ହେବା ପରେ ପରେ ବାଲେଶ୍ୱର ଜିଲ୍ଲାର ସୋର ଜେଲ୍‌ରୁ ଜଣେ ଅପରାଧୀ କିଛିଦିନ ତଳେ ଚମ୍ପଟ ମାରିଛନ୍ତି। ଏହାପରେ ଏକ ଉଚ୍ଚସ୍ତରୀୟ ବୈଠକରେ ଜେଲ୍‌ଗୁଡ଼ିକରେ ହୋମଗାର୍ଡ଼ ବା ଗୃହରକ୍ଷୀମାନଙ୍କୁ ନିୟୋଜିତ କରିବା ନିମନ୍ତେ ଜେଲ୍ ବିଭାଗ ନିଷ୍ପତ୍ତି ନେଇଛି। ଏହାସହିତ ପ୍ରତି ଜିଲ୍ଲାରେ ବରିଷ୍ଠ ପୁଲିସ ଅଧିକାରୀ ଓ ସମ୍ପୃକ୍ତ ଜେଲ୍ ଅଧୀକ୍ଷକ ମିଳିତ ଭାବରେ ଜେଲ୍ ସୁରକ୍ଷାର ଯାଞ୍ଚ କରିବେ। ଜେଲ୍ ପାଚେରି ଅନୁଧ୍ୟାନ ସହ, ସିସିଟିଭି ଲଗାଯିବା, ଜେଲ୍‌ର ପାଚେରି ଉପରେ ତାରଜାଲି ବିଛାଇବା ଏବଂ ସୁରକ୍ଷା ସମ୍ବନ୍ଧୀୟ ସବୁ ଭିତ୍ତିଭୂମିର ଯାଞ୍ଚ ହେବ।

ବିଡ଼ମ୍ବନା ହେଉଛି ଯେ ଯେଉଁଠି ଜେଲ୍‌ରେ ୱାର୍ଡ଼ରମାନଙ୍କ ଆଖିରେ ଧୂଳିଦେଇ ବିଚାରାଧୀନ ବନ୍ଦୀ ଓ କଏଦୀ ସହଜରେ ଫେରାର୍ ହୋଇ ଯାଉଛନ୍ତି, ସେଠାରେ ସାଧାରଣ ହୋମ୍‌ଗାର୍ଡ଼ମାନେ ସେମାନଙ୍କୁ କିପରି ଜଗିବେ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ଆଜି ପର୍ଯ୍ୟନ୍ତ ରାଜ୍ୟରେ ସାଧାରଣତଃ ହୋମ୍‌ଗାର୍ଡ଼ମାନଙ୍କୁ ସହରାଞ୍ଚଳରେ ଭିଡ଼ ଓ ଟ୍ରାଫିକ୍ ନିୟନ୍ତ୍ରଣ ବା କୌଣସି ଗଣ୍ଡଗୋଳ ବେଳେ ସୁରକ୍ଷା କାର୍ଯ୍ୟରେ ନିୟୋଜିତ କରାଯାଇ ଆସିଛି। ଦୁର୍ଘଟଣା, ହତ୍ୟା ଆଦି ଘଟଣାରେ ଗୃହରକ୍ଷୀମାନଙ୍କୁ ଜଗୁଆଳୀ ରୂପେ ବ୍ୟବହାର କରାଯାଉଛି। ଏହା ସହ ଅନେକ ସ୍ଥାନରେ ଗୃହରକ୍ଷୀମାନଙ୍କୁ ବଡ଼ ଅଧିକାରୀଙ୍କ ଘରୋଇ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ମଧ୍ୟ ଦେଖାଯାଇଛି। ମାତ୍ର ରାଜ୍ୟରେ ଜେଲ୍ ବିଭାଗ ପ୍ରଥମଥର ପାଇଁ ଗୃହରକ୍ଷୀମାନଙ୍କୁ ଜେଲ୍ ସୁରକ୍ଷା ପରି ଏକ ସାହସିକ ଓ ଦାୟିତ୍ୱସମ୍ପନ୍ନ କାର୍ଯ୍ୟରେ ନିୟୋଜିତ କରିବାକୁ ନେଇ ଉଠିଛି ପ୍ରଶ୍ନ। ଚୌଦ୍ୱାର ଜେଲ୍‌ରୁ ଦୁଇ ଦୁର୍ଦ୍ଦାନ୍ତ ଅପରାଧୀ ▶ପୃଷ୍ଠା-୭

### ମହିଳା ଦିନିକିଆ ବିଶ୍ୱକପ୍

## ଅଷ୍ଟ୍ରେଲିଆକୁ ହରାଇ ଫାଇନାଲ୍‌ରେ ଭାରତ




■ **ନଭି ମୁମ୍ବଇ, ୩୦।୧୦ (ଏଜେନ୍ସି):** ରେକର୍ଡ ୭ଥରର ଚାମ୍ପିଅନ ଅଷ୍ଟ୍ରେଲିଆକୁ ରୋମାଞ୍ଚକ ଭାବେ ୫ ୱିକେଟ୍‌ରେ ପରାସ୍ତ କରି ଭାରତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ମୁମ୍ବଇର ଡିୱାଇ ପାଟିଲ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୩୩୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ଓପନର୍ ଫୋଏବି ଲିଚଫିଲ୍ଡ ୧୧୯ ରନର ଦମ୍‌ଦାର ଶତକୀୟ ପାଳି ଖେଳିଥିଲେ। ଜବାବରେ ଜେମିମା ରୋଡ୍ରିଗ୍ସେଜଙ୍କ ମ୍ୟାଚ୍ ବିଜୟୀ ଅପରାଜିତ ଦର୍ଶନୀୟ ଶତକ ବଳରେ ଘରୋଇ ଭାରତ ୯ଟି ବଲ୍ ପୂର୍ବରୁ ୫ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଜେମିମା ୧୩୪ ବଲରେ ୧୨୭ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ମହିଳା ବିଶ୍ୱକପ୍‌ରେ ମଧ୍ୟ ଏହା ରେକର୍ଡ ରନ ଚେଜ୍ ହୋଇଛି। ଚଳିତ ବିଶ୍ୱକପର ଲିଗ୍ ପର୍ଯ୍ୟାୟରେ ଭାରତ ବିପକ୍ଷରେ ଅଷ୍ଟ୍ରେଲିଆ ୩୩୧ ରନର ଲକ୍ଷ୍ୟକୁ ହାସଲ କରିଥିଲା। ▶ପୃଷ୍ଠା-୭

**ରବିବାର ଦକ୍ଷିଣ ଆଫ୍ରିକା ସହ ଟାଇଟଲ୍ ଲଢ଼େଇ**

## ଖଣି ପଟ୍ଟାଦାରଙ୍କ ଉପରେ ୨୭୦୦ କୋଟି ବକେୟା

### ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା



**ବକେୟା ଆଦାୟ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ**

■ **ଭୁବନେଶ୍ୱର, ୩୦।୧୦ (ସମିସ):** ଖଣି ଲିଜ୍‌ଧାରୀଙ୍କଠାରୁ କ୍ଷତିପୂରଣ ଆଦାୟରେ ଅହେତୁକ ବିଳମ୍ବ ନେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ସୁପ୍ରିମକୋର୍ଟ। ବେଆଇନ ଖଣି ଖନନ ଘଟଣାରେ ଖଣି ଲିଜଧାରୀଙ୍କଠାରୁ ପ୍ରାୟ ୨୭୦୦ କୋଟି ଟଙ୍କା ବର୍ଷବର୍ଷ ହେଲା ଅନାଦାୟ ରହିଛି। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ଅଦାଲତ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଅବହେଳା କାରଣରୁ ଏହି ମାମଲା ବର୍ଷ ବର୍ଷ ଧରି ଲମ୍ବିଚାଲିଛି। ଯାହାଫଳରେ ଖଣି ଲିଜଧାରୀଙ୍କୁ ଜାଣିଶୁଣି ଆଶ୍ୱସ୍ତି ପ୍ରଦାନ କରୁଥିବା ନେଇ ସନ୍ଦେହ ସୃଷ୍ଟି ହେଉଛି। ବେଆଇନ ଖଣି ଖନନ ଦ୍ୱାରା ରାଜ୍ୟକୁ ହଜାର ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି। ତେଣୁ ଯେ କୌଣସି ପରିସ୍ଥିତିରେ ଏହି ବକେୟା ଅର୍ଥକୁ ସୁନିଶ୍ଚିତ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜଷ୍ଟିସ ଦୀପଙ୍କର ଦତ୍ତା, ଜଷ୍ଟିସ ଏଜି ମସିହଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି କରାଯାଇଥିଲା।

କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାରେ ଖଣି ନିୟମର ଉଲ୍ଲଂଘନ କରି ଖଣି ପଟ୍ଟାଦାରମାନେ ବିପୁଳ ଅନିୟମିତତା କରିଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତ ମାମଲାର ବିଚାର କରି ବେଆଇନ ପଟ୍ଟାଦାରଙ୍କଠାରୁ ୧୭ ହଜାର କୋଟି ଟଙ୍କା କ୍ଷତିପୂରଣ ରାଶି ଆଦାୟ କରିବାକୁ ସୁପ୍ରିମକୋର୍ଟ ୨୦୧୭ ମସିହାରେ ନିର୍ଦ୍ଦେଶ ଦେଇଥିଲେ। ଏହାମଧ୍ୟରୁ ରାଜ୍ୟ ସରକାର ପଟ୍ଟାଦାରଙ୍କଠାରୁ ଏବେ ସୁଦ୍ଧା ୧୪୩୦୦ କୋଟି ଟଙ୍କା ଆଦାୟ ▶ପୃଷ୍ଠା-୭

## ଜଷ୍ଟିସ୍ ସୂର୍ଯ୍ୟକାନ୍ତ ପ୍ରଧାନବିଚାରପତି ନିଯୁକ୍ତ



■ **ନୂଆଦିଲ୍ଲୀ, ୩୦।୧୦ (ଏଜେନ୍ସି):** ଜଷ୍ଟିସ ସୂର୍ଯ୍ୟକାନ୍ତ ସୁପ୍ରିମକୋର୍ଟର ୫୩ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ନିଯୁକ୍ତି ପାଇଛନ୍ତି। ସେ ନଭେମ୍ବର ୨୪ରେ ଶପଥ ଗ୍ରହଣ କରିବେ। ଏବେକାର ପ୍ରଧାନ ବିଚାରପତି ଜଷ୍ଟିସ୍ ବିଆର୍ ଗଭାଇଙ୍କ ଅବସର ନେବାର ଗୋଟିଏ ଦିନ ପରେ ସେ ଦାୟିତ୍ୱ ଗ୍ରହଣ କରିବେ। କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଗୁରୁବାର 'ଏକ୍ସ'ରେ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି। ଜଷ୍ଟିସ୍ ଗଭାଇଙ୍କ କାର୍ଯ୍ୟକାଳ ନଭେମ୍ବର ୨୩ରେ ଶେଷ ହେବ। ସୁପ୍ରିମକୋର୍ଟର ବିଚାରପତିମାନେ ୬୫ ବର୍ଷ ବୟସରେ ଅବସର ଗ୍ରହଣ କରିଥାନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ ▶ପୃଷ୍ଠା-୭

## ଆଣବିକ ଗବେଷଣା କେନ୍ଦ୍ରରେ ସୁରକ୍ଷା ଢିଲା

### ଭାବା ଆଟମିକ ରିସର୍ଚ୍ଚ ସେଣ୍ଟରରେ ନକଲି ବୈଜ୍ଞାନିକ

**କୁତବୁଦ୍ଦିନକୁ ମୁମ୍ବଇରୁ ଗିରଫ କଲା କ୍ରାଇମ୍‌ବ୍ରାଞ୍ଚ**

**ପରମାଣୁ ଡାଟା, ୩ ପାସ୍‌ପୋର୍ଟ, ୧୪ ନକ୍ସା ଜବତ**

■ **ମୁମ୍ବଇ, ୩୦।୧୦ (ଏଜେନ୍ସି):** ମୁମ୍ବଇ ପୁଲିସ ଭେର୍ସୋଭାରେ ଜଣେ ନକ୍‌ଲି ବୈଜ୍ଞାନିକଙ୍କୁ ଗିରଫ କରିଛି। ଜାମସେଦପୁରର ବାସିନ୍ଦା ୬୦ ବର୍ଷୀୟ ଅଖ୍‌ତାର କୁତବୁଦ୍ଦିନ ହୁସେନି ନିଜକୁ ଭାବା ଆଟମିକ୍ ରିସର୍ଚ୍ଚ ସେଣ୍ଟର (ବିଏଆରସି)ର ଜଣେ ଅଧିକାରୀ ଭାବେ ଦାବି କରୁଥିଲେ ଓ କୌଶଳକ୍ରମେ ସେ ବିଏଆର୍‌ସି ପରିସରରେ ମଧ୍ୟ ପ୍ରବେଶ କରିବାକୁ ସକ୍ଷମ ହୋଇଥିଲେ। ପୁଲିସ ତାଙ୍କଠାରୁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଜିନିଷ ଓ ତଥ୍ୟ ହାସଲ କରିଛି। ତାଙ୍କଠାରୁ ୧୪ଟି ନକ୍ସା, ପରମାଣୁ ବ୍ଲୁ-ପ୍ରିଣ୍ଟ ଓ ୩ଟି ପାସ୍‌ପୋର୍ଟ ଜବତ କରାଯାଇଛି। ଏକାଧିକ ବିଦେଶ ଯାତ୍ରା ସମୟରେ ସେ ଏହାକୁ ବ୍ୟବହାର କରିଥିଲେ। ସେ ଗୁପ୍ତଚର ଭାବେ ଗୋପନୀୟ ତଥ୍ୟ ଦେବା ନେବା କରିବାକୁ ଏହି ଯାତ୍ରା କରିଥିବା ସନ୍ଦେହ କରାଯାଉଛି। ଅଧିକାରୀମାନେ ତାଙ୍କୁ ଗତ ଦୁଇବର୍ଷ ହେବ ପିଛା କରୁଥିଲେ। ଏନ୍‌ଆଇଏ ଓ ଆଇବି ଭଳି ଏଜେନ୍ସିର ସୂଚନାକୁ ଭିତ୍ତି କରି କ୍ରାଇମ ବ୍ରାଞ୍ଚ୍ ଅଖ୍‌ତାରଙ୍କୁ ଗିରଫ କରିଛି। ତାଙ୍କ ଘରୁ ପୁଲିସ ନିକଲି ପାସ୍‌ପୋର୍ଟ, ଆଧାର କାର୍ଡ, ପାନ କାର୍ଡ ଓ ବିଏଆରସିର ନକଲି ପରିଚୟପତ୍ର ଜବତ କରିଛି। ଗୋଟିଏ ପରିଚୟପତ୍ରରେ ତାଙ୍କ ନାମ ଅଲି ରାଜା ହୁସେନ ଓ ଅନ୍ୟଟିରେ ଆଲେକ୍‌ଜାଣ୍ଡର ପାମର୍ ଲେଖାଯାଇଥିଲା। ଗତ କିଛିମାସ ମଧ୍ୟରେ ଅଖତାର କେତୋଟି ଅନ୍ତର୍ଜାତୀୟ କଲ୍ କରି କଥା ହୋଇଥିବାରୁ ବିଦେଶୀ ନେଟ୍‌ୱର୍କ ସହିତ ତାଙ୍କର ସମ୍ପର୍କ ରହିଛି ବୋଲି ସନ୍ଦେହ ▶ପୃଷ୍ଠା-୭

### ବାଇକ୍‌କୁ ଧକ୍କା ଦେଲା କାର୍

## ମାଉସୀ-ଝିଆରୀ ମୃତ



**ବ୍ରିଜ୍‌ରୁ ୩୦ଫୁଟ୍ ତଳକୁ ଖସିପଡ଼ିଲେ ମହିଳା**

**ଭୀମସାରରେ ଗୁରୁତର ଭାଇ**

■ **ସମ୍ବଲପୁର, ୩୦।୧୦ (ସମିସ):** କ୍ଷେତରାଜପୁର ଥାନା ଅଧୀନ ଦୁର୍ଗାପାଲି ଓଭରବ୍ରିଜ ଉପରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣା ୨ଜଣଙ୍କ ଜୀବନ ନେଇଛି। ଏକ ବାଇକ୍‌କୁ ଦ୍ରୁତଗାମୀ କାର୍ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ପାୟଲ ପଟେଲ(୨୫) ଓ ତାଙ୍କ ଝିଆରୀ ମାନିଆ ପଟେଲ(୪)। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ପାୟଲ ୩୦ ଫୁଟ୍ ବ୍ରିଜ୍‌ରୁ ଖସି ପ୍ରାଣ ହରାଇଛନ୍ତି। ସେହିପରି ଏହି ଅଘଟଣରେ ପାୟଲଙ୍କ ଭାଇ ଓମ୍ ପଟେଲ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବୁର୍ଲା ▶ପୃଷ୍ଠା-୭

### ନୂଆପଡ଼ା ଉପନିର୍ବାଚନ

## ନବୀନଙ୍କ ଇଙ୍ଗିତ; ବିରୋଧୀ ଶିବିରରେ କମ୍ପନ

### ପ୍ରଭାବକୁ ନେଇ ଅଙ୍କ କଷୁଛନ୍ତି ବିରୋଧୀ

**ପ୍ରଚାର ମଇଦାନରେ ଆଗୁଆ ରହିଛି ବିଜେଡି**

**ନବୀନଙ୍କ ସମାବେଶ ଓ ରୋଡ୍ ଶୋ'କୁ ଅପେକ୍ଷା**



■ **ଭୁବନେଶ୍ୱର, ୩୦।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଖେଇ ଆସୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ପ୍ରଚାର କାର୍ଯ୍ୟ ଜୋର୍ ଧରିଛି। ନୂଆପଡ଼ା ବର୍ତ୍ତମାନ ମିନି ଭୁବନେଶ୍ୱର ପାଲଟିଥିବା ବେଳେ ୩ ଦଳର ନେତା ଓ କର୍ମୀମାନେ ଝାଳବୁହା ପରିଶ୍ରମ କରୁଛନ୍ତି। ତେବେ ନିର୍ବାଚନ ପରିଚାଳନାରେ ସବୁଠାରୁ ପାରଙ୍ଗମ ବିଜେଡିର ପ୍ରଚାର ଶୈଳୀ ଏବେ ନୂଆପଡ଼ାବାସୀଙ୍କୁ ବେଶ୍ ପ୍ରଭାବିତ କରିଥିବା କୁହାଯାଉଛି। ପଞ୍ଚାୟତୱାରୀ ଦଳୀୟ ନେତାଙ୍କୁ ଦାୟିତ୍ୱ, ସ୍ଥାନୀୟ ନେତାଙ୍କୁ ଅଗ୍ରାଧିକାର, ଛୋଟ ଛୋଟ ରାଜନୈତିକ ସଭା ମାଧ୍ୟମରେ ବିଜେଡିର ଛାମୁଆ ସଂଗଠକ ନିଜର ପ୍ରଚାର କାର୍ଯ୍ୟକୁ ଚଳାଇଛନ୍ତି। ବିଜେଡିର ଯୋଜନାଭିତ୍ତିକ ପ୍ରଚାର ଦଳକୁ ସୁବିଧାଜନକ ସ୍ଥିତିରେ ରଖିଥିବା ବେଳେ ଦୁଇ ଦିନରେ ନବୀନଙ୍କ ଦୁଇଟି ଇଙ୍ଗିତ 'ଏଥର ବି ଶଙ୍ଖ', 'ବିଜୟ ହେବ ନୂଆପଡ଼ାର' ବିରୋଧୀ ଶିବିରରେ କମ୍ପନ ସୃଷ୍ଟି କରିଛି।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ବିଜେଡି ସୁପ୍ରିମୋ ନବୀନ ଆଜି ଏକ ଟ୍ୱିଟ୍ କରିଥିଲେ। ଏଥିରେ ସେ ନୂଆପଡ଼ାରେ ସେବା ଓ ବିକାଶର ନୂଆଧାରା ଆରମ୍ଭ ହେବ ବୋଲି ଉଲ୍ଲେଖ କରିବା ସହ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କର ପ୍ରଚାରର ଏକ ଭିଡ଼ିଓ ପୋଷ୍ଟ କରିଥିଲେ। କେଇଘଣ୍ଟା ମଧ୍ୟରେ ଏହା ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ଏହି ଟ୍ୱିଟ୍ ଟ୍ରେଣ୍ଡ କରିଥିଲା। ଆସନ୍ତା ୩ ତାରିଖରେ କୋମନାରେ ଏକ ସମାବେଶ ଓ ୭ ତାରିଖରେ ନୂଆପଡ଼ାରୁ ଖରିଆର ▶ପୃଷ୍ଠା-୭

## ତହସିଲରେ ହେବ ଜମି କିଣାବିକା

■ **ଭୁବନେଶ୍ୱର, ୩୦।୧୦ (ସମିସ):** ଏଣିକି ତହସିଲ୍ ଅଫିସରେ ହେବ ଜମି କିଣାବିକା। ଜମି କିଣିବିକା ପାଇଁ ଆଉ ସବ୍‌ରେଜିଷ୍ଟ୍ରାରଙ୍କ ଅଫିସକୁ ଯିବା ଆବଶ୍ୟକ ପଡ଼ିବ ନାହିଁ। ରାଜ୍ୟର ସବୁ ତହସିଲରେ ଏହି ସୁବିଧା ଉପଲବ୍ଧ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

ସବୁଠୁ ବଡ଼ କଥା ହେଉଛି ଯେ ଏଥିପାଇଁ କୌଣସି ତୃତୀୟ ପକ୍ଷ ଉପରେ ନୁହେଁ; ବରଂ ନିଜେ ଅନ୍‌ଲାଇନ୍‌ରେ ସମୟ ନିର୍ଦ୍ଧାରଣ କରି ଲୋକେ ଜମି କିଣାବିକା କରିପାରିବେ। ଏହି ବ୍ୟବସ୍ଥାକୁ ନଭେମ୍ବର ୧ ତାରିଖରୁ ଆରମ୍ଭ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୪୪ଟି ତହସିଲରେ ଏହି ବ୍ୟବସ୍ଥା ଉପଲବ୍ଧ ହେବ। ଏହି ସେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ।

ପ୍ରଚଳିତ ବ୍ୟବସ୍ଥା ଅନୁସାରେ, ଜିଲ୍ଲା ସ୍ତରରେ ଥିବା ୨୧୭ଟି ଉପନିବନ୍ଧକ ବା ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଜମି ପଞ୍ଜୀକରଣ ହୋଇଥାଏ। ଏହି ବ୍ୟବସ୍ଥା ଦ୍ୱାରା ଜନସାଧାରଣ ଜମି କିଣାବିକା କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି। ଏହାକୁ ଦୃଷ୍ଟିରେ ରଖି ଏହି ସାଧାରଣ ସେବାକୁ ତହସିଲ ସ୍ତରକୁ ନେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଣିକି ରାଜ୍ୟର ୩୨୦ଟି ତହସିଲରେ ଏହି ସୁବିଧା ଉପଲବ୍ଧ ହେବ ବୋଲି ମନ୍ତ୍ରୀ କହିଛନ୍ତି।

## ଗୋଟିଏ ଦେଶ, ଗୋଟିଏ ପୁଲିସ ୟୁନିଫର୍ମ

### ସାରା ଦେଶରେ ପୁଲିସ ପାଇଁ ଗୋଟିଏ ପ୍ରକାର ପୋଷାକ

**ରାଜ୍ୟମାନଙ୍କଠାରୁ ତଥ୍ୟ ଲୋଡ଼ିଲା କେନ୍ଦ୍ର**

■ **ନୂଆଦିଲ୍ଲୀ, ୩୦।୧୦ (ଏଜେନ୍ସି):** ସାରା ଦେଶରେ ସମସ୍ତ ପୁଲିସ କର୍ମଚାରୀଙ୍କ ପାଇଁ ଗୋଟିଏ ପ୍ରକାର ପୋଷାକ (ୟୁନିଫର୍ମ) ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି କେନ୍ଦ୍ର ସରକାର। କନେଷ୍ଟବଳଙ୍କ ଠାରୁ ଆରମ୍ଭ କରି ଡିଏସ୍‌ପି ପାହ୍ୟା ଅଧିକାରୀ ପର୍ଯ୍ୟନ୍ତ ସମସ୍ତଙ୍କର ଗୋଟିଏ ପ୍ରକାର ପୋଷାକ ରହିବ। କପଡ଼ା, ଡିଜାଇନ ଏବଂ ରଙ୍ଗ ଗୋଟିଏ ପ୍ରକାର ରହିବ। କେବଳ ରାଜ୍ୟମାନେ ନିଜ ନିଜର ଚିହ୍ନ (ଏମ୍‌ବ୍ଲେମ୍) ଓ ର୍‍ୟାଙ୍କ୍ ବ୍ୟାଜ୍ ବଜାୟ ରଖିବେ।

କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ଓଡ଼ିଶା ସମେତ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସରକାରଙ୍କୁ ଏହି ସୂଚନା ଦେଇଛନ୍ତି। ସେମାନେ ତିଆରି କରୁଥିବା ପୋଷାକ ପାଇଁ କେତେ ଖର୍ଚ୍ଚ ହେଉଛି ଏବଂ ପୁଲିସ କର୍ମଚାରୀ/ଅଧିକାରୀମାନଙ୍କୁ ଏବାବଦ ବର୍ଷକୁ କେତେ ଭତ୍ତା ଦିଆଯାଉଛି, ତାହାର ବିସ୍ତୃତ ବିବରଣୀ ଲୋଡ଼ିଛନ୍ତି କେନ୍ଦ୍ର ସରକାର। ଆସନ୍ତା ନଭେମ୍ବର ୪ ତାରିଖ ସୁଦ୍ଧା ଏହିସବୁ ତଥ୍ୟ ଦାଖଲ କରିବା ଲାଗି ସମସ୍ତ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ତଥ୍ୟ ମିଳିବା ପରେ କେନ୍ଦ୍ର ସରକାର ପୁଲିସ ୟୁନିଫର୍ମ ନେଇ ସମସ୍ତ ରାଜ୍ୟ ସରକାରଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିବେ। ପର୍ଯ୍ୟାୟ କ୍ରମେ ଏହା କାର୍ଯ୍ୟକାରୀ କରାଯିବ। ଏହା ହେଲେ ଦେଶର ପୁଲିସ ଇତିହାସରେ ପ୍ରଥମ ଥର ଲାଗି ସବୁ ରାଜ୍ୟର ପୁଲିସ କର୍ମଚାରୀ ଗୋଟିଏ ପ୍ରକାର ଡିଜାଇନ୍ ଓ ରଙ୍ଗର ୟୁନିଫର୍ମ ପିନ୍ଧିବେ। ଏବେ ବିଭିନ୍ନ ରାଜ୍ୟରେ ପୁଲିସ କର୍ମଚାରୀଙ୍କର ବିଭିନ୍ନ ପ୍ରକାର ପୋଷାକ ରହିଛି। ▶ପୃଷ୍ଠା-୭

# ଜୀବନ ନେଉଛି ଜୀବନରେଖା

### ୧୫ ଦିନରେ ଗଲାଣି ୩ ଜୀବନ ■ ପୁଣି ମହାନଦୀରେ ଛାତ୍ର ନିଖୋଜ



**କାର୍ଯ୍ୟକାରୀ ହୋଇପାରିଲାନି ୬ଫୁଟ ଉଚ୍ଚତାର ତାର ଜାଲି ଯୋଜନା**

**ଲାଗି ପାରିଲାନି ସିସି କ୍ୟାମେରା**

**ଗତବର୍ଷ ୩୯ଜଣ କରିଥିଲେ ଆତ୍ମହତ୍ୟା ଉଦ୍ୟମ; ମରିଥିଲେ ୨୭**

■ **କଟକ, ୩୦।୧୦ (ସମିସ):** ଜୀବନ ନେଉଛି ଜୀବନରେଖା। ମହାନଦୀ ଓ କାଠଯୋଡ଼ିରେ ଜଳବୁଡ଼ି ଓ ଆତ୍ମହତ୍ୟାଜନିତ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ବ୍ରିଜ୍ ଉପରୁ ଡେଇଁ ଜୀବନ ହାରିବା ଭଳି ଘଟଣା ଏହି ଦୁଇ ନଦୀରେ ବଢ଼ି ଚାଲିଛି। ଗତବର୍ଷ ଉଭୟ ମହାନଦୀ ଓ କାଠଯୋଡ଼ିରେ ୩୯ଜଣ ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ତନ୍ମଧ୍ୟରୁ ୨୭ଜଣଙ୍କ ମୃତ୍ୟୁ ଘଟିଥିଲା। ଆହୁରି ଉଦ୍‌ବେଗଜନକ କଥା ହେଲା, ମାତ୍ର ୧୫ଦିନ ଭିତରେ ମହାନଦୀକୁ ଡେଇଁ ୩ଜଣ ପ୍ରାଣ ହରାଇ ସାରିଲେଣି। ସୌଭାଗ୍ୟକୁ ଅନ୍ୟ ୨ଜଣଙ୍କୁ ଠିକ୍ ସମୟରେ ଉଦ୍ଧାର କରାଯାଇଥିବାରୁ ସେମାନଙ୍କ ଜୀବନ ବଞ୍ଚିଯାଇଛି।

ଆଜି ମହାନଦୀରେ ପୁଣି ଏକ ଦୁଃଖଦ ଘଟଣା ଘଟିଛି। ହାଡ଼ିଆପଠା ନିକଟରେ ଥୋରିଆସାହିର ୪ଜଣ ନାବାଳକ ଗାଧୋଇବାକୁ ଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ନଦୀର ଗଭୀର ଜଳରାଶିରେ ଭାସି ଯାଇଛି। ସେ ହେଲା, ବାବୁ ନାୟକ (୧୬)। ଅପରାହ୍ନ ୩ଟାରେ ବାବୁ ନିଜ ସାଙ୍ଗଙ୍କ ସହିତ ନଦୀରେ ଗାଧୋଇବା ସହ ଜଳକ୍ରୀଡ଼ା କରୁଥିଲା। ହଠାତ୍ ତା'ର ପାଦ ଖସିଯିବାରୁ ସେ ଗଭୀର ଜଳରାଶିକୁ ଚାଲିଯାଇଥିଲା ଓ ନିଖୋଜ ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ବକ୍ସିବଜାର ଅଗ୍ନିଶମ କେନ୍ଦ୍ରର ଗୋଟିଏ ଟିମ୍ ନଦୀରେ ଖୋଜାଖୋଜି କରି କରିଥିଲେ। କିନ୍ତୁ ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟକୁ ବନ୍ଦ କରାଯାଇଛି। ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ବେହେରା କହିଛନ୍ତି, ହାଡ଼ିଆପଠାରେ ନଦୀର ତୁଠ ନ ଥିଲା। ବାବୁ ଓ ତା' ସାଙ୍ଗମାନେ ସେଠାରେ ବିପଦପୂର୍ଣ୍ଣ ଭାବେ ନଦୀକୁ ପ୍ରବେଶ କରିଥିଲେ। ▶ପୃଷ୍ଠା-୭

## କାନାଡ଼ାରେ ଭାରତୀୟ ବ୍ୟବସାୟୀଙ୍କୁ ହତ୍ୟା

ମଣ୍ଟ୍ରିଲ, ୩୦ ।୧୦(ଏଜେନ୍ସି): କାନାଡ଼ାରେ ଜଣେ ଭାରତୀୟ ବ୍ୟବସାୟୀଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ଏହି ବ୍ୟବସାୟୀ ହେଉଛନ୍ତି ୫୫ ବର୍ଷୀୟ ଅରବି ସିଂହ ସଗୁ। ୧୦୯ ଷ୍ଟ୍ରିଟ୍ ଓ ୧୦୦ ଆଭେନ୍ୟୁ ନିକଟରେ ପୁଲିସକୁ ଜଣେ ବ୍ୟକ୍ତିଙ୍କ ଉପରେ ଆକ୍ରମଣ ନେଇ ସୂଚନା ମିଳିଥିଲା। ପୁଲିସ ସେଠାରେ ପହଞ୍ଚି ସଗୁଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରିଥିଲା। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ୫ ଦିନପରେ ସେ ମୃତ୍ୟୁବରଣ କରିଥିଲେ। ସଗୁ ଓ ତାଙ୍କ ବାନ୍ଧବୀ ରାତିରେ ଖାଇ ସାରି ନିଜ ଗାଡ଼ି ପାଖକୁ ଆସିଥିବାବେଳେ ଏପରି ହୋଇଥିଲା। ସେତେବେଳେ ଜଣେ ବ୍ୟକ୍ତି ତାଙ୍କ ଗାଡ଼ି ଉପରେ ପରିସ୍ରା କରୁଥିବା ସେ ଦେଖିଥିଲେ। ସଗୁ ପ୍ରଶ୍ନ କରିବା ପରେ ବ୍ୟକ୍ତି ଜଣକ ତାଙ୍କୁ ଆକ୍ରମଣ କରିଥିଲେ। ବ୍ୟକ୍ତି ଜଣକ ପ୍ରଥମେ ଗାଳିଗୁଲଜ କରିଥିଲେ ଓ ସଗୁ ତଳେ ପକାଇ ପିଟିବାରେ ଲାଗିଥିଲେ। ପୁଲିସ ଏହି ଘଟଣାରେ ୪୦ ବର୍ଷୀୟ କାଏଲ ପାପିନକୁ ଗିରଫ କରିଛି।

## ଦାଉଦ୍ ଆତଙ୍କବାଦୀ ନୁହଁ: ମମତା କୁଲକର୍ଣ୍ଣୀ

ଗୋରଖପୁର, ୩୦ ।୧୦(ଏଜେନ୍ସି): ଅଭିନେତ୍ରୀରୁ ସାଧବୀ ହୋଇଥିବା ମମତା କୁଲକର୍ଣ୍ଣୀ ଗୋରଖପୁରରେ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ୍‌କୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଦାଉଦ୍ ଆତଙ୍କବାଦୀ ନ ଥିଲା ଓ କୌଣସି ବୋମା ବିସ୍ଫୋରଣ କରାଇନାହିଁ ବୋଲି ମମତା କହିଛନ୍ତି। କେବଳ ସେତିକି ନୁହେଁ, ସେ ଦାଉଦ୍ ସହ କେବେ ସାକ୍ଷାତ କରିନାହାନ୍ତି ବୋଲି ସ୍ପଷ୍ଟ କରିଛନ୍ତି। ଏହାକୁ ନେଇ ବିବାଦ ହେବାରୁ ସେ ସଫେଇ ଦେଇଛନ୍ତି। ସେ ନିଜ ମନ୍ତବ୍ୟକୁ ବଦଳାଇଛନ୍ତି। ଦାଉଦ୍ ଭାରତର ଆତଙ୍କବାଦୀ ଥିଲା ଓ ରହିବ ବୋଲି ସେ ସଫେଇ ଦେଇ କହିଛନ୍ତି। ସ୍ୱାମୀ ଭିକି ଗୋସ୍ୱାମୀଙ୍କ ବିଷୟରେ ମନ୍ତବ୍ୟ ଦେଇଥିଲି। ବିସ୍ଫୋରଣ ସହ ଭିକିଙ୍କ କୌଣସି ସମ୍ପର୍କ ନଥିଲା। ଆଜି ମୋର ତାଙ୍କ ସହ କୌଣସି ସମ୍ପର୍କ ନାହିଁ। ମୋର ମନ୍ତବ୍ୟକୁ କଦର୍ଥ କରାଯାଇଛି ବୋଲି ସେ କହିଛନ୍ତି।

## ପତ୍ନୀ ହିନ୍ଦୁରୁ ଖ୍ରୀଷ୍ଟିଆନ ହୁଅନ୍ତୁ ଚାହାନ୍ତି ଭାନ୍ସ

ୱାସିଂଟନ, ୩୦ ।୧୦(ଏଜେନ୍ସି): ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ଏକ ଅଜବ ପ୍ରକାର ଇଚ୍ଛା ଜାହିର କରିଛନ୍ତି। ତାଙ୍କ ପତ୍ନୀ ଉଷା ଭାନ୍ସ ହିନ୍ଦୁ ଧର୍ମ ତ୍ୟାଗ କରି ଖ୍ରୀଷ୍ଟିଆନ ଧର୍ମ ଆପଣାନ୍ତୁ ବୋଲି ସେ କହିଛନ୍ତି। ଉଷା କ୍ୟାଥଲିକ୍ ଚର୍ଚ୍ଚ ଦ୍ୱାରା ପ୍ରେରିତ ହୋଇ ଖ୍ରୀଷ୍ଟିଆନ ହୁଅନ୍ତୁ। ସେ ମୋ ସହିତ ରବିବାର ଚର୍ଚ୍ଚକୁ ଦିନେ ଆସିବେ ବୋଲି ଆଶା ପ୍ରକାଶ କରିଛନ୍ତି। ମୋ ଭଳି ମୋ ପତ୍ନୀ ମଧ୍ୟ ଖ୍ରୀଷ୍ଟ ଧର୍ମରେ ଦୀକ୍ଷୀତ ହୁଅନ୍ତୁ ବୋଲି ମିସିସିପି ବିଶ୍ୱବିଦ୍ୟାଳୟରେ ରାଜନୈତିକ ତଥା ସାମାଜିକ କର୍ମୀ ସ୍ୱର୍ଗତ ଚାର୍ଲି କିର୍କଙ୍କ ସମ୍ମାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏହି କଥା କହିଛନ୍ତି। ଭବିଷ୍ୟତରେ ଉଷା ମୋର ଆଶା ପୂରଣ କରିବେ। ଆମ ପିଲାମାନଙ୍କୁ ଖ୍ରୀଷ୍ଟିଆନ୍ ଭଳି ଲାଳନ ପାଳନ କରିବୁ ବୋଲି ମଧ୍ୟ ସେ କହିଛନ୍ତି।


## ‘କ୍ଷମତା ପରିବର୍ତ୍ତନ ପାଇଁ ହୋଇଥିଲା ଦିଲ୍ଲୀ ଦଙ୍ଗା’

ନୂଆଦିଲ୍ଲୀ, ୩୦।୧୦ (ଏଜେନ୍ସି): ଅଚାନକ ଭାବେ ୨୦୨୦ରେ ଦିଲ୍ଲୀରେ ଦଙ୍ଗା ହୋଇ ନ ଥିଲା। କେନ୍ଦ୍ରରେ କ୍ଷମତା ପରିବର୍ତ୍ତନ ପାଇଁ ଷଡ଼ଯନ୍ତ୍ର କରି ଏପରି କରାଯାଇଥିଲା। ଦେଶକୁ ଦୁର୍ବଳ କରିବା ଉଦ୍ଦେଶ୍ୟରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ଉମର ଖାଲିଦ ଏବଂ ସରଜିଲ ଇମାମ ଭଳି ଅଭିଯୁକ୍ତଙ୍କ ଜାମିନ ଆବେଦନ ବିରୋଧରେ ସୁପ୍ରିମକୋର୍ଟରେ ୧୭୭ ପୃଷ୍ଠାର ସତ୍ୟପାଠ ଦାଖଲ କର ଦିଲ୍ଲୀ ପୁଲିସ ପକ୍ଷରୁ ଏହି ସୂଚନା ଦିଆଯାଇଛି। ପୁଲିସ ଅନୁଯାୟୀ, ସିଏଏକୁ ଆୟୁଧ ବନାଇ ଯୋଜନାବଦ୍ଧ ଭାବେ ଏହି ଆନ୍ଦୋଳନ କରାଯାଇଥିଲା। ଏହା ମାଧ୍ୟମରେ ସାରା ଦେଶରେ ହିଂସା କରିବାକୁ ପ୍ରୟାସ ହୋଇଥିଲା। ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, କେରଳ ଏବଂ କର୍ଣ୍ଣାଟକ ଭଳି ରାଜ୍ୟରେ ହିଂସା କରିବାକୁ ପ୍ରୟାସ ହୋଇଥିଲା। ଉମର ଏବଂ ସରଜିଲ ଏହାର ଷଡ଼ଯନ୍ତ୍ରକାରୀ ଥିଲେ। ଏମାନେ ହିଂସା ପାଇଁ ଲୋକଙ୍କୁ ଉସୁକାଇ ଥିଲେ। ଦିଲ୍ଲୀ ପୁଲିସ ପକ୍ଷରୁ ସୁପ୍ରିମକୋର୍ଟରେ କୁହାଯାଇଥିଲା ଯେ ଅଭିଯୁକ୍ତ ବାରମ୍ବାର ମିଥ୍ୟା ଦାବି କରୁଛନ୍ତି। ମାମଲାର ଶୁଣାଣିରେ ବିଳମ୍ବ ପାଇଁ ଏପରି କରାଯାଉଛି। ଏହା ନ୍ୟାୟିକ ପ୍ରକ୍ରିୟାରେ ବାଧା ଦେବା ସହ ସମାନ।

# ଫୁଡ୍ ଡେଲିଭରୀ ବଏଙ୍କୁ କାର୍ ଚଢ଼ାଇ ମାରିଦେଲେ ଦମ୍ପତି

ବେଙ୍ଗାଲୁରୁ, ୩୦ ।୧୦(ଏଜେନ୍ସି): ବେଙ୍ଗାଲୁରୁରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଫୁଡ୍ ଡେଲିଭରୀ ଏଜେଣ୍ଟଙ୍କୁ କାର୍ ଚଢ଼ାଇ ହତ୍ୟା କରିଛନ୍ତି ଏକ ଦମ୍ପତି। ଅକ୍ଟୋବର ୨୫ରେ ଜେପି ନଗର ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିଥିଲା। କିନ୍ତୁ ବେଙ୍ଗାଲୁରୁ ପୁଲିସ ବୁଧବାର ଏହି ରୋଡ ରେଜ୍ ସମ୍ପର୍କରେ ସୂଚନା ଦେଇଛି। ଅଭିଯୁକ୍ତ ମନୋଜ କେରଳର ଓ ତାଙ୍କ ପତ୍ନୀ ଆରତୀ ଜମ୍ମୁ-କଶ୍ମୀରର ବୋଲି ପୁଲିସ କହିଛି। ଫୁଡ୍ ଡେଲିଭରୀ ଏଜେଣ୍ଟ ଦର୍ଶନଙ୍କ ସ୍କୁଟି ମନୋଜଙ୍କ କାର୍‌କୁ ଧକ୍କା ଦେଇଥିଲା। ଫଳରେ ମନୋଜଙ୍କ କାର୍‌ର କାଚ ଭାଙ୍ଗିଯାଇଥିଲା। ଏହାର ପ୍ରତିଶୋଧ ନେବା ପାଇଁ ମନୋଜ ପିଛା କରି ଦର୍ଶନଙ୍କୁ କାର୍‌ରେ ଧକ୍କା ଦେଇଥିଲେ। ପ୍ରଥମେ ଏହାକୁ ଏକ ହିଟ୍ ଆଣ୍ଡ ରନ୍ ମାମଲା ବୋଲି ପୁଲିସ କହୁଥିଲା। କିନ୍ତୁ ସିସିଟିଭି ଫୁଟେଜରେ ମନୋଜ ଜାଣିଶୁଣି ଦର୍ଶନଙ୍କ ସ୍କୁଟିକୁ ଧକ୍କା ଦେଉଥିବା ସ୍ପଷ୍ଟ ଭାବେ ଜଣା ପଡ଼ିଥିଲା। ଯାଞ୍ଚ୍ ପରେ ଏହି ହିଟ୍ ଆଣ୍ଡ ରନ୍ ମାମଲା ହତ୍ୟାକାଣ୍ଡ ଭାବେ ବଦଳିଯାଇଛି।

ପୁଲିସ କହିବା ଅନୁସାରେ ରାତି ୯ଟାରେ ଦର୍ଶନଙ୍କ ସ୍କୁଟି ମନୋଜଙ୍କ କାର୍‌କୁ ହାଲ୍‌କା ଭାବେ ଧକ୍କା ଦେଇଥିଲା। ଏଥିରେ କାର୍‌ର କାଚ ଭାଙ୍ଗିଯାଇଥିଲା। ଏଥିପାଇଁ ଦର୍ଶନ କ୍ଷମା ମାଗି ଆଗକୁ ଚାଲିଯାଇଥିଲେ। କିନ୍ତୁ ମନୋଜ ରାଗିଯାଇ ୟୁ ଟର୍ଣ୍ଣ ନେଇ ପାଖପାଖି ଦୁଇ କିମି ପିଛା କରି ଜେପି ନଗର ନିକଟରେ ସ୍କୁଟିକୁ ଜାଣିଶୁଣି ଧକ୍କା ଦେଇଥିଲେ। ଫଳରେ ଦର୍ଶନ ଓ ତାଙ୍କ ବନ୍ଧୀ ବରୁଣ ସଡ଼କ ଉପରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକ ଦୁଇଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତର ଦର୍ଶନଙ୍କୁ ମୃତ ଘୋଷିତ କରିଥିବାବେଳେ ବରୁଣ ସାମାନ୍ୟ ଆହତ ହୋଇଥିଲେ। ଘଟଣା ଘଟାଇବା ପରେ ମନୋଜ ଓ ଆରତୀ ମାସ୍କ ପିନ୍ଧି ନିଜ କାରର ଭାଙ୍ଗିଥିବା କାଚ ଉଠାଇ ପଳାଇ ଥିଲେ ବୋଲି ପୁଲିସ କହିଛି। ମନୋଜ ନିଜର ଦୋଷ ତଥା ଅପରାଧ ସ୍ୱୀକାର କରିଛି।



ତେବେ ଘଟଣା ସମୟରେ ଆରତୀ ତାଙ୍କ ସହ ଥିଲା କି ନାହିଁ ସେ ନେଇ ଯାଞ୍ଚ ଚାଲିଛି ବୋଲି ଦକ୍ଷିଣ ବେଙ୍ଗାଲୁରୁ ଡିସିପି ଲୋକେଶ ଜଗଲାସର କହିଛନ୍ତି।

# ମୁମ୍ବାଇରେ ୩ ଘଣ୍ଟାର ଆତଙ୍କ

## ଅଡିସନ୍ ପାଇଁ ଯାଇଥିବା ୧୭ ଶିଶୁ ମୁଣ୍ଡଜାମିନ

ମୁମ୍ବାଇ, ୩୦।୧୦ (ଏଜେନ୍ସି): ଭାରତର ଆର୍ଥିକ ରାଜଧାନୀରେ ୩ ଘଣ୍ଟା ପର୍ଯ୍ୟନ୍ତ ଆତଙ୍କ ଖେଳି ଯାଇଛି। ଜଣେ ବ୍ୟକ୍ତି ମୁମ୍ବାଇର ପୱାଇ ଅଞ୍ଚଳର ସ୍ଥିତ ଏକ କୋଠାର ପ୍ରଥମ ମହଲାରେ ଥିବା ଆରଏ ଷ୍ଟୁଡିଓରେ ୧୭ ଶିଶୁଙ୍କ ସମେତ ଜଣେ ବରିଷ୍ଠ ନାଗରିକ ଏବଂ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବନ୍ଦୀ କରି ରଖିଛି। ଦୀର୍ଘ ଘଣ୍ଟା ପର୍ଯ୍ୟନ୍ତ ଏହି ପିଲାଙ୍କୁ ନ ଛାଡ଼ିବାରୁ ପୁଲିସ, ଦମକଳବାହିନୀ ଏବଂ ପିଲାଙ୍କପରିବାର ସଦସ୍ୟ ସେଠାରେ ପହଞ୍ଚି ଥିଲେ। ମୁଖ୍ୟ ଅଭିଯୁକ୍ତ ରାହୁଲ ଆର୍ଯ୍ୟ ଏକ ଭିଡିଓ ଜାରି କରି ନିଜ ଦାବି ରଖିଥିଲା। ସେ କିଛି ବ୍ୟକ୍ତିଙ୍କଠାରୁ ପ୍ରଶ୍ନର ଉତ୍ତର ଚାହୁଁଥିବା କହିଥିଲା।

- **ଉଦ୍ଧାର କଲେ ପୁଲିସ ଓ ଦମକଳବାହିନୀ**
- **ଏନ୍‌କାଉଣ୍ଟରରେ ଅଭିଯୁକ୍ତ ନିହତ**

ସେଥିପାଇଁ ଏହି ଷଡ଼ଯନ୍ତ୍ର କରିଥିବା ଉଲ୍ଲେଖ କରିଥିଲା। କିନ୍ତୁ ପରେ ପୁଲିସ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଥିଲା। ଏକ ଘଣ୍ଟାର କସରତ ପରେ ପୁଲିସ ପ୍ରଥମ ମହଲାରେ ଥିବା ଗାଧୁଆଘର ଦେଇ ଭିତରେ ପ୍ରବେଶ କରିଥିଲା। ଅଭିଯୁକ୍ତକୁ ଗୁଳି ମାଡ଼ କରି




୧୭ ଶିଶୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା। ତେବେ ଏହି ଏନ୍‌କାଉଣ୍ଟରରେ ମୁଖ୍ୟ ଅଭିଯୁକ୍ତ ରାହୁଲ ଆର୍ଯ୍ୟ ପ୍ରାଣ ହରାଇଛି। ସୂଚନା ଅନୁଯାୟୀ ଆରଏ ଷ୍ଟୁଡିଓରେ ପିଲାଙ୍କୁ ଅଭିନୟ ଶିକ୍ଷା ଦିଆଯାଉଥିଲା। ଅଡିସନ ବାହାନାରେ ପ୍ରାୟ ଶହେ ଶିଶୁଙ୍କୁ ସେଠାକୁ ଡକା ଯାଇଥିଲା। ମାତ୍ର ୧୭ ଜଣ ଏଥିପାଇଁ ପହଞ୍ଚି ଥିଲେ। ସମସ୍ତଙ୍କ ବୟସ ୮ରୁ ୧୪ ବର୍ଷ ମଧ୍ୟରେ ଥିଲା। ପୁଲିସକୁ ଏହାର ସୂଚନା ଗୁରୁବାର ଅପରାହ୍ଣ ୧ଟା ୪୫ରେ ମିଳିଥିଲା। ସଙ୍ଗେ ସଙ୍ଗେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତର ଦାବି ଜାଣିବାକୁ ଚାହିଁଥିଲା। କିନ୍ତୁ ସେ ଶିଶୁଙ୍କୁ ଛାଡିବାକୁ ମନା କରି ଦେଇଥିଲା। ଷ୍ଟୁଡିଓରେ ଲାଗିଥିବା କାଚ ଦେଇ ଶିଶୁ ବାହାରକୁ ଚାହିଁ ରହିଥିବା ଦେଖିବାକୁ ମିଳିଥିଲା। ତେବେ ଶିଶୁଙ୍କ କ୍ଷତି କରିବାକୁ ଧମକାଇବା ପରେ ପୁଲିସ ଉଦ୍ଧାର ଅଭିଯାନ ଆରମ୍ଭ କରିଥିଲା। ୩ ଘଣ୍ଟା ବନ୍ଦୀ ହୋଇ ରହିବା ପରେ ସମସ୍ତଙ୍କୁ ଉଦ୍ଧାର କରାଯାଇଥିଲା। ଘଟଣାସ୍ଥଳରୁ ଏକ ଏୟାର ଗନ୍ ଏବଂ ଅନ୍ୟ ରାସାୟନିକ ସାମଗ୍ରୀ ମିଳିଛି। ଏ ପର୍ଯ୍ୟନ୍ତ ରୋହିତର ଉଦ୍ଦେଶ୍ୟ ଜଣାପଡ଼ି ନାହିଁ। ଅଭିଯୁକ୍ତ ଜଣେ ମାନସିକ ରୋଗୀ ବୋଲି ପୁଲିସ ସନ୍ଦେହ କରୁଛି।

ଏହା ପୂର୍ବରୁ ଅଭିଯୁକ୍ତ ଏକ ଭିଡିଓ ଜାରି କରି କହିଥିଲା ଯେ ସେ ଆତ୍ମହତ୍ୟା କରିବା ପରିବର୍ତ୍ତେ ଶିଶୁଙ୍କୁ ବନ୍ଦୀ ବନାଇ ରଖିଛି। ମୁଁ ବହୁତ ସାଧାରଣ ବ୍ୟକ୍ତି। ମୋର କିଛି ନୈତିକ ଦାବି ଏବଂ ପ୍ରଶ୍ନ ରହିଛି। କିଛି ଲୋକଙ୍କ ସହ ଆଲୋଚନା କରି ପ୍ରଶ୍ନର ଉତ୍ତର ଚାହୁଁଛି। ଏହା ବ୍ୟତୀତ ମୁଁ ଆଉ କିଛି ଚାହୁଁନାହିଁ।

## ପରମାଣୁ ଅସ୍ତ୍ର ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଲେ ଟ୍ରମ୍ପ



ୱାଶିଂଟନ, ୩୦ ।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତିରକ୍ଷା ମନ୍ତ୍ରଣାଳୟ ଅର୍ଥାତ ପେଣ୍ଟାଗନକୁ ତୁରନ୍ତ ପରମାଣୁ ଅସ୍ତ୍ର ପରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରୀକ୍ଷଣ ଚୀନ୍ ଓ ରୁଷିଆ ସହ ବରାବର ହେବା ଉଚିତ ବୋଲି ସେ କହିଛନ୍ତି। ଅନ୍ୟ ଦେଶଗୁଡିକର ପରୀକ୍ଷଣକୁ ଦେଖି ପରମାଣୁ ଅସ୍ତ୍ରର ତୁରନ୍ତ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଛି ବୋଲି ଟ୍ରମ୍ପ କହିଛନ୍ତି। ଆମେରିକା ପାଖରେ ସବୁଠାରୁ ଅଧିକ ପରମାଣୁ ଅସ୍ତ୍ର ରହିଛି। ରୁଷିଆ ଦ୍ୱିତୀୟ ସ୍ଥାନରେ ରହିଛି। କିନ୍ତୁ ଆଗାମୀ ୫ ବର୍ଷରେ ରୁଷ ବରାବର କରିପାରେ ବୋଲି ସେ କହିଛନ୍ତି। ରୁଷ ଓ ଚୀନ୍ ଦୁଇ ଦେଶ ପରମାଣୁ ଅସ୍ତ୍ରର ପରୀକ୍ଷା କରୁଛନ୍ତି। କିନ୍ତୁ ଆମେ ପରୀକ୍ଷଣ କରୁନାହୁଁ। ଅନ୍ୟ ଦେଶମାନେ କରୁଛନ୍ତି। ଏବେ ଆମେ ମଧ୍ୟ ପରମାଣୁ ଅସ୍ତ୍ର ପରୀକ୍ଷା କରିବୁ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି।

ଆମେରିକା ୩୩ ବର୍ଷ ତଳେ ଏଭଳି ପରମାଣୁ ଅସ୍ତ୍ର ପରୀକ୍ଷଣ କରିଥିଲା। ଆମେରିକା ୧୯୯୨ ସେପ୍ଟେମ୍ବର ୨୩ରେ ଶେଷଥର ପାଇଁ ପରମାଣୁ ଅସ୍ତ୍ର ପରୀକ୍ଷା କରିଥିଲା। ଏହା ଆମେରିକାର ୧,୦୩୦ତମ ପରମାଣୁ ଅସ୍ତ୍ର ପରୀକ୍ଷଣ ଥିଲା। ନାଭେଡା

- **୩୩ ବର୍ଷ ତଳେ ହୋଇଥିଲା ପରୀକ୍ଷଣ**

ଟେଷ୍ଟ ସାଇଟ୍‌ର ରେନିଅର ମେସା ହିଲ୍‌ସାଇଡ୍‌ରେ ୨୩୦୦ ଫୁଟ ତଳେ ଆମେରିକା ଶେଷଥର ପାଇଁ ପରମାଣୁ ଅସ୍ତ୍ର ପରୀକ୍ଷା କରିଥିଲା। ଆଣବିକ ବିକିରଣ ବାହାରକୁ ନ ବ୍ୟାପୀବା ପାଇଁ ଏପରି କରାଯାଇଥିଲା। ସେତେବେଳେ ଏହାର କୋଡ ନାମ ଡିଭାଇଡର ଥିଲା। ମାଟି ତଳେ ଏତେଜୋରରେ ବିସ୍ଫୋରଣ ହୋଇଥିଲା ଯେ, ପଥର ମଧ୍ୟ ତରଳି ଯାଇଥିଲା। ମାଟିରସ୍ତର ଗୋଟିଏ ଫୁଟ ଉପରକୁ ଉଠି ପୁଣି ତଳକୁ ଧସିଯାଇଥିଲା। ଏବେ ସେଠାରେ ୧୫୦ମିଟର ଚଉଡ଼ା ଓ ୧୦ ମିଟର ଗାତ ଦେଖିବାକୁ ମିଳିଛି। ଏହାପରେ ୧୯୯୬ରେ କମ୍ପ୍ରିହେନସିଭ ନ୍ୟୁକ୍ଲିୟାର ଟେଷ୍ଟ ବ୍ୟାନ ଟ୍ରିଟି (ସିଟିବିଟି) ସ୍ୱାକ୍ଷରିତ ହୋଇଥିଲା। ଫଳରେ ମାଟିତଳେ ପରମାଣୁ ଅସ୍ତ୍ର ପରୀକ୍ଷଣ ଉପରେ ରୋକ ଲଗାଯାଇଥିଲା। ଚୀନ୍ ଓ ଆମେରିକା ଏହି ଚୁକ୍ତିରେ ଦସ୍ତଖତ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାକୁ ଔପଚାରିକ ଭାବେ ମଞ୍ଜୁରୀ ଦେଇନାହାନ୍ତି।

## ୬ ମାସ ପାଇଁ ଚାବାହାର ବନ୍ଦର କଟକଣାରୁ ବର୍ତ୍ତିଲା ଭାରତ

ନୂଆଦିଲ୍ଲୀ, ୩୦ ।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ବଡ଼ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଇରାନର ଚାବାହାର ବନ୍ଦର ଉପରେ ଆମେରିକା କଟକଣା ଲାଗୁ କରିନାହିଁ। ଏହି ବନ୍ଦର ଉପରେ କଟକଣା ନେଇ ଆମେରିକା ତା’ର ରିହାତି ଅବଧିକୁ ଆଉ ୬ ମାସ ବୃଦ୍ଧି କରିଛି। ଏହି ଅବଧି ଅକ୍ଟୋବର ୨୭ରେ ଶେଷ ହେବାକୁ ଯାଉଥିଲା। ଏହାକୁ ଭାରତର ଏକ ବଡ଼ କୂଟନୈତିକ ବିଜୟ ବୋଲି କୁହାଯାଉଛି। ଏହି ବନ୍ଦରର ବ୍ୟବହାର ଏବଂ ନିର୍ମାଣ ନେଇ ୨୦୨୪ରେ ଇରାନ ସହ ଭାରତ ୧୦ ବର୍ଷ ପାଇଁ ଚୁକ୍ତି କରିଥିଲା। ଭାରତ ମଧ୍ୟ ଏଥିପାଇଁ ବହୁତ ଅର୍ଥ ନିବେଶ କରିଥିଲା। ଏହି ଚୁକ୍ତି ଅନୁସାରେ ଇଣ୍ଡିଆନ ପୋର୍ଟ୍ସ ଗ୍ଲୋବାଲ ଲିମିଟେଡ (ଆଇପିଜିଏଲ୍) ବନ୍ଦର ସହିଦ ବେହେସ୍ତି ଟର୍ମିନାଲର ପରିଚାଳନା ପ୍ରକ୍ରିୟାକୁ ନିଜ ହାତକୁ ନେଇଥିଲା। ଫଳରେ ଭାରତ ପ୍ରଥମଥର ପାଇଁ କୌଣସି ବିଦେଶୀ ବନ୍ଦରର ପରିଚାଳନା ନିଜ ହାତକୁ ନେଇଥିଲା। ଏହାପୂର୍ବରୁ ୨୦୧୬ରେ ହୋଇଥିବା ଚୁକ୍ତିର ନବୀକରଣ ପ୍ରତିବର୍ଷ କରା ଯାଉଥିଲା। ଚାବାହାର ବନ୍ଦର ଭାରତ ପାଇଁ ବିଶେଷ ଭାବେ ଗୁରୁତ୍ୱ ବହନ କରୁଛି। କାରଣ ପାକିସ୍ତାନକୁ ବାଇପାସ୍ କରି ଭାରତ ଏହି ବନ୍ଦର ମାଧ୍ୟମରେ ଆଫଗାନିସ୍ତାନ ଓ ମଧ୍ୟ ଏସୀୟ ଦେଶଗୁଡିକ ସହ ସିଧାସଳଖ ବାଣିଜ୍ୟ ଓ ବ୍ୟବସାୟ କରିବାକୁ ସକ୍ଷମ ହେଉଛି। ୨୦୨୩ରେ ଭାରତ ଏହି ପ୍ରକଳ୍ପ ନେଇ ପ୍ରସ୍ତାବ ଦେଇଥିଲା। ଏହା ଦ୍ୱାରା ଅନ୍ତର୍ଜାତୀୟ ଉତ୍ତର- ଦକ୍ଷିଣ ଟ୍ରାନ୍ସପୋର୍ଟ କରିଡର ଜରିଆରେ ଆଞ୍ଚଳିକ ଯୋଗାଯୋଗ ସୁଦୃଢ଼ ହୋଇଛି।

## ମୁଖ୍ୟମନ୍ତ୍ରୀ ପଦ | ନୀତୀଶ କୁମାରଙ୍କୁ ନେଇ ଅନିଶ୍ଚିତତା

ପାଟନା, ୩୦।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପାଇଁ ଜୋରସୋରରେ ପ୍ରଚାର ଚାଲିଛି। ଏ ପର୍ଯ୍ୟନ୍ତ କ୍ଷମତାସୀନ ମେଣ୍ଟ ଏନ୍‌ଡିଏରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀକୁ ନେଇ କୌଣସି ଘୋଷଣା ହୋଇନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଆଗାମୀ ଭବିଷ୍ୟତକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଯଦି ଏନ୍‌ଡିଏ ପୁଣି ନିର୍ବାଚନ ଜିତେ ତେବେ ସେ ମୁଖ୍ୟମନ୍ତ୍ରୀ ହୋଇ ନ ପାରନ୍ତି। ଏହାକୁ ନେଇ ବିରୋଧୀ ଇଣ୍ଡିଆ ସଦସ୍ୟ ଶାସକ ମେଣ୍ଟକୁ ସମାଲୋଚନା କରୁଥିବାବେଳେ ନୀତୀଶଙ୍କୁ ଚିଡ଼ାଇବାକୁ ଉଦ୍ୟମ କରୁଛନ୍ତି। ପୂର୍ବରୁ ବାରମ୍ବାର ପଟ ପରିବର୍ତ୍ତନର ରେକର୍ଡ ନୀତୀଶଙ୍କ ନାମରେ ରହିଛି। ଏହାର ମଧ୍ୟରେ ବିହାର ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏକ ସାକ୍ଷାତକାରରେ ଭିନ୍ନ ମନ୍ତବ୍ୟ ଦେଇଛନ୍ତି। ନୀତୀଶ କୁମାର ଆଗକୁ ମଧ୍ୟ ମୁଖ୍ୟମନ୍ତ୍ରୀ ରହିବେ ବୋଲି କହିଛନ୍ତି। ଏବେ ରାଜ୍ୟରେ କୌଣସି ମୁଖ୍ୟମନ୍ତ୍ରୀ ପଦ ଖାଲି ନାହିଁ ଏବଂ ଆଗକୁ ମଧ୍ୟ ଖାଲି ହେବନି ବୋଲି ଉଲ୍ଲେଖ କରିଥିଲେ। ତେବେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ମୁଙ୍ଗେରରେ ପ୍ରଚାର କରି ଚୌଧୁରୀଙ୍କ ପାଇଁ ଭୋଟ ମାଗିଛନ୍ତି। ଶାହା କହିଥିଲେ ଯେ ଭୋଟ ଦେଇ ଜିତାଇଲେ ଆମେ ସମ୍ରାଟଙ୍କୁ ବଡ଼ ଲୋକ ବନାଇ ଦେବୁ। ଅନ୍ୟ ଅଞ୍ଚଳରେ ଲୋକେ ନିଜ ବିଧାୟକଙ୍କୁ ମନ୍ତ୍ରୀ କରିବାକୁ କହୁଥିବାବେଳେ ସେ ତାରାପୁରର ଜନତାଙ୍କୁ ଉପ-ମୁଖ୍ୟମନ୍ତ୍ରୀ ଦେଇଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମହାମେଣ୍ଟ ପାଇଁ ପ୍ରଚାର ଆରମ୍ଭ କରିଛନ୍ତି। ସେ ନାଳନ୍ଦାର ନୁରସରାୟରେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ଜଣେ ଭୟାଳୁ ବ୍ୟକ୍ତି। ମୋଦୀଙ୍କଠାରୁ ଇନ୍ଦିରା ଅଧିକ ସାହସୀ ଥିଲେ। ଆମେରିକା ରାଷ୍ଟ୍ରପତିଙ୍କୁ ମୋଦୀ ଭୟ କରୁଛନ୍ତି। ମୋଦୀଙ୍କୁ ଧମକାଇ ‘ଅପରେସନ ସିନ୍ଦୂର’ ବନ୍ଦ କଲି ବୋଲି ଟ୍ରମ୍ପ ୫୦ ଥର ଟ୍ରମ୍ପ ଦାବି କଲେଣି। ସେହିପରି ପ୍ରଧାନମନ୍ତ୍ରୀ ମୋଦୀ ମୁଜଫରପୁରରେ କହିଥିଲେ ଯେ ଆରଜେଡିର ବିନାଶ ପାଇଁ କଂଗ୍ରେସ କାମ କରୁଛି। ନରେନ୍ଦ୍ର ଓ ନୀତୀଶ ଲୋକଙ୍କ ସ୍ୱପ୍ନ ପୂରଣ କରୁଥିବାବେଳେ କଂଗ୍ରେସ ଏବଂ ଆରଜେଡି ବିହାର ଓ ବିହାରୀଙ୍କୁ ଅପମାନିତ କରୁଛନ୍ତି। ତାମିଲନାଡୁରେ ଯେଉଁ ଡିଏମକେ ନେତା ବିହାରୀଙ୍କୁ ଉତ୍ପୀଡ଼ନ ଦେଉଛନ୍ତି ତାଙ୍କୁ କଂଗ୍ରେସ ପ୍ରଚାର ପାଇଁ ଡାକୁଛି।

# ଝିଅ ମୃତ୍ୟୁ ଦୁଃଖଠୁ ବଳିଗଲା ଲାଞ୍ଚ ଯନ୍ତ୍ରଣା

ବେଙ୍ଗାଲୁରୁ, ୩୦।୧୦ (ଏଜେନ୍ସି): ଯନ୍ତ୍ରଣା ଜୀବନଠୁ ବଳି ଯାଇଛି। ଅଲିଅଳୀ ଝିଅକୁ ଯୁବାବସ୍ଥାରେ ହରାଇବା ଦୁଃଖରେ ଭାଙ୍ଗି ପଡ଼ିଥିବା ପରିବାରକୁ ବ୍ୟବସ୍ଥା ଦାରୁଣ କଷ୍ଟ ଦେଇଛି। ଝିଅର ମୃତ୍ୟୁରେ ଶୋକାତୁର ପରିବାରକୁ ସହାନୁଭୂତି ଦେବା ପରିବର୍ତ୍ତେ ଲୁଟିବାକ ଛାଡ଼ି ନାହାନ୍ତି ଦୁର୍ନୀତିଗ୍ରସ୍ତ ତଥା ଭ୍ରଷ୍ଟ ଅଧିକାରୀ। ମୃତଦେହ ପାଇଁ ବି ଲାଞ୍ଚ ନେବାକୁ ପଛାଇ ନାହାନ୍ତି। ମୃତଦେହକୁ ହସ୍ପିଟାଲରୁ ଘରକୁ ନେବାଠାରୁ ମୃତ୍ୟୁ ପ୍ରମାଣପତ୍ର ପାଇବା ପର୍ଯ୍ୟନ୍ତ ସବୁଠି ଲାଞ୍ଚ ଦେବାକୁ ପଡିଛି। ଆମ୍ବୁଲାନ୍ସ ଡ୍ରାଇଭର, ପୌରପାଳିକା ଏମିତିକି ପୁଲିସ ଅଧିକାରୀ ବି ଦୁଃଖରେ ମ୍ରିୟମାଣ ବାପାଠାରୁ ଲାଞ୍ଚ ନେବାକୁ ପଞ୍ଚଘୁଞ୍ଚା ଦେଇ ନ ଥିଲେ। ମାନବିକତାକୁ ମାରି ମୃତଦେହ ସହ ମୂଲଚାଲ କରୁଥିଲେ। ଏଭଳି ହୃଦୟ ବିଦାରକ ଘଟଣା ବେଙ୍ଗାଲୁରୁରୁ ସାମ୍ନାକୁ ଆସିଛି। କୌଣସି ସାଧାରଣ ନାଗରିକ ନୁହେଁ, ବରଂ ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ବିପିସିଏଲ)ର ପୂର୍ବତନ ମୁଖ୍ୟ ଆର୍ଥିକ ଅଧିକାରୀ (ସିଏଫଓ)ଙ୍କ ସହ ଏଭଳି ଘଟିଛି। ବେଙ୍ଗାଲୁରରେ ରହୁଥିବା ଏହି ଅଧିକାରୀଙ୍କ ଝିଅର ମୃତ୍ୟୁ ପରେ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ପାଇଁ ତାଙ୍କୁ ଲାଞ୍ଚ ଦେବାକୁ ବାଧ କରାଯାଇଥିଲା। ସେ ଏକ ପୋଷ୍ଟ ମାଧ୍ୟମରେ ଏହି ହୃଦୟ ବିଦାରକ ଘଟଣା ବିଷୟରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ଯାହା ଖୁବ ଭାଇରାଲ ହେବାରେ ଲାଗିଛି। ସ୍ୱାଧୀନତାର ଏତେ ବର୍ଷ ପରେ ବି ସ୍ଥିତି ନ ବଦଳିବା ଏବଂ ସରକାର ଦେଉଥିବା ଦୁର୍ନୀତି ବିରୋଧୀ ସ୍ଲୋଗାନର ଅସଲ ଚିତ୍ରକୁ ଏହା ପଦାରେ ପକାଇ ଦେଇଛି।

ଗତ ୧୮ ତାରିଖରେ ବ୍ରେନ ଷ୍ଟ୍ରୋକ୍‌ରେ ଶିବକୁମାରଙ୍କ ଝିଅ ଅକ୍ଷୟା (୩୪)ଙ୍କ ମୃତ୍ୟୁ ହୋଇଥିଲା। ଆଇଆଇଏମ ଅହମଦାବାଦରୁ କମ୍ପ୍ୟୁଟର ସାଇନ୍ସରେ ବିଟେକ ଏବଂ ଏମବିଏ କରିଥିବା ଅକ୍ଷୟା ୧୧ ବର୍ଷ ହେଲା ଗୋଲ୍ଡମ୍ୟାନ ସ୍ୟାଚରେ କାମ କରୁଥିଲେ। ମୃତ୍ୟୁ ପରେ ଝିଅର ମୃତଦେହ ନେବା ପାଇଁ ଆମ୍ବୁଲାନ୍ସ ଡ୍ରାଇଭର, ଏତଲାର ନକଲ ଏବଂ ବ୍ୟବଚ୍ଛେଦ ରିପୋର୍ଟ ଦେବାକୁ ପୁଲିସ, ମୃତ୍ୟୁ ପ୍ରମାଣପତ୍ର ପାଇଁ ବୃହତ ବେଙ୍ଗାଲୁରୁ ମହାଗନର ପାଳିକା (ବିବିଏମପି)ର ଅଧିକାରୀ ମାନେ ପୀଡ଼ିତାଙ୍କ ବାପାକୁ ଖୋଲାଖୋଲି ଭାବେ ଲାଞ୍ଚ ମାଗିଥିଲେ। କେଉଁ ଭଳି ଭାବେ ଥାନାରେ ତାଙ୍କୁ ନଗଦ ଟଙ୍କା ଦେବାକୁ ବାଧ କରାଯାଇଥିଲା ତାହା ମଧ୍ୟ ଶିବକୁମାର ବର୍ଣ୍ଣନା କରିଛନ୍ତି। ଲାଞ୍ଚ ନ ଦେବାରୁ ବ୍ୟବଚ୍ଛେଦ ରିପୋର୍ଟ ଦେବା ପାଇଁ ଚାରି ଦିନ ଲଗାଇ ଦିଆଯାଇଥିଲା। ଝିଅକୁ ହରାଇବାର ଦୁଃଖରେ ମ୍ରିୟମାଣ ଥିବା ବାପା ପ୍ରତି ଏମାନେ ସହାନୁଭୂତି

### କରୁଣ କାହାଣୀ ବର୍ଣ୍ଣନା କଲେ ସିଏଫ୍‌ଓ

### ମୃତଦେହ ପାଇଁ ବି ଦେବାକୁ ପଡ଼ିଲା ଲାଞ୍ଚ

ବି ଦେଖାଇ ନ ଥିଲେ। ପାଖରେ ଟଙ୍କା ଥିବାରୁ ମୁଁ ତ ଦେଇ ଦେଲି ହେଲେ ଗରିବଙ୍କ ସହ ଏମାନେ କ’ଣ କରୁଥିବେ ବୋଲି ଶିବକୁମାର ପ୍ରଶ୍ନ ଉଠାଇଛନ୍ତି।

ଶିବକୁମାର ଲେଖିଥିଲେ ଯେ କୋରାମଙ୍ଗଳାର ସେଣ୍ଟ ଜନ୍ସ ହସ୍ପିଟାଲରୁ କସଭାନାହାଲି ନେବା ପାଇଁ ଆମ୍ବୁଲାନ୍ସ ଡ୍ରାଇଭର ତାଙ୍କୁ ୩ ହଜାର ଟଙ୍କା ମାଗିଥିଲା। ବେଲାନ୍ଦୁର ଥାନାର ପୁଲିସ ଅଧିକାରୀ ମଧ୍ୟ କୌଣସି କାମରେ ସହାୟତା କରି ନ ଥିଲେ। ପୂର୍ବରୁ ବଡ଼ ଆଘାତ ପାଇଥିବା ବ୍ୟକ୍ତି ପ୍ରତି କୌଣସି ସହାନୁଭୂତି ନ ଦେଖାଇ ପୁଲିସ ଅଧିକାରୀ ରୁକ୍ଷ ବ୍ୟବହାର କରିଥିଲେ। ଖାଲି ଟଙ୍କା ମାଗି ଚାଲିଥିଲେ। ଏହାକୁ ନେଇ ପୁଲିସ ଅଧିକାରୀଙ୍କର ପରିବାର ଅଛି କି ନାହିଁ ବୋଲି ଶିବକୁମାର ପ୍ରଶ୍ନ ପଚାରିଛନ୍ତି। ଏତିକିରେ ତାଙ୍କ ଯନ୍ତ୍ରଣା ଶେଷ ହୋଇ ନ ଥିଲା। ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ ବି ତାଙ୍କୁ ନାକେଦମ ହେବାକୁ ପଡ଼ିଥିଲା। ଏଥିପାଇଁ ୫ ଦିନ ପର୍ଯ୍ୟନ୍ତ ବିବିଏମପି ଅଫିସକୁ ତାଙ୍କୁ ଦୌଡିବାକୁ ପଡ଼ିଥିଲା। ଉପରିସ୍ଥ ଅଧିକାରୀଙ୍କୁ ଯୋଗାଯୋଗ ପରେଧାର୍ଯ୍ୟ ମୂଲ୍ୟ ଠାରୁ ଢେର ଅଧିକ ଦେବାରୁ ପ୍ରମାଣପତ୍ର ମିଳିଥିଲା। ଏହି ଘଟଣାକୁ ନେଇ ବଡ଼ ବଡ଼ ବ୍ୟବସାୟୀଙ୍କୁ ଶିବକୁମାର ଆକୁଳ ନିବେଦନ କରିଛନ୍ତି। ନାରାୟଣ ମୂର୍ତ୍ତି, ଅଜିମ ପ୍ରେମଜୀ ଏବଂ ମଜୁମଦାରଙ୍କ ଭଳି ବଡ଼ ବଡ଼ ବ୍ୟବସାୟୀ କୋଟି କୋଟି ଟଙ୍କା ଦେଇ ସହରକୁ ବଞ୍ଚାଇ ପାରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି।

# ବଞ୍ଚି ଉଠିଲେ ହତ୍ୟାକାଣ୍ଡର ମୃତ ମହିଳା!

ବୌଦ୍ଧ, ୩୦।୧୦ (ସମିସ): ନାଡ଼ି ପରଖିବା ଦୂରେ ଥାଉ, ପାଖକୁ ବି ଗଲାନି ପୁଲିସ। ମହିଳାଙ୍କ ମୃତ୍ୟୁ ହୋଇଯାଇଥିବା ଭାବି କନଷ୍ଟେବଲଙ୍କୁ ରାତିସାରା ଜଗାଇ ସେଠାରୁ ପଳାଇଲା। ଫଳରେ କାଠଗଦା ଭିତରେ ସେମିତି ରାତିସାରା (୧୨ଘଣ୍ଟାରୁ ଊର୍ଦ୍ଧ୍ୱ) ନିଶ୍ଚଳ ଅବସ୍ଥାରେ ପଡ଼ି ରହିଲେ ମହିଳା। କିନ୍ତୁ ଆଜି ସାଇଣ୍ଟିଫିକ୍ ଟିମ୍ ଆସି ଯାଞ୍ଚ କରି ମହିଳାଜଣଙ୍କ ଜୀବିତ ଥିବା କହିବା ପରେ ସମସ୍ତଙ୍କ ଅକଲଗୁଡ୍ଡୁମ୍ ହୋଇଯାଇଥିଲା। ବୌଦ୍ଧ ଥାନା ଗିରାସିଙ୍ଗା ଗ୍ରାମରେ ଘଟିଥିବା ଏଭଳି ଏକ ଅଜବ ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉକ୍ତ ମହିଳାଜଣଙ୍କ ହେଲେ, ଗ୍ରାମର ଶ୍ରୀକାନ୍ତ ନାଏକଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ନାଏକ। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ଲେଖା ହେବା ବେଳକୁ ସେ ବିପଦମୁକ୍ତ ଥିବା ଡାକ୍ତର କହିଛନ୍ତି।

ସୂଚନାନୁଯାୟୀ, ଲକ୍ଷ୍ମୀପ୍ରିୟା ନିଖୋଜ ଥିବା ନେଇ ବୁଧବାର ସନ୍ଧ୍ୟାରେ ତାଙ୍କ ସ୍ୱାମୀ ଶ୍ରୀକାନ୍ତ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ତେବେ ଏହାକୁ ନେଇ ଲକ୍ଷ୍ମୀପ୍ରିୟାଙ୍କ ବାପଘରଲୋକଙ୍କ ସନ୍ଦେହ ହୋଇଥିଲା। ଶ୍ରୀକାନ୍ତ ତାଙ୍କ ଝିଅକୁ ହତ୍ୟା କରି ନିଖୋଜ ନାଟକ ରଚୁଥିବା ନେଇ ଥାନାରେ ଆଉ ଏକ ଅଭିଯୋଗ ଦେଇଥିଲେ। ଅଭିଯୋଗ ଆଧାରରେ ପୁଲିସ ଶ୍ରୀକାନ୍ତଙ୍କ ଅଟକ ରଖି ରାତି ପ୍ରାୟ ୮ଟରେ ଗିରାସିଙ୍ଗା ଗ୍ରାମକୁ ତଦନ୍ତ କରିବାକୁ ଯାଇଥିଲା। ସେଠାରେ ଏକ କାଠଗଦା ମଧ୍ୟରେ ଲକ୍ଷ୍ମୀପ୍ରିୟାଙ୍କ ନିଶ୍ଚଳ ଅବସ୍ଥାରେ ପଡ଼ିଥିବା ଦେଖି ତାଙ୍କୁ ମୃତ ବୋଲି ଭାବି ନେଇଥିଲା। ଶ୍ରୀକାନ୍ତ ତାଙ୍କୁ ହତ୍ୟା କରିବା



ପରେ ଏଠାରେ ଲୁଚାଇ ରଖିଥିବା ସନ୍ଦେହ କରିଥିଲା। ତେଣୁ, ସେଠାରେ କିଛି ପୁଲିସ କର୍ମଚାରୀଙ୍କୁ ମୁତୟନ କରି ଚାଲିଆସିଥିଲା। ଗୁରୁବାର ସକାଳେ ସାଇଣ୍ଟିଫିକ ଟିମ ତଦନ୍ତ ପାଇଁ ପହଞ୍ଚି ମହିଳାଙ୍କ ଦେହ ଉପରେ ଲଦାଯାଇଥିବା କାଠ ଓ ଡାଳ ବାହାର କରିବା ପରେ ମହିଳାଜଣଙ୍କ ବଞ୍ଚିଥିବା ଜାଣିବାକୁ ପାଇଥିଲା। ପରେ ପୁଲିସ ତୁରନ୍ତ ମହିଳାଙ୍କୁ ଡାକ୍ତରଖାନା ଆଣିଥିଲା। ମହିଳାଜଣଙ୍କ ଏବେ ବିପଦମୁକ୍ତ ଥିବା ଜଣାଯାଇଛି।

ଅପରପକ୍ଷେ, ଏହି ଘଟଣାକୁ ନେଇ କାର୍ଯ୍ୟଦକ୍ଷତା ଉପରେ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ପୁଲିସ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ ହେଁ ଲକ୍ଷ୍ମୀପ୍ରିୟା ଜୀବିତ ଥିବା ନେଇ କିପରି ଜାଣିପାରିଲେ ନାହିଁ। କେଉଁ ଆଧାରରେ ମୃତ ବୋଲି ଭାବି ତାଙ୍କୁ କାଠଗଦାରୁ ଉଦ୍ଧାର କଲେ ନାହିଁ? ଯଦି ଏପରି ଅବସ୍ଥାରେ ମହିଳାଙ୍କ ମୃତ୍ୟୁ ହୋଇଥା'ନ୍ତା, ତେବେ କିଏ ଦାୟୀ ହୋଇଥା'ନ୍ତା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

- ୧୨ଘଣ୍ଟା କାଠଗଦା ଭିତରେ ଚାପି ହୋଇ ରହିଲେ
- ମୃତ ଭାବି ରାତିରେ ଉଦ୍ଧାର କଲାନି ପୁଲିସ
- ପୁଲିସର ତଦନ୍ତ ପ୍ରକ୍ରିୟା ଉପରେ ଉଠିଲା ପ୍ରଶ୍ନ

## ବିଦ୍ୟୁତ୍ ତାର ଲାଗି ଚାଷୀ ମୃତ

ପାଇକମାଳ, ୩୦।୧୦ (ସମିସ): ବିଦ୍ୟୁତ୍ ତାର ଲାଗି ଚାଷୀ ମୃତ। ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍ ବୁକୁରାମୁଣ୍ଡା ଗାଁରେ ଗୁରୁବାର ଏପରି ଏକ ଘଟଣା ଘଟିଛି। ମୃତ ଚାଷୀଜଣଙ୍କ ହେଲେ, ରବି ସାହୁ। ଆଜି ବିଲରେ ସେ କୀଟନାଶକ ସିଞ୍ଚନ କରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ସାମୁଦ୍ରିକ ବାତ୍ୟା ମୋନ୍ଥାର ପ୍ରଭାବରେ ବିଲରେ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିଲା।



**ପବନରେ ଛିଣ୍ଡି ପଡ଼ିଥିଲା ତାର**

ଅଜାଣତରେ ଏହି ତାର ସଂସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ରବିଙ୍କର ମୃତ୍ୟୁ ଘଟିଥିଲା। ଅଭାବ ଅନଟନ ମଧ୍ୟରେ ଚଳୁଥିବା ଅଭାବୀ ଚାଷୀ ପରିବାରର ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କର ଅକାଳ ମୃତ୍ୟୁ ତାଙ୍କ ପରିବାରକୁ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଇଛି। ରବିଙ୍କ ପରେ ପିଲାଙ୍କ ପ୍ରତିପୋଷଣ କିଏ କରିବ, କିପରି ତେଲ ଲୁଣର ସଂସାର ଚାଲିବ, ସେଇ ଚିନ୍ତାରେ ତାଙ୍କ ସ୍ତ୍ରୀ ଏବେ ଭାଙ୍ଗି ପଡ଼ିଛନ୍ତି। ବୁକୁରାମୁଣ୍ଡା ପଞ୍ଚାୟତ ସରପଞ୍ଚ ଅନିତା ଭୋଇ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ତୁରନ୍ତ ମୃତକଙ୍କ ପରିବାରକୁ ବିଦ୍ୟୁତ୍ ବିଭାଗ ଓ ରାଜ୍ୟ ସରକାର ଆର୍ଥିକ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି।

## ପଞ୍ଚୁକ ସହ ଆସିବ ଶୀତ

ଭୁବନେଶ୍ୱର, ୩୦।୧୦ (ସମିସ): ବର୍ଷା ପରେ ପରେ ରାଜ୍ୟକୁ ଆସୁଛି ଶୀତ। ଦିନକ ପରେ ପଞ୍ଚୁକ ଆରମ୍ଭ ହେଉଛି। ପଞ୍ଚୁକ ସାଙ୍ଗକୁ ରାଜ୍ୟକୁ ପହିଲି ଶୀତ ଆସିବାକୁ ଯାଉଛି। ବର୍ତ୍ତମାନ ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କବାୟୁ ପ୍ରବାହ ଆରମ୍ଭ ହୋଇଥିବା ବେଳେ ଆଗକୁ ଏକ ଗୁରୁଚାପବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଥଣ୍ଡା ବାୟୁର ପ୍ରବାହ ବୃଦ୍ଧି ପାଇବା ସହ ଶୀତ ବଢ଼ିବା ନେଇ ଆକଳନ କରାଯାଇଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ରାଜ୍ୟକୁ ବର୍ତ୍ତମାନ ଉତ୍ତରା ପବନ ବହିବା ଆରମ୍ଭ ହୋଇଛି। ମେଘୁଆ ପାଗ ମଧ୍ୟ କ୍ରମଶଃ ପଳାଇଯିବ। ଫଳରେ ରାଜ୍ୟରେ ପହିଲି ଶୀତ ହେବ। ୩୧ ତାରିଖ ରାତିରୁ କନ୍ଧମାଳ (ବାଲିଗୁଡ଼ା, ଫୁଲବାଣୀ) ଓ ଗଜପତି (ଗଜାପୁର, ମୋହନା) ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀରୁ କମିପାରେ। ନଭେମ୍ବର ୨ ତାରିଖ ରାତିରୁ ସାରା ରାଜ୍ୟରେ ତାପମାତ୍ରା ୫ ମଧ୍ୟରେ ୩-୪ ଡିଗ୍ରୀ କମିବ। ଝାରସୁଗୁଡ଼ା, ରାଉରକେଲା, ପାଲଲହଡ଼ା, ବାଦାମପାହାଡ଼, ବହଳଦାରେ ସର୍ବନିମ୍ନ ତାପମାତ୍ରା ୧୫ରୁ ୧୭ ଡିଗ୍ରିକୁ ଖସିବ। ସେହିପରି ବାଲିଗୁଡ଼ା, ଦାରିଙ୍ଗବାଡ଼ି, ଗଜାପୁର, ମୋହନାରେ ୧୭-୧୮ ଡିଗ୍ରି ରହିପାରେ। ଏହା ଉତ୍ତର ଭାରତର ଦିଲ୍ଲୀ-ଚଣ୍ଡିଗଡ଼-ଲୁଧିଆନାର ତାପମାତ୍ରା ସହିତ ସମାନ ହୋଇପାରେ। ଭୁବନେଶ୍ୱରରେ ତାପମାତ୍ରା ୫ ସୁଦ୍ଧା ୨୦ ଡିଗ୍ରୀ ତଳକୁ ଖସିବାର ସମ୍ଭାବନା ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

## କାନ୍ଥ ଭୁଶୁଡ଼ି ମହିଳାଙ୍କ ମୃତ୍ୟୁ

କପ୍ତିପଦା, ୩୦।୧୦(ସମିସ): ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ି ବୃଦ୍ଧା ମୃତ। ଏଭଳି ଏକ ଘଟଣା ଘଟିଛି କପ୍ତିପଦା ଥାନା ରେକର୍ଡବୁଆ ଗ୍ରାମରେ। ମୃତ ବୃଦ୍ଧଜଣଙ୍କ ହେଲେ, ଗ୍ରାମର ବାସନ୍ତୀ କିସ୍କୁ। ବୁଧବାର ସେ ଘରେ ଏକୁଟିଆ ଥିଲେ। ଅପରାହ୍ଣରେ ସେ ଘର ବାରଣ୍ଡାରେ ଶୋଇଥିଲେ। ଏହି ସମୟରେ ଜୋରରେ ପବନ ସହ ପ୍ରବଳ ବର୍ଷା ହୋଇଥିଲା। ଫଳରେ ଘରର ଆଜବେଷ୍ଟସ ଏବଂ କାନ୍ଥ ଦବି ଯାଇଥିଲା। ଶବ୍ଦ ଶୁଣି ବାସନ୍ତୀ ଉଠି ବାହାରିବାକୁ ଯିବାକୁ ଚେଷ୍ଟା କରୁଥିବା ବେଳେ ତାଙ୍କ ଉପରେ କାନ୍ଥ ପଡ଼ି ଯାଇଥିଲା ଏବଂ ସେ ଚାପି ହୋଇ ରହିଯାଇଥିଲେ। କିଛି ସମୟ ପରେ ପରିବାରଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସବୁ ନୂଆ ରାସ୍ତାକଡ଼ରେ ବୃକ୍ଷରୋପଣ

- ବ୍ୟୟ ହେବ ନିର୍ମାଣ ଖର୍ଚ୍ଚର ୧ ପ୍ରତିଶତ ଅର୍ଥ

ଭୁବନେଶ୍ୱର,୩୦।୧୦(ସମିସ): ଦ୍ରୁତ ସହରୀକରଣ ଓ ଜଙ୍ଗଲ ହ୍ରାସ ଯୋଗୁଁ ଏହାର କୁପ୍ରଭାବ ଜୀବଜଗତ ଉପରେ ପରିଲକ୍ଷିତ ହେଉଛି। ତେଣୁ ଏହି ସମସ୍ୟାର ମୁକାବିଲା କରିବା ଏବଂ ଓଡ଼ିଶାକୁ ପରିବେଶ ଅନୁକୂଳ ରାଜ୍ୟ ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ଏଣିକି ସବୁ ନୂତନ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ସାରା ରାଜ୍ୟରେ ପୂର୍ତ୍ତ ବିଭାଗ ଅଧୀନରେ ନୂଆ କରି ନିର୍ମାଣ ହେବାକୁ ଥିବା ପ୍ରତ୍ୟେକ ରାଜପଥ, ଜିଲ୍ଲା ମୁଖ୍ୟ ସଡ଼କ, ଅନ୍ୟାନ୍ୟ ସମସ୍ତ ସଡ଼କ ନିର୍ମାଣ ସମୟରେ ବୃକ୍ଷରୋପଣକୁ ବାଧ୍ୟତାମୂଳକ କରାଯିବା ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଏଥିନେଇ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ରାସ୍ତାର ଉଭୟ ପାର୍ଶ୍ୱର ଏବଂ ଡିଭାଇଡର ମଝିରେ ଥିବା ଖାଲିସ୍ଥାନରେ ବ୍ୟାପକ ବୃକ୍ଷରୋପଣ କରାଯିବା ନେଇ ଇଆଇସି (ସଭିଲ୍ ତଥା ରୋଡସ୍), ଇଆଇସି (ଏନ୍ଏଚ୍), ଏମ୍ଡି, ଓବିସିସିଙ୍କୁ ଚିଠି ଜରିଆରେ ଅବଗତ କରାଯାଇଛି। ଗ୍ରୀନ୍ କରିଡର ବିକାଶ ଓ ପରିଚାଳନା ଲକ୍ଷ୍ୟ ନେଇ ସବୁ ରାସ୍ତାକଡ଼ରେ ବୃକ୍ଷ ରୋପଣ କରାଯିବ। ଏହି କ୍ରମରେ ରାସ୍ତା ନିର୍ମାଣ ସମୟରେ ନିର୍ମାଣ ବ୍ୟୟର ଅତିରିକ୍ତ ୧ ପ୍ରତିଶତ ଅର୍ଥରାଶି ବୃକ୍ଷରୋପଣ ଏବଂ ରକ୍ଷଣାବେକ୍ଷଣ ବାବଦରେ ଖର୍ଚ୍ଚ କରିବା ନେଇ ମାର୍ଗଦର୍ଶିକା ଜାରି କରାଯାଇଛି। ଏହାଦ୍ୱାରା ଅଙ୍ଗାରକାମ୍ଳ ଅବଶୋଷଣ ଓ ଅମ୍ଳଜାନ ସ୍ତର ବୃଦ୍ଧି ସହ ବାୟୁ ପ୍ରଦୂଷଣକୁ କମ୍ କରିହେବ। ଏହି ବୃକ୍ଷରୋପଣ ଶବ୍ଦ ପ୍ରଦୂଷଣକୁ କମ୍ କରିବା ସହ ମୃତ୍ତିକା କ୍ଷୟକୁ ରୋକିବା ଏବଂ ବାୟୁର ମାନକ ବୃଦ୍ଧି କରିବା ସହ ଖରାଦିନେ ଆଖପାଖ ଅଞ୍ଚଳରେ ଶୀତଳତା ସୃଷ୍ଟି କରିବାରେ ସହାୟକ ହେବ ବୋଲି ସରକାର ବିଚାର କରିଛନ୍ତି।

**ଦଳୀୟ କାର୍ଯ୍ୟାଳୟରେ ପୁଲିସ ପଶିବାକୁ ନେଇ ବର୍ଷିଲା କଂଗ୍ରେସ**

# ଭୋଟରଙ୍କୁ ଡରାଇବାକୁ ଅପଚେଷ୍ଟା କରୁଛି ବିଜେପି

ଭୁବନେଶ୍ୱର,୩୦।୧୦(ସମିସ): ନୂଆପଡ଼ା ଉପନିର୍ବାଚନ ପରିପେକ୍ଷୀରେ ସମସ୍ତ ରାଜନୈତିକ ଦଳ ସମସ୍ତ ଶକ୍ତି ବିନିଯୋଗ କରି ପ୍ରଚାର ପ୍ରସାର କରୁଛନ୍ତି ଏବଂ ନିଜ ବିଜୟକୁ ନେଇ ଆଶାବାଦୀ ଅଛନ୍ତି। ଘାସିରାମ ମାଝୀ ମାଟିର ପୁଅ ତାଙ୍କ ପ୍ରତି ଜନତାଙ୍କ ସମ୍ପୂର୍ଣ୍ଣ ସମର୍ଥନ ଦେଖି ବିଜେପି ପାଇଁ ମୁଣ୍ଡବ୍ୟଥା ବଢ଼ିଯାଇଛି। ଏଥିପାଇଁ ବିଜେପି ସରକାର କଂଗ୍ରେସ କାର୍ଯ୍ୟାଳୟରେ ପୁଲିସ ଦ୍ୱାରା ରେଡ୍ କରି ଲୋକଙ୍କୁ ଭୟଭୀତ କରାଇବାକୁ ଅପଚେଷ୍ଟା କରୁଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଦଳ ପକ୍ଷରୁ ଗୁରୁବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ପିସିସିର ବରିଷ୍ଠ ଉପସଭାପତି ଡଃ ଲଲାଟେନ୍ଦୁ ମହାପାତ୍ର କହିଛନ୍ତି ଯେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନୱର ବିଶାଳ ସିଂହଙ୍କୁ ଛୁଟିରେ ପଠାଯାଇ ତାଙ୍କ ସ୍ଥାନରେ ଆଇଜି ହିମାଂଶୁ ଲାଲଙ୍କୁ ଦାୟିତ୍ୱରେ ରଖାଯାଇଛି। ଯାହାକି ନିର୍ବାଚନ ଆଚରଣ ବିଧିକୁ ଉଲଂଘନ କରିଛି। ଏହା ପୁଣି ଭୋଟ ଗ୍ରହଣ ଶେଷଦିନ ପର୍ଯ୍ୟନ୍ତ ହୋଇଥିବାରୁ କଂଗ୍ରେସ ଏହି ଘଟଣାକୁ ନେଇ ପ୍ରଶ୍ନ ଉଠାଇଛି। କଂଗ୍ରେସ ଅଫିସରେ ପୁଲିସ ପଶିବା ଘଟଣାକୁ ନିନ୍ଦା କରିବା ସହ ଗତ ଅକ୍ଟୋବର ୧୬/୧୭ ତାରିଖରେ ପୁଲିସ ୯୦ ଲକ୍ଷ ଟଙ୍କା ଜବତ କରିବା ପରେ ମଧ୍ୟ କାହିଁକି ଏବଂ ଏହା କାହାର ଟଙ୍କା ଆଜି ଯାଏ ପୁଲିସ କିମ୍ବା ଇଡି ପ୍ରକାଶ କରି ପାରିନାହିଁ ତାକୁ ନେଇ ପ୍ରଶ୍ନ କରିଛି। ଏହି ଟଙ୍କା ଜଣେ ବିଜେପି ସାଂସଦଙ୍କ ଘନିଷ୍ଠ ସହଯୋଗୀଙ୍କର ବୋଲି କଂଗ୍ରେସ କହିବା ସହ ସେଥିପାଇଁ ପୁଲିସ ଚୁପ୍ ବସିଥିବା



କହିଛି। କଂଗ୍ରେସ ଲୋକପ୍ରିୟତାରେ ଆଗେଇ ଯାଇଛି, କଂଗ୍ରେସ ପ୍ରାର୍ଥୀଙ୍କୁ ଅକୁଣ୍ଠ ଜନସମର୍ଥନ ମିଳୁଛି। ଏହା ଦେଖି ବିଜେପି ଛାନିଆ ହୋଇ ପୁଲିସ ବାହିନୀ ଏବଂ ପ୍ରଶାସନକୁ ଉପଯୋଗ କରି ନିର୍ବାଚନ ଲଢ଼ିବାକୁ ଯୋଜନା କରୁଛି ବୋଲି କଂଗ୍ରେସ କହିଛି।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏହି ନିର୍ବାଚନକୁ କିଭଳି ଅବାଧ, ନିରପେକ୍ଷ ଏବଂ ସୁଚାରୁରୂପେ ସମ୍ପାଦନ କରିବେ ଏହା ତାଙ୍କ ଦାୟିତ୍ୱ। ଭୟଭୀତ ହୋଇ ଉପନିର୍ବାଚନ ପାଇଁ ବିଜେପି ଗଣ୍ଡା ଗଣ୍ଡା ମନ୍ତ୍ରୀ ବିଧାୟକ ଏପରିକି ପରାଜିତ ପ୍ରାର୍ଥୀ ଆଦିଙ୍କୁ ନିର୍ବାଚନ ପ୍ରଚାରରେ ନିୟୋଜିତ କରିଛି। ନିର୍ବାଚନ ସମୟରେ ବିଜେପିର ନେତା ମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଆସି ୧୧୦୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ତେବେ ଗତ ୧୬ ମାସ ଧରି ନୂଆପଡାକୁ ଅଣଦେଖା କାହିଁକି କରୁଥିଲେ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ମୁଖ୍ୟମନ୍ତ୍ରୀ 'ନୂଆପଡାର ଦାୟିତ୍ୱ ମୁଁ ନେବି' ବୋଲି ଅବାନ୍ତର କଥା କହୁଛନ୍ତି' ଏହାର ଅର୍ଥ କଣ ଓଡ଼ିଶାର ବାକି ଜିଲ୍ଲା ପ୍ରତି ମୁଖ୍ୟମନ୍ତ୍ରୀଙ୍କର ଦାୟିତ୍ୱ ନାହିଁ ବୋଲି କଂଗ୍ରେସ ପ୍ରଶ୍ନ କରିଛି।

## ଓଡ଼ିଶାରେ ନିର୍ମାଣ ହେବ ୯୨ଟି ରେଳ ଓଭରବ୍ରିଜ୍

ଭୁବନେଶ୍ୱର,୩୦।୧୦(ସମିସ): ଓଡ଼ିଶାରେ ୯୨ଟି ରେଳ ଓଭରବ୍ରିଜ୍ର ନିର୍ମାଣ ପାଇଁ ସମ୍ପୂର୍ଣ୍ଣ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବେ। ଏଥିପାଇଁ କେନ୍ଦ୍ର ରେଳ ମନ୍ତ୍ରାଳୟ ଆବଶ୍ୟକ ଅନୁମୋଦନ କରିଛନ୍ତି।

ସୂଚନାଯୋଗ୍ୟ ଯେ ପୂର୍ବରୁ ଉଭୟ ରେଳ ମନ୍ତ୍ରାଳୟ ଓ ରାଜ୍ୟ ସରକାର ଏହି ରେଳ ଓଭରବ୍ରିଜ୍ ଗୁଡ଼ିକୁ ୫୦-୫୦ ଅନୁପାତରେ ଏଥିପାଇଁ ଖର୍ଚ୍ଚ କରିବେ ବୋଲି ସ୍ଥିର ହୋଇଥିଲା। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଖର୍ଚ୍ଚ ସମ୍ପୂର୍ଣ୍ଣ ଭାବେ ରେଳ ମନ୍ତ୍ରାଳୟ ବହନ କରିବାକୁ ଅନୁରୋଧ କରାଯାଇଥିଲା। ରାଜ୍ୟ ସରକାରଙ୍କ ଅନୁରୋଧ ରକ୍ଷା କରି କେନ୍ଦ୍ର ରେଳ ମନ୍ତ୍ରାଳୟ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ମାଣ ହେବାକୁ ଥିବା ୯୨ଟି ରେଳ ଓଭର ବ୍ରିଜ୍ର ସମ୍ପୂର୍ଣ୍ଣ ନିର୍ମାଣ ଖର୍ଚ୍ଚ ବହନ କରିବେ ବୋଲି ପତ୍ର ମାଧ୍ୟମରେ ଜଣାଇଛନ୍ତି। ଓଡ଼ିଶାର ଭିତ୍ତିଭୂମି ବିକାଶ ପ୍ରତି କେନ୍ଦ୍ର ସରକାରଙ୍କ ଏହି ସହୃଦୟତାପୂର୍ଣ୍ଣ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଓଡ଼ିଶାବାସୀଙ୍କ ପକ୍ଷରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ସବୁ ସମୟରେ ଓଡ଼ିଶାର ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ଆସିଛନ୍ତି। ରେଳପଥ, ସଡକ ପଥ, ବନ୍ଦର ଓ ବିମାନ ଭିତ୍ତିଭୂମି ସହିତ ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଓ?ଶାକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସିଛନ୍ତି। ଓଡ଼ିଶାବାସୀଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଏହି ଶ୍ରଦ୍ଧା ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

- ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବ ରେଳ ବିଭାଗ
- ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

## ଦିବ୍ୟାଙ୍ଗ କଲେଜ ଛାତ୍ରଛାତ୍ରୀଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଅ: ହାଇକୋର୍ଟ

କଟକ, ୩୦।୧୦(ସମିସ): କଟକସ୍ଥିତ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟରେ ୭୭ଜଣ ଦିବ୍ୟାଙ୍ଗ ଛାତ୍ରୀଙ୍କ ପାଇଁ ଆବଶ୍ୟକ ସୁବିଧା ନଥିବା ପ୍ରସଙ୍ଗକୁ ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରୁଛନ୍ତି। ତେବେ ଶୈଳବାଳା ଭଳି ରାଜ୍ୟର ସମସ୍ତ ମହାବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ରହିଥିବା ସମସ୍ୟାକୁ ସମାଧାନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। କଟକ ସହର ସମସ୍ୟା ମାମଲାର ଶୁଣାଣି କରିବା ଅବସରରେ ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବିଶେଷକରି, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଯେପରି ସେମାନଙ୍କ ଅଧିକାରରୁ ବଞ୍ଚିତ କରାନଯିବ, ସେ ନେଇ ଖଣ୍ଡପୀଠ ଗୁରୁତ୍ୱାରୋପ କରିଛନ୍ତି। ସେହିଭଳି କେଉଁ ମହାବିଦ୍ୟାଳୟରେ କେତେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି, ସେ ସଂକ୍ରାନ୍ତରେ ପରବର୍ତ୍ତୀ ଶୁଣାଣି ସମୟରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଅଦାଲତଙ୍କୁ ଅବଗତ କରିବେ।

ଶୈଳବାଳା ମହିଳା ମହାବିଦ୍ୟାଳୟରେ ବାଧାମୁକ୍ତ ଚଳାଚଳ ପାଇଁ ରାମ୍ପ ସହ ଶୌଚାଳୟ ସୁବିଧା, ଲିଫ୍ଟ, ବ୍ରେଲି ପୁସ୍ତକ ଆଦି ନଥିବା ନେଇ ପୂର୍ବରୁ ଆଡଭୋକେଟ କମିଟି ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କଟକ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଆଡଭୋକେଟ କମିଟି ଶୈଳବାଳା କଲେଜ ପରିଦର୍ଶନ କରି ଆବଶ୍ୟକ ସୁବିଧା ନଥିବା ନେଇ ରିପୋର୍ଟ ଦାଖଲ କରିଥିଲେ। ଆଜି ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ଭର୍ଚୁଆଲ ଶୁଣାଣିରେ ଉପସ୍ଥିତ ରହି ଜବାବ ରଖିଥିଲେ। ଉକ୍ତ ରିପୋର୍ଟ ଆଧାରରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ଏସଏସଇପିଡି ବିଭାଗ ସଚିବ, ଜିଲ୍ଲା ପ୍ରଶାସନ, କଲେଜ ଅଧକ୍ଷ ଓ ବିଭାଗୀୟ ଯନ୍ତ୍ରୀ ମିଳିତ ବୈଠକ କରିଥିଲେ। ଶୈଳବାଳାରେ ଦିବ୍ୟାଙ୍ଗଙ୍କ ଅନୁକୂଳ ରାମ୍ପ ବ୍ୟବସ୍ଥା, ଲିଫ୍ଟ , ସ୍ୱତନ୍ତ୍ର ଶୌଚାଳୟ ,ଅଧ୍ୟୟନ ପାଇଁ ବ୍ରେଲି ପୁସ୍ତକ ଆଦି ଉପଲବ୍ଧ କରାଯିବା ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଥିବା କୁହାଯାଇଛି। ଆଡଭୋକେଟ କମିଟି ଆସନ୍ତା ଏହି ମହାବିଦ୍ୟାଳୟ ପରିଦର୍ଶନ କରିବା ସହ ଅନ୍ୟ ଶିକ୍ଷାନୁଷ୍ଠାନ ମଧ୍ୟ ପରିଦର୍ଶନ କରି ରିପୋର୍ଟ ଦାଖଲ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର୨୭କୁ ଧାର୍ଯ୍ୟ କରାଯାଇଛି।

**ଦୁଷ୍କର୍ମ ପରେ ମହିଳାଙ୍କୁ ପୋଡ଼ି ମାରିଦେବା ଘଟଣା**

## ଦ୍ୱନ୍ଦ୍ୱ ବଢ଼ାଇଲା ଏସ୍ପିଙ୍କ ବିବୃତି

ବଲାଙ୍ଗିର, ୩୦।୧୦(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଦୁଷ୍କର୍ମ ପରେ ଜାଳି ମାରିଦେବା ଘଟଣା ନୂଆମୋଡ଼ ନେଇଛି। ଦୁଷ୍କର୍ମ ଓ ହତ୍ୟା ଅଭିଯୋଗକୁ ଆଜି ବଲାଙ୍ଗିର ଏସ୍ପି ଅଭିଲାଷ ଜି. ଖଣ୍ଡନ କରିବା ପରେ ଏହି ମାମଲାକୁ ନେଇ ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍ପି କହିଛନ୍ତି ଯେ ମହିଳାଙ୍କ ସହ ଦୁଷ୍କର୍ମ କରାଯାଇନାହିଁ କିମ୍ବା କେହି ତାଙ୍କୁ ହତ୍ୟା ମଧ୍ୟ କରିନାହାନ୍ତି। କୌଣସି ସ୍ୱାସ୍ଥ୍ୟଗତ କାରଣରୁ ମୃତ୍ୟୁ ହୋଇଛି ବୋଲି ସେ କହିଛନ୍ତି। ତେବେ ବିଲ ଭିତରକୁ ମହିଳାଙ୍କ ଅର୍ଦ୍ଧନଗ୍ନ ଶବ ଆସିଲା କେମିତି, କିଏ ତାଙ୍କ ଶାଢ଼ି ଖୋଲିଲା, ତାଙ୍କ ମୁହଁ କଳା ପଡ଼ିଲା କେମିତି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି, ୬ ଦିନ ଧରି ମହିଳାଙ୍କ ଶବ ପଡ଼ି ରହିଥିଲେ ହେଁ କାହାର ନଜରକୁ କିପରି ଆସିଲା ନାହିଁ, ସେ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ଅପରପକ୍ଷେ, ପୁଲିସକୁ ଆଜି ମୃତ ମହିଳାଙ୍କ ପରିଚୟ ମିଳିଛି। ସେ ହେଲେ, ପାଟଣାଗଡ଼ ଅଞ୍ଚଳର କୁନ୍ତୀ ଧରୁଆ (୨୯)।

ପୁଲିସ କହିବା ଅନୁସାରେ, କୁନ୍ତୀ ୨୦୨୦ ମସିହାରୁ ମାନସିକ ରୋଗରେ ପୀଡ଼ିତ ଥିଲେ। ସେ ପୂର୍ବରୁ ମଧ୍ୟ ଘରୁ ଏକାଧିକବାର କୁଆଡ଼େ ଚାଲିଯିବାର ନଜିର ରହିଛି। ଏହି କାରଣରୁ ତାଙ୍କ ସ୍ୱାମୀ ଭଗବାନ ଧରୁଆ ତାଙ୍କୁ ବାପଘରେ ଛାଡ଼ି



ଦେଇଥିଲେ। ଗତ ୫ବର୍ଷ ହେବ ସେ ବାପା ସୁକରାମ ଧରୁଆଙ୍କ ଘରେ ରହୁଥିଲେ। ଗତ ୨୩ ତାରିଖରେ ହଠାତ୍ ସେ କୁଆଡ଼େ ନିଖୋଜ ହୋଇଯାଇଥିଲେ। ତେବେ ଯେଉଁ ଜମିରୁ କୁନ୍ତୀଙ୍କ ମୃତଦେହ ଉଦ୍ଧାର ହୋଇଛି, ତାହା ତାଙ୍କ ବାପଘରଠାରୁ ୬ କିମି ଦୂର ହୋଇଥିବା ଶାଶୂଘରଠାରୁ ୮ କିମି ବୋଲି ଜଣାପଡ଼ିଛି। ଏମିତିରେ କୁନ୍ତୀ କେଉଁ ପରିସ୍ଥିତିରେ ଜମି କିଆରିକୁ ଆସିଲେ ଓ କେମିତି ତାଙ୍କର ମୃତ୍ୟୁ ହେଲା, ତାହା ପୁଲିସ ସ୍ପଷ୍ଟ କରିନି।

ବଲାଙ୍ଗିର ଏସ୍ପିଙ୍କ କହିବା ଅନୁସାରେ ସେ ନିଖୋଜ ହେବାର ଦିନକ ଭିତରେ ହିଁ ତାଙ୍କର ମୃତ୍ୟୁ ହୋଇଛି ଏବଂ ତାଙ୍କ ମୃତ୍ୟୁ ସ୍ୱାସ୍ଥ୍ୟଗତ କାରଣରୁ ବୋଲି ସ୍ପଷ୍ଟ କରିଛନ୍ତି। ବ୍ୟବଚ୍ଛେଦ ସମୟରେ ପ୍ରାଥମିକ ପର୍ଯ୍ୟାୟରେ ଡାକ୍ତରଙ୍କ କହିବା ଅନୁସାରେ ଶରୀର କିମ୍ବା ତାଙ୍କ ଯୌନାଙ୍ଗରେ କୌଣସି କ୍ଷତ ଚିହ୍ନ ନାହିଁ। ଫଳରେ ତାଙ୍କୁ ହତ୍ୟା ଓ ଦୁଷ୍କର୍ମ କରାଯାଇନଥିବା ସେ କହିଛନ୍ତି। ଭିସେରା ପାଇଁ ପଠାଯାଇଛି ଉକ୍ତ ରିପୋର୍ଟ ଆସିବା ପରେ ମୃତ୍ୟୁ କାରଣ ଆହୁରି ସ୍ପଷ୍ଟ ହେବ ଏସ୍ପି ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ବୁଧବାର ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅଧୀନ ଗୋଏଲପିଟା ଗାଁ ନିକଟରେ ଥିବା ଏକ ଜମିରୁ ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଥିଲା।

- ଦୁଷ୍କର୍ମ ଓ ହତ୍ୟା ଅଭିଯୋଗକୁ ଖଣ୍ଡନ
- ମୃତା ମହିଳା ମାନସିକ ରୋଗୀ

**ମା' ପ୍ରେମ ଏମିତି...**

# ନବଜାତ ହାତୀ ଶବକୁ ଜଗି ରହିଲା ମା'

ବାରିପଦା, ୩୦।୧୦(ସମିସ): ବାରିପଦା ବନଖଣ୍ଡ ଅନ୍ତର୍ଗତ ବାଙ୍ଗିରିପୋଷି ବନାଞ୍ଚଳରେ ଏକ ନବଜାତ ହାତୀ ଶାବକର ମୃତ୍ୟୁ ଘଟିଛି। ବ୍ରାହ୍ମଣଗାଁ ନିକଟ ସାତଭାୟା ଜଙ୍ଗଲରେ ଶାବକଟି ଜନ୍ମ ହେବାର ଦିନେ ନ ହେଉଣୁ ମୃତ୍ୟୁ ହୋଇଥିବା ଖବର ମିଳିଛି। ତେବେ ଶାବକର ମୃତ୍ୟୁ ପରେ ମା' ହାତୀଟି ମୃତଦେହ ପାଖରେ ଜଗି ରହିଥିଲା।

କିଛି ଦିନ ଧରି ବ୍ରାହ୍ମଣଗାଁ ପଞ୍ଚାୟତର ବିଭିନ୍ନ ସ୍ଥାନରେ ୧୨ ଟିକିଆ ହାତୀପଲ ଚଳପ୍ରଚଳ କରୁଛନ୍ତି। ଶିମିଳିପାଳ ପାଦଦେଶର ସାତଭାୟା ଜଙ୍ଗଲରେ ମାଈହାତୀଟି ବିଲ ମଝିରେ ଏକ ହାତୀ ଶାବକକୁ ଜନ୍ମ ଦେଇଥିଲା। ତେବେ ହାତୀ ଶାବକଟି ଦୁର୍ବଳ ଥିବାରୁ ମା' ହାତୀ ଓ ଅନ୍ୟ ହାତୀ ତା'ର ସୁରକ୍ଷା ପାଇଁ ଜଗି ରହିଥିଲେ। ହେଲେ ଶାବକଟି କିଛି ଘଣ୍ଟା ପରେ ବୁଧବାର ସନ୍ଧ୍ୟାରେ ମୃତ୍ୟୁବରଣ କରିଥିଲା। କିନ୍ତୁ, କାଳେ ଛୁଆ ପୁଣି ଜୀବିତ ହେବ, ସେହି ଆଶା ନେଇ ମା'





ହାତୀ ଦୀର୍ଘ ସମୟ ଧରି ଜଗି ରହିଥିଲା। ଖବର ପାଇ ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। କିନ୍ତୁ ହାତୀ ନିକଟକୁ ଯାଇ ପାରିନଥିଲେ। ଗୁରୁବାର ସକାଳୁ ବନ ବିଭାଗ ମା' ହାତୀକୁ ଦୂରେଇବା ପରେ ଶବ ବ୍ୟବଚ୍ଛେଦ କରାଯାଇଛି। ମୃତଦେହରୁ ନମୁନା ସଂଗ୍ରହ କରାଯାଇ ଯାଞ୍ଚ ନିମନ୍ତେ ଓୟୁଏଟିକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଶବ ବ୍ୟବଚ୍ଛେଦ କରିବା ପରେ ମୃତଦେହକୁ ପୋତି ଦିଆଯିବ ବୋଲି ବନଖଣ୍ଡ ଅଧିକାରୀଙ୍କ ସୂତ୍ରରୁ ସୂଚନା ମିଳିଛି।

- ଦାମ୍ପତ୍ୟ ବିବାଦ ମାମଲାରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ପିଲାଙ୍କୁ ଭେଟିବା ପାଇଁ ପିତାମାତାଙ୍କ ଭଳି ଜେଜେ-ଜେଜେମା'ଙ୍କ ଅଧିକାର ରହିଛି

କଟକ, ୩୦।୧୦ (ସମିସ): ଶିଶୁର କଲ୍ୟାଣ ପାଇଁ ପିତାମାତାଙ୍କ ଭଳି ଜେଜେ ଏବଂ ଜେଜେ-ମା'ଙ୍କ ଉପସ୍ଥିତି ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଯେଉଁଠି ପତି ଓ ପତ୍ନୀ ପରସ୍ପର ବିରୋଧରେ ବିଭିନ୍ନ ପ୍ରକାରର ମାମଲା ଲଢୁଛନ୍ତି, ସେତେବେଳ ପର୍ଯ୍ୟନ୍ତ ସେମାନଙ୍କ ନିଜ ପିଲାକୁ ଭେଟିବା ପାଇଁ ପିତାମାତା, ଜେଜେ ଓ ଜେଜେମା'ଙ୍କୁ ବଞ୍ଚିତ କରାଯାଇପାରିବ ନାହିଁ। ଦାମ୍ପତ୍ୟ ବିବାଦକୁ ନେଇ ନିମ୍ନ ଅଦାଲତରେ ମାମଲା ଚାଲୁଥିବା ବେଳେ ନିଜ ପିଲାଙ୍କୁ ଭେଟିବା ପାଇଁ ଅଭିଭାବକଙ୍କ ରହିଥିବା ଅଧିକାର ପ୍ରସଙ୍ଗରେ ହାଇକୋର୍ଟ ଆଜି ଏପରି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏସ୍. ରାୟଗୁରୁଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ସଂଜୟକୁମାର ମିଶ୍ର ଏପରି ରାୟ ଦେଇଛନ୍ତି। ପତ୍ନୀଙ୍କ ଜିମାରେ ଥିବା ପ୍ରାୟ ଦେଢ଼ବର୍ଷ ବୟସର ପୁଅକୁ ଭେଟିବା ଅନୁମତି ପ୍ରଦାନ ପାଇଁ ସ୍ୱାମୀ କରିଥିବା ଆବେଦନକୁ ଖାରଜ କରି ଗତ ମାର୍ଚ୍ଚ ୨୦ରେ କଟକ ପରିବାର ଅଦାଲତ ପ୍ରଦାନ କରିଥିବା ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଆବେଦନକାରୀ ଓ ତାଙ୍କ ପିତାମାତା ତଥା ପିଲାର ଜେଜେ ବାପା ଜେଜେ-ମା'ଙ୍କ ସହ ମାସକୁ ଦୁଇଥର ହାଇକୋର୍ଟ ମଧ୍ୟସ୍ଥତା କେନ୍ଦ୍ରରେ ଜଣେ ମହିଳା ମଧ୍ୟସ୍ଥତାଙ୍କ ଉପସ୍ଥିତିରେ ପିଲାକୁ ସାକ୍ଷାତ କରିବାର ଅଧିକାର ପ୍ରଦାନ କରିଛନ୍ତି\ ମଧ୍ୟସ୍ଥତା କେନ୍ଦ୍ରରେ ସାକ୍ଷାତ ସମୟରେ ପିତା ଏବଂ ଜେଜେ ବାପା ଜେଜେ ମା ସେମାନଙ୍କ ପୁଅ/ନାତିଙ୍କୁ ଉପହାର ଦେଇପାରିବେ। ସେହିଭଳି ମାସର ଚତୁର୍ଥ ଶନିବାର ଏବଂ ରବିବାର ସନ୍ଧ୍ୟାରେ ହ୍ୱାଟ୍ସଆପ୍ କଲ୍ ମାଧ୍ୟମରେ ଭିଡିଓ କନଫରେନ୍ସିଂ କରିପାରିବେ। ଏଥିପାଇଁ ପତ୍ନୀଙ୍କୁ ଆବେଦନକାରୀ ଏକ ଆଣ୍ଡ୍ରଏଡ ମୋବାଇଲ ଫୋନ ଓ ସିମ ପ୍ରଦାନ କରିବେ ବୋଲି ହାଇକୋର୍ଟ କହିଛନ୍ତି। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଗୌତମ କୁମାର ଆଚାର୍ଯ୍ୟ ମାମଲା ପରିଚାଳନା କରୁଥିବା ବେଳେ ଅର୍ପିତା ମହାପାତ୍ର ସହଯୋଗ କରିଥିଲେ।

## ରାଉରକେଲାରେ ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍ ଉଦ୍‌ଘାଟିତ

# ଅପରାଧ ଜଗିବ ୮୭୧ ସ୍ମାର୍ଟ ଓ ଏଆଇ କ୍ୟାମେରା

ରାଉରକେଲା, ୩୦।୧୦(ସମିସ)



- ଖସିପାରିବେନି ପେସାଦାର ଅପରାଧୀ
- ଟ୍ରାଫିକ୍ ନିୟମ ଭାଙ୍ଗିଲେ କଟିବ ସ୍ୱୟଂଚାଳିତ ଚାଲାଣ

ଏଣିକି ଖସି ପାରିବେନି ଅପରାଧୀ ଓ ଲୁଟେରା। ଫାନ୍ଦରେ ପଡ଼ିବେ ପରିବହନ ନିୟମ ଉଲ୍ଲଂଘନକାରୀ ବାଇକ୍ ଓ କାର ଚାଳକ। ଅମାନିଆ ଚାଳକଙ୍କ କଟିବ ସ୍ୱୟଂଚାଳିତ ଚାଲାଣ। ଏଫ୍‌ଆର୍‌ଏସ୍(ମୁହଁ ଚିହ୍ନଟ ବ୍ୟବସ୍ଥା) ଯୋଗୁଁ ଖସିପାରିବେନି ପୁରୁଣା ପେସାଦାର ଅପରାଧୀ। କାରଣ ସ୍ମାର୍ଟ ସିଟି ରାଉରକେଲା ସମେତ ରାଉରକେଲା ପୁଲିସ ଜିଲ୍ଲାର ଗ୍ରାମାଞ୍ଚଳକୁ ଜଗିବ ୮୭୧ଟି ସ୍ମାର୍ଟ କ୍ୟାମେରା। ଯେଉଁଥିରେ ରହିଛି ୨୨୦ରୁ ଊର୍ଦ୍ଧ୍ୱ ଏଆଇ କ୍ୟାମେରା। ଏହି ଉଦ୍ଦେଶ୍ୟରେ ରାଉରକେଲାର ପୁଲିସ ମୁଖ୍ୟାଳୟରେ ଆଜି ଏକ ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଆଇସିଆରକୁ ଉଦ୍‌ଘାଟନ କରିଥିଲେ।

ସୂଚନାଯୋଗ୍ୟ ଯେ 'ସିସିଟିଭି ମ୍ୟାପିଂ ପ୍ରୋଜେକ୍ଟ' ଓ 'ପ୍ଲେଜ ୟୋର୍ କ୍ୟାମେରା' ଅଭିଯାନରେ ଜନସାଧାରଣଙ୍କ ସୁରକ୍ଷା ବୃଦ୍ଧି ଓ ବୈଷୟିକ ଭିତ୍ତିକ ପୁଲିସିଂକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ରାଉରକେଲା ପୁଲିସ ପକ୍ଷରୁ ଆଜି ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଏହି ଇଣ୍ଟିଗ୍ରେଟେଡ କଣ୍ଟ୍ରୋଲ ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରକଳ୍ପ ଅଧୀନରେ ୨୨୦ଟି ସ୍ମାର୍ଟ ସିସିଟିଭି କ୍ୟାମେରା ରାଉରକେଲା ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ଥାପନ କରାଯାଇଛି। ଏଥିରେ ୧୦୦ ଟି ସୋଲାର ପାୱାର କ୍ୟାମେରା ସମେତ ଏଫ୍‌ଆର୍‌ଏସ୍ (ମୁହଁ ଚିହ୍ନଟ ବ୍ୟବସ୍ଥା) ଏବଂ ସ୍ୱୟଂଚାଳିତ ନମ୍ବର ପ୍ଲେଟ ଚିହ୍ନଟ (ଏଏନ୍‌ପିଆର୍) କ୍ୟାମେରା ଅନ୍ତର୍ଭୁକ୍ତ ରହିଛି। ଏତଦ୍‌ବ୍ୟତୀତ ମୁଖ୍ୟ ରାସ୍ତା, ବଜାର ଓ ଗୁରୁତ୍ୱପୂର୍ଣ୍ଣ ଛକମାନଙ୍କରେ ବସବାସ କରୁଥିବା ରାଉରକେଲାବାସୀଙ୍କ ରାସ୍ତାକୁ ମୁହଁ କରିଥିବା ମୋଟ ୬୫୧ଟି ସିସିଟିଭି କ୍ୟାମେରାକୁ ରାଉରକେଲା ପୁଲିସ ଅପରାଧୀ ଚିହ୍ନଟରେ ବ୍ୟବହାର କରିବ ବୋଲି ସୂଚନା ମିଳିଛି।

ଏ ନେଇ ରାଉରକେଲା ପୁଲିସ ମୁଖ୍ୟାଳୟରେ ଏସ୍‌ପି ନିତେଶ ୱାଧୱାନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ଉତ୍ସବରେ ଡିଆଇଜି ଶ୍ରୀ ରାଏ କହିଲେ ରାଉରକେଲା ସହରକୁ ପୁରା ସିସିଟିଭି ସର୍ଭିଲାନ୍ସରେ ରଖିବା ପାଇଁ ତାଙ୍କ ଏସ୍‌ପି କାର୍ଯ୍ୟକାଳ ସମୟରେ ଆରମ୍ଭ ହୋଇଥିବା ପଦକ୍ଷେପ ଆଜି ଏସ୍‌ପି ନିତେଶ ୱାଧୱାନୀଙ୍କ ପ୍ରଚେଷ୍ଟାରେ ଫଳବତୀ ହୋଇଛି। ଏହି କଣ୍ଟ୍ରୋଲ ରୁମ୍‌ରେ ଅତ୍ୟାଧୁନିକ ପ୍ରଯୁକ୍ତି ସୁବିଧା ରହିଛି। ଯାହାକି ପୂରା ସହରର ଟିକିନିଖି କାର୍ଯ୍ୟକଳାପକୁ ନଜରରେ ରଖିବ। କହିବାକୁ ଗଲେ ସହରର ରାସ୍ତାଘାଟରେ ସମସ୍ତ କାର୍ଯ୍ୟକଳାପକୁ ଏହି ଆଇସିଏସ୍ ରୁମ୍ ନିରୀକ୍ଷଣ କରିବା ସହ ନିୟନ୍ତ୍ରଣ କରିବ। ଏସ୍‌ପି ଶ୍ରୀ ୱାଧୱାନୀ କହିଲେ ବାସ୍ତବିକ ସହରବାସୀଙ୍କ ପ୍ରତୀକ୍ଷାର ଅନ୍ତ ଘଟିଛି। ସହରରେ ଶୂନ୍ୟ ଅପରାଧ ପାଇଁ ଆଜି ଶୁଭାରମ୍ଭ ହୋଇଛି ଆଇସିଏସ୍ ରୁମ୍। ଏହା ନିଶ୍ଚିତ ଭାବେ ସହରବାସୀଙ୍କ ପାଇଁ ବିଶେଷ ଉପଯୋଗୀ ହେବ। ସହରର ୨୦୦ରୁ ଊର୍ଦ୍ଧ୍ୱ ପେସାଦାର ଅପରାଧୀଙ୍କ ମୁହଁର ଡାଟାବେଶ୍ ଆଇସିଏସ୍ ସିଷ୍ଟମରେ ଅପଲୋଡ୍ କରାଯାଇଛି, ଯାହା ସେମାନେ ପୁନଃ ସହରରେ ଅପରାଧ ଘଟାଇବା ମାତ୍ରେ ଏଫ୍‌ଆର୍‌ଏସ୍ ଏଆଇ କ୍ୟାମେରା ତୁରନ୍ତ ଚିହ୍ନଟ କରି ତତ୍‌କ୍ଷଣାତ୍ ଆଇସିଆରକୁ ଅବଗତ କରିବ। ଯାହା ଫଳରେ ପିସିଆର ଭ୍ୟାନ ତୁରନ୍ତ ସେଠାରେ ପହଞ୍ଚି ଅଭିଯୁକ୍ତକୁ କାବୁ କରିନେବ। କେବଳ ଏତିକି ନୁହେଁ କୌଣସି ବ୍ୟକ୍ତିର ସନ୍ଦେହଜନକ ଗତିବିଧି, ଛିନ୍‌ତାଇ କରୁଥିବା ଯୁବକ, ଲୁଟେରା, ଡକାୟତମାନେ ଏଣିକି ଅପରାଧ କରି ଆଉ ଖସି ପାରିବେ ନାହିଁ ବୋଲି ସେ କହିଥିଲେ।

ଏହି ପ୍ରକଳ୍ପର ଏକ ବିଶିଷ୍ଟ ଦିଗ ହେଉଛି ନୂତନ 'କମ୍ୟୁନିଟି ପାର୍ଟନରସିପ ମଡେଲ' ପ୍ରକଳ୍ପରେ ୬୫୧ ଟି ଘରୋଇ ରାସ୍ତା ମୁହାଁ କ୍ୟାମେରାକୁ ମ୍ୟାପ୍ କରାଯାଇଛି। ସେଥିରୁ ୪୦୦ ରୁ ଅଧିକ କ୍ୟାମେରାର ମାଲିକ ନିଜ ଫିଡ୍ ସହଭାଗିତାରେ ଦେଇଛନ୍ତି। ଯାହାକୁ ପୁଲିସ ସର୍ଭିଲାନ୍ସ ନେଟୱର୍କ ସହିତ ସଂଯୁକ୍ତ କରାଯିବ। ଫଳରେ ପୁଲିସ ଓ ଜନସାଧାରଣଙ୍କ ଏହି ସଂଯୁକ୍ତ ପ୍ରୟାସ ସମୁଦାୟଭିତ୍ତିକ ପୁଲିସିଂ ଓ ସାମୁହିକ ସୁରକ୍ଷାର ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ ଯେ ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍‌ରେ ତଥ୍ୟ ବିଶ୍ଳେଷଣ, ଲାଇଭ୍ ମନିଟରିଂ ଓ ବିଭିନ୍ନ ପୁଲିସ ୟୁନିଟ୍‌ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରିବ। ଏଥିରେ ସିସିଟିଭି ସେଲ, ଇଆର୍‌ଏସ୍‌ଏସ୍ ସେଲ୍‌ଫ, ସ୍ମାର୍ଟ ଇ-ବିଟ୍ ସେଲ, ଭିଏଚ୍‌ଏଫ୍ ସେଲ୍‌ଫ ଓ ଟ୍ରାଫିକ ସେଲ୍‌ଫକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ସିଷ୍ଟମରେ ଥିବା ପୂର୍ବାନୁମାନର ସୁବିଧା ଅପରାଧ ପ୍ରବଣ ଅଞ୍ଚଳ ଚିହ୍ନଟ, ଯାନବାହନ ଟ୍ରାକିଂ ଓ ଆଇନ ଶୃଙ୍ଖଳା କ୍ଷେତ୍ରରେ ଶୀଘ୍ର ପ୍ରତିକ୍ରିୟା ଦେବାରେ ସହାୟକ ହେବ। ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲାବେଳେ ଅତିରିକ୍ତ ଏସ୍‌ପି ସୁଶ୍ରୀ ଶ୍ରାବଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନିରୀହ ଲୋକଙ୍କ ବ୍ୟାଙ୍କ ଖାତା ନେଇ ସାଇବର ଠକେଇ : ୫ ଗିରଫ

**ରାଉରକେଲା, ୩୦।୧୦(ସମିସ):** ଗ୍ରାମାଞ୍ଚଳର ନିରୀହ ଲୋକମାନଙ୍କ ବ୍ୟାଙ୍କ ଖାତା ନେଇ ଏହା ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ଠକେଇ କରିବା ଅଭିଯୋଗରେ ସୁନ୍ଦରଗଡ଼ ପୁଲିସ ଜିଲ୍ଲାର ଭସ୍ମା ଥାନା ପୁଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭସ୍ମା ଥାନା ଦମାବାହାଲ ଗାଁର ବିମଳ ଗରଡ଼ିଆ(୩୯), ଜାମତାଲିଆର ଭାରତ ମହାନନ୍ଦ(୩୧), ଅବନକେଲାର କଳାକାର ତାଣ୍ଡିଆ(୪୦), ହରେରାମ ଦେଓ (୫୦) ଏବଂ ଜୋଗିମାଲର ନିବାସ ନାଏକ(୨୬)। ସେମାନଙ୍କ ନିକଟରୁ ବିଭିନ୍ନ ବ୍ୟାଙ୍କର ୨୩ଟି ବ୍ୟାଙ୍କ ଖାତା ଓ ୬ଟି ମୋବାଇଲ ଫୋନ ଜବତ କରାଯାଇଛି। ସୂଚନା ମୁତାବକ ଭସ୍ମା ଥାନା ଅଞ୍ଚଳରେ କିଛି ଦୁର୍ବୃତ୍ତ ଗ୍ରାମାଞ୍ଚଳର ନିରୀହ ଅଶିକ୍ଷିତ ଲୋକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ସେମାନଙ୍କର ବ୍ୟାଙ୍କ ଖାତା, ଆଧାର କାର୍ଡ, ଏଟିଏମ୍ କାର୍ଡ, ଫଟୋ ସଂଗ୍ରହ କରି କୋଲକାତା ସମେତ କିଛି ସାଇବର ଅପରାଧୀଙ୍କୁ ବିକ୍ରି କରିଥିଲେ। ଏହାପରେ ସାଇବର ଅପରାଧୀମାନେ ଉକ୍ତ ବ୍ୟାଙ୍କ ଖାତା ଜରିଆରେ ସାଇବର ଅପରାଧ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା କାରବାର କରୁଥିଲେ। ଅର୍ଥାତ୍ ସାଇବର ଠକେଇରୁ ସଂଗୃହୀତ ଅର୍ଥକୁ ଉକ୍ତ ବ୍ୟାଙ୍କ ଖାତାରେ ଜମା କରୁଥିଲେ ଏବଂ ପରେ ଉକ୍ତ ଟଙ୍କାକୁ ଉଠାଇ ନେଉଥିଲେ। ଏହି ଘଟଣା ନେଇ ସୂଚନା ପାଇବା ପରେ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶକ୍ରମେ ସୁନ୍ଦରଗଡ଼ ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଭସ୍ମା ଥାନା ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତମାନେ ମୋଟ ୧୭ଟି ବ୍ୟାଙ୍କ ଖାତା ସଂଗ୍ରହ କରି ସାଇବର ଠକଙ୍କୁ ହସ୍ତାନ୍ତର କରିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ଏହି ସାଇବର ଅପରାଧ ଘଟଣାରେ ବହୁ ଲୋକ ଲାକ୍ଷାଧିକ ଟଙ୍କା ଠକେଇର ଶିକାର ହୋଇଥିବା ତଦନ୍ତରୁ ଜଣାପଡ଼ିଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଉଦ୍ୟମ ଚାଲିଥିବା ସୂଚନା ମିଳିଛି।




# ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ




**ରାଉରକେଲା, ୩୦।୧୦(ସମିସ):** ଅକ୍ଟୋବର ୨୭ରୁ ନଭେମ୍ବର ୨ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ଆଜି ଦୁର୍ନୀତି ନିବାରଣ ବିଭାଗ ସୁନ୍ଦରଗଡ଼ ଶାଖା ଏବଂ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ଦ୍ୱାରା ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ସୁନ୍ଦରଗଡ଼ ବିକାଶ ଭବନ ଠାରେ ଆୟୋଜିତ ହୋଇଯାଇଛି।

ଚଳିତବର୍ଷ ଏହି ଦୁର୍ନୀତି ନିବାରଣ ସପ୍ତାହ ପାଳନର ଶୀର୍ଷକ ହେଉଛି 'ଦୁର୍ନୀତି ନିବାରଣ: ଆମ ସାମୁହିକ ଦାୟିତ୍ୱ'। ଏହି ଅବସରରେ ଆଜି ସ୍ଥାନୀୟ ବିକାଶ ଭବନଠାରେ ଜିଲ୍ଲାସ୍ତରୀୟ ସଚେତନତା ସଭା ଆୟୋଜନ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲ୍ଲା ଖଣିଜ ପ୍ରତିଷ୍ଠାନର ମୁଖ୍ୟ ନିର୍ବାହୀ ଅଧିକାରୀ ସୁଷମା ବିଲୁଙ୍ଗ, ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଗଜେନ୍ଦ୍ର ନାୟକ, ଭିଜିଲାନ୍ସ ବିଭାଗ ସୁନ୍ଦରଗଡ଼ ଶାଖାର ଡିଏସ୍‌ପି ଦୈତାରୀ ଘଡ଼େଇ, ଡିଏସ୍‌ପି ଅମୃତା ନନ୍ଦିନୀ ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କ୍ରିଷ୍ଣା କୁମାରୀ ନନ୍ଦ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ସୁନ୍ଦରଗଡ଼ର ସହାୟକ ଅଧ୍ୟାପକ ନୂତନ ଖମାରୀ ଯୋଗ ଦେଇଥିଲେ।

କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲାବେଳେ କାର୍ଯ୍ୟକ୍ରମରେ ଭିଜିଲାନ୍ସ ଡିଏସ୍‌ପି ଶ୍ରୀ ଘଡ଼ାଇ ଦୁର୍ନୀତି ନିବାରଣ ସପ୍ତାହ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହିତ ସମ୍ୟକ ସୂଚନା ଦେବା ସହିତ ଦୁର୍ନୀତିକୁ ହଟାଇବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ ପ୍ରତ୍ୟେକ ସମାଜର କ୍ଷେତ୍ରରେ ଦୁର୍ନୀତିର ମୂଳୋତ୍ପାଟନ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ସମସ୍ତଙ୍କୁ ଦୁର୍ନୀତି ବିରୋଧରେ ସଜାଗ ଓ ସଚେତନ ରହିବାକୁ କହିଥିଲେ। ସେହିଭଳି ମୁଖ୍ୟ ବକ୍ତା ଶ୍ରୀ ଖମାରୀ ଦୁର୍ନୀତି ର ସ୍ୱରୂପ ଓ ପ୍ରକାର ଗୁଡ଼ିକୁ ଉଦାହରଣ ମାଧ୍ୟମରେ ବ୍ୟାଖ୍ୟା କରିଥିଲେ। ଏହି କାର୍ଯ୍ୟକ୍ରମରେ ଭିଜିଲାନ୍ସ ସପ୍ତାହ ପାଳନ ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଭିଜିଲାନ୍ସ ଇନ୍‌ସପେକ୍ଟର ବୃନ୍ଦାବତୀ ତାଣ୍ଡି ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସ୍ୱାଗତିକା ପଣ୍ଡା ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱୟଂ ସହାୟକ ଦଳର ସଦସ୍ୟ, ଆଶା କର୍ମୀ, ବରିଷ୍ଠ ନାଗରିକ, ଭିଜିଲାନ୍ସ ବିଭାଗର କର୍ମଚାରୀ, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଆଦିର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ଆଜି ସକାଳେ ଡିଆରଡିଏ ଛକ ଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ଏକ ଭିଜିଲାନ୍ସ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ର ଛାତ୍ରୀ, ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଆଶା କର୍ମୀ ଆଦି ସାମିଲ ହୋଇଥିଲେ ଏବଂ ଭିଜିଲାନ୍ସ ସଚେତନତାର ବାର୍ତ୍ତା ଦେଇ ସହର ମଧ୍ୟରେ ପରିକ୍ରମା କରିଥିଲେ।

## କୃଷି ଉତ୍ପାଦକତା ବୃଦ୍ଧି ନେଇ ଏନ୍‌ଆଇଟି ରାଉରକେଲା ଓ ତୁର୍କୀ ଗବେଷକଙ୍କ ଅନୁଧ୍ୟାନ

**ରାଉରକେଲା, ୩୦।୧୦(ସମିସ):** ଏନ୍‌ଆଇଟି ରାଉରକେଲାର ଗବେଷକମାନେ, ଅଜରବାଇଜାନ ରାଜ୍ୟ ବିଶ୍ୱବିଦ୍ୟାଳୟ, ଅର୍ଥଶାସ୍ତ୍ର ବିଭାଗ (ତୁର୍କୀ) ସହିତ ମିଳିତ ଭାବେ ଡିଜିଟାଲ୍ ଉପକରଣ ଓ ନବୀକରଣଯୋଗ୍ୟ ଶକ୍ତି ବିକାଶଶୀଳ ଦେଶଗୁଡ଼ିକରେ ପ୍ରଭାବିତ କୃଷି ଉତ୍ପାଦକତା ବିଷୟରେ ଅନୁସନ୍ଧାନ କରିଛନ୍ତି। ଭାରତ ସମେତ ୨୭ଟି ବିକାଶଶୀଳ ଦେଶର ଏକ ଅଧ୍ୟୟନରେ, ଗବେଷକମାନେ ବିଶ୍ୱରେ ଦ୍ରୁତ ଗତିରେ ପରିବର୍ତ୍ତିତ ଇଣ୍ଟରନେଟ୍ ବ୍ୟବହାର, ମୋବାଇଲ୍ ସଂଯୋଗ, ନବୀକରଣଯୋଗ୍ୟ ଶକ୍ତି, କୃଷି ଜମି ଓ ସାର ବ୍ୟବହାର କିପରି କୃଷି ଉତ୍ପାଦିକତାକୁ ପ୍ରଭାବିତ କରିଥାଏ ତାହା ଉପରେ ଆଲୋକପାତ କରିଛନ୍ତି। ଏନ୍‌ଆଇଟି ରାଉରକେଲାର ମାନବିକତା ଏବଂ ସାମାଜିକ ବିଜ୍ଞାନ ବିଭାଗର ପ୍ରଫେସର ନାରାୟଣ ସେଠୀ ଏବଂ ତାଙ୍କ ରିସର୍ଚ୍ଚ ସ୍କଲାର୍ ଲିଟୁ ସେଠୀ, ଅଜରବାଇଜାନ ରାଜ୍ୟ ବିଶ୍ୱବିଦ୍ୟାଳୟର (ତୁର୍କୀ) ର ଡକ୍ଟର ଉଗୁର କୋରକୁଟ୍ ପତା ଓ ଡକ୍ଟର ସେଲିନ୍ କାର୍ଲିଲର ପତା ପ୍ରତିଷ୍ଠିତ ଜର୍ଣ୍ଣାଲ୍ ଟେକ୍ନୋଲୋଜି ଆନାଲିସିସ୍ ଆଣ୍ଡ ଷ୍ଟ୍ରାଟେଜିକ୍ ମ୍ୟାନେଜମେଣ୍ଟରେ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ କୃଷି କ୍ଷେତ୍ରରେ, ଇଣ୍ଟରନେଟ୍ ଖାଦ୍ୟ ଉତ୍ପାଦନ, ବିକ୍ରୟ ଓ ବ୍ୟବହାର ପଦ୍ଧତିକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଛି। ଚାଷୀମାନେ ଏବେ ସେମାନଙ୍କର ଫସଲ ବିକ୍ରୟ କରିବା ପୂର୍ବରୁ ବଜାର ମୂଲ୍ୟ ଜାଣି ପାରୁଛନ୍ତି, ଅନ୍‌ଲାଇନ୍‌ରେ ସାର ମୂଲ୍ୟ ତୁଳନା କରିପାରିବେ ଏବଂ ସ୍ଥାୟୀ କୃଷି କୌଶଳ ବିଷୟରେ ଶିଖିପାରିବେ।



ଅନେକ ଗ୍ରାମୀଣ ସମୁଦାୟରେ, ଏକ ସରଳ ମୋବାଇଲ୍ ଫୋନ୍ ଚାଷୀ ଓ ବଜାର ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରୁଛି, ସ୍ୱଚ୍ଛତା, ଦର ଆକଳନ କରିବାର କ୍ଷମତା ଏବଂ ସାମଗ୍ରିକ ଦକ୍ଷତାକୁ ଉନ୍ନତ କରୁଛି। ନବୀକରଣଯୋଗ୍ୟ ଶକ୍ତି ପ୍ରତି ବର୍ଦ୍ଧିତ ପରିବର୍ତ୍ତନ ସହିତ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଧାରା ମଧ୍ୟ କୃଷି ପଦ୍ଧତିକୁ ପରିବର୍ତ୍ତନ କରୁଛି। ସୌରଚାଳିତ ଜଳସେଚନ ବ୍ୟବସ୍ଥା କ୍ଷୁଦ୍ର ଚାଷୀଙ୍କୁ ଅନିୟମିତ ବିଦ୍ୟୁତ୍ ଯୋଗାଣର ଚ୍ୟାଲେଞ୍ଜକୁ ଦୂର କରିବାରେ ସମ୍ଭାବ୍ୟ ସାହାଯ୍ୟ କରୁଛି।

## ୪ ବାଇକ୍ ଜବତ : ୨ ଭାଇ ଗିରଫ

**ରାଉରକେଲା, ୩୦।୧୦(ସମିସ):** ବାଇକ୍ ଚୋରି କରିବା ଅଭିଯୋଗରେ ସେକ୍ଟର -୭ ଥାନା ପୁଲିସ ସେକ୍ଟର -୬ ଏକତା କ୍ଲବ୍ ବସ୍ତିର ଦୁଇ ଭାଇ ଛୋଟୁ ନାଗ (୩୦) ଓ କାର୍ତ୍ତିକ ନାଗ (୨୬)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ୪ଟି ବାଇକ୍ ଜବତ କରାଯାଇଛି। ପୁଲିସ୍ ସୂଚନା ମୁତାବକ, ଗତ ୨୮ ତାରିଖରେ ସେକ୍ଟର -୧୫, ଡି/୭୫ର ନାଗେଶ୍ୱର ନାଏକ ସେକ୍ଟର -୭ ଭିଏସଏସ ପାଲିରେ ରହୁଥିବା ସାଙ୍ଗ ଘରକୁ ଛଟ ପାଳନ ପାଇଁ ଯାଇଥିଲେ। ଘର ସମ୍ମୁଖରେ ବାଇକ୍ ପାର୍କିଂ କରିଥିବା ବେଳେ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ଚୋରି କରି ନେଇଥିବା ସ୍ଥାନୀୟ ଲୋକେ କହିଥିଲେ। ତୁରନ୍ତ ଖୋଜାଖୋଜି କରି ନପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ଗିରଫ ଦୁଇ ଭାଇଙ୍କୁ ପଚରା ଉଚରା ପରେ ଉକ୍ତ ଦିନ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରୁ ମଧ୍ୟ ବାଇକ୍ ଚୋରି କରିଥିବା ଜଣାପଡ଼ିଥିଲା। ଏହାସହ ୨୦୧୮ ମସିହାରେ ସେକ୍ଟର -୭ ଥାନାରେ ଚୋରି ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

## ଜଳ ଯୋଗାଣ ସମସ୍ୟା ନେଇ ସ୍ମାରକପତ୍ର

**ରାଉରକେଲା, ୩୦।୧୦(ସମିସ):** ସ୍ଥାନୀୟ ଛେଣ୍ଡ କଲୋନୀସ୍ଥିତ କଳିଙ୍ଗ ବିହାରରେ ପାନୀୟ ଜଳ ସମସ୍ୟା ନେଇ ୱାଟ୍‌କୋ ପ୍ରବନ୍ଧକଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି ସ୍ଥାନୀୟ ବାସିନ୍ଦା। ସମାଜସେବୀ ତଥା ଅବସରପ୍ରାପ୍ତ ପୁଲିସ ଅଧିକାରୀ କୀର୍ତ୍ତନ ସାମଲ ଓ ଅମିୟ କୁମାର ମହାନ୍ତିଙ୍କ ନେତୃତ୍ୱରେ କଳିଙ୍ଗ ବିହାରର ବହୁ ବାସିନ୍ଦା ରାଉରକେଲା ୱାଟ୍‌କୋ ପ୍ରବନ୍ଧକଙ୍କୁ ସାକ୍ଷାତ କରି ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ। ସେମାନେ ଦର୍ଶାଇଛନ୍ତି ଯେ ୱାଟ୍‌କୋ ପକ୍ଷରୁ କଳିଙ୍ଗ ବିହାରରେ କରାଯାଉଥିବା ପାନୀୟ ଜଳ ଯୋଗାଣ ଯଥେଷ୍ଟ ହେଉନାହିଁ। ନିର୍ଦ୍ଧାରିତ ସମୟ ମୁତାବକ ଜଳ ଯୋଗାଣ ହେଉନଥିବାବେଳେ ଜଳରେ ବିଭିନ୍ନ ପ୍ରକାର ଅଳିଆ ଗୁଣ୍ଡ ଆସୁଛି। ଯାହାକି ପାନୀୟ ଯୋଗ୍ୟ ନୁହେଁ। କୌଣସି ଅଭିଯୋଗ କଲେ ତୁରନ୍ତ ପଦକ୍ଷେପ ନିଆଯାଉ ନାହିଁ। ଏ ସମସ୍ତ ସମସ୍ୟା ସମାଧାନ ପାଇଁ ପ୍ରତିନିଧି ଦଳ ୱାଟ୍‌କୋ ପ୍ରବନ୍ଧକଙ୍କୁ ସ୍ମାରକପତ୍ର ପ୍ରଦାନ କରି ଦାବି କରିଥିଲେ। ତେବେ ଆଗାମୀ ଏକ ମାସ ମଧ୍ୟରେ ଏହି ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ କରିବାକୁ ୱାଟ୍‌କୋ ପ୍ରବନ୍ଧକ ପ୍ରତିଶ୍ରୁତି ଦେଇଥିଲେ। ଏହାସହ ଆସନ୍ତା ୨ ମାସ ମଧ୍ୟରେ ନୂତନ ଡିଜିର ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଶରତ ଚନ୍ଦ୍ର ଆଚାର୍ଯ୍ୟ, ରବିନାରାୟଣ ସିଂହ, ସୁଦୀପ କୁମାର ମହାନ୍ତି, ଗୋପବନ୍ଧୁ ରାୟ, ନରହରି ନାୟକ, ପ୍ରତାପ ଚନ୍ଦ୍ର ରଥ, ରମେଶ ଚନ୍ଦ୍ର ସିଂହ, ପ୍ରକାଶ ମହାନ୍ତି, ଜି. ବାରିକ, ଅହଲ୍ୟା ପାଣିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



## ଭାଗବତ ପାରାୟଣ ଓ ଜ୍ଞାନ ଯଜ୍ଞର ଷଷ୍ଠ ସନ୍ଧ୍ୟା



**ରାଉରକେଲା, ୩୦।୧୦(ସମିସ):** ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ସାରନଗରୀ ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଭାଗବତ ପାରାୟଣ ଓ ଜ୍ଞାନ ଯଜ୍ଞ କାର୍ଯ୍ୟକ୍ରମର ଆଜି ୬ଷ୍ଠ ସଂଧ୍ୟାରେ ରାଉରକେଲା ପୁଲିସ ଜିଲ୍ଲା ଜୋନ - ୨ ଡିଏସପି ଅମରେନ୍ଦ୍ର ଷଣ୍ଢ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଏପରି ଏକ ଭବ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପାଇଁ ଆୟୋଜକମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ରାଷ୍ଟ୍ରୀୟ ଶ୍ରୀ ଜଗନ୍ନାଥ ମହିମା ପ୍ରଚାରକ ପ୍ରବକ୍ତା ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ ଡିଏସପି ଶ୍ରୀ ଷଣ୍ଢଙ୍କୁ ପୁଷ୍ପ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ ଉପସ୍ଥିତ ଥିବା ବେଳେ ବରିଷ୍ଠ ସଦସ୍ୟ ସୁଭାଷ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ସାରନଗରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସାଧାରଣ ସମ୍ପାଦକ ସୌମେନ୍ଦ୍ର ବେହୁରିଆ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ଭୋଳ, ରାମଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦକ ଦିଲିପ କୁମାର ମଲ୍ଲିକ, ଶଶାଙ୍କ ସ୍ୱାଇଁ ଏବଂ କୋଷାଧ୍ୟକ୍ଷ ଉତ୍ତମ କୁମାର ଜେନା, କାର୍ଯ୍ୟନିର୍ବାହୀ ସଦସ୍ୟ ବିପିନ କୁମାର ଲେଙ୍କା, ଜ୍ୟୋତି ପ୍ରକାଶ ମହାନ୍ତି, ଶ୍ରୀଚରଣ ସାମଲ, ଗୋପିନାଥ ଦାସଙ୍କ ସମସ୍ତ ଟ୍ରଷ୍ଟି ସଭ୍ୟ, ସେବାୟତ, ପୂଜକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୁଣି ଜୋର୍ ଧରିଲା ବିମାନ ବନ୍ଦର ପ୍ରସଙ୍ଗ

# ଆନ୍ଦୋଳନକୁ ଓହ୍ଲାଇବ ବିମାନ ବନ୍ଦର କ୍ରିୟାନୁଷ୍ଠାନ କମିଟି

ରାଉରକେଲା, ୩୦।୧୦(ସମିସ)




ଦୀର୍ଘଦିନ ଧରି ବିମାନ ବନ୍ଦର ପ୍ରସଙ୍ଗରେ ହୋଇଆସୁଥିବା ଦାବି ପ୍ରତି କେହି କର୍ଣ୍ଣପାତ କରୁନଥିବାରୁ ପୁଣି ବିମାନ ବନ୍ଦର କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛି। ବିମାନ ବନ୍ଦର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରାଉରକେଲା ବିମାନବନ୍ଦର ସମ୍ମୁଖରେ ପ୍ରତିବାଦ କରାଯାଇଛି। ଡବଲ ଇଞ୍ଜିନ ସରକାର ସତ୍ତ୍ୱେ ରାଉରକେଲା ବିମାନ ବନ୍ଦର କୋମାରେ ପଡ଼ିରହିବା ଘଟଣା ସହରର ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛଇ। କମିଟି ପକ୍ଷରୁ ରାଉରକେଲା ବିମାନ ବନ୍ଦରକୁ ୪ସି ବର୍ଗରେ ଉନ୍ନତୀକରଣ ସହିତ ରନ୍‌ୱେ'କୁ ୮ ହଜାରରୁ ୧୦ହଜାର ଫୁଟ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବା, ସମସ୍ତ ପାଣିପାଗ କାର୍ଯ୍ୟ ପାଇଁ ଆଇଏଲ୍‌ଏସ୍, ଏନ୍‌ଏଲ୍‌ଏସ୍ ସ୍ଥାପନ ଏବଂ ସେଲ୍‌ଫରୁ ଏଏଆଇକୁ ବିମାନ ବନ୍ଦର ମାଲିକାନା ହସ୍ତାନ୍ତର ପାଇଁ ଦାବି କରାଯାଇଛି। ୧ଜାନୁଆରୀ ୨୦୨୫ରୁ ଅନିର୍ଦ୍ଦିଷ୍ଟ କାଳ ଧାରଣା ଓ ପ୍ରତିବାଦ ପରେ ୧ ଫେବୃଆରୀ ୨୦୨୫ରେ ମୁଖ୍ୟମନ୍ତ୍ରୀଙ୍କ ରାଉରକେଲା ଗସ୍ତ ସମୟରେ ରାଉରକେଲାରେ ଏକ ପୂର୍ଣ୍ଣାଙ୍ଗ ବିମାନ ବନ୍ଦର କରାଯିବାର ଘୋଷଣାକୁ ୯ ମାସ ବିତିଗଲା। ତଥାପି ବିମାନ ବନ୍ଦରର କୌଣସି ଆଖିଦୃଶିଆ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ ବା ଅଗ୍ରଗତି ହୋଇନାହିଁ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦ୍ୱାରା ରାଉରକେଲା ବିମାନ ବନ୍ଦର ମାଲିକାନା ହସ୍ତାନ୍ତରକୁ ତ୍ୱରାନ୍ୱିତ କରିବା ପାଇଁ ବାରମ୍ବାର ପ୍ରତିଶ୍ରୁତି ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସାଂସଦ ତଥା କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମଙ୍କ ଭୂମିକା ଏ ନେଇ ଶୂନ୍ୟ କହିବା ହାସ୍ୟାସ୍ପଦ ବୋଲି କୁହାଯାଇଛି। କମିଟି ଚେତାବନୀ ଦେଇଛି ଯେ, ଯଦି ସରକାର ରାଉରକେଲାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ ନ କରନ୍ତି, ତେବେ କମିଟି ପକ୍ଷରୁ ୧ ଜାନୁଆରୀ ୨୦୨୬ରୁ ପୁଣି ବଡ଼ଧରଣର ପ୍ରତିବାଦ କରାଯିବ। ସେମାନେ ଦର୍ଶାଇଛନ୍ତି ଯେ ସମାନ ପରିସ୍ଥିତିର ସମ୍ମୁଖୀନ ହୋଇଥିବା ଝାରସୁଗୁଡ଼ା ବିମାନ ବନ୍ଦର ସରକାରୀ ହସ୍ତକ୍ଷେପ ପରେ ସଫଳତାର ସହ ଷ୍ଟାର ଏୟାର ଏବଂ ଇଣ୍ଡିଗୋକୁ ସ୍ଥାନାନ୍ତରିତ ହୋଇଛି। ଯାହାର ସେବା ପୂର୍ବ ଏବଂ ନୂତନ ରୁଟ୍ ଉଭୟରେ ଉପଲବ୍ଧ।

ଉତ୍ତରପ୍ରଦେଶ ଏବଂ ଝାରସୁଗୁଡ଼ା ସହିତ ତୁଳନା କରି କମିଟି ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି ଯେ, ବହୁତ ବଡ଼ କ୍ଷେତ୍ରଫଳ ସହିତ ଉତ୍ତର ପ୍ରଦେଶରେ ୨୪ଟି ବିମାନ ବନ୍ଦର ଅଛି। ଯାହା ମଧ୍ୟରୁ ୧୭ଟି କାର୍ଯ୍ୟକ୍ଷମ ଅଛି। ଅନେକ ବିମାନ ବନ୍ଦର ନିକଟବର୍ତ୍ତୀ ଦୂରତା ୬୦, ୯୦ ଓ ୧୨୦ କିମି ମଧ୍ୟରେ। ରାଉରକେଲା ଏବଂ ଝାରସୁଗୁଡ଼ା ଶିଳ୍ପ କେନ୍ଦ୍ର ଯାହା ଘରୋଇ ବିମାନ ଯାତାୟାତ ପାଇଁ ଯଥେଷ୍ଟ ଆବଶ୍ୟକତା ରହିଛି। ଉଭୟ ସହର ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ବୃଦ୍ଧି କରିବା ପାଇଁ ଉନ୍ନତ ବିମାନ ସଂଯୋଗ ପାଇବା ଉଚିତ।

ଆର୍‌ଟିଆଇ ତଥ୍ୟରେ ଉଦ୍ଧୃତ କରି ଦର୍ଶାଇଛନ୍ତି ଯେ, ରାଉରକେଲା ବିମାନ ବନ୍ଦରରେ ନିରନ୍ତର ୮୫-୯୫ ପ୍ରତିଶତ ଅକ୍ୟୁପାନ୍ସି ରେକର୍ଡ ହେଉଛି। ଯାହା ଉନ୍ନତ ବିମାନ ସେବାର ଆବଶ୍ୟକତାକୁ ସ୍ପଷ୍ଟ କରେ। ଏଣୁ ରାଉରକେଲା ବିମାନ ବନ୍ଦର କ୍ରିୟାନୁଷ୍ଠାନ କମିଟି ଚେତାବନୀ ଦେଇଛନ୍ତି ଯେ, ଯଦି ସେମାନଙ୍କର ଦାବିକୁ ଅଣଦେଖା କରାଯାଏ, ତେବେ ସେମାନେ ସେମାନଙ୍କର ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ବାଧ୍ୟ ହେବେ। ଏହି ଅବସରରେ କମିଟିର ପ୍ରମୁଖ ସଦସ୍ୟ ଦିଗମ୍ବର ମହାନ୍ତି, ପଶୁପତି ଚାଟାର୍ଜୀ, ଭାରତ ବାଇ, ରଞ୍ଜନ ମହାନ୍ତି, ସୁପ୍ରତୀକ ମିଶ୍ର, ସୁମନ ଦତ୍ତ, ରଞ୍ଜନ ଲେଙ୍କା, ଚକ୍ରାନ୍ତ ଜେନା, ଗୋପାଳ ଜେନା, ନଳିନୀ ଧର, ଉତ୍ତମ ସାମଲ, ଅମୂଲ୍ୟ ବରାଳଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।

# ଟାନୱାଟ ଜଙ୍ଗଲରେ ହାତୀପଲ

**ନୂଆପଡ଼ା, ୩୦ ।୧୦(ସମିସ):** ଗୋଟିଏ ପଟେ ନିର୍ବାଚନୀ ତାତି ବଢ଼ି ଚାଲିଥିବା ବେଳେ ଅନ୍ୟପଟେ ହାତୀପଲ କ୍ଷେତରେ ମାଡି ଚାଲିଛନ୍ତି ।ଜିଲ୍ଲା ସଦର ମହକୁମାଠାରୁ ମାତ୍ର ୭କିମି ଦୂର ଟାନୱାଟ ଗାଁ ଅଞ୍ଚଳରେ ୯ ଟିକିଆ ହାତୀପଲ ଘୁରି ବୁଲୁଥିବା ବେଳେ ଚାଷୀମାନଙ୍କର ବହୁ ଧାନ ଫସଲ ନଷ୍ଟ କରୁଥିବା ଦେଖାଯାଇଛି । ଗାଁର ନୂଆପଡ଼ା ଥାନା ଟାନୱାଟ ପଞ୍ଚାୟତ ଦିଆନମୁଣ୍ଡା ଗାଁର ଧନରାଜ ଶବର, ମିଟୁ ରାମ ଶବର, ଠାକୁର ରାମ ଶବର, ଅନୁକ୍ ଶବର, ଜୟର ରାମ ଶବର, ହରି ଶବର, ଲକ୍ଷ୍ମଣ ଶବର, ଡମ୍ବୁ ଶବରଙ୍କ ଧାନ ବିଲରେ ପଶି ନଷ୍ଟ କରିବା ସହ ଧାନ ଖାଇଛନ୍ତି ।ବୁଧବାର ସଂଧ୍ୟାରେ ସ୍ଥାନୀୟ ସୁନାବେଡା ଜଙ୍ଗଲ ଅଞ୍ଚଳରୁ ୯ ଟିକିଆ ହାତୀ ପଲ ଆସିଥିଲେ । ଟାନୱାଟ ଗାଁ ଦେଇ କୁରୁମ ପୁରୀ ଗ୍ରାମ୍ୟ ଜଙ୍ଗଲକୁ ପ୍ରବେଶ କରିଥିବା ନୂଆପଡ଼ା ରେଞ୍ଜର ବିନିତା ଭୋଇ କହିଛ ।ସପୃକ୍ତ ଅଞ୍ଚଳରେ ସତର୍କତା ଅବଲମ୍ବନ କରାଯାଇଛି ବୋଲି କହିଛନ୍ତି ।



## କେସିଙ୍ଗା ସହରରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି

# ସିସିଟିଭି ଲାଗିବା ଦାବି ଜୋର୍ ଧରୁଛି

**କେସିଙ୍ଗା, ୩୦ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଅଞ୍ଚଳରେ ବୃଦ୍ଧି ପାଉଛି ଚୋରି ଡକାୟତି ଘଟଣା ବୃଦ୍ଧି ପାଇବାରେ ଲାଗିଛି । ପୁଲିସ ସନ୍ଧାନୀ କୁକୁର, ସାଇନଟିଫିକ ଟିମ୍ ଆସି ତଦନ୍ତ କରୁଛନ୍ତି କିନ୍ତୁ ଚୋର ଧାରାପଡୁ ନାହିଁ । ସ୍ଥାନୀୟ ପୁଲିସ ପକ୍ଷରୁ ଦିନ ରାତି ପାଟ୍ରୋଲିଂ ହେଉଥିଲେ ମଧ୍ୟ ଚୋରମାନେ ଖାତିର କରୁନାହାନ୍ତି ।କେତେବେଳେ ରାସ୍ତା କଡ଼ରେ ଥିବା ଦୋକାନର ସଟର ତାଡି ଦୋକାନ ଚୋରି ହେଉଛି ତ ସହର ଭିତରେ ଥିବା ବଡ଼ବଡ଼ ଘରର ଝରକା ଭାଙ୍ଗି ଚୋରି ଡକାୟତି ହେଉଛି ।ବିଗତ ଦିନରେ କେସିଙ୍ଗା ମାଁ ଅମ୍ବେ ମନ୍ଦିରରୁ ଗହଣା ଚୋରି ହେଉ କିମ୍ବା ଏନ୍ଏଚ ୨୬କଡ଼ରେ ଥିବା ଜଣେ ବ୍ୟବସାୟୀଙ୍କ ଘରୁ ଚୋରି ହେଉ କିମ୍ବା ଗତ ୧୫ ଦିନ ତଳେ ସହର ମଧ୍ୟ ଭାଗରେ ଥିବା ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷାଙ୍କ ଘରୁ ଚୋରି ହେଉ ଆଜି ପର୍ଯ୍ୟନ୍ତ ପୁଲିସ ଚୋରମାନଙ୍କୁ ଧରିପାରୁନି ।କେବଳ ତଦନ୍ତରେ ବର୍ଷ ବର୍ଷ ବିତି ଯାଉଛି ।ଅନ୍ୟପଟେ ଜିଲ୍ଲାର ପ୍ରମୁଖ ସହର ଭବାନୀପାଟଣା, ଜୁନାଗଡ଼ ଓ ଧର୍ମଗଡ଼ ସହରରେ ସିସିଟିଭି ଲାଗିସାରିଥିବା ବେଳେ କେସିଙ୍ଗାରେ ବର୍ତ୍ତମାନ ପର୍ଯ୍ୟନ୍ତ ସିସିଟିଭି ଲାଗୁନାହିଁ ଯଦି ସହରର ମୁଖ୍ୟ ଛକମାନଙ୍କରେ ସିସିଟିଭି ଲାଗିଲେ କିଛି ନ ହେଲେ ମଧ୍ୟ ରାତିରେ ଚୋରି କରୁଥିବା ଚୋର ଡକାୟତଙ୍କର ଗତି ବିଧି ଉପରେ ନଜର ରଖିବାକୁ ସୁବିଧା ହୁଅନ୍ତା । କେସିଙ୍ଗାରେ କୌଣସି ବାହାର ରାଜ୍ୟର ଚୋର ଆସି ଚୋରି କରି ରାତାରାତି ଟ୍ରେନରେ ପଳାଇ ଯିବାର ସୁବିଧା ଥିବାରୁ ସହରରେ ଆନ୍ତଃରାଜ୍ୟ ଚୋର ଚୋରି ଟ୍ରେନରେ ବସି ପଳାଇଯାଉଥିବା ମଧ୍ୟ ସନ୍ଦେହ କରାଯାଉଛି ।ଅନ୍ୟପଟେ କେସିଙ୍ଗା ସହରରେ ସିସିଟିଭି ଲାଗିବ ବୋଲି କିଛି ମାସ ତଳେ କିଛି ସରକାରୀ ଏକ୍ସପର୍ଟ ଆସି ସ୍ପଟ୍ ସିଲେକସନ କରି ଚାଲିଯାଇଥିଲେ ଯାହା ସେତେବେଳେ ଗଣମାଧ୍ୟମରେରେ ମଧ୍ୟ ପ୍ରକାଶ ପାଇଥିଲା ।ଆମେ ଉକ୍ତ ବିଷୟ ଉପରେ କେସିଙ୍ଗା ଏନ୍ଏସି ନିର୍ବାହୀଯନ୍ତ୍ରୀ ନାରାୟଣ ମହାରଣାଙ୍କୁ ପଚାରିବାରୁ ସେ ସ୍ପଟ୍ ସିଲେକସନ ମାନିଥିଲେ ଓ କେସିଙ୍ଗା ଏନ୍ଏସି ପକ୍ଷରୁ ସହରରେ ସିସିଟିଭି ଲାଗିବା ପାଇଁ ପ୍ରାୟ ୬୦ ଲକ୍ଷ ଟଙ୍କାର ବ୍ୟୟଅଟକଳ ସରକାରଙ୍କ ପାଖକୁ ପଠାଯାଇଛି ।ସରକାରଙ୍କ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସୂଚନା ମିଳିନାହିଁ । ଯଦି ସରକାରଙ୍କ ପକ୍ଷରୁ ଗ୍ରୀନ ସିଗ୍ନାଲ ମିଳିଲେ ଯଥା ଶୀଘ୍ର ସହରରେ ସିସିଟିଭି ଲାଗିବ ବୋଲି ପ୍ରକାଶ କରିଥିଲେ । ସେ ଯାହାବି ହେଉ ସହରରେ ଚୋରି ଡକାୟତି ଦିନକୁ ଦିନ ବୃଦ୍ଧି ପାଉଥିବାରୁ କେସିଙ୍ଗା ରେ ଯଥା ଶୀଘ୍ର ସିସିଟିଭି ଲଗାଇବା ପାଇଁ ସାଧାରଣରେ ଜୋରଦାର ଦାବି ହେଉଛି ।

## ସାମାଜିକ ବାସନ୍ଦର ଭିନ୍ନ ଏକ ଦୃଶ୍ୟପଟ

# କାନ୍ଧରେ ଶବ ବୋହିଲେ ତିନି ଯୁବତୀ

**ଲାଞ୍ଜିଗଡ଼, ୩୦ ।୧୦(ସମିସ)**

ଆଧୁନିକ ଯୁଗ, ଶିକ୍ଷା ସଂସ୍କୃତି ଏବଂ ଉଚ୍ଚତର ସଭ୍ୟ ସମାଜ ସବୁ ଯେମିତି ଏବେ ବି କୁସଂସ୍କାର ଭିତରେ କେଉଁଠି ନା କେଉଁଠି ମୁକୁଳି ପାରୁନାହିଁ । ଲୋକଙ୍କ ମନରେ ଗୁଡେଇ ହୋଇ ରହିଛି ବିଶ୍ୱାସ ଅବିଶ୍ୱାସର ବୁଢିଆଣି ଜାଲ । ମଣିଷଙ୍କ ନିକଟରୁ କେବେ ଦୂର ହେବ ଏଭଳି ସାମାଜିକ ବ୍ୟାଧି । ସାମାଜିକ କଟକଣାର ପଥରେ ଅନେକ ଝୁଣ୍ଟି ପଡୁଛନ୍ତି ।ଏହି ଭେଦଭାବ, କଟକଣା ଏତେ ମଜବୁତ ଯେ ଆଜିର ଶିକ୍ଷା, ସଂସ୍କାର ବି ସେସବୁ ଆଗରେ ତୁଚ୍ଛ ହୋଇଯାଉଛି । ଜୀବନ ଥିବା ମଣିଷ ତ ଏହି ସାମାଜିକ ଭେଦଭାବ, କଟକଣା ଓ ବାସନ୍ଦର ଶିକାର ହୋଇ ଯାହା ଯନ୍ତ୍ରଣା ଭୋଗୁଛି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ମଣିଷର ମୃତ୍ୟୁ ପରେ ମଧ୍ୟ ଶବ ବି ଏଥିରୁ ବାଦ ପଡୁନାହିଁ । ଏପରି ଏକ ଦୁଃଖଦ ଘଟଣା କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ରେ ଦେଖିବାକୁ ମିଳିଛି ।ମୃତ୍ୟୁର ଦୀର୍ଘ ୮ ଘଣ୍ଟା ପର୍ଯ୍ୟନ୍ତ ଶବକୁ କାନ୍ଧ ଦେବାକୁ କେହି ନବାହାରିବା ଘଟଣା ସାମାଜିକ ବାସନ୍ଦର ଭୟାବହ ଚିତ୍ରକୁ ଦର୍ଶାଉଛି । ଏପରିକି ଜାତିଭାଇ ସମସ୍ତେ ଶବ ବୋହିବାକୁ ମୁହଁ ଫେରାଇ ନେବା ପରେ ତିନିଜଣ ସମ୍ପର୍କୀୟ ଯୁବତୀ ଆଗେଇ ଆସି ଶବକୁ କାନ୍ଧ ଦେଇଛନ୍ତି ।ଯେଉଁଠି ମହିଳାଙ୍କୁ ମଶାଣୀକୁ ଯିବା ମନା ହୋଇଥାଏ, ସେଇଠି ଏହି ତିନି ଭଉଣୀ ଉଦାହରଣ ସୃଷ୍ଟି କରିଥିବା ସାରା ରାଜ୍ୟରେ ଚର୍ଚ୍ଚା ହେଉଛି । ମୃତ ମହେନ୍ଦ୍ର ଗତ ୬ ମାସ ପୂର୍ବେ ଦୁର୍ଘଟଣା ଘଟି ଅଣ୍ଟାରେ ଖଞ୍ଜା ଖସିଯାଇ ଘରେ ରହି ଚିକିତ୍ସିତ ହେଉଥିବା ବେଳେ ବୁଧବାର ତାଙ୍କର ମୃତ୍ୟୁ ଘଟିଥିଲା । ୧୫ ବର୍ଷ ପୂର୍ବେ ବାପା ଯୁଧେଷ୍ଠି ଦଳେଇଙ୍କ ମୃତ୍ୟୁ ଘଟିଥିବା ବେଳେ ଗତବର୍ଷ ମାଆ ସରସ୍ୱତୀ ଦଳେଇଙ୍କ ମୃତ୍ୟୁ ଘଟିଥିଲା । ସେତେବେଳେ ମଧ୍ୟ ଶବ ସଂସ୍କାର ପାଇଁ ସମାଜର କୈଣସି ବ୍ୟକ୍ତି ଆଗେଇ ଆସିନ ଥିବା ଦେଖା ଦେଇନଥିଲା । କିନ୍ତୁ ସବୁଠାରୁ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା ପରିବାରର ବଡ଼ପୁଅ ମହେନ୍ଦ୍ର ଦଳେଇଙ୍କ ମୃତ୍ୟୁ ପରେ ବୁଧବାର ସକାଳ ୮ଟାରେ ମୃତ୍ୟୁ ପରେ ତାଙ୍କ ବଡ଼ବାପା ଲିଙ୍ଗରାଜ ଦଳେଇ ସମ୍ପର୍କୀୟ ବଡ ଭାଇ ପୂର୍ଣ୍ଣଚନ୍ଦ୍ର ଦଳେଇ ଓ ଅନ୍ୟମାନେ ଶବ ସଂସ୍କାର ପାଇଁ ଜାତିଭାଇଙ୍କୁ ନେହୁରା ହୋଇଥିବା କହିଛନ୍ତି । ତେବେ ସାମାଜିକ କଟକଣା ଭୟରେ କେହି ବାହାରି ନଥିବା ବେଳେ ଶେଷରେ ସମ୍ପର୍କୀୟ ବଡଭାଇ ପୂର୍ଣ୍ଣଚନ୍ଦ୍ର ଦଳେଇଙ୍କ ତିନି ଝିଅ ପ୍ରତିମା, ମନୋରମା ଓ ବର୍ଷାଙ୍କ ସହିତ ରମେଶ ଦଳେଇ ସମେତ ଚାରିଜଣ ଶବକୁ କାନ୍ଧରେ ବୋହି ଶ୍ମଶାନକୁ ନେଇଥିବା ବେଳେ କିଛି ସମ୍ପର୍କୀୟ ସାଙ୍ଗରେ ଯାଇଥିବା ଚିତ୍ର ସାରା ରାଜ୍ୟରେ ଚର୍ଚ୍ଚା ହେଉଛି । ଅପରପକ୍ଷରେ ବାସନ୍ଦ ଯୋଗୁଁ ଶବ ସତ୍କାର ଘଟଣାକୁ ଖଣ୍ଡନ କରିଛି ଲାଞ୍ଜିଗଡ଼ କ୍ଷେତ୍ରୀୟ ପାଇକ ସମାଜ ।କଳାହାଣ୍ଡି କ୍ଷେତ୍ରୀୟ ପାଇକ ସମାଜ କୋଳାଦକ୍ଷ ଚନ୍ଦ୍ରଧ୍ୱଜ ପେଶନିଆ କହିବା ଅନୁଯାୟୀ ମହେନ୍ଦ୍ର ମୃତ୍ୟୁ ଖବର ପାଇ ମୁଁ ଘଟଣାସ୍ଥଳରେ ଉପସ୍ଥିତ ଥିଲି ।ଲାଞ୍ଜିଗଡ଼ ଏକ ଶିଳ୍ପାଞ୍ଚଳ ଯୋଗୁଁ ଲୋକେ କମ୍ପାନୀକୁ କାମ କରିବା ପାଇଁ ଯାଇଥିଲେ ।ଆମେ ଟିକେ ଅପେକ୍ଷା କରିବାକୁ କହିଲୁ କିନ୍ତୁ ଆମ କଥା ସେମାନେ ଶୁଣିଲେ ନାହିଁ ।ଏହା ପୂର୍ବରୁ ମଧ୍ୟ ସେହି ପରିବାର ୪ ଜଣଙ୍କ ଶବ ସତ୍କାରରେ ସମାଜ ସହଯୋଗ କରିଛି । ଆମ ମଧ୍ୟରେ ଯାହା କିଛି ଥାଉ କିନ୍ତୁ ଆମେ ସର୍ବଦା ଶବକୁ ସମ୍ମାନ ଦେଉଛୁ । ବର୍ତ୍ତମାନ ସମାଜକୁ ବଦନାମ କରିବା ପାଇଁ ମନା କରିବା ସତ୍ତ୍ୱେ ମଧ୍ୟ କିଛି କୁସଂସ୍କାର ଲୋକଙ୍କ କଥାରେ ପଡ଼ି ଝିଅମାନଙ୍କୁ ଶବ ସତ୍କାର ପାଇଁ କାନ୍ଧରେ ବୋହି ମଶାଣୀକୁ ନେବା ଓ ଭିଡିଓ ବନାଇବା ଘଟଣା ଆମ ପାଇକ ସମାଜ ଦୃଢ଼ ନିନ୍ଦା କରୁଛୁ ବୋଲି କହିଛନ୍ତି ।



**ବାସନ୍ଦ ଘଟଣାକୁ ଖଣ୍ଡନ କରିଛି କ୍ଷେତ୍ରୀୟ ପାଇକ ସମାଜ**

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ



**ଗୋଲାମୁଣ୍ଡା, ୩୦ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ପଞ୍ଚାୟତ ପ୍ରାଙ୍ଗଣରେ ପଞ୍ଚାୟତସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଇଥିଲା । ସଚେତନତା ସଭା ରେ ସରପଞ୍ଚ ପୁରୁଷୋତ୍ତମ ରାଉତ ଅଧ୍ୟକ୍ଷତାରେ ହୋଇଥିଲା । ପିଇ ଓ ସହଦେବ ଭଏଁସାଳ, ନାଏବ ସରପଞ୍ଚ ସୁନୀତା ସେଠୀ, ଏଡିଇଓ ବିଭୁ ରଞ୍ଜନ ପଣ୍ଡା, ସମସ୍ତ ଆଶା ଦିଦି, ସମସ୍ତ ଅଙ୍ଗନବାଡ଼ି କର୍ମୀ, ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ଏବଂ ବହୁ ଭଦ୍ରବ୍ୟକ୍ତି ଯୋଗଦେଇ ଥିଲେ । ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ଦୁର୍ନୀତି ନିବାରଣ ଆମ ସମସ୍ତଙ୍କ ଦାୟିତ୍ୱ ଉପରେ ନିର୍ଭର କରୁଛି ବୋଲି ଆଲୋକପାତ କରିଥିଲେ । ଦେଶର ଆର୍ଥିକ, ରାଜନୈତିକ, ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠାରୁ ବଡ଼ ପ୍ରତିବନ୍ଧକ । ସମସ୍ତେ ସଚେତନ ହୋଇ ଏକ ସଶକ୍ତ ଏବଂ ବିକଶିତ ରାଷ୍ଟ୍ର ଗଠନ ଦିଗରେ ସେବା ମନୋଭାବ ନେଇ କାର୍ଯ୍ୟ କରିବା ପାଇଁ ଅତିଥିମାନେ ଉଦବୋଧନ ଦେଇଥିଲେ । ପିଇଓ ଶ୍ରୀ ଭଏଁସାଲ ସଭାରେ ଯୋଗ ଦେଇ ଥିବା ଦୁର୍ନୀତିକୁ ପ୍ରଶୟ ନଦେବା ଏବଂ ଦୁର୍ନୀତି ନ କରିବା ପାଇଁ ସାଧୁତାର ଶପଥ ପାଠ କରାଇଥିଲେ । ଏଡିଇ ଓ ଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଭିଜିଲାନ୍ସ ସଚେତନତା ସପ୍ତାହ



**କୋକସରା, ୩୦ ।୧୦ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ କରାଯାଇଛି । ଭିଜିଲାନ୍ସ ଡିଏସପି ପ୍ରଦୀପ ଆଇନ୍ଦ, କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀ, ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଲୋକେ ସଚେତନ ହେଲେ ସମାଜରୁ ଦୁର୍ନୀତିର ମୂଳପୋଛ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ ।ଏହିକ୍ରମରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଦୁର୍ନୀତିର ମୂଳପୋଛ ପାଇଁ ଶପଥ ପାଠ କରାଯାଇଥିଲା । ବୈଠକକୁ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମିଲୁ ପ୍ରଧାନୀ ପରିଚାଳନା କରିଥିଲେ । ଶପଥ ପାଠ କାର୍ଯ୍ୟକ୍ରମରେ ବ୍ଲକ ବିଭିନ୍ନ ପଞ୍ଚାୟତରୁ ନିର୍ବାଚିତ ଜନପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ସମେତ କଲେଜ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ପ୍ରେସ୍ ଡେ ପାଇଁ ପ୍ରସ୍ତୁତି ବୈଠକ

**କେସିଙ୍ଗା, ୩୦ ।୧୦ (ସମିସ):** ନଭେମ୍ବର ୧୬ ଅର୍ନ୍ତରାଷ୍ଟ୍ରୀୟପ୍ରେସ ଦିବସ । ପ୍ରେସ ଦିବସ ପାଳନ ପାଇଁ କଳାହାଣ୍ଡି ଜିଲ୍ଲା କେସିଙ୍ଗା ସାମ୍ବାଦିକ ମହାସଂଘ ପକ୍ଷରୁ ସଭାପତି ସୁଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ସ୍ଥାନୀୟ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ପ୍ରେସ ଦିବସ ପାଳନର ରୂପରେଖ ସାଙ୍ଗକୁ ବ୍ୟୟ ଅଟକଳ ପ୍ରସ୍ତୁତ ହେଇଥିଲା । ସଂଘ ସାଧାରଣ ସମ୍ପାଦକ ଦୟା ସୁନାନୀ, ବରିଷ୍ଠ ସାମ୍ବାଦିକ ଚନ୍ଦ୍ରମଣି ସ୍ୱାଇଁ, ଯଯାତିକେଶରୀ ଦେଓ, ମହମ୍ମଦ ଆଗାଜାନ, ମନୋଜ ସିଂ, ବଳରାମ ନାଏକ, ସଂଗ୍ରାମ କେଶରୀ ଦେଓ, ବିବେକ ଦାସ, ମଧୁସୂଦନ ଠାକୁର, ବିନୋଦ ଜୈନ, ପିଣ୍ଟୁ ପଟେଲ ତେଜରାଜ୍ ସାହୁ, ମାଧବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



# କେସିଙ୍ଗା ପୁଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ



**କେସିଙ୍ଗା, ୩୦ ।୧୦ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ପୁଲିସ ପକ୍ଷରୁ କେସିଙ୍ଗା ମହାବିଦ୍ୟାଳୟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଦିନ ୩୧ ଅକ୍ଟୋବରକୁ ଆଖି ଆଗରେ ରଖି ଭାରତ ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ହେଉଥିବା ରାଷ୍ଟ୍ରୀୟ ଏକତା ଦିବସ ଇତି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି ।କେସିଙ୍ଗା ପୁଲିସ ପକ୍ଷରୁ ମହାବିଦ୍ୟାଳୟରେ ବକ୍ତୃତା ଓ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା ।ମୁଖ୍ୟ ଅତିଥି ଭାବରେ କେସିଙ୍ଗା ଏସଡିପି ଓ ସନ୍ଦୀପ କୁମାର ମାଝୀ ଯୋଗ ଦେଇ ଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ଆଦର୍ଶ ଥାନା ଅଧିକାରୀ ଜୀତେନ୍ଦ୍ର ବିଶ୍ୱାଳ ଓ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଉପସ୍ଥିତ ଥିଲେ । ଡିବେଟରେ +୩ ର ହିତାଂଶୁ ମହଲା ପ୍ରଥମ, ପ୍ରିୟା ପଣ୍ଡା ଦ୍ୱିତୀୟ ଓ ଶ୍ରେୟା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ରଚନାରେ ପ୍ରିୟା ପଣ୍ଡା ପ୍ରଥମ, ସନମ ପ୍ରଧାନ ଦ୍ୱିତୀୟ ଓ ହିତେଶ ମହଲା ତୃତୀୟ ସ୍ଥାନ ଅଧିକାର କରିଥିଲେ ।

## ଜିଲ୍ଲାସ୍ତରୀୟ ବିଶ୍ୱ ମତବ୍ୟୟିତା ଦିବସ

# ଆର୍ଥିକସ୍ଥିତି ସୁଦୃଢ଼ ପାଇଁ ସଞ୍ଚୟ ହିଁ ଆଜିର ବଡ଼ ଆହ୍ୱାନ

**ଭବାନୀପାଟଣା, ୩୦ ।୧୦(ସମିସ)**

କଳାହାଣ୍ଡି ଜିଲ୍ଲାସ୍ତରୀୟ ବିଶ୍ୱ ମତବ୍ୟୟିତା ଦିବସ ପାଳନ ଅବସରରେ ସୁରକ୍ଷିତ ସଞ୍ଚୟ ଓ ସାଇବର ଅପରାଧ ସମ୍ପର୍କରେ ସଚେତନତା କର୍ମଶାଳା ଜିଲ୍ଲାପରିଷଦ କଳାହାଣ୍ଡି ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ କର୍ମଶାଳାର ଉଦ୍‌ଘାଟନ କରି ନିଜର, ନିଜ ପରିବାରର ସୁନେଲି ଭବିଷ୍ୟତ ପାଇଁ ନିଜର ଆର୍ଥିକ ସ୍ଥିତିକୁ ସୁଦୃଢ କରିବାକୁ ହେଲେ ରୋଜଗାର ସହିତ ଜାତୀୟ ବ୍ୟାଙ୍କ, ପୋଷ୍ଟ ଅଫିସ୍ ମାଧ୍ୟମରେ ଖାତା ଖୋଲି ନିଜର ସଞ୍ଚୟ ଅର୍ଥକୁ ସୁରକ୍ଷିତ କରି ରଖିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । କୌଣସି ପ୍ରାଇଭେଟ ଅର୍ଥ ଲଗାଣ ପ୍ରଲୋଭନକାରୀ ସଂସ୍ଥାର କଥାରେ ନପଡ଼ି ତାଙ୍କଠାରୁ ଦୂରେଇ ରହିବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ ।ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସା.) ତନ୍ମୟ କୁମାର ଦରୱାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦୟାମୟ ପାଢ଼ୀ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରୋବେଶନ) ଅନିମେଷ ପ୍ରଧାନ, ଉପ ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡ଼ା, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦୁର୍ଯ୍ୟୋଧନ ଭୋଇ, ପୋଷ୍ଟାଲ ସୁପରିଟେଣ୍ଡେଣ୍ଟ ସୁଶାନ୍ତ କୁମାର ପାଣିଗ୍ରାହୀ, ଏଲଡିଏମ୍ ଧର୍ମରାଜ ସୁନାନୀ, ଡିଏସପି ସାଇବର୍ କ୍ରାଇମ ଅଳକାନନ୍ଦା ସାହୁ ଯୋଗଦେଇ ବିଶ୍ୱ ମିତବ୍ୟୟିତା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ ।ଏହି ଅବସରରେ ସ୍ୱଳ୍ପ ସଞ୍ଚୟ ଦିଗରେ ସଚେତନତା ପାଇଁ ଜିଲ୍ଲାପରିଷଦ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ବିଭାଗ ଓ ପୋଷ୍ଟାଲ ବିଭାଗ ତରଫରୁ କିଅକସ ସେଣ୍ଟର ଖୋଲା ଯାଇଥିଲା । ଏହାକୁ ଜିଲ୍ଲାପାଳ ଉଦ୍‌ଘାଟନ କରିଥିଲେ । ନୂତନ ଭାବେ ଆଜି ପୋଷ୍ଟାଲ୍ ଜୀବନ ବୀମା ପିପିଏଫ୍. ଏକାଉଣ୍ଟ ଖୋଲିଥିବା ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ବିଭାଗ ବିବେକାନନ୍ଦ ମହାନନ୍ଦ, ସୁକନ୍ୟା ସମୃଦ୍ଧି ଯୋଜନା ପାଇଁ ଖାତା ଖୋଲିଥିବା ଡେପୁଟି ଜିଲ୍ଲାପାଳ ମନୀଷା ଗୁପ୍ତାଙ୍କ ଝିଅଙ୍କୁ ଜିଲ୍ଲାପାଳ ପାସବୁକ ପ୍ରଦାନ କରିଥିଲେ ।ସେହିପରି ଆଜି ୩୨ ଜଣ ସରକାରୀ କର୍ମଚାରୀ ବିଭିନ୍ନ ସ୍କିମର ପୋଷ୍ଟାଲ ଆକାଉଣ୍ଟ ଖୋଲିଥିଲେ ।ସଚେତନତା କର୍ମଶାଳାରେ ୨୦୦ରୁ ଊର୍ଦ୍ଧ୍ୱ ସରକାରୀ ଅଧିକାରୀ, କର୍ମଚାରୀଙ୍କୁ ସଚେତନତା ପତ୍ର ବଣ୍ଟନ କରାଯାଇଥିଲା ।ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ପୁରସ୍କାର ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା ।କର୍ମଶାଳାରେ ସହକାରୀ ନିର୍ଦ୍ଦେଶକ ବିବେକାନନ୍ଦ ମହାନନ୍ଦ ବିଶ୍ୱ ମିତବ୍ୟୟିତା ଦିବସ ପାଳନର ଆଭିମୁଖ୍ୟ ଓ ସୁରକ୍ଷିତ ସଞ୍ଚୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଡିଏସପି. ସାଇବର୍ କ୍ରାଇମ ଶ୍ରୀମତୀ ସାହୁ ସାଇବର୍ ସୁରକ୍ଷା ସମ୍ପର୍କରେ ବିଷଦ ଭାବେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଡିଡି. ପ୍ଲାନିଂ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜୀବୁନ ନିଶାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଡେପୁଟି ଜିଲ୍ଲାପାଳ, ସହକାରୀ ଜିଲ୍ଲାପାଳ, କର୍ମଚାରୀ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।ଜିଲ୍ଲା କ୍ରିଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ଏପିଡି ବିମ୍ବାଧର ସାହୁ ପ୍ରମୁଖ ସହଯୋଗ କରିଥିଲେ ।




# ଯାଦବ ସମାଜର ଗୋଷ୍ଠାଷ୍ଟମୀ ପୂଜା ମହୋତ୍ସବ



**ଗୋଲାମୁଣ୍ଡା, ୩୦ ।୧୦(ସମିସ):** ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ଗ୍ରାମର ଯାଦବ ସମାଜର ପ୍ରଭୁ ଶ୍ରୀକୃଷ୍ଣ ଗୋଷ୍ଠାଷ୍ଟମୀ ପୂଜାଉତ୍ସବ ଅନୁଷ୍ଠିତ ହୋଇଛି । ଗତ ୨୮ ତାରିଖ ଦିନ ଶଙ୍ଖ, ଘଣ୍ଟ, ହରିବୋଲ ସହ ହୁଳହୁଳି ନାଦରେ କଳସ ଯାତ୍ରା ହୋଇଥିଲା । ଦିନରାମ କେତକୀ ଓ ତାଙ୍କ ଧର୍ମପତ୍ନୀ ରୁପକାନ୍ତି କେତକୀ ପୂଜାକର୍ତ୍ତା କାର୍ଯ୍ୟ ତୁଲାଇଥିଲେ । ଗୋଷ୍ଠାଷ୍ଟମୀ ପୂଜା କାର୍ତ୍ତିକ ମାସଶୁକ୍ଳ ପକ୍ଷ ସପ୍ତମୀ ଠାରୁ କାର୍ତ୍ତିକ ଶୁକ୍ଳ ନବମୀ ଯାଏଁ ଅନୁଷ୍ଠିତ ହୋଇଥାଏ ।ଏହି ଦିନ ଗୋପୂଜା କରାଯାଏ । ଭକ୍ତମାନେ ଗୋଶାଳାକୁ ପରିଦର୍ଶନ କରନ୍ତି, ଗାଈ ଏବଂ ଗୋଶାଳାକୁ ସ୍ନାନ କରନ୍ତି ଏବଂ ସଫା କରନ୍ତି । ଭକ୍ତମାନଙ୍କ ଦ୍ୱାରା ବିଶେଷ ପୂଜାର୍ଚ୍ଚନା କରିବା ପୂର୍ବରୁ ଗାଈମାନଙ୍କୁ କପଡ଼ା ଏବଂ ଅଳଙ୍କାରରେ ସଜାଯାଇଥାଏ । ଉତ୍ତମ ସ୍ୱାସ୍ଥ୍ୟ ପାଇଁ ବିଶେଷ ଖାଦ୍ୟ ଦିଆଯାଏ ଏବଂ ଏହାର ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ଅଭିଯାନର ଆୟୋଜନ କରାଯାଏ । ବରିଷ୍ଠ ଭକ୍ତମାନଙ୍କ ଦ୍ୱାରା ଗାଈର ମହିମା ଏବଂ ତାଙ୍କର ସୁରକ୍ଷା ବିଷୟରେ ଆଲୋଚନା କରାଯାଏ । ସେମାନେ ସମସ୍ତେ ଗାଈଙ୍କୁ ଖାଦ୍ୟ ଦିଅନ୍ତି ଏବଂ ଗୋଶାଳା ନିକଟରେ ଭୋଜିର ଆୟୋଜନ ହୋଇଥିଲା ।ଗୋଲାମୁଣ୍ଡା ବ୍ଲକ ଯାଦବ ସମାଜର ସଭାପତି ଗିରିଧାରୀ ତେଜି, ଉପସଭାପତି ରେବା କଟା, ସମ୍ପାଦକ ପରୀକ୍ଷିତ ଖର୍ସେଲ, ଯୁଗ୍ମ ସମ୍ପାଦକ ସଦାଶିବ ବେମାଲ, ଯୁବ ସାମ୍ବାଦିକ ବ୍ରହ୍ମା ପ୍ରସାଦ କାଣ୍ଡ, ପୂର୍ବତନ ଗୋଲାମୁଣ୍ଡା ବ୍ଲକ ଯାଦବ ସମାଜ କୋଷାଧକ୍ଷ ରୁମାଞ୍ଚଳ ତେଜି ପ୍ରମୁଖ ଦ୍ୱିତୀୟ ଦିନରେ ଉପସ୍ଥିତ ରହି ଯାଦବ ଶିରୋମଣି ଶ୍ରୀକୃଷ୍ଣଙ୍କ ଆଶିର୍ବାଦ ଗ୍ରହଣ କରିଥିଲେ ।

ସକାଳ
THE SAKALA

# ସମ୍ପାଦକୀୟ



ବିଶ୍ୱାସ ହେଉଛି ସେଭଳି ଏକ ପକ୍ଷୀ, ଯିଏ ଅରୁଣୋଦୟ ପୂର୍ବରୁ ଆଲୋକ ଦେଖିପାରେ।
-ରବୀନ୍ଦ୍ରନାଥ ଟାଗୋର।

## ଦୁର୍ନୀତି ଦାନବର ଦୌରାତ୍ମ୍ୟ

ଏକ ରାଷ୍ଟ୍ରାୟତ୍ତର ଉଦ୍ୟୋଗର ପୂର୍ବତନ ବିତ୍ତ ଅଧିକାରୀ ସାମାଜିକ ଗଣମାଧ୍ୟମରେ ବର୍ଣ୍ଣନା କରିଥିବା ଅଙ୍ଗେନିଭା ଘଟଣାର ହୃଦୟବିଦାରକ କାହାଣୀ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଛି। ବେଙ୍ଗାଲୁରୁ ନିବାସୀ କେ ଶିବକୁମାରଙ୍କ ସହିତ ଘଟିଥିବା ଘଟଣା ଯେତିକି ହୃଦୟବିଦାରକ ତାଙ୍କ ଟିପ୍ପଣୀ ତା'ଠାରୁ ଅଧିକ ଚିନ୍ତାଜନକ। ୩୪ବର୍ଷୀୟା ଝିଅର ମୃତ୍ୟୁ ପରେ ଡାକ୍ତରଖାନାରୁ ପୋଷ୍ଟମର୍ଟମ ଏପରିକି ଶ୍ମଶାନ ପର୍ଯ୍ୟନ୍ତ ପ୍ରତିଟି ସ୍ତରରେ କିଭଳି ଲାଞ୍ଚ ଦେବାକୁ ପଡ଼ିଛି, ତାହା ଶିବକୁମାର ଉଲ୍ଲେଖ କରିବା ପରେ ଦୁଇ ପୁଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ଚିରାଚରିତ ଭାବେ ଏହାକୁ ନେଇ ରାଜନୀତି ଆରମ୍ଭ ହୋଇସାରିଛି। ଶେଷରେ ଶିବକୁମାର ଲେଖିଛନ୍ତି 'ଆର୍ଥିକ ସ୍ୱଚ୍ଛଳ ଥିବାରୁ ମୁଁ ସେମାନଙ୍କ ଦାବି ପୂରଣ କରିପାରିଲି; କିନ୍ତୁ ଗରିବଟିଏ କ'ଣ କରିବ?' ସମାଜିକ ଗଣମାଧ୍ୟରେ ଶିବକୁମାରଙ୍କ ଏହି ମର୍ମଭେଦୀ ବର୍ଣ୍ଣନା ଓ ବେଦନା ଏଭଳି ସମୟରେ ଆସିଛି ଯେତେବେଳେ ସାରା ଦେଶ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରୁଛି।

ଆମ ଦେଶରେ ଦୁର୍ନୀତିର ଚେର କେତେ ଗଭୀରକୁ ଯାଇସାରିଛି ଏବଂ ଏହାର ସ୍ୱରୂପ କେତେ କୁତ୍ସିତ ଓ ବୀଭତ୍ସ ହୋଇସାରିଛି, ଉପରୋକ୍ତ ଘଟଣା ତାହାର କେବଳ ଏକ ଉଦାହରଣ ମାତ୍ର। ଆମ ଶାସନ ବ୍ୟବସ୍ଥାର ଏକ ବିଡ଼ମ୍ବନା ହେଉଛି ସରକାର ବଦଳିଲେ ଅଧୁଆ ମୂଳା ଧୂଆ ମୂଳା ହୋଇଯାଏ ଏବଂ ଦୁର୍ନୀତିଗୁଡ଼ିକ ନୀତି ପାଲଟି ଯାଏ। ଏଭଳି କାଦୁଆ ପିଙ୍ଗା ରାଜନୀତିର ପରିବେଶରେ ପରିପୁଷ୍ଟ ହୋଇ ଦୁର୍ନୀତି ତା'ର କାୟା ବିସ୍ତାର କରିଚାଲେ। ଗରିବର ଜାତି ନାହିଁ କି ଦୁର୍ନୀତି ରାଜନୀତି ମାନେ ନାହିଁ। ଯେତେବେଳ ପର୍ଯ୍ୟନ୍ତ ମାନବ ଦୁର୍ନୀତି-ଦାନବ କୋଳରେ ବସିବାକୁ ସୁଖ ମଣୁଥିବ, କୌଣସି ଶାସନ, ପ୍ରଶାସନ ଯେତେ ସାଧ ସାଧନା କଲେ ମଧ୍ୟ ବ୍ୟବସ୍ଥାରୁ ଦୁର୍ନୀତି ହଟିବ ନାହିଁ। ତେଣୁ ଦୁର୍ନୀତିରେ ଅତିଷ୍ଠ ହୋଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ମାଡ଼ ତତ୍ତ୍ୱ ଆପଣେଇବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ।

କେବଳ ବଜାରରେ କିଣାବିକାକୁ ଛାଡ଼ିଦେଲେ ଆଜି ଏଭଳି କୌଣସି କ୍ଷେତ୍ର ଦୁର୍ନୀତି-ଦାନବର କବଳରୁ ବର୍ତ୍ତି ନାହିଁ। ସରକାରୀ ଫାଇଲ୍ ଦୂରର କଥା ହାତଗୁଞ୍ଜା ନ ଦେଲେ ଅନେକ ସ୍ଥାନରେ ଡାକ୍ତର ରୋଗୀ ଦେଖୁନାହିଁ କି ପୁଲିସ୍ ଅଭିଯୋଗ ରଖୁନାହିଁ। ଶିକ୍ଷା ଅଧିକାର ଏବଂ ଖାଦ୍ୟ ସୁରକ୍ଷା ଆଇନ୍ ପରି ମହତାକାଂକ୍ଷା ଯୋଜନା ମଧ୍ୟ ଲାଞ୍ଚ ବିନା ଆଗକୁ ବଢ଼ିପାରୁନାହିଁ। ଏପରିକି ବିନା ହାତଗୁଞ୍ଜାରେ ବିଚାରପତିଙ୍କ ରାୟ ମଧ୍ୟ କାର୍ଯ୍ୟକାରୀ ହୋଇପାରୁନାହିଁ। ଅପରପକ୍ଷରେ ଏହି ହାତଗୁଞ୍ଜାରେ ଶିଳ୍ପପତିମାନେ ସାମ୍ରାଜ୍ୟ ତୋଳିପାରୁଛନ୍ତି।

ଦୁର୍ନୀତି ଦାନବ ଟଙ୍କା, ସୁନା, ରୁପା, ସୌଖୀନ ଓ ମୂଲ୍ୟବାନ ସାମଗ୍ରୀ, ଆସବାବପତ୍ର, ପାନ, ଚକୋଲେଟ୍, ମିଠାଇ ପ୍ୟାକେଟ୍ ଆଦି ରୂପରେ ସର୍ବସାଧାରଣଙ୍କ ଆଖିଆଗରେ ନିର୍ଭୟରେ ଗୋଟିଏ ହାତରୁ ଅନ୍ୟ ହାତକୁ ଡେଇଁ ଚାଲିଛି। ଜନସାଧାରଣ କେବଳ ନିରବ ଦ୍ରଷ୍ଟା ହୋଇ ସାଲିସ୍ କରିବା କିମ୍ବା ଦୁର୍ନୀତି ଦାନବର ତାଡ଼ନାରେ ଅତିଷ୍ଠ ହେବା ବ୍ୟତୀତ ବିକଳ୍ପ ନାହିଁ। ଯେଉଁ କେତେକ ଧରପଗଡ଼ ହେଉଛି ତାହା ସମୁଦ୍ର ବାଲିରୁ ଚିମୁଟାଏ ମାତ୍ର। ପରିସ୍ଥିତି ଏପରି ହେଲାଣି ଯେ ହାତଗୁଞ୍ଜା ସଂସ୍କୃତି ଶାସନ ପ୍ରଶାସନ ଓ ବ୍ୟବସ୍ଥାର ସୀମା ଡେଇଁ ପରିବାରକୁ ଧସେଇ ପଶିଲାଣି। ଦୁର୍ନୀତି ନିବାରଣ ସପ୍ତାହ ପାଳନ ଓ ସଂକଳ୍ପ ଗ୍ରହଣ କେବଳ ଔପଚାରିକରେ ସୀମିତ ରହିଥିବା ପର୍ଯ୍ୟନ୍ତ ଦୁର୍ନୀତି-ଦାନବର ଦୌରାତ୍ମ୍ୟରୁ ତ୍ରାହି ପାଇବାର ସମ୍ଭାବନା ନାହିଁ।

## ମେରୁ ମିଳନ

ସାମ୍ପ୍ରତିକ ବିଶ୍ୱ ଭୂରାଜନୈତିକ ପରିସ୍ଥିତିରେ ବିଶ୍ୱର ଦୁଇ ମହାଶକ୍ତି ଓ ଦୁଇ ମେରୁ(ଉତ୍ତର ବିଶ୍ୱ ଓ ଦକ୍ଷିଣ ବିଶ୍ୱ)ର ଅଧିପତି ବୋଲାଉଥିବା ଆମେରିକା ଓ ଚୀନ୍ ରାଷ୍ଟ୍ରମୁଖ୍ୟ ପରସ୍ପରକୁ ଭେଟିବା ନିଶ୍ଚୟ ବିଶ୍ୱ ଶାନ୍ତି ଓ ସମୃଦ୍ଧି ପାଇଁ ଅନେକ ଗୁରୁତ୍ୱ ବହନ କରେ। ଏହି ସାକ୍ଷାତ ଆଲୋଚନାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ଜି-୨' ଆଖ୍ୟା ଏବଂ ମୋଟ ୧୦ ନମ୍ବରରୁ ୧୨ ନମ୍ବର ଦେବା ପରେ 'ଦ୍ୱିଧ୍ରୁବୀୟ ବିଶ୍ୱ ସମୀକରଣ' ଆହୁରି ସ୍ପଷ୍ଟ ହୋଇଛି। 'ଆମେରିକା ଫାଷ୍ଟ' ନୀତିକୁ ପ୍ରାଧାନ୍ୟ ଦେଇ ଆସୁଥିବା ଟ୍ରମ୍ପ ଏବେ 'ଚୀନ୍ ଫାଷ୍ଟ' ନୀତି ଘୋଷଣା କରି ଆମେରିକା ସହଯୋଗୀ ରାଷ୍ଟ୍ରଙ୍କୁ ହରଡ଼ ଘଣାରେ ପକାଇଛନ୍ତି। ବିଶେଷକରି ଭାରତର ଭବିଷ୍ୟ କୂଟନୈତିକ ରଣନୀତି ଆହୁରି ଜଟିଳ ହେବାକୁ ଯାଉଛି।

ଚୀନ୍‌କୁ ରଣନୈତିକ ପ୍ରତିଯୋଗୀ ଦୃଷ୍ଟିରେ ଦେଖି ଆସୁଥିବା ଟ୍ରମ୍ପ ନିଜ ଦ୍ୱିତୀୟ ପାଳିରେ ସେହି ଦେଶ ବିରୋଧରେ ଯେଉଁ ବିଶାଳ ଶୁଳ୍କ ଯୁଦ୍ଧ ଆରମ୍ଭ କରିଥିଲେ ସେଥିରେ ସମଗ୍ର ବିଶ୍ୱର ଆର୍ଥିକ, ବାଣିଜ୍ୟିକ ଓ ସାମାଜିକ ନିରାପତ୍ତା ଅସ୍ଥିର ଓ ଜଟିଳ ହୋଇପଡ଼ିଥିଲା। କିନ୍ତୁ ଟ୍ରମ୍ପଙ୍କ ଆଭିମୁଖ୍ୟରେ ହଠାତ୍ ଏହି ପରିବର୍ତ୍ତନ ଆଶାର ନୂଆ କିରଣଟିଏ ସୃଷ୍ଟି କରିଛି। ସାମ୍ପ୍ରତିକ ସେମିକଣ୍ଡକ୍ଟର ପରିଚାଳିତ ବିଶ୍ୱରେ ବିରଳ ମୃତ୍ତିକା ନିର୍ଣ୍ଣାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଛି। ତେଣୁ ଟ୍ରମ୍ପଙ୍କ ଯେସାକୁ ତେସା ନୀତିର ଜବାବ୍ ଦେଇ ଚୀନ୍ ମଧ୍ୟ ଆମେରିକାକୁ ବିରଳ ମୃତ୍ତିକା ରପ୍ତାନୀ କାଣ୍ଟଛାଣ୍ଟ କରିବା ପରେ ହଠାତ୍ ଟ୍ରମ୍ପଙ୍କ ଦମ୍ଭ ଭାଙ୍ଗିଛି ଏବଂ ସେ ଚୀନ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କ ସହିତ ସାଲିସ୍ ମୁଦ୍ରାରେ ଅବତୀର୍ଣ୍ଣ ହୋଇଛନ୍ତି। ଅପରପକ୍ଷରେ ଆମେରିକାର ଏହି ପରିବର୍ତ୍ତିତ ଆଭିମୁଖ୍ୟରେ ଜାପାନ୍, ଦକ୍ଷିଣ କୋରିଆ ଆଦି ପୁରୁଣା ବନ୍ଧୁ ରାଷ୍ଟ୍ରଗୁଡ଼ିକ ସେମାନଙ୍କ ନିବେଶର ଭବିଷ୍ୟତ ନେଇ ସନ୍ଦୀହାନ ହୋଇପଡ଼ିଛନ୍ତି।

ଏହି ପୃଷ୍ଠଭୂମିରେ ବିଶ୍ୱର ଦୁଇ କଡ଼ା ପ୍ରତିଦ୍ୱନ୍ଦ୍ୱୀ-ସହଯୋଗୀ ଶକ୍ତି ସହିତ ଭାରତ କିଭଳି ସମନ୍ୱୟ ରକ୍ଷା କରିବ ତାହା ଉପରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଓ ସାର୍ବଭୌମର ଗରିମା ରକ୍ଷା ନିର୍ଭର କରୁଛି। ଚୀନ୍ ବହୁପୂର୍ବରୁ ପାକିସ୍ତାନକୁ ଆଶ୍ରୟ ଦେଇ ଭାରତ ବିରୋଧରେ ପ୍ରୟୋଗ କରିଚାଲିଛି। 'ଅପରେସନ୍ ସିନ୍ଦୂର' ପରେ ଆମେରିକା ମଧ୍ୟ ପାକିସ୍ତାନ ପଟକୁ ଢଳିଛି। ବାଂଲାଦେଶ ଉଭୟ ଚୀନ୍ ଓ ପାକିସ୍ତାନ ପାଇଁ ନିଜ ଘରର କବାଟ ଖୋଲିସାରିଛି। ଏବେ ଟ୍ରମ୍ପଙ୍କ ଜିନ୍‌ପିଙ୍ଗ ସୁହାଗ ଭାରତକୁ ଅନେକ ଦିଗରେ ଦୋଛକିରେ ଠିଆ କରିଛି। ଦକ୍ଷିଣ ସାଗରରେ ଚୀନର ଆଧିପତ୍ୟ ହ୍ରାସ ପାଇଁ ଭାରତକୁ ସଦସ୍ୟ ରୂପେ ନେଇ ଆମେରିକା ଚତୁଃରାଷ୍ଟ୍ରୀୟ ସଂଗଠନ(କ୍ୱାଡ୍) ଗଠନ କରିଥିବା ବେଳେ ନୂଆ ଜି-୨ ସମୀକରଣରେ 'କ୍ୱାଡ୍'ର ଭବିଷ୍ୟତ ଓ ତହିଁରେ ଭାରତର ଭୂମିକା ଉପରେ ପ୍ରଶ୍ନ ଚିହ୍ନ ଲାଗିଛି।

ଏସବୁର ଊର୍ଦ୍ଧ୍ୱରେ ତର୍ଜମା କଲେ ଉଭୟ ଆମେରିକା ଓ ଚୀନ୍ ଭରସାଯୋଗ୍ୟ ରାଷ୍ଟ୍ର ନୁହନ୍ତି। ସ୍ୱାର୍ଥପର ଭାବରେ ଦୁହିଁଙ୍କ ସ୍ୱଭାବ ସମାନ। ପଦାର୍ଥ ବିଜ୍ଞାନର ମୌଳିକ ତତ୍ତ୍ୱ ଅନୁଯାୟୀ ସମମେରୁ ପରସ୍ପରକୁ ବିକର୍ଷଣ ଏବଂ ବିଷମ ମେରୁ ଆକର୍ଷଣ କରେ। ତେଣୁ ଏବେ 'ବ୍ୟବସାୟ ପ୍ରଥମ' ନୀତିରେ ଆକର୍ଷିତ ହୋଇଥିବା ସମଭାବାପନ୍ନ ଦୁଇମେରୁର ବିକର୍ଷଣ ମଧ୍ୟ ବିଶ୍ୱ ଖୁବ୍ ଶୀଘ୍ର ଦେଖିବ। ସେ ପର୍ଯ୍ୟନ୍ତ ଭାରତ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡ଼ିବ।

## ଆମ ଉତ୍ତରପିଢ଼ିର କଥା ଓ ବ୍ୟଥା

ସଲିଳା ତ୍ରିପାଠୀ




ଏଇ ବୋଧେ ପ୍ରଥମ ପିଢ଼ି, ଯେଉଁମାନେ ରାଗ-ଅନୁରାଗ, ମାନ-ଅଭିମାନ ଆଉ ଅନୁଶାସନ ଠାରୁ ବହୁ ଦୂରରେ। ସେମାନଙ୍କର ବୁଝାମଣାଟି ଖୁବ୍ ସରଳ ଆଉ ସିଧା। ଜନ୍ମ ହେବାଟା ସେମାନଙ୍କର ହାତରେ ନଥିଲା। ମାତ୍ର ଜୀବନଟା କେବଳ ତାଙ୍କର ତାକୁ ଉପଭୋଗ କରିବା ପାଇଁ ମନ ମଧ୍ୟରେ ଅନେକ ଲାଳସା। ଯୁବକ ହେବା ପୂର୍ବରୁ ଯୌବନର ଉଦ୍ଦାମତା ସେମାନଙ୍କ ପାଖରେ ଭରିଯାଇଛି। ବୌଦ୍ଧିକ, ନୈତିକ ଓ ସର୍ବୋପରି ଆତ୍ମିକ ଜ୍ଞାନର ଧାର ଧାରିବାକୁ ସେମାନେ ଅନିଚ୍ଛୁକ। ଯଦି କେତେଜଣ ହାତଗଣତି ବାହାରିବେ ସେଇମାନେ ଆକାଶରେ ଚନ୍ଦ୍ର, ସୂର୍ଯ୍ୟ ହୋଇ ଆଲୋକିତ କରିବେ। ମାତ୍ର ସେପ୍ରକାର ଇଚ୍ଛାଶକ୍ତି ସେମାନଙ୍କର ହେବ ବା କାହିଁକି? ପିତାମାତାଗଣ ଏବେ ନାଚାର। ନିଜ ଜୀବନର ସଂଘର୍ଷ, ସଂସ୍କାର ଏବେ ପ୍ରହେଳିକା ଭଳି ଲାଗୁଛି। ପିଲାମାନେ ଉପଦେଶକୁ ଅଯଥା ହସ୍ତକ୍ଷେପ ବୋଲି ଭାବୁଛନ୍ତି।

ସ୍କୁଲ ଯିବା ପାଇଁ ପାଞ୍ଚଟଙ୍କିଆ ଅଖା ବ୍ୟାଗ୍ ଏବେ ଆମେରିକାନ୍ ଟୁରିଷ୍ଟର୍‌ରେ ପରିଣତ ହୋଇଛି। ପରଟା ଆଳୁଭଜାର ଟିଫିନ୍‌ରେ ଏବେ ବାସି ପିଜା, ବର୍ଗର ପଶୁଛି। ସୁଜି, ସିମେଇକୁ ପଚାରେ କିଏ? ଚିନି ପରଟାର ଆନନ୍ଦକୁ ଏମାନେ ଆଡ଼ଆଖିରେ ଅନେଇବେନି। ଦଉଡ଼ିଆ ଖଟ ଆଉ କନ୍ଥାର ନିଦକୁ ଏମାନେ ଝୁରିବେନି। ଜେଜେଙ୍କର ଗୋଡ଼ ଘଷି ଦେଇ ୨୦ ପଇସି, ଚାରଣା ପାଇବାକୁ ମନ କରିବେନି। ବରଂ ପକେଟ୍ ମନି ପାଇବାର ଅଧିକାରପଣରେ ପିତାମାତାଙ୍କୁ ବିପର୍ଯ୍ୟସ୍ତ କରି ଚାଲିଥିବେ। ଷ୍ଟ୍ରିଟ୍ ଲାଇଟ୍‌ର ଆଲୁଅରେ ପାଠପଢ଼ି ବଡ଼ ମଣିଷ ହେବାର ଆବଶ୍ୟକତା ଏମାନଙ୍କୁ ନାହିଁ। ଏମାନେ ସଞ୍ଜ ହେଲେ ଲଣ୍ଠନ, ଡିବିର ଧୂଆଁକୁ ଖୋଜି ପାଇବେନି। ଇନ୍‌ଭର୍ଟର ଆଉ ଏୟାର କଣ୍ଡିସନ୍ ଯୁଗରେ ଏ.ସି. ରୁମ୍‌ରୁ ବାହାରି ମା'ର ରନ୍ଧାଘରେ ପଶି କାମରେ ସାହାଯ୍ୟ କରିବାକୁ ଚାହିଁବେ ନାହିଁ। ବାପାଙ୍କର ଫେରିବା ବାଟକୁ ଆତୁର ହୋଇ ଚାହିଁ ଛୋଟ ମୋଟ ଦରବଟିଏ ପାଇଁ ଅଳି କରିବେ ନାହିଁ, ବରଂ ମାସ ଶେଷକୁ ହଜାର ହଜାର ଖର୍ଚ୍ଚ କରି ସାରିଲା ପରେ ପିତାମାତା ଅଯୋଗ୍ୟ ପ୍ରମାଣିତ ହେବାଟା ଦେହସୁହା ହେବା ସାର ହେବ। ମା' ବାପାଙ୍କର ଆଖିର ଲୁହ ଏମାନଙ୍କୁ ଛଳନା ପରି ଲାଗିବ।

ବର୍ଷା ଛାଡ଼ିଗଲା ପରେ ମାଟି ରାସ୍ତାର ପାଣି ସୁଅରେ କାଗଜ ଡଙ୍ଗା ଭସାଇବାର ଆନନ୍ଦକୁ ଅନୁଭବ କରିବେ ନାହିଁ; ବରଂ ବର୍ଷାରେ ଓଦା ହେଲେ ଥଣ୍ଡା ଧରିବ ଓ ଇନ୍‌ଫେକ୍‌ସନ୍ ହେବା ଭୟରେ ଟ୍ୟାବ୍ ଓ ମୋବାଇଲ ନହେଲେ ଲାପ୍‌ଟପ୍ ଧରି ଘରେ ପଥର ମୂର୍ତ୍ତି ପରି ବସି ରହିବେ। ଭାଇ ଭଉଣୀମାନେ ଏକାଠି ହେଲେ ତାସ୍, ଲୁଡୁ କିମ୍ବା ଗପସପ ନକରି ସମସ୍ତେ ଗୋଟେଗୋଟେ ସ୍ମାର୍ଟଫୋନ୍ ଧରି ସେଇ ଅନ୍‌ଲାଇନ୍ ଗେମ୍ ବାବଦରେ କଥା ହେବେ। ଘରକୁ କୁଣିଆ ଆସିଲେ ପାଦ ତଳେ ଲାଗୁ ନଥିବାର ଖୁସିକୁ ନ ବୁଝି ଉପହାର ଆଶାରେ ଅନାଇ ରହିବେ। ଅର୍ଥର ସାଗରରେ ବୁଡ଼ିରହି ଜୀବନର ଲକ୍ଷ୍ୟକୁ ଉପଭୋଗ ଛଡ଼ା ଆଉକିଛି ଭାବିବା ପାଇଁ ସମୟ ପାଇବେ ନାହିଁ। ଛୁଟିମାନଙ୍କରେ ପିଉସୀ, ମାଉସୀ ଆଉ ମାମୁଁ ଘରକୁ ଯାଇ ବିଭିନ୍ନ ପରିବେଶରେ ଖାପଖୁଆଇ ଚଳିବାର ଆଦବ କାଇଦାକୁ ଶିଖିବାକୁ ଚାହିଁବେ ନାହିଁ। ବରଂ ହଲିଡେ ଟୁର୍‌ରେ ଦେଶ ବିଦେଶକୁ ଯିବା ପାଇଁ ଏମାନେ ବ୍ୟାକୁଳ। ଉଡ଼ାଜାହାଜର ଶବ୍ଦକୁ ଶୁଣି ତା'କୁ ଦେଖିବା ପାଇଁ ବିକଳ ମନ ଏବେ ସେଥିରେ ବସିବା ପାଇଁ ଝଗଡ଼ା କରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ।

କୋଉ ବରଷ ବରଷରେ ଷ୍ଟୁଡିଓକୁ ଯାଇ କିମ୍ବା ସ୍କୁଲର ଶେଷବର୍ଷଗୁଡ଼ିକରେ ଫଟୋ ଉଠା ହେବାର ସୁଖକୁ ଏମାନେ ପ୍ରତି ମୁହୂର୍ତ୍ତରେ ସ୍ମାର୍ଟଫୋନ୍‌ରେ ଫଟୋ ଉଠାଇ ପୁଣି ସେଲ୍‌ଫି ନେଇ ନିଜ ସୌନ୍ଦର୍ଯ୍ୟର ରୂପରେଖକୁ ହାତରେ ତୋଳି ଧରିବାର ଖୁସିରେ ବିଭୋର ହେବେ। ଜୀବନର ସମସ୍ତ ସୁଖକୁ କ୍ଷଣିକରେ ପାଇନେବାର ଆକାଂକ୍ଷାରେ ଏମାନେ ପାଗଳ ହୋଇ ଘୂରିବୁଲିବେ। ଶିକ୍ଷାକୁ ନୈତିକ ମୂଲ୍ୟବୋଧର ଆଧାର ବୋଲି ମନେ ନକରି ମୁଠାମୁଠା ଟଙ୍କାର ସ୍ୱପ୍ନ ଦେଖିବେ। ରଙ୍ଗର ନାମ ଜାଣିବାକୁ ଇନ୍ଦ୍ରଧନୁକୁ ଦେଖିବା ପାଇଁ ଚାତକ ପରି ଅନାଇ ବସିବେ ନାହିଁ; ବରଂ ଭିନ୍ନଭିନ୍ନ ପ୍ରକାର ରଙ୍ଗ ପେନ୍‌ସିଲ୍ ସେମାନଙ୍କ ହାତମୁଠାରେ। ସେମାନେ ଯେମିତି ଚାହିଁବେ ସେମିତି ରଙ୍ଗ କରିପାରିବେ। ତେଣିକି ଚିତ୍ର ଆଙ୍କିବାର କ୍ଷମତା ଥାଉ ବା ନଥାଉ। ଆକାଶର ରଙ୍ଗକୁ ନୀଳ ବଦଳରେ ଗୋଲାପୀ ଦେଲେ ସେଇଟା ହେବ ସେମାନଙ୍କର ସୃଜନଶୀଳତା।

ସରକାରୀ ହେଉ ଅବା ବେସରକାରୀ ସମସ୍ତେ ସ୍କୁଲ ଯିବେ ଆଉ ସମାନ ସୁବିଧା ଲାଭ କରିବେ। ସବୁରି କଣ୍ଠ ଗୀତ ଗାଇବ, ସମସ୍ତେ ତୂଳୀ ଧରିବେ, ସମସ୍ତେ ମଧ୍ୟ ପାଦରେ ତାଳ ଦେଇ ନୃତ୍ୟ କରିବେ। ସବୁଠାରୁ ଭଲ ଖୋଜିବା ପାଇଁ ବିଚାରକମାନେ ବ୍ୟତିବ୍ୟସ୍ତ ହୋଇପଡ଼ିବେ। ପ୍ରତ୍ୟେକ ନିଜ ପିଲାକୁ ପ୍ରଥମ ସ୍ଥାନରେ ଦେଖିବା ପାଇଁ ଆଉ ସୋସିଆଲ୍ ମିଡିଆରେ ବିଜ୍ଞାପିତ କରିବା ପାଇଁ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସାଥିରେ ରୀତିମତ ଝଗଡ଼ା କରିବେ। ମୋହଗ୍ରସ୍ତ ପିତାମାତା ଧୃତରାଷ୍ଟ୍ର-ଗାନ୍ଧାରୀଙ୍କ ପରି ଆଖିରେ ପଟି ବାନ୍ଧି ପିଲାମାନଙ୍କୁ ନିଜର ସର୍ବଶ୍ରେଷ୍ଠ ଅହଂକାର ରୂପେ ବ୍ୟବହାର କରିବେ। ଅବଶ୍ୟ ଏହା ଯୁଗ ଯୁଗ ଧରି ଚାଲିଆସିଛି 'ମୋ ପିଲା ଭଲ' ବାକ୍ୟଟି ପିତାମାତାଙ୍କର ପ୍ରମୁଖ ଅସ୍ତ୍ର।

ଏଇ ପିଢ଼ି ରିଅଲ୍ ଲାଇଫ୍‌କୁ ରିଲ୍‌ସ ବନାଇବାରେ ଆନନ୍ଦିତ ହେବେ। ମାତ୍ର ବାସ୍ତବ ଜୀବନର ମର୍ମକୁ ବୁଝିବା ପାଇଁ ଅବହେଳା କରିବେ। ଏମାନଙ୍କ ପାଖରେ ଅନେକ ଭାବର ଅଭାବ ରହିଯିବ। ମାତ୍ର ସେମାନେ ଜୀବନକୁ ପଶାପାଲିର ଗୋଟିରେ ଖେଳେଇ ଚାଲିଥିବେ। ମୁହୂର୍ତ୍ତକୁ ନେଇ ବଞ୍ଚିବାରେ ଥିବା ଆନନ୍ଦକୁ ବୁଝିନେବା ଏମାନଙ୍କ ପାଇଁ ସହଜ ହୋଇଯିବ। ହେଲେ ଆନ୍ତରିକତା ଆଉ ଭାବପ୍ରବଣତାକୁ ଏମାନେ ହେୟଜ୍ଞାନ କରିବେ। ପ୍ରତ୍ୟେକଟି କଳାକୌଶଳ ଶିଖିବା ପାଇଁ ଅର୍ଥ ବିନିଯୋଗ କରିବାକୁ ପଡୁଥିବା ଏଇ ସମୟରେ ବଞ୍ଚିବାର କଳାଟିକୁ ଏମାନଙ୍କୁ କିଏ ଶିଖାଇବ? ଅଭାବ ଅନଟନ ଭିତରୁ ମୁଣ୍ଡ ଟେକିଥିବା ଏମାନଙ୍କର ପିତାମାତା ସେମାନଙ୍କୁ ସମସ୍ତ ସ୍ୱାଚ୍ଛନ୍ଦ୍ୟ ଦେଉଦେଉ ନିଜେ ଦିନେ ଅପଚରା ହୋଇ ରହିବେ ସେକଥା ଜାଣି ମଧ୍ୟ ପୂର୍ବ ଓ ପର ପିଢ଼ି ମଧ୍ୟରେ ନିଜର ଅସ୍ତିତ୍ୱକୁ ହରାଇ ବସିବେ।

ସେମାନଙ୍କର ପିତାମାତା କ'ଣ ସେମାନଙ୍କର ଦୁଃଖକୁ ବୁଝି ପାରିବେ? ସେମାନେ ତ କହିବେ ତୁମେମାନେ ଅଯୋଗ୍ୟ, ଅପାରଗ ଆମ ଭଳି ପିଲାମାନଙ୍କୁ ଅନୁଶାସନରେ ବାନ୍ଧିପାରିଲ ନାହିଁ। ଭୁଲ୍‌ଟିଏ କଲେ ଅପରାଧୀ ଭଳି ଦଣ୍ଡ ଭୋଗୁଥିବା ପିଲାଦିନ ଏବେ ପରିବର୍ତ୍ତିତ। ଏବେ ସେଇ ପିଲାମାନଙ୍କ ହାତରେ ଜିଭ ଭଳି ଅପରାଧୀର ଛୁରୀ, ଯାହା ଏପରି ତୀକ୍ଷ୍ଣ ଯେ ସବୁକିଛି କାଟି ଦେଇ ହେବ। ପୁଣି କଥା କଥାକେ ମୃତ୍ୟୁକୁ ଆପଣେଇବାର ମିଠା ଧମକ। ସେମାନଙ୍କୁ ସମ୍ଭାଳିବା ପାଇଁ ଆମ୍ଭେମାନେ ଅସମର୍ଥ ଆଉ ଦୁର୍ବଳ। ଆଉ ଆମ ପିଲାମାନେ ସୁଖ, ସ୍ୱାଚ୍ଛନ୍ଦ୍ୟ, ବିଳାସ ଏବଂ ସର୍ବୋପରି ଯାନ୍ତ୍ରିକ ଦ୍ରବ୍ୟ ପାଖରେ ପଣବନ୍ଦୀ।

ଏବେ ବି କ'ଣ ସେମାନଙ୍କୁ ବନ୍ଦୀ ଜୀବନରୁ ମୁକୁଳାଇ ଆତ୍ମସମୀକ୍ଷା ଏବଂ ଖୋଲା ଆକାଶକୁ ଟାଣି ଆଣିବାର ସମୟ ଆସିନାହିଁ? କାରଣ ମୂଲ୍ୟବୋଧ ବିନା ଜୀବନ ବୃଥା। ଯେମିତି ସ୍ପନ୍ଦନ ବିନା ହୃଦୟ। ସମସାମୟିକ ପିତାମାତାଗଣ ଏବେ ତ୍ରିଶଙ୍କୁ ସମ। ପୋଥିଗତ ଆଦର୍ଶ ଆଉ ଯୁଗୋପଯୋଗୀ ହେବାର ମଝିଦରିଆରେ ବୁଡି ମରିବା ହିଁ ସେମାନଙ୍କର ଭାଗ୍ୟ। ହୁଏତ ଏକ ଦୃଢ଼ ଆହ୍ୱାନ; ନଚେତ୍ ଆନ୍ଦୋଳନକୁ ଅପେକ୍ଷା, ଯାହା ସେମାନଙ୍କୁ ଭବିଷ୍ୟତ ବଂଶଧରକୁ ସଜାଡ଼ିବା ପାଇଁ ଶକ୍ତି ଯୋଗାଇବ। କାହିଁକି ନା ସେମାନେ ତ ସମସ୍ତଙ୍କୁ ନେଇ ବାଟ ଚାଲିବାର ଶପଥ ନେଇଛନ୍ତି। ସେମାନଙ୍କ ପାଇଁ ଅତୀତ ଓ ଭବିଷ୍ୟତ ଉଭୟ ପ୍ରିୟ। ନୁହେଁ କି?

ବୋଲଗଡ଼, ମୋ: ୮୭୬୩୭୮୮୬୧୪

## ଭବିଷ୍ୟବାଣୀ ଓ ବାସ୍ତବତା

ମନୋରଞ୍ଜନ ମହାନ୍ତି

ଏବେ ଅଧିକ ସଂଖ୍ୟକ ଲୋକ ନିଜ ଭବିଷ୍ୟତ ସମ୍ପର୍କରେ ଜାଣିବା ପାଇଁ ଭବିଷ୍ୟତବକ୍ତାମାନଙ୍କ ନିକଟକୁ ଯାଉଛନ୍ତି। ପୁଅଝିଅମାନେ କେଉଁ ପାଠ ପଢ଼ିଲେ କୃତିତ୍ୱ ଅର୍ଜନ କରିବେ, କିପରି ଚାକିରି ପାଇବେ, ପ୍ରଚୁର ଅର୍ଥ ଉପାର୍ଜନ କରିବେ, ସମାନ ସ୍ତରରେ ବିବାହ କରିବେ ଇତ୍ୟାଦି ଜାଣିବା ପାଇଁ ଭବିଷ୍ୟତବକ୍ତାମାନଙ୍କ ପରାମର୍ଶ ଗ୍ରହଣ କରାଯାଉଛି। ଏପରିକି ଘର ଖଣ୍ଡେ ତିଆରି କରିବା ସମୟରେ କେଉଁଠି ଠାକୁର ଘର, ରୋଷେଇ ଘର, ଶୋଇବା ଘର, ଶୌଚାଳୟ, ଜଳାଶୟ ଇତ୍ୟାଦି ରହିବ ଜାଣିବା ପାଇଁ ସଂପୃକ୍ତ ବିଜ୍ଞାନୀମାନଙ୍କ ସହିତ ଯୋଗାଯୋଗ ରକ୍ଷା କରାଯାଉଛି। ଘରପ୍ରତିଷ୍ଠାର ଶୁଭଦିନ ସ୍ଥିର କରି ହୋମକ୍ରିୟା ପାଇଁ ପୁରୋହିତଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଏ। ଗଭୀର ଭାବରେ ଚିନ୍ତା କରି କେହି କେହି କହନ୍ତି, ମଣିଷ ତା'ର ଆତ୍ମସନ୍ତୋଷ ପାଇଁ ଏସବୁ କରିଥାଏ।

ଭବିଷ୍ୟତବକ୍ତାମାନଙ୍କ କଥା ବେଳେବେଳେ ସତ୍ୟ ହୁଏ, ବେଳେବେଳେ ହୁଏ ନାହିଁ। ବିଜ୍ଞାନୀମାନଙ୍କ ସହିତ ପରାମର୍ଶ କରି ଘର ତିଆରି କଲେ ବି ଅନେକ ସମୟରେ ଘରେ ଅଭାବ, ଅଶାନ୍ତି ସୃଷ୍ଟି ହୁଏ। ବିଧିବିଧାନ ଅନୁଯାୟୀ ଯେତେ ହୋମଯଜ୍ଞ ଆୟୋଜନ କଲେ ବି ମଣିଷ ଯାବତୀୟ ଅଶୁଭ ଅମଙ୍ଗଳର ସମ୍ମୁଖୀନ ହୁଏ। ୟା'ର ଅର୍ଥ ନୁହେଁ ଯେ ଭବିଷ୍ୟତବକ୍ତା, ଗୃହନିର୍ମାଣ-ବିଜ୍ଞାନୀ, ପୁରୋହିତଙ୍କ ପରାମର୍ଶ ଲୋଡ଼ିବା ଉଚିତ ନୁହେଁ। କିନ୍ତୁ ସେମାନଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିବା, ସେମାନଙ୍କ କଥାକୁ ଶେଷକଥା ବୋଲି ଗ୍ରହଣ କରିବା ବିଜ୍ଞତା, ବିଚାରବୋଧର ସୂଚନା ନୁହେଁ।

ତେନ୍‌ଜିଙ୍ଗଙ୍କ ଆତ୍ମଚରିତ 'ଦି ଟାଇଗର୍ ଅଫ୍ ଦି ସ୍ନୋଜ୍'ରେ ଏକ ଭାବୋଦ୍ଦୀପକ, ପ୍ରଭାବଶାଳୀ ବର୍ଣ୍ଣନା ରହିଛି। ଏଭରେଷ୍ଟ ଆରୋହଣ କରିବା ପୂର୍ବରୁ ତେନ୍‌ଜିଂ ଓ ନିଉଜିଲାଣ୍ଡର ଏଡ୍‌ମଣ୍ଡ ହିଲାରି କାଠମାଣ୍ଡୁସ୍ଥିତ ପଶୁପତିନାଥ ମନ୍ଦିରର ମୁଖ୍ୟ ପୁରୋହିତ (ଯିଏ ଜଣେ ଭବିଷ୍ୟତବକ୍ତା ମଧ୍ୟ)ଙ୍କୁ ସାକ୍ଷାତ କଲେ। ପୁରୋହିତ ସେମାନଙ୍କ ହସ୍ତରେଖାକୁ ଅନୁଧ୍ୟାନ କରି କହିଲେ ସେମାନଙ୍କ ମଧ୍ୟରୁ କେହି ହେଲେ ସାଗରମଥା (ନେପାଳି ଭାଷାରେ ଏଭରେଷ୍ଟକୁ ସାଗରମଥା ବୋଲି କୁହାଯାଏ)ରେ ପହଞ୍ଚି ପାରିବେ ନାହିଁ ଏବଂ ଆରୋହଣ କରିବା ସମୟରେ ଦୁଇଜଣଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରିବେ। କିନ୍ତୁ ଦୁଇଜଣଯାକ ପୁରୋହିତଙ୍କ କଥାରେ ଗୁରୁତ୍ୱ ନଦେଇ ଏଭରେଷ୍ଟ ଆରୋହଣ କଲେ ଏବଂ ୧୯୫୩ ମସିହା ମେ ୨୯ ତାରିଖରେ ପୃଥିବୀର ସର୍ବୋଚ୍ଚ ପର୍ବତ-ଶୃଙ୍ଗରେ ପହଞ୍ଚିପାରିଲେ।

ଯୁବକ ଜହିରୁଦ୍ଦିନ୍ ବାବର ୧୫୨୬ ଖ୍ରୀଷ୍ଟାବ୍ଦରେ ପ୍ରଥମ ପାନିପଥ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲାବେଳେ ଜଣେ ନୁଜୁମୀ (ଆରବୀ ଭାଷାରେ ନୁଜୁମୀର ଅର୍ଥ ଭବିଷ୍ୟତବକ୍ତା) କହିଲେ ସେ ଯୁଦ୍ଧରେ ପରାସ୍ତ ହେବେ, ଏପରିକି ମୃତ୍ୟୁବରଣ କରିପାରନ୍ତି। ବାବର ଏକଥାକୁ ଆଦୌ ଭ୍ରୂକ୍ଷେପ କଲେ ନାହିଁ, ଯୁଦ୍ଧରେ ଅବତୀର୍ଣ୍ଣ ହେଲେ ଏବଂ ଜୟ ଲାଭ କରି ଭାରତରେ ମୋଗଲ ସାମ୍ରାଜ୍ୟ ପ୍ରତିଷ୍ଠା କଲେ, ଯେଉଁ ସାମ୍ରାଜ୍ୟ ୧୮୫୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦୃଢ଼ମୂଳ ହୋଇ ରହିଲା। ବାର୍ବାଦୋସ୍ ନିକଟରେ ଏକ ଦରିଦ୍ର ପରିବାରରେ ଗୋଟିଏ ଶିଶୁ ଜନ୍ମ ହେଲା। ଜନ୍ମ ସମୟରୁ ତା'ର ଥିଲା ଛଅଟି ଆଙ୍ଗୁଳି ଓ ଦୁଇଟି ଦାନ୍ତ। ଗାଁର ଜଣେ ଭବିଷ୍ୟତବକ୍ତା ତା'ର ମୁହଁକୁ ଦେଖି କହିଲେ 'ସେ ଗୋଟେ ପିଶାଚର ସନ୍ତାନ, ଦଶବର୍ଷ ବୟସ ହେବା ପୂର୍ବରୁ ମୃତ୍ୟୁବରଣ କରିବ।' ଆଶ୍ଚର୍ଯ୍ୟର କଥା, ସେହି ଶିଶୁ ଏବେ ୮୧ବର୍ଷର ବୃଦ୍ଧ, କ୍ରୀଡ଼ାଜଗତର ଜଣେ କିମ୍ବଦନ୍ତୀ ପୁରୁଷ, ପଶ୍ଚିମ ଭାରତୀୟ କ୍ରିକେଟ ଖେଳାଳି ଗାର୍‌ଫିଲ୍ଡ୍ ସୋବର୍ସ୍।

ପାଣିନିଙ୍କ ବାପା ମା'ଙ୍କୁ ଜଣେ ଭବିଷ୍ୟତବକ୍ତା କହିଲେ, 'ପାଣିନିଙ୍କ କପାଳରେ ପାଠ ନାହିଁ। ସେ ଆଦୌ ପଢ଼ାପଢ଼ି କରିବେ ନାହିଁ।' ସମସ୍ତଙ୍କ ମନରେ ଦୁଃଖ ହେଲା। ପାଣିନି ଚିନ୍ତିତ ହୋଇ ଗୋଟିଏ ପୋଖରୀ କୂଳରେ ବସିଥିବା ବେଳେ ଦେଖିଲେ କୂଳରେ ଗୋଟିଏ ସ୍ଥାନରେ ମାଟି ଦବିଯାଇ ଗୋଲ ଆକାର ଧାରଣ କରିଛି। ପୋଖରୀକୁ ପାଣିନେବା ପାଇଁ ଆସୁଥିବା ପ୍ରତ୍ୟେକ ଲୋକ ମାଠିଆରେ ପାଣି ଭରି ପ୍ରଥମେ ସେହି ସ୍ଥାନରେ ରଖୁଛନ୍ତି; ତା'ପରେ କାଖକୁ ବା କାନ୍ଧକୁ ଉଠାଇ ଘରକୁ ଫେରୁଛନ୍ତି। ପାଣିନି ଜଣଙ୍କୁ ପଚାରିଲେ, 'ଏହି ସ୍ଥାନରେ ମାଟି ଦବିଲା କିପରି ଏବଂ ଏହା ଗୋଲ ଆକାର ଧାରଣ କଲା କିପରି?' ଉତ୍ତର ମିଳିଲା, 'ସ୍ଥାନଟି ପ୍ରଥମେ ସମତଳ ଥିଲା। ସବୁଲୋକ ଏଠି ମାଠିଆ ରଖିରଖି କ୍ରମାଗତ ଚାପ ହେତୁ ମାଟି ଦବିଯାଇ ଗୋଲାକାର ହୋଇଗଲା।' ପାଣିନି ଚିନ୍ତା କଲେ, 'କ୍ରମାଗତ ଚାପ ହେତୁ ଯଦି ସମତଳ ଭୂମିଟି ପରିବର୍ତ୍ତିତ ହେଉଛି, ଅର୍ଥାତ୍ ଦବିଯାଇ ଗୋଲ ଆକାର ଧାରଣ କରିପାରୁଛି, କ୍ରମାଗତ ଉଦ୍ୟମ କଲେ ମୋର ମଧ୍ୟ ପରିବର୍ତ୍ତନ ହେବ। ଅର୍ଥାତ୍ ମୁଁ ପାଠ ପଢ଼ିପାରିବି, ଭଲ ପଢ଼ିପାରିବି।' ଘରକୁ ଫେରିଗଲେ ଓ ପାଠପଢ଼ାରେ ମନୋନିବେଶ କରି ଶ୍ରେଷ୍ଠ ବୈୟାକରଣିକ ଭାବରେ ଖ୍ୟାତି ଅର୍ଜନ କଲେ।

ସୁତରାଂ ଆମର ଭବିଷ୍ୟତ ସମ୍ପର୍କରେ ଭବିଷ୍ୟତବକ୍ତାମାନଙ୍କ କଥା ଗୁରୁତ୍ୱପୂର୍ଣ୍ଣ ହେଉ ବା ନହେଉ, ସବୁଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ ହେଉଛି ଆମର ଜୀବନ-ଗଠନର ସଂକଳ୍ପ ଓ ସାଧନା। ତେନ୍‌ଜିଂ, ହିଲାରି, ବାବର, ଗାର୍‌ଫିଲ୍ଡ୍ ସୋବସ୍‌ର୍, ପାଣିନି ଓ ଆହୁରି ଅନେକ ବ୍ୟକ୍ତି ଭବିଷ୍ୟତବକ୍ତାମାନଙ୍କ କଥାକୁ ଆଦୌ ଗୁରୁତ୍ୱ ନଦେଇ ନିଜ ନିଜ ଜୀବନର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ସେହି ଲକ୍ଷ୍ୟସ୍ଥଳରେ ପହଂଚିବା ପାଇଁ ଆବଶ୍ୟକ ସାଧନା ନିରତ ହୋଇଛନ୍ତି ଓ ପହଞ୍ଚି ପାରିଛନ୍ତି। ଠିକ୍ ସେହିପରି ଆମେ ବାସଗୃହ ନିର୍ମାଣ କଲା ବେଳେ ଠାକୁର ଘର, ଜଳାଶୟ, ଶୋଇବା ଘର, ରୋଷେଇ ଘର, ଶୌଚାଳୟ ଇତ୍ୟାଦିର ଦିଗ ନିର୍ଣ୍ଣୟ ସମ୍ପର୍କରେ ବିଜ୍ଞାନୀମାନଙ୍କ କଥା ଗୁରୁତ୍ୱପୂର୍ଣ୍ଣ ହେଉ ବା ନହେଉ; ସବୁଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ ହେଉଛି ଆମେ ସତ୍‌ପନ୍ଥାରେ ଆୟ କରି ସତ୍‌ପନ୍ଥାରେ ବ୍ୟୟ କରିବା ଏବଂ ପରିବାରରେ ସମସ୍ତଙ୍କ ମଧ୍ୟରେ ସଦ୍‌ଭାବର ପରିବେଶ ରଚନା କରିବା।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର), ମୋ: ୯୮୫୩୨୮୨୯୬୨

## ଦୁର୍ଯ୍ୟୋଧନଙ୍କ ନାମରେ ପୈଠ ହୁଏ ଖଜଣା

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ହସ୍ତିନାପୁରର ରାଜା ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ୧୦୦ ପୁତ୍ର ମଧ୍ୟରେ ଜ୍ୟେଷ୍ଠ ଦୁର୍ଯ୍ୟୋଧନ ହେଉଛନ୍ତି ଅହଂକାର ଓ କ୍ରୋଧର ପ୍ରତୀକ। କିନ୍ତୁ ଆସୁରିକ ପ୍ରବୃତ୍ତି ଯୁକ୍ତ ଦୁର୍ଯ୍ୟୋଧନଙ୍କୁ କେରଳର ଗୋଟିଏ ସ୍ଥାନରେ ଜଣେ ଦୟାଳୁ ଓ ରକ୍ଷକ ଦେବତା ଭାବେ ପୂଜା କରାଯାଉଛି। ସ୍ଥାନୀୟ ଗ୍ରାମବାସୀମାନେ ଦୁର୍ଯ୍ୟୋଧନଙ୍କୁ 'ଅପୁପା' ବୋଲି କହିଥା'ନ୍ତି। 'ଅପୁପା'ର ଅର୍ଥ ହେଉଛି ଜେଜେ। ଏହାବ୍ୟତୀତ ଦେବଭୂମି ଉତ୍ତରାଖଣ୍ଡର ଜଖୋଲ ଗାଁରେ ମଧ୍ୟ ଦୁର୍ଯ୍ୟୋଧନଙ୍କ ଏକ ମନ୍ଦିର ଅଛି।

କେରଳର କୋଲମ୍‌ଠାରେ ଶକୁନି ମନ୍ଦିର ନିକଟରେ ଅଛି ଦୁର୍ଯ୍ୟୋଧନଙ୍କ ବିଶାଳ ଓ ଭବ୍ୟ ମନ୍ଦିର। 'ପୋରୁବାଝି ପେରୁଭିରୁଥି ମଲନାଡ଼ା' ନାମକ ଏହି ମନ୍ଦିରର ବିଶେଷତ୍ୱ ହେଉଛି, ଏଠାରେ ଦୁର୍ଯ୍ୟୋଧନଙ୍କର କୌଣସି ମୂର୍ତ୍ତି ନାହିଁ, ବରଂ ତାଙ୍କର ପ୍ରିୟ ଅସ୍ତ୍ର ଗଦାକୁ ପୂଜାର୍ଚ୍ଚନା କରି ନିଜର ମଙ୍ଗଳକାମନା କରିବା ସହିତ ମନସ୍କାମନା ପୂର୍ଣ୍ଣ ହେବା ପାଇଁ ଆଶିଷ ମାଗିଥା'ନ୍ତି। ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ଏଠାକୁ ଆସୁଥିବା ଶ୍ରଦ୍ଧାଳୁଙ୍କର ସମସ୍ତ ମନସ୍କାମନା ଦୁର୍ଯ୍ୟୋଧନ ପୂରଣ କରିଥା'ନ୍ତି ବୋଲି ଜନଶ୍ରୁତି ରହିଛି। ଏଠାରେ ଭୋଗ ସ୍ୱରୂପ ତାଡ଼ି (ତାଳରସରେ ପ୍ରସ୍ତୁତ ଏକପ୍ରକାର ମାଦକଦ୍ରବ୍ୟ) ପୂଜା କରାଯାଏ ଏବଂ ଏହି ପ୍ରସାଦକୁ ତୀର୍ଥ ପ୍ରସାଦ ଭାବେ ଶ୍ରଦ୍ଧାଳୁଙ୍କୁ ମଧ୍ୟ ଦିଆଯାଏ। 'ମଲନାଡ଼ା' ଦୁଇଟି ଶବ୍ଦର ସମଷ୍ଟି। 'ମଲା' ହେଉଛି ପାହାଡ଼ ଏବଂ 'ନାଡ଼ା' ଅର୍ଥ ମନ୍ଦିର। ତେଣୁ କୌରବ ୧୦୦ ଭାଇଙ୍କ ମନ୍ଦିରଗୁଡ଼ିକ ଛୋଟ ଛୋଟ ପାହାଡ଼ ବା ମୁଣ୍ଡିଆ ଉପରେ ନିର୍ମାଣ କରାଯାଇଥିବାରୁ ଏହାର ନାମ 'ମଲନାଡ଼ା' ହୋଇଛି।

ଲୋକକଥା ଅନୁସାରେ, ଏକଦା ଦୁର୍ଯ୍ୟୋଧନ ତାଙ୍କର ୯୯ ଭାଇଙ୍କ ସହିତ ପାଣ୍ଡବମାନଙ୍କ (ଅଜ୍ଞାତବାସରେ ଥିବା ସମୟରେ) ସନ୍ଧାନ କରି କୋଲମ୍‌ଠାରେ ପହଞ୍ଚିଲେ। ତାଙ୍କୁ ବହୁତ ଶୋଷ ଲାଗୁଥିଲା। ତେଣୁ ସେ ନିକଟସ୍ଥ ଏକ ଗାଁକୁ ପାଣି ମାଗିବାକୁ ଯାଇଥିଲେ। ସେଠାରେ ଜଣେ ବୃଦ୍ଧା ତାଙ୍କୁ ପାଣି ପରିବର୍ତ୍ତେ ତାଡ଼ି ଦେଇଥିଲେ। ଏଥିରେ ଦୁର୍ଯ୍ୟୋଧନଙ୍କ ଶୋଷ ମେଣ୍ଟିବା ସହ ଏହା ତାଙ୍କୁ ଖୁବ୍ ସ୍ୱାଦିଷ୍ଟ ଲାଗିଥିଲା। ତେଣୁ ସେ ଖୁସି ହୋଇ ଗାଁବାସୀଙ୍କ ଉଦ୍ଦେଶ୍ୟରେ ଚାଷଜମି ଦାନ କରିବା ସହ ଜମିଗୁଡ଼ିକ ସବୁବେଳେ ଫସଲରେ ଶସ୍ୟଶାମଳା ହେଉ ବୋଲି ଆଶୀର୍ବାଦ ଦେଇଥିଲେ। ଆଶ୍ଚର୍ଯ୍ୟର କଥା ଯେ, ବର୍ତ୍ତମାନ ସମୟରେ ମଧ୍ୟ ଏହି ଜମିର କର (ଟ୍ୟାକ୍ସ) ଦୁର୍ଯ୍ୟୋଧନଙ୍କ ନାମରେ ପଇଠ କରାଯାଉଛି। ଦୁର୍ଯ୍ୟୋଧନ ସେହି ଗାଁକୁ ଶୁକ୍ରବାର ଦିନ ଆସିଥିଲେ ଏବଂ ଆସନ୍ତା ଶୁକ୍ରବାରକୁ ସେ ଗାଁ ଫେରିବେ ବୋଲି ପ୍ରତିଶ୍ରୁତି ଦେବା ସହ କହିଥିଲେ ଯେ, ସେ ଯଦି ନଫେରନ୍ତି, ତେବେ ଗ୍ରାମବାସୀ ତାଙ୍କର ଅନ୍ତିମ ସଂସ୍କାର କରିଦେବେ। ଗୋଟିଏ ସପ୍ତାହ ଅପେକ୍ଷା କରିବା ପରେ ଦୁର୍ଯ୍ୟୋଧନ ଫେରି ନଥିବା ଦେଖି ଗାଁର ଲୋକମାନେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କଲେ ଏବଂ ତାଙ୍କର ଆତ୍ମା ଫେରିଆସିଥିବାର ବିଶ୍ୱାସ କରି ମନ୍ଦିର ନିର୍ମାଣ କରାଇ ଥିଲେ। ତେଣୁ ଏବେ ମଧ୍ୟ ଦୁର୍ଯ୍ୟୋଧନଙ୍କ ଆତ୍ମାର ଅସ୍ତିତ୍ୱକୁ ବିଶ୍ୱାସ କରି ପ୍ରତ୍ୟେକ ଶୁକ୍ରବାରଦିନ ସେଠାରେ ବିଶେଷ ପୂଜାର୍ଚ୍ଚନା କରାଯିବା ସହ ତାଡ଼ି ଭୋଗ ଅର୍ପଣ କରାଯାଉଛି। ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ସମୟରେ ଦୁର୍ଯ୍ୟୋଧନଙ୍କ ଉଦ୍ଦେଶ୍ୟରେ 'ମଲନାଡ଼ା ମହୋତ୍ସବ'ର ଆୟୋଜନ ହୋଇଥାଏ, ଯେଉଁଥିରେ ପ୍ରକୃତିର ସୁରକ୍ଷା ଓ ଭଲ ଫସଲ ଉତ୍ପାଦନ ପାଇଁ ଆଶିଷ ଭିକ୍ଷା କରାଯାଏ। ୮ ଦିନ ଧରି ଚାଲୁଥିବା ଏହି ଉତ୍ସବରେ ଲକ୍ଷାଧିକ ଭକ୍ତ ଯୋଗ ଦିଅନ୍ତି।

ଦୁର୍ଯ୍ୟୋଧନଙ୍କ ସହିତ ଅନ୍ୟ କୌରବ ଭାଇ ଓ ଭଗ୍ନୀ ଦୁଶାଳାଙ୍କର ମନ୍ଦିର ମଧ୍ୟ କୋଲମଠାରେ ଅଛି। ମହାଭାରତ ଯୁଦ୍ଧ ପରେ ଦୁଶାଳା ଭୋକଶୋଷରେ ଅତିଷ୍ଠ ହୋଇ ରାଜ୍ୟ ଛାଡ଼ି ପଳାଇ ଆସିଥିଲେ। କୋଲମଠାରେ ପହଞ୍ଚିବା ପରେ ସେ ଗୋଟିଏ ଜମିରେ କାଠି ଦ୍ୱାରା ଭୂମିରୁ ପାଣିର ଉତ୍ସ ସୃଷ୍ଟି କରିଥିଲେ ଏବଂ ସେହି କାଠିକୁ ଉକ୍ତ ଜମିରେ ପୋତି ଦେଇଥିଲେ ବୋଲି ଲୋକକଥା ଅଛି। ତେଣୁ ଉକ୍ତ ଜମିରେ ଦୁଶାଳାଙ୍କର ଗୋଟିଏ ମନ୍ଦିର ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ଏହି ମନ୍ଦିର ଦୁର୍ଯ୍ୟୋଧନ ମନ୍ଦିରଠାରୁ ମାତ୍ର ୬ କି.ମି. ଦୂର ଏବଂ ଏହି ଜମିରୁ ହେଉଥିବା ଫସଲ କେବଳ ଠାକୁରଙ୍କ ଭୋଗ ପାଇଁ ପାଇଁ ଉଦ୍ଦିଷ୍ଟ।

ଉତ୍ତରାଖଣ୍ଡରେ ଥିବା ଦୁର୍ଯ୍ୟୋଧନଙ୍କ ମନ୍ଦିର ସ୍ଥାନୀୟ ଲୋକକଥା ଅନୁସାରେ ନିର୍ମାଣ କରାଯାଇଛି। ଏକଦା ଦୁର୍ଯ୍ୟୋଧନ ଉତ୍ତରାଖଣ୍ଡର ଜୋନ୍‌ସୋର୍-ବାବର କ୍ଷେତ୍ରର ହନୋଲ୍ ଯାତ୍ରାରେ ଆସିଥିଲେ। ଏଠାକାର ପ୍ରାକୃତିକ ସୁନ୍ଦରତାରେ ସେ ବିମୋହିତ ହୋଇ ସ୍ଥାନୀୟ ଦେବତା ମହାସୁଙ୍କୁ ହିମାଳୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଗୋଟିଏ ଘାଟି ମାଗିଲେ। ମହାସୁ ଦୁର୍ଯ୍ୟୋଧନଙ୍କୁ ଘାଟି ଦେବା ପାଇଁ ଗୋଟିଏ ସର୍ତ୍ତର୍ ରଖିଲେ ଯେ, ସବୁବେଳେ ସେ ସ୍ଥାନୀୟ ଲୋକଙ୍କୁ ସୁରକ୍ଷା ଦେବା ସହିତ ତାଙ୍କର ଦୁଃଖକଷ୍ଟ ହରଣ କରିବେ। ଏଥିରେ ଦୁର୍ଯ୍ୟୋଧନ ରାଜି ହୋଇଗଲେ। ସେବେଠାରୁ ଆଜି ପର୍ଯ୍ୟନ୍ତି ଦୁର୍ଯ୍ୟୋଧନ ଉତ୍ତରକାଶୀ ଜିଲ୍ଲା ଅନ୍ତର୍ଗତ ଜଖୋଲ୍ ଗାଁର ରକ୍ଷକ ଦେବତା ଭାବେ ପୂଜା ପାଇ ଆସୁଛନ୍ତି। କୁହାଯାଏ ଯେ, ଦୁର୍ଯ୍ୟୋଧନଙ୍କ ମୃତ୍ୟୁରେ ଲୋକମାନେ ଏତେମାତ୍ରାରେ କାନ୍ଦିଥିଲେ ଯେ, ସେମାନଙ୍କ ଲୁହରୁ ତମସ ନାମକ ନଦୀର ଉତ୍ପତ୍ତି ହୋଇଥିଲା, ଯାହାକୁ ଏବେ ଟୋସ୍ ନଦୀ କୁହାଯାଉଛି। ଏହା ବ୍ୟତୀତ ଦୁର୍ଯ୍ୟୋଧନଙ୍କ ମନ୍ଦିର ନିର୍ମାଣକୁ ନେଇ ଏକାଧିକ ଲୋକକଥା ଅଛି। ଏହି ମନ୍ଦିରକୁ ବର୍ତ୍ତମାନ ସମୟରେ ଗୋଟିଏ ଶୈବପୀଠ ବୋଲି କୁହାଯାଉଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଅଚଳାବସ୍ଥା

## ମିଳୁନି ସରକାରୀ ଅନୁଦାନ; ବକେୟା ୧.୪୫ କୋଟି

**ସାମଗ୍ରୀ ଦେବାକୁ ମନା କରିଦେଲେ ଟେଣ୍ଡରଧାରୀ**

**ପ୍ରଶାସନ ହସ୍ତକ୍ଷେପ ସତ୍ତ୍ୱେ ଆନ୍ଦୋଳନକୁ ଓହ୍ଲାଇବେ ସେବାୟତ**



**ବାରିପଦା, ୩୦।୧୦ (ସମିସ):** ମନ୍ଦିର ପରିଚାଳନା ପାଇଁ ଦୀର୍ଘଦିନ ହେଲା ସରକାରୀ ଅନୁଦାନ ମିଳୁ ନ ଥିବାରୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଜଗନ୍ନାଥ ମନ୍ଦିରରେ ଅଚଳାବସ୍ଥା ଦେଖାଦେଇଛି। ଫଳରେ ଗୁରୁବାର ଟେଣ୍ଡରଧାରୀଙ୍କ ସାମଗ୍ରୀ ଯୋଗାଣ ବନ୍ଦ ନିଷ୍ପତ୍ତି ପରେ ଦିଅଁଙ୍କ ନିତ୍ୟାନୀ ସେବା ଓ ଭୋଗଲାଗି ବନ୍ଦ ଆଶଙ୍କା ଦେଖାଦେଇଥିଲା; ହେଲେ ପ୍ରଶାସନର ହସ୍ତକ୍ଷେପ ପରେ ସେବା ଓ ଭୋଗ ପାଇଁ ସାମଗ୍ରୀ ପୂର୍ବଭଳି ଯୋଗାଯିବାକୁ ଥିବାବେଳେ ଉତ୍ପନ୍ନ ପରିସ୍ଥିତି ଟଳିଛି; ପରନ୍ତୁ ଏହାର ସ୍ଥାୟୀ ପ୍ରତିକାର ନ ହେଲେ ସେବାୟତମାନେ ନଭେମ୍ବର ଦ୍ୱିତୀୟ ସପ୍ତାହରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ରାଜ୍ୟ ସଭାପତି କାମେଶ୍ୱର ତ୍ରିପାଠୀ ଚେତାବନୀ ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଶ୍ରୀଶ୍ରୀ ହରିବଳଦେବ ଜୀଉ ବିଜେ ବାରିପଦା ଜଗନ୍ନାଥ ମନ୍ଦିର ପରିଚାଳନା ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇବା ପାଇଁ ବାର୍ଷିକ ଖୋଲା ଟେଣ୍ଡର ଆହ୍ୱାନ କରାଯାଇଥାଏ।

ଦୈନନ୍ଦିନ ସେବା ଓ ବିଭିନ୍ନ ଭୋଗ ପାଇଁ ଗ୍ରୋସରୀ ଓ ପୂଜା ସାମଗ୍ରୀ, କାଠ, ଲୁଗା, ମିଠା, ପାନ, ଦୁଗ୍ଧ, ଘିଅ ଆଦି ଯୋଗାଇବା ପାଇଁ ଭିନ୍ନ ଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଟେଣ୍ଡର ନେଇଛନ୍ତି ; କିନ୍ତୁ ସେମାନଙ୍କୁ ଠିକ ସମୟରେ ତାଙ୍କର ଟଙ୍କା ଦିଆଯାଉ ନ ଥିବାରୁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ପ୍ରତିଦିନ ସେବା ଓ ଭୋଗ ସହିତ ପର୍ବପର୍ବାଣି ପାଇଁ ଅତିରିକ୍ତ ଖର୍ଚ୍ଚ ମଧ୍ୟ ରହିଛି। ଏହି କ୍ରମରେ ଏ ଯାଏ ୧ କୋଟି ୪୫ ଲକ୍ଷ ଟଙ୍କା ବାକି ପଡ଼ିଛି।

ଗୁରୁବାର ଜଣେ ଯୋଗାଣକାରୀ ଦେଢବର୍ଷ ଧରି ୨୨ଲକ୍ଷରୁ ଊର୍ଦ୍ଧ୍ୱର୍ ଟଙ୍କା ପାଇନଥିବାରୁ ସାମଗ୍ରୀ ଯୋଗାଇବାକୁ ମନା କରିଦେଇଥିଲେ। ଫଳରେ ମନ୍ଦିରର ଅଚଳାବସ୍ଥା ସହିତ ଠାକୁର ଉପାସ ରହିବା ପରିସ୍ଥିତି ଆଶଙ୍କା ସୃଷ୍ଟି ହୋଇଥିଲା। ଏ ନେଇ ରାଜ୍ୟ ସେବାୟତ ସଂଘ ସଭାପତି ଶ୍ରୀ ତ୍ରିପାଠୀ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଅଧ୍ୟକ୍ଷ ସଞ୍ଜିବ ରାଉତ, ସୁଜିତ ମହାନ୍ତି ଭାରପ୍ରାପ୍ତ ଦେବୋତ୍ତର ଅଧିକାରୀ ତଥା ଉପଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡାଙ୍କୁ ସାକ୍ଷାତ କରିଥିଲେ। ଯୋଗାଣ ସାମଗ୍ରୀ ଯୋଗାଉଥିବା ଟେଣ୍ଡରଧାରୀ ମଧ୍ୟ ଉପସ୍ଥିତ ଥିଲେ। ଖୁବଶୀଘ୍ର ସମାଧାନ ପନ୍ଥା ବାହାର କରାଯିବ ବୋଲି ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେବାରୁ ପୂର୍ବବତ ସାମଗ୍ରୀ ଯୋଗାଯିବା ନିଷ୍ପତ୍ତି ହୋଇଥିଲା। ତେବେ ବାରମ୍ବାର ଏପରି ଅଚଳାବସ୍ଥା ଦୂର ପାଇଁ ସ୍ଥାୟୀ ପଦକ୍ଷେପ ନ ନିଆଗଲେ ମନ୍ଦିରର ସେବାୟତଗଣ ନଭେମ୍ବର ଦ୍ୱିତୀୟ ସପ୍ତାହରେ ଆନ୍ଦୋଳନ କରିବେ ବୋଲି ଶ୍ରୀ ତ୍ରିପାଠୀ ଚେତାବନୀ ଦେଇଛନ୍ତି। ଦିଅଁଙ୍କ ନିକଟରେ ପ୍ରତିଦିନ ସକାଳ ୬ଟା, ପୂର୍ବାହ୍ନ ୧୦ଟା, ୧୧ଟା, ଅପରାହ୍ନ ୫ଟା, ସନ୍ଧ୍ୟା ୭ଟା, ୯ଟା ଓ ୧୦ଟାରେ ଗୋପାଳ ବଲ୍ଲଭ, ଖେଚୁଡ଼ି, ମୋଟା ଅନ୍ନ, ଆରିଷା ପିଠା, ସରୁ ଅନ୍ନ, ଖିରି-କାକରା, ବଲ୍ଲଭ, ମୋହନ ଭୋଗ, ଉଖୁଡା ଓ ମିଠା ଭୋଗଲାଗି ହୋଇଥାଏ। ସାମଗ୍ରୀ ଯୋଗାଣ ବନ୍ଦ ଚେତାବନୀ ଦେବା ପରେ ଏହି ସମସ୍ତ ଭୋଗ ବନ୍ଦ ଆଶଙ୍କା ଦେଖାଦେଇଥିଲା। ତେବେ ବାରିପଦାର ଦେବୋତ୍ତର ବିଭାଗ ଅଧୀନରେ ୨୦ଟି ମଠ ଓ ମନ୍ଦିର ପରିଚାଳିତ ହେଉଛି। ଏଥି ନିମନ୍ତେ ୪୪ ହଜାର ୭୦୦ ଏକର ଜମି ଖଞ୍ଜାଥିବା ସ୍ଥଳେ ପାଖାପାଖି ୪୦ ହଜାର ଜମି ବିଭିନ୍ନ ସରକାରୀ ସଂସ୍ଥା ଓ ଲୋକଙ୍କ ଜବରଦଖଲରେ ରହିଛି। ଫଳରେ ଉକ୍ତ ଜମିରୁ କୋଣସି ରାଜସ୍ୱ ଆୟ ହୋଇପାରୁନାହିଁ। ତେଣୁ ଉକ୍ତ ଜମିରୁ ମଠ, ମନ୍ଦିର ପରିଚାଳନା ନେଇ ସୁବ୍ୟବସ୍ଥା କରିବାକୁ ଦାବି ହେଉଛି। ଓଡିଆ ଅସ୍ମିତାର ଦ୍ୱାହି ଦେଇ ସରକାର ପରିବର୍ତ୍ତନ ପରେ ମନ୍ଦିର ପରିଚାଳନା ଅବ୍ୟବସ୍ଥା ବାସ୍ତବିକ ନିନ୍ଦନୀୟ ଓ ଅକ୍ଷମଣୀୟ ବୋଲି କୁହାଯାଉଛି।

# ନୀରବିଗଲେ କବି ତଥା ରାଜନେତା ଶଙ୍କର ପରିଡ଼ା



**ପୁରୀ,୩୦।୧୦(ସମିସ):** ବିଶିଷ୍ଟ କବି ତଥା ପ୍ରବୀଣ ରାଜନେତା ଶଙ୍କର୍ଷଣ (ଶଙ୍କର) ପରିଡ଼ାଙ୍କ ୬୬ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଫୁସ୍‌ଫୁସ୍ ଜନିତ କ୍ୟାନ୍ସରରେ ପୀଡ଼ିତ ହୋଇ ଦୀର୍ଘଦିନ ଧରି ଚିକିତ୍ସିତ ହେଉଥିଲେ। ବମ୍ବେରେ ଚିକିତ୍ସିତ ହୋଇ ଭୁବନେଶ୍ୱର ଘରକୁ ଫେରିଥିଲେ। ମାତ୍ର ସ୍ୱାସ୍ଥ୍ୟାବସ୍ଥା ପୁଣି ବିଗିଡ଼ିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ମଙ୍ଗଳବାର ରାତିରେ ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ଭେଣ୍ଟିଲେଟର୍‌ରେ ଚିକିତ୍ସାଧୀନ ଥିବାବେଳେ ଗୁରୁବାର ତାଙ୍କର ପରଲୋକ ଘଟିଛି। ଭୁବନେଶ୍ୱରରୁ ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ପ୍ରଥମେ ତାଙ୍କ ଜନ୍ମମାଟି ପୁରୀ ସଦର ବ୍ଲକ୍ ବାଲିପୁଟ ପଞ୍ଚାୟତ ମାର୍କଣ୍ଡପୁର ଗାଁକୁ ନିଆଯାଇଥିଲା। ସେଠାରୁ ପୁରୀ ବାସଭବନ 'ଇନ୍ଦ୍ରପ୍ରସ୍ଥ'କୁ ଅଣାଯାଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ପରେ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି। ସାନଭାଇ ଗୋଲକ ପରିଡ଼ା ମୁଖାଗ୍ନି ଦେଇଥିବା ବେଳେ ପାଖରେ ୨ କନ୍ୟା ଉପସ୍ଥିତ ଥିଲେ। ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି, ଶୁଭେଚ୍ଛୁ, ସମ୍ପର୍କୀୟ, ସାହିତ୍ୟିକ, କବି ସ୍ୱର୍ଗଦ୍ୱାରରେ ଉପସ୍ଥିତ ରହି ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ପୁରୀ ସଦର ବ୍ଲକ୍ ବାଲିପୁଟ ପଞ୍ଚାୟତ ମାର୍କଣ୍ଡପୁର ଗାଁରେ ୧୯୬୧ ମସିହାରେ ଜନ୍ମିତ ଶଙ୍କର ପୁରୀ ଏସ୍‌ସିଏସ୍ କଲେଜରୁ ବିଏ ପାସ୍ କରିଥିଲେ। ଏଜୁକେସନରେ ଏମ୍ଏ କରିଥିବା ଶଙ୍କର ଓଡ଼ିଶାର ଜଣେ ତରୁଣ କବି ଭାବେ ପରିଚୟ ସାଉଁଟିଥିଲେ। ସେ ଥିଲେ ଶବ୍ଦର କବି। ତାଙ୍କର ପ୍ରକାଶିତ କବିତା ପୁସ୍ତକ ମଧ୍ୟରେ 'ମାୟାମଞ୍ଚ', 'ଶବ୍ଦ ଦର୍ପଣ', 'ନିଜ ପାଇଁ ନାନାବାୟା ଗୀତ', 'ସମୟର ସ୍ୱରବର୍ଣ୍ଣ', 'ଚିତ୍ରାକ୍ଷର' ଏବଂ 'କବିତା କଣିକା' ଥିଲା ଅନ୍ୟତମ। କେବଳ କବିତାରେ ନୁହେଁ, ଜଣେ ରାଜନେତା ଭାବେ ସେ ବେଶ୍ ପରିଚୟ ସୃଷ୍ଟି କରିପାରିଥିଲେ। ବାଲିପୁଟ ପଞ୍ଚାୟତରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଜନପ୍ରତିନିଧି, ପୁରୀ ସଦର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ, ପୁରୀ ଜିଲ୍ଲା ପରିଷଦର ପୂର୍ବତନ ଅଧ୍ୟକ୍ଷ, ରାଜ୍ୟ କତା ଶିଳ୍ପ ନିଗମର ପୂର୍ବତନ ଅଧ୍ୟକ୍ଷ, ଓଡ଼ିଶା ରାଜ୍ୟ ପଞ୍ଚାୟତ ପରିଷଦର ସଭାପତି ରହିଥିଲେ। ପଞ୍ଚାୟତିରାଜ ଉପରେ ଜାତୀୟସ୍ତରରେ ଏକଦା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବିରାଟ ବ୍ୟକ୍ତିତ୍ୱ, ପ୍ରଚଣ୍ଡ ବାଗ୍ମୀ ପୁରୁଷ, ବିଶିଷ୍ଟ ସମାଲୋଚକ, ରାଜନୈତିକ ସମୀକ୍ଷକ ସ୍ୱର୍ଗତ ପରିଡ଼ା ସାମାଜିକ ଗଣମାଧ୍ୟମ ଜରିଆରେ ବ୍ୟାପକ ଜନସଚେତନତା ସୃଷ୍ଟି କରୁଥିଲେ। ୮ ବର୍ଷ ଧରି ରାଷ୍ଟ୍ରମନ୍ତ୍ରୀ ପାହ୍ୟାରେ ଅବସ୍ଥାପିତ ହୋଇ ସେବା ଦେଇଛନ୍ତି। ଓଡ଼ିଆ ଯୁବ ଲେଖକ ସମ୍ମିଳନୀର ସଭାପତି, ଅଭିନନ୍ଦନିକାର ଉପଦେଷ୍ଟା ଓ ଶ୍ରୀକ୍ଷେତ୍ର ପୁସ୍ତକ ମେଳାର ଉପଦେଷ୍ଟା ଭାର ତୁଲାଇଛନ୍ତି। ସେ ହିଁ ଏକମାତ୍ର ରାଜନେତା ଯାହାଙ୍କ ବିଜୟରେ ଖୁସି ହୋଇ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ତାଙ୍କୁ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଅକ୍ଟୋବର ୧୭ରେ ଶେଷ ଜନ୍ମଦିନ ହସ୍ପିଟାଲ ବେଡ୍‌ରେ ପାଳନ ବେଳେ ଲେଖିଥିଲେ ଶେଷ କବିତା 'ଆଜି ହାସ୍‌ପାତାଳରେ ଜନ୍ମଦିନ'।

ମରଶରୀର ନିକଟରେ ପତ୍ନୀ ଶୁଭ୍ରା ନାୟକ ପରିଡ଼ା, ଝିଅ ଶକ୍ତି ସ୍ୱରୂପା, ଶକ୍ତି ସମ୍ପନ୍ନାଙ୍କ ସମେତ ଅନ୍ୟ ପରିବାରବର୍ଗ ଉପସ୍ଥିତ ଥିଲେ। ରକ୍ଷକ ନାୟକ, ବଦ୍ରି ମିଶ୍ର, ଶ୍ୟାମପ୍ରକାଶ ସେନାପତି, ପବିତ୍ର ମୋହନ ଦାଶ, ଚିନ୍ମୟ ବିବେକ, ମଧୁସୂଦନ ମିଶ୍ର, ବୀରେନ୍ଦ୍ର ଭୂଷଣ ହୋତା, ଅଜୟ ପ୍ରଧାନ, ବ୍ରଜକିଶୋର ସାହୁ, ମାନମୟୀ ରଥ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ୨ ଗଣଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

**ବାରିପଦା/ଉଦଳା, ୩୦।୧୦(ସମିସ):** ବିଚାରପତି ପ୍ରଦୀପ କୁମାର ବେହେରା ୨ ଜଣ ଗଣଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦ହଜାର ଟଙ୍କା ଜରିମାନା ଦେବା ପାଇଁ ଆଦେଶ କରିଛନ୍ତି। ସେହିପରି ଅନ୍ୟଜଣେ ଦୁଷ୍କର୍ମକାରୀଙ୍କୁ ୧୦ ବର୍ଷ ଜେଲ ଓ ୨୫ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ପ୍ରକାଶ କରିଛନ୍ତି। ଆଦେଶନାମା ଅବମାନନା କଲେ ଆଉ ୧ ବର୍ଷ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି ଆଦେଶ ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଜେଲ୍ ଜଗିବେ...

ଚମ୍ପଟ ମାରିବା ଘଟଣାକୁ ମାସେ ପୂରିବାକୁ ଯାଉଛି। ଦୁଇ କୁଖ୍ୟାତ ବିହାରୀ ଅପରାଧୀ ରାଜା ସାହାଣୀ ଓ ମଧୁକାନ୍ତ କୁମାରଙ୍କର ପତ୍ତା ପୁଲିସ ପାଇନାହିଁ। ଏପରିକି ଏହି ଫେରାର୍ ଘଟଣା ପଛରେ କୁଖ୍ୟାତ ଅପରାଧୀ ସୁବ୍ରତ ସିଂହ ସହ ରାଜ୍ୟର କିଛି ଜେଲ୍ କର୍ମଚାରୀଙ୍କ ବୁଝାମଣା ଅଭିଯୋଗର ତଦନ୍ତ ହୋଇନାହିଁ। ସେହିପରି କିଛି ଦିନ ତଳେ ସୋର ଜେଲରୁ ଜଣେ ଚକମା ଦେଇ ଖସି ଯାଇଥିବାବେଳେ ଚୌଦ୍ୱାର ଜେଲରେ ଗୋଷ୍ଠୀ ସଂଘର୍ଷ, ନୟାଗଡ଼ ଜେଲରେ ବନ୍ଦୀମାନଙ୍କ ମଧ୍ୟରେ ମୁହାଁମୁହିଁ ଘଟଣା ଜେଲସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ନିଜ ଛବି ସୁଧାରିବାକୁ ଜେଲ୍ ବିଭାଗ ହୋମ୍‌ଗାର୍ଡ଼ମାନଙ୍କୁ ଜେଲରେ ନିଯୁକ୍ତି ଦେବାକୁ ଯୋଜନା କରିଛି। ମାତ୍ର ଏହାପରେ ଯଦି କୌଣସି ଜେଲରୁ କଏଦୀ ବା ଅପରାଧୀ ଫେରାର ହୁଅନ୍ତି; ସେଥିପାଇଁ ଉତ୍ତରଦାୟୀ କିଏ ହେବ ? ଜେଲ୍‌ରେ ନିଯୁକ୍ତ ହୋମ୍‌ଗାର୍ଡ଼ ନା ଜେଲ୍ ବିଭାଗ ଅଧିକାରୀ ? ଏ ସମ୍ପର୍କରେ ଜେଲ୍ ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦେଶନାମା ପ୍ରକାଶ ପାଇନାହିଁ।

### ଖଣି ପଟ୍ଟାଦାରଙ୍କ...

ହୋଇପାରିଛି। ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କ୍ଷତିପୂରଣ ରାଶି ଆଦାୟ ହୋଇପାରି ହୋଇ ନ ଥିବାରୁ ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଯାହାକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅପରପକ୍ଷେ ଓଡ଼ିଶା ପକ୍ଷରୁ ମାମଲା ପରିଚାଳନା କରୁଥିବା ଏଜି ପୀତାମ୍ବର ଆଚାର୍ଯ୍ୟ ତୁରନ୍ତ ସୁଧାରମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଥିଲେ। ସେ ବ୍ୟକ୍ତିଗତ ଭାବରେ ଏନେଇ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିବେ ଏବଂ ଯେଉଁ ଆଇନଗତ ପଦକ୍ଷେପ ଆବଶ୍ୟକ, ତାହା ଗ୍ରହଣ କରାଯିବ ବୋଲି ଶ୍ରୀ ଆଚାର୍ଯ୍ୟ ଖଣ୍ଡପୀଠଙ୍କୁ ଅବଗତ କରିବା ପରେ ସୁପ୍ରିମକୋର୍ଟ ପରବର୍ତ୍ତୀ ଶୁଣାଣି ପାଇଁ ୮ ସପ୍ତାହ ସମୟ ଦେଇଛନ୍ତି। ଆସନ୍ତା ଡିସେମ୍ବର ୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବାକୁ ନେଇ ତାରିଖ ଧାର୍ଯ୍ୟ ହୋଇଛି।

### ଜଷ୍ଟିସ୍ ସୂର୍ଯ୍ୟକାନ୍ତ...

୧୪ ମାସ ଦାୟିତ୍ୱରେ ରହିବେ। ସେ ୨୦୨୭ ଫେବୃଆରୀ ୯ ରେ ଅବସର ଗ୍ରହଣ କରିବେ। ଜିଜେଆଇ ଗଭାଇ ସୋମବାର ପ୍ରଧାନ ବିଚାରପତି ପଦ ପାଇଁ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନାମ ସୁପାରିସ କରିଥିଲେ। ୨୦ ବର୍ଷର କାର୍ଯ୍ୟକାଳରେ ଜଷ୍ଟିସ ସୂର୍ଯ୍ୟକାନ୍ତ ଏକାଧିକ ମାମଲାରେ ଐତିହାସିକ ରାୟ ଶୁଣାଇଛନ୍ତି। ପେଗାସସ୍ ଗୁପ୍ତଚର ମାମଲାରେ ସେ ଖଣ୍ଡପୀଠର ଅଂଶ ଥିଲେ। ସେ ସାଇବର ବିଶେଷଜ୍ଞଙ୍କ କମିଟି ଗଠନ କରି ଏହି ମାମଲାର ଯାଞ୍ଚ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ହରିୟାଣାର ପ୍ରଥମ ବ୍ୟକ୍ତି ଭାବେ ସିଜେଆଇ ଭାବେ ନିଯୁକ୍ତି ପାଇଛନ୍ତି। ସେ ବିହାର ଏସ୍‌ଆଇଆର୍ ମାମଲରେ ମଧ୍ୟ ଶୁଣାଣି କରିଥିଲେ। ମେଟ୍ରିକ ପରୀକ୍ଷା ଦେବାକୁ ଯିବା ବେଳେ ସେ ପ୍ରଥମଥର ପାଇଁ ସହର ଦେଖିଥିଲେ।

### ଆଣବିକ ଗବେଷଣା...

କରାଯାଉଛି। ତାଙ୍କଠାରୁ ଜବତ ହୋଇଥିବା ପରମାଣୁ ତଥ୍ୟ ଓ ସମ୍ବେଦନଶୀଳ କାଗଜପତ୍ର ଏହି ନେଟ୍‌ୱର୍କକୁ ସେ ବିକ୍ରି କରିବାକୁ ଚେଷ୍ଟା କରୁଥିବା ସନ୍ଦେହ କରାଯାଉଛି। ଅଖତାର କୁତ୍‌ବୁଦ୍ଦିନ ଗତ କିଛିବର୍ଷ ହେବ ଭିନ୍ନ ଭିନ୍ନ ନାମରେ ନିଜର ପରିଚୟ ସୃଷ୍ଟି କରୁଥିଲେ।

### ନବୀନଙ୍କ ଇଙ୍ଗିତ...

ରୋଡ୍ ପର୍ଯ୍ୟନ୍ତ ନବୀନଙ୍କ ଶୋଭାଯାତ୍ରା ପୂର୍ବରୁ ତାଙ୍କର ଟ୍ୱିଟ୍ ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କୁ ପୂରା ଉତ୍ସାହିତ କରିଛି। ନବୀନଙ୍କ ଏହି ଗସ୍ତ ସବୁ ରାଜନୈତିକ ସମୀକରଣକୁ ବଦଳାଇଦେବ ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି। ଦଳୀୟ ପ୍ରାର୍ଥୀ ରୂପେ ସ୍ନେହାଙ୍ଗିନୀଙ୍କୁ ମନୋନୀତ କରି ନବୀନଙ୍କ ନିଷ୍ପତ୍ତି ବିରୋଧୀଙ୍କୁ ଚକିତ କରିଥିଲା। ସେହିପରି ଦଳର ରଣନୀତିକୁ କାର୍ଯ୍ୟକାରୀ କରିବାକୁ ପଶ୍ଚିମ ଓଡ଼ିଶାର ଦମଦାର ନେତାମାନଙ୍କୁ ପ୍ରଚାର ଏବଂ ନିର୍ବାଚନ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ବିଶେଷକରି ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ, ଏନ୍‌ଏସିଯାଏଁ ନିର୍ଦ୍ଦିଷ୍ଟ ନେତାଙ୍କୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ପ୍ରଦାନ କରାଯାଇଛି। ନୂଆପଡ଼ା ରାଜନୀତି ପାଣିପାଗକୁ ମାପି ନବୀନ ପ୍ରଥମେ ଷ୍ଟିୟରିଂ କମିଟି, ଜୋନାଲ କମିଟି ଏବଂ ଲୋକାଲ ଆକ୍ସନ କମିଟି କରିଥିଲେ। ଏହାପରେ ପରେ ଦଳର ଆଗଧାଡ଼ିର ନେତାଙ୍କୁ ବିଭିନ୍ନ ଦାୟିତ୍ୱ ନ୍ୟସ୍ତ କରିଥିବା ବେଳେ ଦଳ ସୁଚିନ୍ତିତ ଢଙ୍ଗରେ ନିଜର ପ୍ରଚାର କାର୍ଯ୍ୟକ୍ରମକୁ ଜାରି ରଖିଛି। ବଡ଼ ବଡ଼ ସଭା ବଦଳରେ ଦଳୀୟ ନେତାମାନେ ଗୋଟିଏ ଦିନରେ ପ୍ରାୟ ୨୦ରୁ ଅଧିକ ସଭା କରୁଛନ୍ତି। ଏପରିକି ବିଜେଡିର ଜଣେ ନେତାଙ୍କୁ ଜଗିବା ପାଇଁ ଶାସକ ବିଜେପି ୩ ଜଣଙ୍କୁ ଲଗାଇଥବା ନେଇ ସ୍ଥାନୀୟ ଅଞ୍ଚଳର ରାଜନୈତିକ ବିଶେଷଜ୍ଞ ମତପ୍ରକାଶ କରିଛନ୍ତି। ସେହିପରି ନିଜେ ପ୍ରାର୍ଥୀ ସ୍ନେହାଙ୍ଗିନୀ ଏକାଧିକ ସ୍ଥାନରେ ପଦଯାତ୍ରା କରି ନିଜ ପାଇଁ ଭୋଟ ମାଗୁଛନ୍ତି। ଏପଟେ ନବୀନ ଦଳରୁ ଦୂରେଇ ରହିଥିବା ଟାଣୁଆ ନେତାଙ୍କୁ ପୁଣିଥରେ ଦଳକୁ ଫେରାଇ ଦଳର ଶକ୍ତି ବୃଦ୍ଧି କରିଛନ୍ତି।

ସ୍ଥାନୀୟ ଅଞ୍ଚଳରେ ଦଳର ଟାଣୁଆ ନେତା ଭାନୁପ୍ରତାପ ସିଂହ ପ୍ରତ୍ୟକ୍ଷ ଭାବରେ ପ୍ରଚାରରେ ନିଜକୁ ସାମିଲ କରିଛନ୍ତି ଓ ସ୍ନେହାଙ୍ଗିନୀଙ୍କୁ ନୂଆପଡ଼ା ରାଜନୀତିର ସବୁ ଦାଓପେଞ୍ଚ ସମ୍ପର୍କରେ ଅବଗତ କରିଛନ୍ତି। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ କ୍ଷମତାରେ ନ ଥିଲେ ବି ନୂଆପଡ଼ାରେ ନବୀନଙ୍କର ସ୍ୱତନ୍ତ୍ର କ୍ରେଜ ରହିଛି। ନୂଆପଡ଼ା ଜିଲ୍ଲାରେ ଯାହା କିଛି ବିକାଶ ହୋଇଛି, ତାହା ନବୀନଙ୍କ ସମୟରେ ହିଁ ହୋଇଛି। ନବୀନ ନିଜେ ପ୍ରଚାର ମଙ୍ଗ ଧରିଲେ ଏହାର ପ୍ରଭାବ ନିଶ୍ଚୟ ଅନୁଭୂତ ହେବ ବୋଲି ବିରୋଧୀ ଦଳର ସମର୍ଥକମାନେ ମଧ୍ୟ ମତ ଦେଉଛନ୍ତି। ନବୀନ ପ୍ରଚାର ମଇଦାନକୁ ଓହ୍ଲାଇବା ପରେ ନୂଆପଡ଼ା ପ୍ରଚାର ରାଜନୀତି ଆହୁରି ଉଷ୍ମତା ଧରିବ ବୋଲି ଏବେ ସାଧାରଣରେ ମତପ୍ରକାଶ ପାଇଛି।

### ଅଷ୍ଟ୍ରେଲିଆକୁ ହରାଇ...

ଏହି ବିଜୟ ସହ ଭାରତ ତୃତୀୟଥର ଲାଗି ବିଶ୍ୱକପ୍ ଫାଇନାଲରେ ପହଞ୍ଚିଛି। ଏଥିପୂର୍ବରୁ ୨୦୦୫ ଓ ୨୦୧୭ ସଂସ୍କରଣରେ ଭାରତ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଉଭୟଥର ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲା। ରବିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଫାଇନାଲ ଖେଳାଯିବ। ପୂର୍ବରୁ ପ୍ରଥମ ସେମିରେ ଦକ୍ଷିଣ ଆଫ୍ରିକା ୧୨୫ ରନରେ ଇଂଲଣ୍ଡକୁ ହରାଇ ପ୍ରଥମଥର ଲାଗି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲା।

### ମାଉସୀ-ଝିଆରୀ...

ଭିମସାରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ଓମ ଓ ପାୟଲ ଭାଇ-ଭଉଣୀ। ସେମାନେ ବଲାଙ୍ଗିରର ମୂଳ ବାସିନ୍ଦା। ବାପା ବୁର୍ଲାରେ ଚାକିରି କରୁଥିବାରୁ ମଝିରେ ମଝିରେ ବୁଲି ଆସନ୍ତି। କିଛି ଦିନ ତଳେ ସେମାନେ ବାପାଙ୍କ ପାଖକୁ ଆସିଥିଲେ। ଆଜି ଏକ ବାଇକ୍ ଓମ୍, ପାୟଲ ଓ ସେମାନଙ୍କ ଭଉଣୀ ଝିଅ ମାନିଆକୁ ସାଙ୍ଗରେ ନେଇ ସମ୍ବଲପୁର ସହରକୁ ଆସିଥିଲେ। ବୁଲାବୁଲି ସାରି ସେମାନେ ବୁର୍ଲା ଫେରୁଥିବା ବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା କାର୍ (ନଂଓଡି୧୫ଏକ୍ସ-୫୩୧୫) ସେମାନଙ୍କୁ ଫିଲ୍ମ ଷ୍ଟାଇଲରେ ଧକ୍କା ଦେଇଥିଲା। ଏଥିରେ ବାଇକ୍‌ରୁ ପାୟଲ ଛିଟିକି ଓଭରବ୍ରିଜ ତଳକୁ ଖସି ପଡ଼ିଥିଲେ। ଓଭରବ୍ରିଜ ଉପରେ ଓମ ଓ ମାନିଆ ଗୁରୁତର ଅବସ୍ଥାରେ ପଡ଼ିଥିଲେ। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ସେମାନଙ୍କୁ ବୁର୍ଲା ପଠାଇଥିଲା। ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଓମ ଗୁରୁତର ରହିଛନ୍ତି। ସେପଟେ ଦୁର୍ଘଟଣା ଘଟାଇଥିବା କାରଟି ପୁଲିସ ଅଟକ ରଖିଥିବା ସୂଚନା ଦେଇଛି। କାର୍ ଚାଳକ ନିଶାଗ୍ରସ୍ତ ଅବସ୍ଥାରେ ଥିଲେ ନା ନାହିଁ ତାହା ଏବେ ଯାଏ ସ୍ପଷ୍ଟ ହୋଇନାହିଁ।

### ଗୋଟିଏ ଦେଶ...

ସୂଚନାଯୋଗ୍ୟ ଯେ ୨୦୨୨ ଅକଟୋବରରେ ରାଜ୍ୟ ଗୃହ ବିଭାଗ ସଚିବମାନଙ୍କର ଚିନ୍ତନ ଶିବିରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମେ ଏହି ପ୍ରସ୍ତାବ ଦେଇଥିଲେ। ଏହାପରେ ୨୦୨୩ରେ କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସରକାରଙ୍କୁ ଚିଠି ଲେଖି ମତାମତ ଲୋଡ଼ିଥିଲା। ଦେଶବ୍ୟାପୀ ପୁଲିସ କର୍ମଚାରୀଙ୍କ ପରିଚୟ, ଦାୟିତ୍ୱବୋଧ ଓ ଦକ୍ଷତା ବୃଦ୍ଧି ଉ।।ଦ୍ଦେଶ୍ୟରେ ଏହା ଜରୁରୀ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

### ଜୀବନ ନେଉଛି...

ଫଳରେ ଏଭଳି ଅଘଟଣ ଘଟିଛି। ଅଗ୍ନିଶମ ବିଭାଗ ସୂଚନା ଅନୁସାରେ, ଗତ ୧୬ ତାରିଖରେ ଭୁବନେଶ୍ୱରରେ ରହୁଥିବା କେନ୍ଦୁପାଟଣା ଅଞ୍ଚଳର ଶିଶିକାନ୍ତ ସାହୁ(୩୭) ନିଜ କାର୍ ଆସି ମୁଣ୍ଡଳୀବ୍ରିଜ୍ ଉପରେ ମହାନଦୀକୁ ଡେଇଁ ପଡ଼ିଥିଲେ। ୩ଦିନ ପରେ ତାଙ୍କ ମୃତ ଉଦ୍ଧାର କରାଯାଇଥିଲା। ଗତ ୧୭ତାରିଖ ରାତିରେ ଗୋପାଳପୁର ନିକଟ କାଠଯୋଡ଼ି ବ୍ରିଜ୍ ଉପରେ ଅଶୁରେଶ୍ୱର ଅଞ୍ଚଳର ଅବିନାଶ ମହାପାତ୍ର(୩୩) ନଦୀକୁ ଡେଇଁ ପଡ଼ିଥିଲେ। ନଦୀରେ ପାଣି କମ୍ ଥିବାରୁ ତାଙ୍କୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ଗତ ୨୩ ତାରିଖରେ ଜଗତପୁର ଥାନା ଅଞ୍ଚଳରେ ଶିବାନୀ ମଲ୍ଲିକ(୨୫) ଯୋବ୍ରା ବ୍ରିଜ୍ ଉପରୁ ଡେଇଁ ଆତ୍ମହତ୍ୟା କରିଥିଲେ। ତାଙ୍କ ମୃତଦେହକୁ ୨୪ ତାରିଖ ପୂର୍ବାହ୍ଣରେ ଚିତ୍ରୋତ୍ପଳା ନଦୀରୁ ଉଦ୍ଧାର କରାଯାଇଥିଲା। ଗତ ୨୭ତାରିଖରେ ବକ୍ସିବଜାର ଅଞ୍ଚଳର ମହେଶ୍ୱରୀ ପାଣ୍ଡେ(୩୬) ଯୋବ୍ରା ବ୍ୟାରେଜ୍ ଉପରେ ସ୍କୁଟି ରଖି ନଦୀକୁ ଡେଇଁଥିଲେ। ତାଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଆଜି ନଦୀରେ ଜଣେ ନାବାଳକ ଗାଧେଇବା ଅବସ୍ଥାରେ ବୁଡ଼ି ଯାଇଛି। ମୋଟ୍ ୧୫ଦିନ ମଧ୍ୟରେ ୫ଜଣ ନଦୀରେ ବୁଡ଼ି ଯାଇଥିବା ବେଳେ ୨ଜଣଙ୍କୁ ଉଦ୍ଧାର କରାଯାଇଛି। ସେହିପରି ଗତବର୍ଷ ୩୯ଜଣ ମହାନଦୀ ଓ କାଠଯୋଡ଼ିରେ ବୁଡ଼ି ଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୭ଜଣଙ୍କ ମୃତ୍ୟୁ ଘଟିଥିଲା। ଗତବର୍ଷ ନଦୀକୁ ଡେଇଁ ଆତ୍ମହତ୍ୟା କରିବା ଓ ନଦୀରେ ବୁଡ଼ିଯିବା ଘଟଣାକୁ ଲକ୍ଷ୍ୟ ରଖି ବ୍ରିଜ୍ ବାଡ଼ରେ ୬ଫୁଟ୍ ଉଚ୍ଚତାର ତାରଜାଲି ଲଗାଯିବା ଯୋଜନା କରାଯାଇଥିଲା। ବ୍ରିଜ୍ ମଧ୍ୟରେ ସିସି କ୍ୟାମେରା ଲଗାଯିବା ସହିତ ପୁଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ ବୋଲି ବି କୁହାଯାଇଥିଲା। କଟକ ସହରରେ ଥିବା ସମସ୍ତ ବ୍ରିଜ୍‌ରେ ଆତ୍ମହତ୍ୟାନିରୋଧ ବିକଳ୍ପ ବ୍ୟବସ୍ଥା କରାଯିବାକୁ ଉଭୟ ଜିଲ୍ଲା ପ୍ରଶାସନ, ମହାନଗର ନିଗମ, ଜଳସମ୍ପଦ ବିଭାଗ ମିଳିତ ଭାବେ ପ୍ରକ୍ରିୟା ଆରମ୍ଭ କରିଥିଲା। ମୁଣ୍ଡଳୀ, ନରାଜ, ସୁଭାଷ ସେତୁ, ମଧୁ ସେତୁ ଓ ଜାତୀୟ ରାଜପଥରେ ମହାନଦୀ ଓ କାଠଯୋଡ଼ିରେ ଥିବା ସେତୁରେ ତାରଜାଲି ଲଗାଯିବାକୁ ସମସ୍ତ ପୂର୍ବପ୍ରସ୍ତୁତି ହୋଇଥିଲା। ଏହା ଭିତରେ ୧ ବର୍ଷ ବିତିଯାଇଛି। ଚିହ୍ନଟ ସ୍ଥାନରେ ସିସି କ୍ୟାମେରା ଲଗାଯିବା ତ ଦୂରର କଥା ତାର ଜାଲି ଲଗାଯାଇ ପାରିନାହିଁ। ଏହା ଉପରେ ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ଉଠିଛି।

**NOTICE**

By virtue of an affidavit sworn before the Notary Public, Cuttack, dated 28.10.2025, I, Chanda Murmu, aged about 33 years, W/o Bhuktu Marndi, resident of At-Nusadihi, Badada, PS-Rairangpur, Dist-Mayurbhanj, Odisha, Pin-757043, have changed my son's name from Piru Marandi to Piru Marndi. Henceforth, he shall be known as Piru Marndi for all purposes.
Chanda Murmu

**NOTICE**

By virtue of an affidavit sworn before the Notary Public, Sunabeda dated 27/10/2025 I, Sri Raghu Guntha, S/o-Chaitan Guntha, Vill.-Badaput, Po.- Semala, Ps.- Nandapur, District- Koraput, Odisha declare that, I have changed my son's name from **Parshu Guntha** to **Porsuram Guntha**. Henceforth, my son shall be known as **Porsuram Guntha** for all purposes.
Sd/- Raghu Guntha

**AFFIDAVIT**

By virtue of an affidavit sworn before the Executive Magistrate, Padampur, I, Yashraj Gupta, At-Padampur W.No.1, Po-Rajborasambar, Ps-Padampur, Dist-Bargarh, Odisha-768036 have changed my name from S. Rajkumar Gupta to Yashraj Gupta. Henceforth I shall be known as Yashraj Gupta for all purposes.
Sd/- Yashraj Gupta

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**

By virtue of an affidavit executed by Executive Magistrate . Athgarh on Dtd.27 . 10 .2025. I Govinda Sundi S/O Turi Sundi of Village..Orda .P/O.. Gobara P/S.. Gurudijhatia Dist. Cuttack declare that my actual name is Gobinda Sundi but in my Adharcard it was wrongly mentioned as bhuGobind Sundi instead of Gobinda Sundi. Henceforth I Shall be known as Gobinda Sundi in all purpose.
Sd/- Gobinda Sundi

**AFFIDAVIT**

By virtue of an affidavit sworn before the Executive Magistrate, Bhawanipatna, Kalahandi, I, Ashutosh Purohit, Village/Po-Kaudola, Ps- Ampani, Dist-Kalahandi, Odisha, Pin-766019, do hereby that my minor son's correct name is SRINIBAS PUROHIT, but in his Aadhaar wrongly mentioned as SRINIBASH PUROHIT. That both the names are same and one person.
Sd/- Ashutosh Purohit

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTPBBS-122025-OFC

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ଝାରସୁଗୁଡ଼ା ରୋଡ଼(RD)-ସିଙ୍ଗାପୁର ରୋଡ଼ (RD) ଜଂକ୍ସନ(Ex), ଲାଖୋଲି(Ex) - ଟିଟିଲାଗଡ଼ ଏବଂ ସମ୍ବଲପୁର ଜଂକ୍ସନ - କେରେଜଙ୍ଗା(Ex) ସେକ୍ସନରେ କବଚ ଏବଂ LTE ନିମନ୍ତେ ଯୋଗାଯୋଗ ବ୍ୟାକ୍‌ବୋନ୍ ଭାବେ ଅପ୍ଟିକାଲ ଫାଇବର କେବୁଲର ଯୋଗାଣ, ପରିବହନ, ଗର୍ତ୍ତ ଖନନ, ବିଛାଇବା, ସଂସ୍ଥାପନ, ପରୀକ୍ଷଣ ଏବଂ ପ୍ରଚଳନ ।

**ଆନୁମାନିକ ମୂଲ୍ୟ (₹) :** 33,90,01,238/-, EMD (₹) : 18,45,000/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.12.2025 ରିଖ 1030 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, (T&NW), ଭୁବନେଶ୍ୱର
PR-149/CI/25-26

**NOTICE**

By virtue of an affidavit sworn before the Notary Public, Cuttack, dated 27.10.2025, I, Anuradha Sahoo, W/o Gyanaranjan Acharya, D/o Harihar Sahoo, permanent resident of At/P.O. - Batira, Dist-Kendrapara, Odisha, Pin-754140 and presently residing at At-Nuabazar, P.O. – Paradeep, Dist-Jagatsinghpur, Odisha, Pin-754142, have changed my name and surname from Anuradha Acharya to Anuradha Sahoo. Henceforth, I shall be known as Anuradha Sahoo for all purposes.
Sd/- Anuradha Sahoo

**Notice**
**(Above 18 years of age)**

By virtue of an affidavit sworn before the Excutive Magistrate,(K) Udala, Mayurbhnaj, dated 13-10-2025 I, Uday Nath Hansdah, Address At/ Po- Gayalmara , Ps- Khunta, Dist- Mayurbhanj, Pin- 757104 declare that I have changed my name Udaya Hansadaha to Uday Nath Hansdah. Henceforth I shall be known as Uday Nath Hansdah for all purposes.
Uday Nath Hansdah

**AFFIDAVIT**

By virtue of an affidavit sworn before the Executive Magistrate, Sambalpur, I, Meenakshi Hota, W/o- Subodh Hota, D/o Sharad Kumar Panda, resident of New Telecom Colony, Modipada, Sambalpur, Odisha, do hereby declare that my name has been wrongly mentioned as Minakhi Hota in my Aadhaar Card No. 2449 6953 4547. My correct name is **Meenakshi Hota** and both names refer to the same person.

**AFFIDAVIT**

By virtue of an affidavit sworn before the Addl. Tahasildar-cum-Executive Magistrate, Boudh, I SUSHIL MEHER, age -27, S/o - Dwaru Meher, resident of Vill.: Jamatangi, Po-Manupali, Ps- Manamunda, Dist.: Boudh-762015 declare by this affidavit no 1495 dated 30/10/2025 my father shall be known as **DUARU MEHER** for all future purposes.

**AFFIDAVIT**

By virtue of an affidavit no-2807 sworn before the Executive Magistrate, Sukinda on dtd-29/10/2025, I **Bhanumati Mohanta,** W/o- Nilamber Mohanta resident of At- Sansailo Tata Colony, Po-Sansailo, Ps- Sukinda, Dist- Jajpur, Pin-755018, I have changed my name from **Bhanumani Mohanta** (old name) to **Bhanumati Mohanta** (new name). Henceforth both the name **Bhanumani Mohanta** and **Bhanumati Mohanta** is one & same person & I shall be known as **Bhanumati Mohanta** for all future purposes.
**Bhanumati Mohanta**

**AFFIDAVIT**

By virtue of an affidavit sworn before the Notary Public, Baripada, District- Mayurbhanj, dated- 30/10/2025, I **Prativa Manjari Dan,** aged 60yrs, W/o-Suresh Chandra Pradhan, resident of At/Po- Takatpur, Ps-Baripada, District- Mayurbhanj, Pin- 757003, Odisha declare that **Prativa Manjari Dan** & **Prativa Manjari Pradhan** is one and same person. The same is mentioned in my daughter's Certificates, daughter's name **Ipsita Pradhan,** and Henceforth shall be used for all purpose.

**AFFIDAVIT**

I Biplab Kumar Jena, age- 48 , of Resident-At/Po- Durpal,Ps-Kamarda,Dist-Balasore , Odisha, declared by affidavit before In The Court of Executive Magistrate , Remuna, No.1143, dtd-17/10/2025 that as per Aadhar my actual name is Biplab Kumar Jena ,wife's name is Madhusmita Dutta and my daughter's name is Akarsha Jena, which has wrongly mentioned in my daughter Birth certificate that Kumari Akarsha Jena , D/o- Biplab Kumar and Madhusmita Jena . Hence I Declared that Kumari Akarsha Jena & Akarsha Jena , Biplab Kumar & Biplab Kumar Jena, Madhusmita Jena & Madhusmita Dutta same and one person for all future purpose.

**AFFIDAVIT**

I, Susmita Behera, W/o-Manoj Kumar Behera, resident of Good Will Residency, Flat No. 201, Block-B, Jail Road, Jharpada, PO- Budheswari Colony, Bhubaneswar, Dist- Khurda, PIN- 751006, Odisha declare by this affidavit No. 289, dtd-30.10.2025 that now onwards I shall be known as **SASMITA BEHERA** for all future purposes.

OFFICE OF THE PRINCIPAL
**Kusum Devi Satsang Women's Degree College, Darakhapatna, Cuttack - 753013**
Email: kdswomensdegreecollege@gmail.com

**WANTED**

As per letter of the Regional Director of Education vide no. 6961 Dt. 28.10.2025, some guest faculties in subjects like Odia, Political Science, Sanskrit are required for engagement. Retired faculties below the age of 69 years may apply through the HIMS Portal on or before 31.10.2025 (Friday).

**Sd/- Principal-cum-Secretary**
Kusum Devi Satsang Women's Degree College, Darakhapatna, Cuttack - 753013

OFFICE OF THE PRINCIPAL
**PRIYADARSHINI INDIRA DEGREE COLLEGE**
**JUNAGARH, DIST: KALAHANDI**
E-mail: pidmahavidyalaya@gmail.com

**WANTED**

Engagement of Guest Faculty Lecturers in the subject of Odia and Education including 01 no. of Junior Clerk, 01 no. of Demonstrator in Geography are wanted on contractual and temporary basis. The retired faculties and Non-Teaching members below the age of 69 years may apply through HIMS portal on or before 31.10.2025 as per letter No. 57198 and No.-57203 dated 23.10.2025, the remuneration for the above positions shall be paid as per the approved norms.

**Sd/- Principal-cum-Secretary**
P.I. Degree College, Junagarh

OFFICE OF THE PRINCIPAL
**MANGALPUR WOMEN'S DEGREE COLLEGE**
**MANGALPUR, JAJPUR**

**WANTED**

As per the notification of DHE, Odisha vide letter no. 57198 and 57203, dtd. 23.10.2025, applications are invited from the eligible retired candidates for engagement of guest faculties in the subject of political science & non teaching posts of Asst. Librarian, Jr. Clerk on contractual basis. Vacancies of said posts are already uploaded in HIMS portal of the college interested candidates shall apply only through HIMS portal before 01.11.2025
NB: The eligibility, remuneration & tenure of contractual engagement shall be made as per Government notification.

**Sd/- Principal-cum-Secretary**
Mangalpur Womens degree college.

## ନୂଆପଡା ଉପନିର୍ବାଚନ ପାଇଁ ହୋମ ଭୋଟିଂ ଆରମ୍ଭ

# ଇଭିଏମ୍, ଭିଭିପାଟ୍ କମିସନିଂ ଶେଷ

### ହୋମ ଭୋଟିଂରେ ୨୫୧ ମତଦାତା ଭୋଟ ଦେବେ

### ୧୫ ପୋଲିଂ ଟିମ୍ ନିୟୋଜିତ

ନୂଆପଡା, ୩୦ ।୧୦ (ସମିସ) ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ସମସ୍ତ ୩୫୮ଟି ବୁଥ ପାଇଁ ଭୋଟିଂ ମେସିନ ଓ ଭିଭିପାଟର କମିସନିଂ ଶେଷ ହୋଇଛି। ସ୍ଥାନୀୟ ନ୍ୟାସନାଲ କଲେଜରେ ଏଥିପାଇଁ ୨୭ ରୁ ୨୯ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ପ୍ରକ୍ରିୟା ଚାଲିଥିଲା। ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ପ୍ରକାଶ ବିନ୍ଦୁ ଏବଂ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଆଜି ଠାରୁ ହୋମ୍ ଭୋଟିଂ ପ୍ରକ୍ରିୟା ଆରମ୍ଭ ହୋଇଛି।ଏଥିପାଇଁ ୧୫ ଟି ପୋଲିଂ ଦଳ ନିଯୁକ୍ତ ହୋଇଛନ୍ତି। ପ୍ରତି ଦଳରେ ଦୁଇଜଣ ପୋଲିଂ ଅଫିସର୍, ଜଣେ ମାଇକ୍ରୋ ନିରୀକ୍ଷକ, ଜଣେ ସୁରକ୍ଷା ଅଧିକାରୀ ଏବଂ ଜଣେ ଭିଡିଓଗ୍ରାଫର ରହିଛନ୍ତି। ୮୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଏବଂ ୪୦ପ୍ରତିଶତରୁ ଅଧିକ ଅକ୍ଷମତା ଥିବା ଦିବ୍ୟାଙ୍ଗ ମତଦାତା ୨୫୧ ଜଣ ପ୍ରକ୍ରିୟାରେ ନିଜ ଘରେ ଥାଇ ଗୋପନୀୟ ଭାବରେ ପୋଷ୍ଟାଲ ବାଲଟ ମାଧ୍ୟମରେ ଭୋଟ ଦେବେ। ୩୦ ଅକ୍ଟୋବରରୁ ୨ ନଭେମ୍ବର ଭିତରେ ହୋମ ଭୋଟିଂ ହେବ। ସ୍ୱଚ୍ଛତା ପାଇଁ ଭିଡିଓଗ୍ରାଫି କରାଯିବ ବୋଲି ରିଟର୍ଣ୍ଣିଂ ଅଫିସର ସୁର୍ମି ସୋରେନ କହିଛନ୍ତି। ଏହି ସୁବିଧାରୁ ଜଣେ ବି ମତଦାତା ଯେମିତି ବଞ୍ଚିତ ନ ହୁଅନ୍ତି ତାକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ନିୟୋଜିତ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



## କୋମନା ଜୋନ୍-୧ରେ କଂଗ୍ରେସ ପ୍ରାର୍ଥୀ ଘାସିରାମଙ୍କ ପ୍ରଚାର



ନୂଆପଡା, ୩୦ ।୧୦ (ସମିସ):ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋମନା ବ୍ଲକ୍ ଜିଲ୍ଲା ପରିଷଦ ଜୋନ ୧ରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝି ପ୍ରଚାର କରିଛନ୍ତି। ଗୁରୁବାର ଅଗ୍ରେନ, ଗୋଇଯୋର, ରଘୁପାଲି, ଉଲଭା, ସୋଲବନ୍ଧ, ସନବାହାଲି,ରଜନା,ବେଲଗାଁ, ମାଠିଆପଦର, କାଳିମାଟି, ଢୋର୍ଲାମୁଣ୍ଡା, ଛତା, ଦେଓଦରହା, ଧଅରାଭଟା ଗାଁରେ ମାରାଥନ ପ୍ରଚାର କରିଛନ୍ତି।ଓଡିଶା ପ୍ରଭାରୀ ଅଜୟ ଲଲ୍ଲୁ, କୋରାପୁଟ ବିଧାୟକ ରାମଚନ୍ଦ୍ର କାଡ଼ମ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲେ, ରାଜଗାଙ୍ଗପୁର ବିଧାୟକ ଡ଼. ରାଜନ ଏକ୍କା, ବରିଷ୍ଠ ନେତା କମଳ ଚରଣ ତାଣ୍ଡି, ଜିଲ୍ଲା କଂଗ୍ରେସ ମେଡିଆ ସେଲ ସଂଯୋଜକ ସୁଧୀର ମିଶ୍ର, ଷ୍ଟାର ପ୍ରଚାର ଅନିତା ବିଶ୍ୱାଳ, ପୂର୍ବତନ ବ୍ଲକ ଅଧକ୍ଷା ସିଦ୍ଧେଶ୍ୱରୀ ଠାକୁର, ସରୋଜିନୀ ମାଝି ସାମିଲ ଥିଲେ।

## ମାଛ ମାରିବାକୁ ଯାଇ ଯୁବକ ନିଖୋଜ

ସମ୍ବଲପୁର, ୩୦।୧୦ (ସମିସ) : ସମ୍ବଲପୁର ସହର ଉପକଣ୍ଠସ୍ଥ ବୁର୍ଲା ଥାନା ଚିପିଲିମା ଫାଣ୍ଡି କର୍ଡୋଲା ଗ୍ରାମର ଜଣେ ଯୁବକ ବାଦଲ ସେଠ (୨୫) ଆଜି ଅପରାହ୍ଣରେ ମହାନଦୀକୁ ମାଛ ମାରିବାକୁ ଯାଇ ନିଖୋଜ ଅଛନ୍ତି। ତାଙ୍କୁ ବହୁ ଖୋଜାଖୋଜି କଲା ପରେ ବି କୌଣସି ସନ୍ଧାନ ମିଳୁନାହିଁ। ସୂଚନା ଅନୁଯାୟୀ ଅପରାହ୍ଣ ପ୍ରାୟ ୪ଟା ସମୟରେ ବାଦଲ ଓ ତାଙ୍କ ବାପା ଏକ ଛୋଟ ଡଙ୍ଗାରେ ମହାନଦୀ ଘାଟକୁ ଜାଲ ଧରି ମାଛ ମାରିବାକୁ ଯାଇଥିଲେ। ଜାଲଟି ଏକ ବଡ଼ ପଥରରେ ଲାଖିଯିବାରୁ ବାଦଲ ଡଙ୍ଗାରୁ ଓହ୍ଲାଇ ପାଣି ଭିତରକୁ ଯାଇ ନିଖୋଜ ହୋଇ ଯାଇଥିଲେ। ଖୋଜାଖୋଜି କଲେ ବି ମିଳିଲେ ନାହିଁ। ଜଳସ୍ରୋତ ଥିବାରୁ ସେ ତଳ ପଟକୁ ଭାସିଯାଇ ଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ବୁର୍ଲା ଦମକଳ ବାହିନୀକୁ ଖବର ଦିଆଯାଇଛି। ତେବେ, ଆଜି ସନ୍ଧ୍ୟା ହୋଇଯାଇଥିବାରୁ ଆସନ୍ତାକାଲି ସକାଳେ ସେମାନେ ମହାନଦୀର ତଳପଟକୁ ଖୋଜିବା କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି।

## ଖରିଆରରୋଡ଼ ସହର ବୁଲୁଛନ୍ତି ନଗର ଉନ୍ନୟନ ମନ୍ତ୍ରୀ


ଗରିବଙ୍କ ପ୍ରତି ଧ୍ୟାନ ନାହିଁ

ନୂଆପଡା,୩୦ ।୧୦(ସମିସ):ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଖରିଆରରୋଡ ସହରକୁ ମୁନିସିପାଲିଟି ଭାବେ ଘୋଷଣା କରିଛନ୍ତି।ବର୍ତ୍ତମାନ ଉପନିର୍ବାଚନ ସମୟରେ ଖୋଦ ନଗର ଉନ୍ନୟନ ମନ୍ତ୍ରୀ ଡ଼.କୃଷ୍ଣ ଚନ୍ଦ୍ର ମହାପାତ୍ର ଖରିଆରରୋଡ଼ରେ ଡେରା ପକାଇ ପ୍ରଚାର ମଙ୍ଗ ଧରିଛନ୍ତି। ହେଲେ ସେଠାରେ ବିକାଶର କଥା କହୁଥିବା ମନ୍ତ୍ରୀ କୁଆଡେ ସାଧାରଣ ଖଟିଖିଆ ମଲିମୁଣ୍ଡିଆ ବାସହରା ଲୋକଙ୍କ ନିକଟକୁ ଯାଉନଥିବା ଅଭିଯୋଗ ହେଉଛି। ଗୁରୁବାର ମନ୍ତ୍ରୀ ୱାର୍ଡ ନମ୍ବର ୧୭ ଚାଲମୁଣ୍ଡା ବସ୍ତିରେ ବିରାଟ ପଟୁଆରରେ ପ୍ରଚାର ମଙ୍ଗ ଧରିଥିଲେ। ପ୍ରଚାରରେ ବୁଲୁଥିବା ସମୟରେ ସେହି ୱାର୍ଡରେ ରାସ୍ତା କଡ଼ରେ ଭଙ୍ଗା କୁଡିଆରେ ରହୁଥିବା ବରିଷ୍ଠ ନାଗରିକ ଦୁଲାରୀ ଠାକୁରଙ୍କ ପ୍ରତି ଦୃଷ୍ଟି ପଡ଼ିନଥିବା ଚର୍ଚ୍ଚାର ବିଷୟ ପାଲଟିଛି। ଉଲ୍ଲେଖ ଯୋଗ୍ୟ ଯେ ଦୁଲାରୀ ଠାକୁର ଆଜିକୁ ସତୁରୀ ବର୍ଷରୁ ଊର୍ଦ୍ଧ୍ୱ ହେବ ଏକ ଭଙ୍ଗା ମାଟି କୁଡିଆରେ ରହୁଛନ୍ତି। ତାଙ୍କର ସ୍ୱାମୀଙ୍କ ମୃତ୍ୟୁପରେ ନିଜର ଝିଅଙ୍କ ସହ ଭଙ୍ଗା କୁଡିଆରେ ରହୁଛନ୍ତି।ବସ୍ତିରେ ବହୁ ତଳ ପ୍ରାସାଦ ରହିଥିବା ବେଳେ ଏମାନଙ୍କ ଘର ହିଁ ଭଙ୍ଗା ଦଦରା ବୋଲି ବାରି ହୋଇଯାଉଛି। ତାଙ୍କ ଜ୍ୱାଇଁ ରାଜୁ ଠାକୁର ଚଳିତ ବର୍ଷ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥିବା ସମୟରେ ଅକାଳରେ ମୃତ୍ୟୁ ଘଟିଛି। ତାଙ୍କର ପୁଣି ତିନି କୁନି ଛୁଆଙ୍କ ସହ ଭୋକ ଉପାସରେ ରହୁଛନ୍ତି ଦୁଲାରୀ।ଘରଖଣ୍ଡେ ପାଇଁ ବାରଦୁଆର ହେଉଥିବା ଦୁଲାରୀ କହିଛନ୍ତି। ଆଜିକୁ ଅନେକ ଥର ନିର୍ବାଚନ ଦେଖି ଆସିଛୁ। ନେତା ମନ୍ତ୍ରୀ ଏହି ରାସ୍ତା ଦେଇ ଯାଆସ କରୁଛନ୍ତି। ହେଲେ ଆମରି ଦୁଃଖି ଦରିଦ୍ରଙ୍କ ପ୍ରତି କାହାରି ନଜର ପଡୁନାହିଁ ବୋଲି ଦୁଲାରୀ କହିଛନ୍ତି। ନଗର ଉନ୍ନୟନ କଥା ଚିନ୍ତା କରୁଥିବା ସରକାର ରାସ୍ତା କଡ଼ରେ ଅସହାୟ ଅବସ୍ଥାରେ ଥିବା ଦୁଲାରୀଙ୍କ ଉପରେ ନଜର ନପଡ଼ିବା ପରିତାପର ବିଷୟ।



## ବିଜେପି ରାଜ୍ୟସଭାପତିଙ୍କ 'ଚାଏ-ପେ-ଚର୍ଚ୍ଚା'

ନୂଆପଡ଼ା /ଭୁବନେଶ୍ୱର,୩୦ ।୧୦(ସମିସ) : ନୂଆପଡା ବିଧାନସଭା ଉପନିର୍ବାଚନରେ ପରିପ୍ରେକ୍ଷୀରେ ଗୁରୁବାର ସକାଳେ ନୂଆପଡ଼ା ଏନ୍‌ଏସିର ଏକତା ଛକରେ ବିଜେପି ପକ୍ଷରୁ 'ଚାଏ ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ସାମିଲ ହୋଇ ସ୍ଥାନୀୟବାସିନ୍ଦାଙ୍କ ସହ ବିଭିନ୍ନ ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଆଲୋଚନା କରିଥିଲେ।



ଆଲୋଚନାରେ ସ୍ଥାନୀୟ ବାସିନ୍ଦାଙ୍କର ଉତ୍ସାହ ପରିଲକ୍ଷିତ ହୋଇଥିଲା ଦେଶର ବାହ୍ୟ ଓ ଆଭ୍ୟନ୍ତରୀଣ ସୁରକ୍ଷାକୁ ନେଇ ଲୋକେ ମୋଦି ସରକାରଙ୍କର ପ୍ରଶଂସା କରିଥିଲେ। ବାଟମାରଣାକୁ ରୋକିବାପାଇଁ ଡ଼ିବିଟି ମାଧ୍ୟମରେ ହିତାଧିକାରୀଙ୍କୁ ଦିଆଯାଉଥିବା ଆର୍ଥିକ ସହାୟତା ମୋଦି ସରକାରଙ୍କର ଏକ ବଡ ଉପଲବ୍ଧି ବୋଲି ଲୋକେ ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ବିଧାୟକ ବାବୁ ସିଂ,ପୂର୍ବତନ ସାଂସଦ ପ୍ରଭାସ ସିଂ ,ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ସମେତ ବହୁ ବରିଷ୍ଠ ଦଳୀୟ ନେତୃବୃନ୍ଦ ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା; ଜଣେ ମୃତ, ଜଣେ ଗୁରୁତର



ସିନାପାଲି,୩୦ ।୧୦(ସମିସ):ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ପଲସାପଡା ଗ୍ରାମଠାରେ ଦୁଇ ବାଇକ୍ ମୁହାଁ ମୁହିଁ ଧକ୍କାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ମୃତ ବ୍ୟକ୍ତି ହେଲେ ଘାଟମାଲ ପଞ୍ଚାୟତ ସିନ୍ଦୁରସିଲ ଗ୍ରାମର ଜୟସିଂ ନାଗ (୪୪) ଓ ଗୁରୁତର ବ୍ୟକ୍ତି କେନ୍ଦୁମୁଣ୍ଡା ଗ୍ରାମର ପିଣ୍ଟୁ ଲୋହାର (୨୫) ବୋଲି ଜଣାପଡ଼ିଛି। ଖବର ଅନୁସାରେ ବୁଧବାର ଅପରାହ୍ନ ପ୍ରାୟ ଚାରିଘଣ୍ଟା ସମୟ ବେଳେ ପଲସାପଡା ଠାରେ ଦୁଇଟି ବାଇକ୍ ମୁହାମୁହିଁ ଧକ୍କା ହୋଇଥିଲା। ଉଭୟ ବାଇକ୍ ଚାଳକ ଗୁରୁତର ଅବସ୍ଥାରେ ତଳେ ପଡ଼ି ଯାଇଥିଲେ। ମୃତ ବ୍ୟକ୍ତି ପଲସର ଗାଡି ଯାହାର ଗାଡି ନମ୍ବର ସିଜି ୨୩ ଏଲ ୮୨୯୩ରେ ରହିଥିବା ବେଳେ ଗୁରୁତର ବ୍ୟକ୍ତି ଗାଡି ନମ୍ବର ଓଆର୨୪-୦୩୭୦ରେ ଥିଲେ। ଖବର ପାଇ ତୁରନ୍ତ ସିନାପାଲି ଦମକଳ ଗାଡି ପହଞ୍ଚି ଉଭୟଙ୍କୁ ଚିକିତ୍ସା ପାଇଁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିବା ବେଳେ ଜୟସିଂଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପିଣ୍ଟୁ ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭବାନୀପାଟଣା ହସପିଟାଲ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥାନରେ ସିନାପାଲି ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତ ଜୟସିଂ ଘାଟମାଲ ପଞ୍ଚାୟତ କାର୍ଯ୍ୟାଳୟ ରେ ରାତ୍ରି ଜଗୁଆଳି ଭାବରେ ରହିଥିବା ବେଳେ ଗୁରୁତର ପିଣ୍ଟୁ ବାଇକ ଗ୍ୟାରେଜ ଦୋକାନି ବୋଲି ଜଣାପଡ଼ିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଅଧିକ ତଦନ୍ତ ଚାଲୁଥିବା ସିନାପାଲି ପୁଲିସ ପ୍ରକାଶ କରିଛି।

## ଆର୍‌ଓବି ରାସ୍ତା ଜମି ଅଧିଗ୍ରହଣ ପାଇଁ ଜନଶୁଣାଣି

ବୌଦ୍ଧ,୩୦।୧୦(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ସରସରା ପଞ୍ଚାୟତ କାର୍ଯ୍ୟାଳୟରେ ରେଲ୍ୱେ ଓଭର ବ୍ରିଜ(ଆର୍‌ଓବି) ରାସ୍ତା ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସକାଶେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ଜମି ଅଧିଗ୍ରହଣ ଅଧିକାରୀ ରାଜ କିଶୋର ଦାସ, ରେଳବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀରାମ ମୁର୍ତ୍ତି, ସରପଞ୍ଚ ହରି ନାଏକ ଯୋଗଦେଇଥିଲେ। ସେହିପରି ଉକ୍ତ ଆର୍‌ଓବି ରାସ୍ତା ନିର୍ମାଣରେ କ୍ଷତିଗ୍ରସ୍ତ ହେଉଥିବା ତଥା ଘର କିମ୍ବା ବାଣିଜ୍ୟିକ ଦୋକାନ ଭାଙ୍ଗୁଥିବା କ୍ଷତିଗ୍ରସ୍ତ ପ୍ରଜାମାନେ ଯୋଗଦେଇ ପ୍ରଶାସନ ଓ ରେଳ ବିଭାଗର ଅଧିକାରୀମାନଙ୍କ ସମ୍ମୁଖରେ ନିଜ ନିଜର ଦାବି ଉପସ୍ଥାପନ କରିଥିଲେ।

## ଆଦର୍ଶ ବିଦ୍ୟାଳୟର ଶିକ୍ଷକ ସଂଗଠନର ବୈଠକ

ବୀରମହାରାଜପୁର,୩୦।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଗଠନର ଏକ ଆଭାସି ବୈଠକ ସଭାପତି ନରେନ୍ଦ୍ର କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଭାପତି ନରେନ୍ଦ୍ର କୁମାର ବାରିକ, ସଂପାଦକ ହେମନ୍ତ ନାରାୟଣ ସିଂହଦେଓ, କୋଷାଧ୍ୟକ୍ଷ ଭଗବାନ ମହାନନ୍ଦ ତାଙ୍କ ପଦରୁ ଇସ୍ତଫା ଦେବାପରେ ନୂତନ କମିଟି ଗଠନ କରାଯାଇଥିଲା। ନୂତନ ଭାବେ ଚୟନିତ କମିଟିରେ ସଭାପତି ଓଜସ୍ୱୀ ତାଣ୍ଡି, ଉପସଭାପତି ଶଙ୍କର୍ଷଣ ମିଶ୍ର, ସଂପାଦକ ମାନସ ରଞ୍ଜନ ପଣ୍ଡା, କୋଷାଧ୍ୟକ୍ଷ ଜଳଦେବ ବେରିହା ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ନରେନ୍ଦ୍ର କୁମାର ବାରିକଙ୍କୁ ସମସ୍ତଙ୍କ ସହମତିରେ ଚୟନ କରାଯାଇଥିଲା। ଶେଷରେ ଭଗବାନ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାର୍ଷିକ କ୍ରୀଡ଼ା

ହରଭଙ୍ଗା,୩୦।୧୦(ସମିସ): ହରଭଙ୍ଗା ବ୍ଲକ ପୁରୁଣାକଟକ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ବିଦ୍ୟାଳୟର ୨୫ ତମ ବାର୍ଷିକ କ୍ରୀଡ଼ା ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଜଳ ପରିମଳ ବିଭାଗ ଯନ୍ତ୍ରୀ ପ୍ରତୀକ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଛାତ୍ର ସୋମେଶ ଅଗ୍ରୱାଲ, ରାଜେଶ ଷଡଙ୍ଗୀ, ପରିଚାଳନା ସମିତି ସଭାପତି ଡ. ପ୍ରମୋଦ କୁମାର ମହାପାତ୍ର ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଭଗବାନ ମନହିରା ଅତିଥି ପରିଚୟ ପ୍ରଦାନ କରିଥିଲେ। ମନୋଜ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସୁରେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଉଦ୍ୟାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ମେଡିକାଲ ଅଫିସର ଡ. ଶ୍ରୀମନ୍ତ ରଞ୍ଜନ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପୁରୁଣାକଟକ ସରପଞ୍ଚ ଅଶୋକ କୁମାର ସେଠି, ସଭାପତି ପ୍ରମୋଦ କୁମାର ମହାପାତ୍ର, ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ, ସଦସ୍ୟା ଅଞ୍ଜନା କୁମାରୀ ସାହୁ ଉପସ୍ଥିତ ଥିଲେ। ଶିଶୁ ବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୫୫୦ଜଣ ଶିଶୁ ଏଥିରେ ଭାଗ ନେଇଥିଲେ। ଅଭିଭାବକଙ୍କ ବକେଟ ବଲ ଓ ଅଭିଭାବିକାମାନଙ୍କର ବଲ ଖେଳ ପ୍ରତିଯୋଗିତା ହୋଇଥିଲା। ଶାରୀରିକ ପ୍ରମୁଖ ପ୍ରଭାତ କୁମାର ବାରିକଙ୍କ ସମେତ ଆଚାର୍ଯ୍ୟ ଆଚାର୍ଯ୍ୟା, ସେବକ ସେବିକା ପରିଚାଳନା ସମିତିର ସମସ୍ତ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।



## ମୁଣ୍ଡିପଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉଦ୍‌ଘାଟନୀ ଉତ୍ସବ



ବୌଦ୍ଧ,୩୦।୧୦(ସମିସ): ବୌଦ୍ଧ ବ୍ଲକ ମୁଣ୍ଡିପଦର ଗ୍ରାମ ସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉଦ୍ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ବାସୁଦେବ ପାତ୍ର, ଅଧ୍ୟାପକ ଉତ୍ତମ କୁମାର ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚିରଞ୍ଜୀବୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।

### ଭବାନୀପାଟଣା-ଖରିଆର ମୁଖ୍ୟ ରାସ୍ତାର ବଦଳିଯିବ ଭାଗ୍ୟ

# ୪ଲେନ ବିଶିଷ୍ଟ ରାସ୍ତା ପାଇଁ ୪୩୬ କୋଟି ଟଙ୍କାର ବ୍ୟୟ ଅଟକଳ

ଭବାନୀପାଟଣା,୩୦ ।୧୦(ସମିସ)



କଳାହାଣ୍ଡି ଜିଲ୍ଲାର ପ୍ରମୁଖ ରାସ୍ତାରୂପେ ପରିଗଣିତ ଭବାନୀପାଟଣା ଠାରୁ ଖରିଆର ରାସ୍ତା ନୂତନଭାବେ ନିର୍ମାଣ ପାଇଁ ସମସ୍ତ ପ୍ରସ୍ତୁତି ସରିଛି।ଭବାନୀପାଟଣା ଠାରୁ ଖରିଆରକୁ ସଂଯୋଗ ହେଉଥିବା ରାଜ୍ୟ ରାଜପଥ-୧୬ରାସ୍ତାର ଦୃଶ୍ୟପଟ୍ଟ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଯିବ। ଓବିସିସି(ଓଡିଶା ବ୍ରିଜ ଏଣ୍ଡ କନଷ୍ଟ୍ରକସନ କର୍ପୋରେସନ ଲିମିଟେଡ଼)ପକ୍ଷରୁ ନୂତନ ରାସ୍ତା ନିର୍ମାଣ ଲାଗି ଇତିମଧ୍ୟରେ ଟେଣ୍ଡର ପ୍ରକିୟା ଶେଷ ହୋଇଛି।ଏହି ୬୮କିମି ଭବାନୀପାଟଣା-ଖରିଆର ରାସ୍ତାକୁ (୪ଲେନ) ବିଶିଷ୍ଟ ହେବାକୁ ଥିବା ବେଳେ ପ୍ରାୟ ୪୩୬ କୋଟି ଟଙ୍କା ବ୍ୟୟ ଅଟ୍ଟକଳ କରାଯାଇଛି। ଏ ନେଇ ବିଭାଗୀୟ ମୁଖ୍ୟ ଅଧିକ୍ଷଣ ଯନ୍ତ୍ରୀ ସୁନାରାମ ମୁର୍ମୁ ପ୍ରକାଶ କରିଛନ୍ତି। ତେବେ ଭବାନୀପାଟଣା-ଖରିଆର ନୂତନ ୪ ଲେନ ରାସ୍ତା ପାଇଁ ଟେଣ୍ଡର ହେବା ପରେ ୨ ଜିଲ୍ଲା ଅର୍ଥାତ କଳାହାଣ୍ଡି ଓ ନୂଆପଡ଼ାବାସୀଙ୍କ ସମସ୍ୟା ଦୂରହେବା ନିଶ୍ଚିତ।ସୂଚନାଯୋଗ୍ୟ ଯେ ,ଭବାନୀପାଟଣାରୁ- ଖରିଆର (ନୂଆପଡ଼ା) ଜିଲ୍ଲାକୁ ସଂଯୋଗ କରୁଥିବା ତୁର୍କେଲ ବ୍ରିଜ ଗତମାସ ୨୭ତାରିଖରେ ପ୍ରବଳ ବର୍ଷା ଯୋଗୁଁ ଦବି ଯାଇଥିଲା। ଯାହାଫଳରେ ଲୋକଙ୍କ ସୁରକ୍ଷା ପାଇଁ ପୂର୍ତ୍ତ ବିଭାଗ ଏହି ରାସ୍ତାରେ ଅସ୍ଥାୟୀଭାବେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ଘୋଷଣା କରିଛନ୍ତି। ଏବେ ପୋଲ ଦେଇ ଯାତାୟତ ବନ୍ଦ ହୋଇଥିବା ବେଳେ ବର୍ତ୍ତମାନ ବ୍ରିଜ ପୂର୍ବରୁ ଆରଡ଼ି ରାସ୍ତାଦେଇ ଖରିଆରକୁ ଅଧିକା ୩୨କିମି ବୁଲି ଲୋକେ ଯାତାୟତ କରୁଛନ୍ତି। ତେଲନଦୀ ଉପରେ ତୁର୍କେଲ ବ୍ରିଜ ୫୦ ବର୍ଷ ପୂର୍ବରୁ ଅର୍ଥାତ ୧୯୭୦ ମସିହାରେ ନିର୍ମାଣ ହୋଇଥିଲା। ଗତ କିଛି ଦିନ ତଳେ ପୂର୍ତ୍ତ ବିଭାଗର ଉଚ୍ଚସ୍ତରୀୟ କମିଟି ଆସି ବ୍ରିଜକୁ ଅନୁଧ୍ୟାନ କରିଥିଲେ। ଏହାର ରିପୋର୍ଟ ଆସିବା ପରେ ବ୍ରିଜର ସାମୟିକ ମରାମତି ହେବ କି ସମ୍ପୂର୍ଣ୍ଣ ବନ୍ଦ କରାହେବ ସେ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଉଥିଲା।

କିନ୍ତୁ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଶିବାଜୀ ପ୍ରଧାନ ପ୍ରକାଶ କରିଛନ୍ତି ଯେ ପୂନର୍ବାର ଆଉ ଏକ ଉଚ୍ଚସ୍ତରୀୟ ଆଧିକାରୀ ଅନୁଧ୍ୟାନ କରି ଚୂଡାନ୍ତ ରିପୋର୍ଟ ଦେବାପରେ ବ୍ରିଜର ସମ୍ପୂର୍ଣ୍ଣ ନବୀକରଣ ପ୍ରକ୍ରିୟା ହାତକୁ ନିଆଯିବ।ସେହିପରି ଗତ ଜୁନ ମାସରେ ଜିଲ୍ଲାରେ ପୂର୍ତ୍ତବିଭାଗ ଅଧିନରେ ଥିବା ପ୍ରାୟ୨୦ରୁ ଊର୍ଦ୍ଧ୍ୱ ବ୍ରିଜକୁ ଦିଲ୍ଲୀର ସେଣ୍ଟ୍ରାଲ ରୋଡ଼ ରିସର୍ଚ୍ଚଇନ୍ସ୍ଟିଚ୍ୟୁସନ (ସିଆରଆରଆଇ) ଟିମ୍ ଆସି ସର୍ଭେ କରି ଯାଇଥିବା ପ୍ରକାଶ କରିଥିଲେ। ସର୍ଭେ ରିପୋର୍ଟ ସେମାନେ ସରକାରଙ୍କୁ ଦେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



### ଜନ୍ମଦିନରେ ରକ୍ତଦାନ

## ଶିକ୍ଷାବିତ୍ ଜିତେନ୍ଦ୍ର ସାହୁଙ୍କ ନିଆରା ପ୍ରୟାସ

ଭବାନୀପାଟଣା,୩୦ ।୧୦(ସମିସ): ଆଜିର ଦୁନିଆରେ ଲୋକେ କେକ୍ କାଟି, ଭୋଜିଭାତ କରି ସାଙ୍ଗସାଥୀଙ୍କ ଗହଣରେ ଜନ୍ମଦିନ ମନାଇବାକୁ ପସନ୍ଦ କରୁଥିବା ବେଳେ ଜଣେ ଯୁବ ଶିକ୍ଷାବିତ୍ ସମାଜସେବା ମାଧ୍ୟମରେ ନିଜ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ସେ ହେଉଛନ୍ତି କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ବଲବସପୁର ଗ୍ରାମର ଜିତେନ୍ଦ୍ର କୁମାର ସାହୁ। ସଂପ୍ରତି ସରିଆଁ ସିଆରସିସି ଭାବେ କାର୍ଯ୍ୟରତ ଜିତେନ୍ଦ୍ର ଗୁରୁବାର ନିଜ ଜନ୍ମଦିନରେ ନିଃସ୍ୱାର୍ଥ ଭାବରେ ରକ୍ତଦାନ କରି ଜଣେ ଅସହାୟର ଜୀବନ ରକ୍ଷା କରି ଯୁବପିଢ଼ି ମଧ୍ୟରେ ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ବିଗତ କିଛିବର୍ଷ ଧରି ସେ ନିଜ ଜନ୍ମଦିନରେ ରକ୍ତଦାନ କରିଆସୁଛନ୍ତି। କେବଳ ଜନ୍ମଦିନ ନୁହେଁ, ଅନ୍ୟ ସମୟରେ ମଧ୍ୟ ସେ ରକ୍ତଦାନ କରିବାକୁ ସଦା ତତ୍ପର ରହିଥାନ୍ତି। ମାନବ ସେବା ହିଁ ମାଧବ ସେବା ନୀତିକୁ ଗ୍ରହଣ କରି ସେ ଅନ୍ୟମାନଙ୍କୁ ମଧ୍ୟ ସେ ରକ୍ତଦାନ କରିବାକୁ ପ୍ରୋତ୍ସାହିତ କରିଥାନ୍ତି। ତାଙ୍କ ମତରେ, ରକ୍ତଦାନ କରିବାକୁ କେବେ ସୁଯୋଗ ନ ମିଳିଲେ ମଧ୍ୟ ବର୍ଷକୁ ଅନ୍ତତଃ ଥରେ ନିଜ ଜନ୍ମଦିନରେ ରକ୍ତଦାନ କରିବା ଉଚିତ। ଏହା କେବଳ ପରୋପକାର ନୁହେଁ, ନିଜ ଶରୀର ପାଇଁ ମଧ୍ୟ ଅତ୍ୟନ୍ତ ଲାଭଦାୟକ। ଶ୍ରୀ ସାହୁଙ୍କ ଏହି ନିଃସ୍ୱାର୍ଥ ସେବା ଓ ସମାଜ ପ୍ରତି ତାଙ୍କର ଅଭିନବ ଚିନ୍ତାଧାରାକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।



# ବ୍ରାଉନସୁଗର ଜବତ, ୪ ଗିରଫ

**ଝାରସୁଗୁଡ଼ା, ୩୦।୧୦(ସମିସ):** ଝାରସୁଗୁଡ଼ା କବରସ୍ଥାନ ପଡ଼ା ଅଞ୍ଚଳରୁ ପୁଲିସ ୯.୭୦ ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ସଦର ଥାନା ଅଞ୍ଚଳର କଲ୍ୟାଣୀ କଲେତ (୨୧), ଆରତି ସୁନା (୪୭), ହାଲିମା ବେଗମ (୪୫), ଏସ୍‌କେ ଅଲତାଫ (୨୨) ବୋଲି ଝାରସୁଗୁଡ଼ା ଏସ୍‌ପି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅପରେସନ୍ 'ନେତ୍ର'ର ଏକ ଅଂଶ ଭାବେ, ଝାରସୁଗୁଡ଼ା ପୁଲିସ ଅସାମାଜିକ କାର୍ଯ୍ୟକଳାପ, ନିଶା ଓ ଅସ୍ତ୍ରଶସ୍ତ୍ର ବେପାରୀ ଏବଂ ମହିଳା ବିରୋଧୀ ଅପରାଧ ଆଦି ଉପରେ ସତର୍କ ନଜର ରଖିଛି। ଝାରସୁଗୁଡ଼ା ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଆଜି ଭୋରରେ ପୁଲିସ ଏକ ଦଳ ଗଠନ କରି ହନୁମାନ ମନ୍ଦିର ଛକ ନିକଟ କବରସ୍ଥାନପଡ଼ାରେ ଚଢ଼ଉ କରିଥିଲା। ସେଠାରୁ ୯.୭୦ ଗ୍ରାମ ଓଜନର ବ୍ରାଉନସୁଗର ଥିବା ଗୋଟିଏ ପଲିଥିନ୍ ପ୍ୟାକେଟ, ୮୦ ଖଣ୍ଡ ପ୍ଲାଷ୍ଟିକ୍, ଛୋଟ ପାତ୍ର, ବ୍ରାଉନସୁଗର ପ୍ୟାକିଂ ପାଇଁ ୯୫ଟି ଛୋଟ ରଙ୍ଗୀନ କାଗଜ ଖଣ୍ଡ, ନଗଦ ୭, ୪୭୦ ଟଙ୍କା, ୨ଟି ମୋବାଇଲ ଫୋନ ପୁଲିସ ଜବତ କରିଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରି ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# 'ମୋନ୍ଥା' ପ୍ରଭାବ: ବିଲରେ ପଡ଼ି ବର୍ଷାରେ ଭିଜୁଛି ଅମଳ ଧାନ

**ଝାରସୁଗୁଡ଼ା, ୩୦।୧୦(ସମିସ)**



ବାତ୍ୟା ମୋନ୍ଥା ପ୍ରଭାବରେ ୩ ଦିନ ହେଲା ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ଗୁରୁବାର ସନ୍ଧ୍ୟାରେ ଖୁବ ଜୋର ବର୍ଷା ହୋଇଛି। ଜିଲ୍ଲାକୁ ୟଲୋ ୱାର୍ଣ୍ଣ ଜାରି କରିବା ସହ ୨ ଦିନ ଆହୁରି ବର୍ଷା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଅଦିନିଆ ବର୍ଷା ଜିଲ୍ଲାର ଚାଷୀକୁଳର ନିଦ ହଜାଇଛି। କିଛି ଦିନ ପୂର୍ବରୁ ସମସ୍ତ ବିଲରେ ସୁନାର ଫସଲ ହସୁଥିବା ବେଳେ ମନ୍ଥା ସବୁ ଓଲଟପାଲଟ କରିଦେଇଛି। ବାତ୍ୟା ମନ୍ଥାର ବର୍ଷା ପବନ ଯୋଗୁଁ ଲଖନପୁର, ଲାଇକେରା, କୋଲାବିରା, କିର୍ମିରା, ଝାରସୁଗୁଡ଼ା ଅଞ୍ଚଳରେ ବ୍ୟାପକ କ୍ଷତି ହୋଇଛି। ଶହଶହ ଏକର ଜମିରେ ଧାନ ଗଛ ଭାଙ୍ଗି ମାଟିରେ ମିଶି ଯାଇଛି। ଲଖନପୁର ବ୍ଲକର ଅଏଁଲାପଡ଼ା ଗାଁରେ କେବଳ ୩୦ରୁ ଊର୍ଦ୍ଧ୍ୱ ଏକର ଚାଷ ଜମିରେ ଫସଲ ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଅନେକ ଚାଷୀ ଧାନ ଅମଳ କରି ବିଲରେ ଗଦା କରିଛନ୍ତି। କିଛି ଚାଷୀ ଖଳା ଏବଂ ଗାଁ ଦାଣ୍ଡରେ ଧାନ ରଖିଛନ୍ତି। ଅନେକ ଚାଷୀ ଏବେ ବିଲରୁ ଧାନ ଅମଳ କରୁଛନ୍ତି। ଅମଳ ସମୟରେ ଆସନ୍ତା ୪ ଦିନ ବର୍ଷା ହେଲେ ଚାଷୀର ଭାଗ୍ୟ ଓଲଟି ଯିବ। ବର୍ଷା ହେଲେ ସମସ୍ତ ଧାନ ନଷ୍ଟ ହେବାର ଆଶଙ୍କା ରହିଛି। ଚାଷୀ ଅମଳ କରି ଖଳା ଅବା ଗାଁ ଦାଣ୍ଡରେ ରଖିଥିବା ଧାନକୁ ପାଲ ଦ୍ୱାରା ଢାଙ୍କିବା ସହ ଅଖା ବସ୍ତାରେ ସୁରକ୍ଷା ଦେବାକୁ ଚେଷ୍ଟା କରୁଛି। ପ୍ରଥମେ ସାର ଅଭାବ ଯୋଗୁଁ ଅସୁବିଧାର ସମ୍ମୁଖୀନ ହୋଇଥିବା ଚାଷୀ ଏବେ ଅଦିନିଆ ବର୍ଷା ଯୋଗୁଁ ସର୍ବସ୍ୱ ହରାଇବାକୁ ବସିଛି।

# ଶିଶୁ ଆଶ୍ରୟ ଗୃହର ବାର୍ଷିକ ଉତ୍ସବ 'ମହକ'

**ଦେବଗଡ଼, ୩୦।୧୦(ସମିସ):** ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଗୁରୁବାର ସ୍ଥାନୀୟ ସେଣ୍ଟର ଫର କଲଚର ଠାରେ ଶିଶୁ ଆଶ୍ରୟ ଗୃହର ଅନ୍ତେବାସୀଙ୍କ ବାର୍ଷିକ ଉତ୍ସବ 'ମହକ' ମହା ସମାରୋହରେ ପାଳିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ




ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର, ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନ, ଶିଶୁ ମଙ୍ଗଳ ସମିତି ଅଧକ୍ଷ୍ୟା ପିଙ୍କିରାଣୀ ନନ୍ଦ, କିଶୋର ନ୍ୟାୟ ପରିଷଦ ସଦସ୍ୟା ଗାୟତ୍ରୀ ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶିଶୁ ଗୃହର ଅନ୍ତେବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ନିଜ ପ୍ରତିଭାରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ନୃତ୍ୟ ଓ ଗୀତର ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଗୁମାନ ସିଂ ମଞ୍ଚ ପରିଚାଳନା କରିଥିଲେ। କଳାକାର ରାକେଶ ଶତପଥୀ ଓ ସୁମନ ମହାକୁଳ ବିଚାରକ ଭାବେ ଉପସ୍ଥିତ ଥିଲେ। ବିଭିନ୍ନ ବର୍ଗରେ ବିଜେତାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଯେଉଁ ଅନ୍ତେବାସୀ ମାନେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ସେମାନଙ୍କୁ ରାଜ୍ୟପାଳଙ୍କ ସ୍ୱତନ୍ତ୍ର ଆର୍ଥିକ ଅନୁଦାନ ସହାୟତାରେ ସାଇକେଲ ବଣ୍ଟନ କରା ଯାଇଥିଲା। ଅନ୍ତେବାସୀଙ୍କ ନୃତ୍ୟଗୁରୁ ଘନଶ୍ୟାମ ବେହେରା, ସଙ୍ଗୀତ ତାଲିମଦାତା ରୂପେନ୍ଦ୍ର ଗୁମାନସିଂ ଓ ଶ୍ରେଷ୍ଠ କର୍ମଚାରୀ ଭାବେ ଗଗନ ବିହାରୀ ବିଶ୍ୱାଳଙ୍କୁ ଉପଢୌକନ ପ୍ରଦାନ କରି ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରଯାଇଥିଲା।

ଉଦ୍‌ଯାପନୀ ଅଧିବେଶନରେ ଡିଏସପି ଅମୂଲ୍ୟ ପୁନମ ଲାକ୍ରା ମୁଖ୍ୟ ଅତିଥି ଭାବେ ଓ ସମ୍ମାନିତ ଅତିଥି ଭାବେ ମହିଳା ପୁଲିସ ଅଧିକାରୀ ଜସ୍ମିତା ମାଝି, କିଶୋର ନ୍ୟାୟ ବୋର୍ଡ ସଦସ୍ୟା ମମତା ବିଶ୍ୱାଳ, ମହିଳା ଆଇନଜୀବୀ ସରୋଜିନୀ ମିଶ୍ର, ସିଡି ଅନୁଷ୍ଠାନର ସଂଯୋଜକ ସଂସାର ବାଗ ଓ ପ୍ରିୟଙ୍କା ବାରିକ ପ୍ରମୁଖ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବିଭାଗୀୟ ଅଧିକାରୀ ଚିନ୍ମୟ ସ୍ୱାଇଁ, କ୍ରାନ୍ତିମଞ୍ଜରି ଧାଉନଳିଆ, ଦେବାରଞ୍ଜନ ପ୍ରଧାନ, କରିଶ୍ମା ମହାକୁଳ, ସୂର୍ଯ୍ୟକାନ୍ତି ଭମସାଗର, ଶ୍ରୀଦତ୍ତ ସାହୁ, ସତ୍ୟପ୍ରିୟା ପ୍ରଧାନ, ସୁଜିତ ନାୟକ, ଅଜିତ ନାୟକ ଓ ତପସ୍ୱିନୀ ମହାକୁଳ ପ୍ରମୁଖ ପରିଚାଳନା କରିଥିଲେ। ଜିଲ୍ଲା ସ୍ତରରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀ ମାନେ ଆସନ୍ତା ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ରାଜ୍ୟସ୍ତରୀୟ ଉତ୍ସବରେ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# କ୍ରୀଡ଼ାରେ ବନ୍ଧବାହାଲ ଡିଏଭି ଜାତୀୟସ୍ତରକୁ ଉତ୍ତୀର୍ଣ୍ଣ



**ବନ୍ଧବାହାଲ/ଝାରସୁଗୁଡ଼ା, ୩୦।୧୦(ସମିସ):** ଡିଏଭି ପବ୍ଲିକ ସ୍କୁଲ ଡେରା, ତାଳଚେର ଠାରେ ଚଳିତ ମାସ ୨୩ ରୁ ୨୬ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ମୋଟ୍ ୬୨ଟି ବିଦ୍ୟାଳୟର ପ୍ରାୟ ୩୦୦୦ ଛାତ୍ରଛାତ୍ରୀ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ବିଭିନ୍ନ ବର୍ଗରେ ଭାଗ ନେଇ ସଫଳତା ହାସଲ କରିଛନ୍ତି। ୧୪ ବର୍ଷରୁ କମ୍ ବାଳିକା ବର୍ଗ ଚେସ୍ ପ୍ରତିଯୋଗିତାରେ ରୌପ୍ୟ ପଦକ, ବାଳକ ବର୍ଗ କବାଡିରେ ସ୍ୱର୍ଣ୍ଣ ପଦକ; ୧୭ ବର୍ଷରୁ କମ୍ ବାଳିକା ବର୍ଗ ଲମ୍ବଡିଆଁ ଓ ଉଷୁରେ ଗୋଟିଏ ଲେଖାଁ ସ୍ୱର୍ଣ୍ଣ, ଡିସ୍କସ୍ ଥ୍ରୋରେ ଗୋଟିଏ ବ୍ରୋଞ୍ଜ, ବାଳକ ବର୍ଗ କରାଟେରେ ୨ ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ, ତାଏକ୍ୱଣ୍ଡୋରେ ଗୋଟିଏ ବ୍ରୋଞ୍ଜ, କବାଡିରେ ସ୍ୱର୍ଣ୍ଣ ପଦକ; ୧୯ ବର୍ଷରୁ କମ୍ ବାଳିକା ବର୍ଗ ୮୦୦ ମିଟର ଓ ୧୫୦୦ ମିଟର ଦୌଡରେ ଗୋଟିଏ ଲେଖାଁ ସ୍ୱର୍ଣ୍ଣ, ଲମ୍ବଡିଆଁରେ ଗୋଟିଏ ରୌପ୍ୟ, ୧୯ ବର୍ଷରୁ କମ୍ ବାଳକ ବର୍ଗ କରାଟେ ଓ ୪୦୦ ମିଟର ଦୌଡରେ ଗୋଟିଏ ଲେଖାଁ ରୌପ୍ୟ, ଭଲି ବଲରେ ଓ ୮୦୦ ମିଟର ଦୌଡରେ ଗୋଟିଏ ଗୋଟିଏ ସ୍ୱର୍ଣ୍ଣ, ୨୦୦ ମିଟର ଦୌଡରେ ଗୋଟିଏ ବ୍ରୋଞ୍ଜ ପଦକ ହାସଲ୍ କରିଛନ୍ତି ବୋଲି ବିଦ୍ୟାଳୟର ଅଧକ୍ଷ ପ୍ରଦୀପ ହୋତା ପ୍ରକାଶ କରିଛନ୍ତି। ଏ ସମସ୍ତ ପ୍ରତିଯୋଗୀ କେବଳ ବ୍ରୋଞ୍ଜ ପଦକଧାରୀଙ୍କୁ ଛାଡି ଦେଲେ ସମସ୍ତେ ଜାତୀୟ ସ୍ତରରେ ଖେଳିବାକୁ ମନୋନୀତ ହୋଇଥିବା ପ୍ରକାଶ। ଏଥିରେ ସମଗ୍ର ବିଦ୍ୟାଳୟରେ ଖୁସିର ଲହରି ଦେଖିବାକୁ ମିଳିଥିଲା।

## ମଦ ସହ କାର୍ ଜବତ, ଜଣେ ଗିରଫ

**ଦେବଗଡ଼, ୩୦।୧୦(ସମିସ):** ବେଆଇନ ଦେଶୀ ମଦ ଚାଲାଣ ବେଳେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଏକ ସ୍ୱିଫ୍ଟ କାର ସହ ବେଆଇନ ୬୦ ଲିଟର ଦେଶୀ ମଦ ଜବତ ହୋଇଥିବା ଜଣା ପଡ଼ିଛି। ରାତିରେ ଅବକାରୀ ବିଭାଗ ପକ୍ଷରୁ ପେଟ୍ରୋଲିଂ ହେଉଥିଲା। ଦେବଗଡ଼ ଥାନା ଅଧୀନ ବଳମ ଶାସନ ସାହି ନିକଟରେ କାରକୁ ଯାଞ୍ଚ ବେଳେ ଗାଡି ମଧ୍ୟରୁ ବେଆଇନ ଚାଲାଣ ହେଉଥିବା ଦେଶୀ ମଦ ରହିଥିବା ଜଣାପଡ଼ିଥିଲା। ଅବକାରୀ ବିଭାଗ କର୍ମଚାରୀ ଉକ୍ତ କାର ସହ ଗାଡିରେ ଥିବା ଦେଶୀ ମଦ ଜବତ କରିଥିଲେ। ଗାଡି ଚାଳକ ବାରକୋଟ ଥାନା ଅଧୀନ ବାହାଡାପୋଷି ଗାଁର ଶଙ୍କର ସିଂ (୪୩)କୁ ଅଟକରଖି ପଚରା ଉଚୁରା ଜାରି ରହିଛି।

## ରାଷ୍ଟ୍ରୀୟ ପୋଷଣ ମାସ ଉଦ୍‌ଯାପିତ

**ବିଜେପୁର, ୩୦।୧୦(ସମିସ):** ପୋଷଣକୁ ଆଧାର କରି ଶିଶୁ ସୁସ୍ଥତା ଉଦ୍ଦେଶ୍ୟକୁ ସାକାର କରିବା ପାଇଁ ବରଗଡ଼ ଜିଲ୍ଲା ବିଜେପୁର ଆଇସିଡିଏସ ପ୍ରକଳ୍ପ ଠାରେ ୮ମ ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଜେପୁର ବ୍ଲକ ଅଧୀନ ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରର କର୍ମୀ, ସୁପରଭାଇଜର, ଆଶା କର୍ମୀ, ସ୍ୱାସ୍ଥ୍ୟ ସେବିକା, ଶିଶୁ ଓ ମାତୃଗଣ, ସହିତ ସ୍ଥାନୀୟ ଗଣମାନ୍ୟ ଉପସ୍ଥିତ ହୋଇଥିଲେ। ଆମରିସିଏନ ଏକ୍କାଙ୍କ ପୌରୋହିତ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ ବିଶ୍ୱାଳ, ବିଡିଓ ସଂଯୁକ୍ତା ସାହୁ, ଭିଏସ ଦୀପାଳି ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

**ଅତାବିରା, ୩୦।୧୦(ସମିସ):** ଅତାବିରା ବ୍ଲକ୍ ଅଧୀନ ପତ୍ରାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ବିଶିଙ୍କ ସଭାପତିତ୍ୱରେ ବିଦ୍ୟାଳୟ ସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୩୯ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ବିଭାଗରେ ନିକିତା କର୍ଣ୍ଣ, ମୋନାଶ୍ରୀ ବେହେରା, ନିୟତି ଗେଜୋ, କନିଷ୍ଠ ବିଭାଗରେ ପ୍ରତୀକ୍ଷା କର୍ଣ୍ଣ, ରୀତିକ୍ଷା କର୍ଣ୍ଣ, ପ୍ରିତିଶ କର୍ଣ୍ଣ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ବିଜ୍ଞାନ ଶିକ୍ଷକ କୃଷ୍ଣଚନ୍ଦ୍ର ପୋଢ଼, ଡିଲେଶ୍ୱର ପ୍ରଧାନ, ଦିନେଶ ମହାକୁର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ରଷ୍ମଭ ମେହେର ଶିକ୍ଷୟିତ୍ରୀ ବବଲିରାଣୀ ଗଡ଼ତିୟା, ମଥୁରା ପଧାନ, ରଞ୍ଜିତା କ୍ଷେତୀ ଏବଂ ଝରଣା ମହାକୁର ପ୍ରମୁଖ ସହଯୋଗ କରିଥିଲେ।

## ବରପାଲି ମହାବିଦ୍ୟାଳୟ ଓଡ଼ିଆ ବିଭାଗ ସମ୍ମାନ

**ବରପାଲି, ୩୦।୧୦(ସମିସ):** ବରପାଲି ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ଯୁଗସ୍ରଷ୍ଟା ରାଧାନାଥ ଓ ସମକାଳୀନ କବିଙ୍କ ପ୍ରଭାବ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ସୁଶୀଳ ଶତପଥୀ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଉତ୍ତର ଗଡ଼ତିଆ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଶ୍ରୀରାମ ମହାବିଦ୍ୟାଳୟ ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ଅଶ୍ୱିନୀ ପଡ଼ିଆ ବକ୍ତବ୍ୟ ରଖିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଅଧ୍ୟାପକ ଡ.ବିଶ୍ୱନାଥ ସାହୁ। ଏଥିରେ ତପସ୍ୱିନୀ ଷଡଙ୍ଗୀ, କବିତା ସା, ବିଜେ ମେହେର, ନିତ୍ୟମ ପରିଡ଼ା, ଶ୍ରୀମନ୍ତ ନାରାୟଣ ତ୍ରିପାଠୀ, ଅନୁପମା ପଧାନ, ରୁକ୍ମିଣୀ ଭୁଏ, ବର୍ଷା ଭୋଇ ପ୍ରମୁଖ ଛାତ୍ରଛାତ୍ରୀ ବିଷୟ ସମ୍ପର୍କିତ ସ୍ୱରଚିତ ପ୍ରବନ୍ଧ ପାଠ କରିଥିଲେ। ଅଧ୍ୟାପକ ଅରୁଣ ବାରିକ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନରେ ସହଯୋଗ କରିଥିଲେ। ମହାବିଦ୍ୟାଳୟର ପ୍ରାଚୀର ପତ୍ରିକା 'ବାସନ୍ତୀ'ର ନୂତନ ସଂଖ୍ୟା ଅତିଥିମାନଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା। ଶେଷରେ ଅଧ୍ୟାପିକା ଡ.ସମ୍ବିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୬ ସୋମବାର ମାନସିକ ବ୍ରତ ସମ୍ପନ୍ନ

**ବରଗଡ଼, ୩୦।୧୦(ସମିସ):** ବରଗଡ଼ ବ୍ଲକ ଅଧୀନ ବରଡୋଲ ପଞ୍ଚାୟତ ନଦୀପଡ଼ା ଡାଙ୍ଗ ଗାଁରେ ଗତ ଶ୍ରାବଣ ମାସ ପ୍ରଥମ ସୋମବାର ଠାରୁ ଆରମ୍ଭ ହୋଇଥିବା ୧୬ ସୋମବାର ମାନସିକ ବ୍ରତ କାର୍ତ୍ତିକ ମାସ ପଞ୍ଚମୀ ତିଥି ଶେଷ ସୋମବାର ମାଁ ଭୈରବୀଙ୍କ ପୀଠରେ ଉଦ୍‌ଯାପିତ ହୋଇଯାଇଛି। ଲଳିତ ବିଶି ଓ ଅହଲ୍ୟା ବିଶି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବୁଲୁ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଅତିଥି ଭାବେ ପୂର୍ବତନ ବିଧାୟକ ସାଧୁ ଚରଣ ନେପାକ୍ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୂଜାରେ ଯୋଗ ଦେଇଥିଲେ। ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ଶରତ ବିଶି, ହିଳନ ବିଶି, କାହ୍ନୁ ବିଶି, ପୂର୍ଣ୍ଣ ବିଶି, ରାକେଶ ବିଶି, ଗୋବର୍ଦ୍ଧନ ବିଶି, ଅଶୋକ ବିଶି, ଦିନେଶ ବିଶି, ମନୋଜ ବିଶି, ଭରତ ବିଶି, ଦିବ୍ୟ ବିଶି, ମିଳନ ସାହା, ରାଜ ବାନଛୋର, ସମାରୁ ଭୁଏ, ସୁରଜ୍ ଗୁରୁ, ସଞ୍ଜୟ ପଧାନ ଓ ଲକ୍ଷ୍ମୀ ପୂଜା କମିଟି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


## ବିଶ୍ୱ ମିତବ୍ୟୟିତା ଦିବସ

**ଦେବଗଡ଼, ୩୦।୧୦(ସମିସ):** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଗୌତମ ବାଘଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଓ ବରଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧିରଜ ଚୋପଦାର ଅର୍ଥ ସଞ୍ଚୟ ସହ ସାଇବର ଠକେଇରୁ ବଞ୍ଚିବା ଉପାୟ ଉପରେ ଆଲୋକପାତ କରିଥିଲେ। ପୋଷ୍ଟମାଷ୍ଟର ସନ୍ତୋଷ ସାମଲ ଡାକଘରେ ନିଜ ସଞ୍ଚୟ ଅର୍ଥ ଜମା କରିବା ସହ ଡାକ ବିଭାଗର ସଞ୍ଚୟ ସମ୍ପର୍କିତ ବିଭିନ୍ନ ଯୋଜନା ଉପରେ ଅବଗତ କରାଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ଅର୍ଥ ଦେଇ ପୁରସ୍କୃତ କରାଯାଇଥିଲା। ବୈଠକରେ ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ, ଅଞ୍ଜୁନି କୁଜୁର, ଏଜଲିନ୍ ବାରା, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜନତା ହାଇସ୍କୁଲରେ ଅମ୍ବାଭୋନା ବ୍ଲକ୍‌ସ୍ତରୀୟ କ୍ରୀଡ଼ା ଉତ୍ସବ

**ଅମ୍ବାଭୋନା, ୩୦।୧୦(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଜନତା ହାଇସ୍କୁଲ ଭୁକ୍ତାରେ ବ୍ଲକସ୍ତରୀୟ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏବିଇଓ ଲାଲ ମୋହନ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଡିପିଇଓ ସୁଦୀପ୍ତ ନାୟକ, ଜନତା ହାଇସ୍କୁଲ ଭୁକ୍ତାର ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ନାୟକ, ପଞ୍ଚ ସଖା ଶିକ୍ଷା ସେତୁର ଅଧ୍ୟକ୍ଷ ପ୍ରେମ କିଶୋର ପଟେଲ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ସାନନ୍ଦ ଦେହେରୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରନ୍ତିଦେବ ନାୟକ ମଞ୍ଚାସୀନ ଥିଲେ। ବ୍ଲକର ସମସ୍ତ ବିଦ୍ୟାଳୟରୁ ମନୋନୀତ ପ୍ରତିଯୋଗୀ ଏହି କ୍ରୀଡା ଉତ୍ସବରେ ଦୌଡ, ଲମ୍ବ ଡିଆଁ, ଉଚ୍ଚ ଡିଆଁ ଆଦି ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାସ୍ତରୀୟ କ୍ରୀଡା ଉତ୍ସବରେ ଅଂଶଗ୍ରହଣ କରିବା ପାଇଁ ସେମାନଙ୍କ ମଧ୍ୟରୁ ଚୟନ କରାଯାଇଥିଲା। ପୁରୁଷୋତ୍ତମ ହାଇସ୍କୁଲ ରୁଚିଦାର ପ୍ରଧାନଶିକ୍ଷକ ଅଜୟ ମେହେର, କେଦାରନାଥ ଆଦିବାସୀ ହାଇସ୍କୁଲର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ରଥ ଓ ହୀରାଧର ହାଇସ୍କୁଲ ଭେଁନାତୋରାର ପ୍ରଧାନଶିକ୍ଷକ ବାବୁଲାଲ ପ୍ରଧାନ ପରିଦର୍ଶନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ରୀଡା ଉତ୍ସବ ପରିଚାଳନାରେ ବ୍ଲକ କ୍ରୀଡା ସଂସଦର କ୍ରୀଡା ଶିକ୍ଷକ କାର୍ତ୍ତିକ ସାମ୍ରଥ, ହରବଲ୍ଲଭ ପଧାନ, ତୋଷରାମ ଦାଶ, ରଞ୍ଜିତ ସାହୁ, କଷ୍ଟ ସାହୁ, ବିନୋଦ ସେଠ୍, ଶାନ୍ତନୁ ମିଶ୍ର, ସୁଶୀଳ ଚାନ୍ଦ, ସ୍ୱାଧୀନ ସରୋଜ ସାହୁ, ସାଧୁ ଚରଣ ଭୋଇ, ପ୍ରଭାସ ଚନ୍ଦ୍ର ଭୋଇ, ଜୀବନ ଜ୍ୟୋତି ବାରିକ, ବିକାଶ ପ୍ରଧାନ, ସମୀର ବିଶ୍ୱାଳ, ଫଣିନ୍ଦ୍ରନାଥ ସାହୁ, ଅନୀଲ ନାୟକ, କ୍ରୀଡା ଶିକ୍ଷୟିତ୍ରୀ କୌଶଲ୍ୟା ସାହୁ, କିରଣ ଦୋରା, ରୀନା ମେହେର, ରଜନୀ ଖମାରୀ, ଜନତା ହାଇସ୍କୁଲର ନେତାଜୀ ସ୍କାଉଟ ଏବଂ ଜୁନିୟର ରେଡ୍‌କ୍ରସର ସଦସ୍ୟଙ୍କ ସମେତ ଶିକ୍ଷକ ଶ୍ରୀପତି ସାହୁ, ଶିକ୍ଷକ ସଞ୍ଜୟ ଖମାରୀ, ତେଜରାମ ସା, ବୋଧରାମ ବିଶ୍ୱାଳ, ଆଶୁତୋଷ ଭୋଇ, ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତ, ଅମୂଲ୍ୟ ଭୋଇ, ପଦ୍ମଲୋଚନ ବିଶି, ପ୍ରଶାନ୍ତ ମହାପାତ୍ର, ଶିକ୍ଷୟିତ୍ରୀ ରାଜ ଭୁଏ ସହଯୋଗ କରିଥିଲେ। କ୍ରୀଡା ଶିକ୍ଷକ କାର୍ତ୍ତିକ ସାମ୍ରଥ ଧନ୍ୟବାଦ ଅର୍ପଣ କରିଥିଲେ।


# ଗୁରୁ ଭଗବାନ ସାହୁଙ୍କ ସ୍ମୃତିରେ 'ଯୋଗମାୟା ପୂର୍ଣ୍ଣମାସୀ' ପୁସ୍ତକ ଉନ୍ମୋଚିତ



**ବରପାଲି, ୩୦।୧୦(ସମିସ):** ପୂର୍ଣ୍ଣମାସୀଙ୍କ ବାର୍ଷିକ ସ୍ନାନ ଉତ୍ସବ ଅବସରରେ ବରପାଲି ନିକଟସ୍ଥ କୁମ୍ଭାରୀ ଶାସ୍ତ୍ରୀ ପଡ଼ା ଠାରେ ଗୁରୁ ଭଗବାନ ସାହୁଙ୍କ ପ୍ରତିମୂର୍ତ୍ତି ନିକଟ ଶ୍ରୀରାମ ମନ୍ଦିର ପରିସରରେ ଗୁରୁ ଭଗବାନ ସାହୁଙ୍କ ଶିଷ୍ୟ ଗବେଷକ ଶାସ୍ତ୍ରୀୟ ଶବ୍ଦନୃତ୍ୟ ଗୁରୁ ଭାଗବତ ପଧାନଙ୍କ ରଚିତ 'ଯୋଗମାୟା ପୂର୍ଣ୍ଣମାସୀ' ପୁସ୍ତକ ଉନ୍ମୋଚନ ହୋଇଯାଇଛି। ସଭାରେ ଅଭିନେତା ନିର୍ଦ୍ଦେଶକ ପ୍ରଦୀପ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ତରଣୀସେନ ବୁଧିଆଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଶିକ୍ଷାବିତ ସାହିତ୍ୟିକ ପ୍ରାକ୍ତନ ଅଧ୍ୟକ୍ଷ ଟେକଚାନ୍ଦ ଦୁଆନ, ପୁସ୍ତକ ସମୀକ୍ଷକ ମୁଖ୍ୟ ବକ୍ତା ସାହିତ୍ୟିକ ମନୋରଞ୍ଜନ ମେହେର, ସମ୍ମାନିତ ଅତିଥି ଶିକ୍ଷାବିତ ସାହିତ୍ୟିକ କବି ଡ.ସୁବାସ ଚନ୍ଦ୍ର ପାତ୍ର, କବି ଉଦ୍ଧବ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଅଭିନେତା ନିର୍ଦ୍ଦେଶକ ରାମଜୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସରୋଜ ସାହୁ, ମାଖନ୍ତୁ ସାହୁ, ଝାଡେଶ୍ୱର ପ୍ରଧାନ, ହର୍ଷ ବେହେରା, ବଡ ବାବୁ, ପୂର୍ଣ୍ଣଚନ୍ଦ୍ର ଭୋଇ, ଫଣୀନ୍ଦ୍ର ପଧାନ, ସୁରେନ୍ଦ୍ର ଭୋଇ, ରାଜୁ ସାହୁ, ନିତ୍ୟାନନ୍ଦ ପ୍ରଧାନ, ଖଗେଶ୍ୱର ଭୋଇ, ପରବିନ ସାହୁ, ବୀରେନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ସମସ୍ୟା ଘେରରେ ବ୍ରଜରାଜନଗର ପୌରପରିଷଦ

**ଝାରସୁଗୁଡ଼ା, ୩୦।୧୦(ସମିସ)**



ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୌରପରିଷଦ ୱାର୍ଡ ନମ୍ବର ୨୩ର ବଡ଼େଇକେଣ୍ଟା ବିଭିନ୍ନ ସମସ୍ୟାରେ ଜର୍ଜରୀତ ହୋଇ ରହିଛି। ବଡ଼େଇକଣ୍ଟା ପୌରପରିଷଦ ଅଧୀନରେ ଆସୁଥିଲେ ହେଁ ଏଠାରେ କୌଣସି ସୁବିଧା ଉପଲବ୍ଧ ନାହିଁ। ଅଙ୍ଗନବାଡି କେନ୍ଦ୍ର ଭାଙ୍ଗି ଛାତରୁ ସିମେଟ ଅତଡା ଖସୁଛି। ପାଖରେ ଥିବା ମୁକୁଳା କୂଅଟି ଅନାବନା ଘାସ ଘେର ମଧ୍ୟରେ ରହିଛି। ଫଳରେ ଛୁଆଙ୍କୁ ଅଙ୍ଗନବାଡି ପଠାଇବାକୁ ଡର ମାଡୁଛି ବୋଲି ଗାଁର ରମେଶ ବଡ଼େଇ କହିଛନ୍ତି। ସେହିପରି ୧୩ ବର୍ଷ ହେଲା ଅଞ୍ଚଳର ନଳକୂଅ ଅଚଳ ହୋଇପଡ଼ିଛି। ପୋଖରୀରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇଥିବା ବେଳେ ଗାଧୁଆ ଘାଟ ଟିଏ ମଧ୍ୟ ନାହିଁ। ଯାହାଫଳରେ ପିଇବା ପାଣି ଠୁ ନେଇ ଗାଧୁଆ ପାଧୁଆ ସବୁଥିରେ ଅସୁବିଧା ହେଉଥିବା ସବିତା ଭୋଇ କହିଛନ୍ତି। ସେହିପରି କ୍ଲବ୍ ଘର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଥିବା ବେଳେ ନାମଯଜ୍ଞ ମଣ୍ଡପ ଟିଏ ନଥିବା ଲୋକେ ଅଭିଯୋଗ କରିଛନ୍ତି। ରାସ୍ତାର ଅବସ୍ଥା ମଧ୍ୟ ଶୋଚନୀୟ। ଅଞ୍ଚଳବାସୀ ପୌର ପରିଷଦ କର୍ତ୍ତୃପକ୍ଷ ତଥା ସ୍ଥାନୀୟ କାଉନସିଲରଙ୍କ ନିକଟରେ ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳୁ ନଥିବା କହିଛନ୍ତି।

**୧୩ ବର୍ଷ ହେଲା ନଳକୂଅ ଅଚଳ**

**ଅଳିଆ ଆବର୍ଜନାରେ ପୋଖରି ଭର୍ତ୍ତି**

ତୁରନ୍ତ ସମସ୍ତ ସମସ୍ୟା ସମାଧାନ ଦିଗରେ ପୌରପରିଷଦ ପଦକ୍ଷେପ ଗ୍ରହଣ କରୁ ବୋଲି ବଡ଼େଇକେଣ୍ଟାବାସୀ ଦାବି ଜଣାଇଛନ୍ତି।

# ଅଞ୍ଚଳ ମହାବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ତର୍କ ପ୍ରତିଯୋଗିତା



**ପଦ୍ମପୁର, ୩୦।୧୦(ସମିସ):** ଅଞ୍ଚଳ ମହାବିଦ୍ୟାଳୟରେ ବ୍ଲକ ସ୍ତରୀୟ ଓଡ଼ିଆ ଓ ଇଂରାଜୀ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। 'ସାଇବର ସୁରକ୍ଷା ଘରୁ ଆରମ୍ଭ ହୁଏ' ଶୀର୍ଷକ ଉପରେ ତର୍କ ହୋଇଥିଲା। ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ତଥା ଦେବଗଡ଼ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ମେଜର ସିଆର ଦାଶ, ପ୍ରାକ୍ତନ ପ୍ରଫେସର ବିଦ୍ୟାଧର ଦାଶ ଏବଂ କମ୍ପ୍ୟୁଟର ବିଶେଷଜ୍ଞ ସୁଶାନ୍ତ ବଡ଼େଇ ପ୍ରମୁଖ ପ୍ରତିଯୋଗିତାରେ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡ.ସରୋଜ ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଇତିହାସ ଅଧ୍ୟାପକ ବାଳଗୋପାଳ ମେହେର ଓ ଓଡ଼ିଆ ଅଧ୍ୟାପକ ନିର୍ମଳ କୁମ୍ଭାର ସହଯୋଗ କରିଥିଲେ। ପ୍ରତିଯୋଗିତାରେ ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁର, ମହିଳା ଡିଗ୍ରୀ ମହାବିଦ୍ୟାଳୟ ପଦ୍ମପୁର, ଜିଷ୍ଟ ମହାବିଦ୍ୟାଳୟ ପଦ୍ମପୁର, ଜେନିଥ୍ ମହାବିଦ୍ୟାଳୟ ପଦ୍ମପୁର ଏବଂ ଲାଲାଜୀ ଗୋପାଳଜୀ ସଂସ୍କୃତ ମହାବିଦ୍ୟାଳୟ ବରିକେଲର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ନୂଆପଡ଼ାରେ ବିଜେଡି ପ୍ରତି ବଢୁଛି ଭୋଟରଙ୍କ ଆସ୍ଥା





**ନୂଆପଡ଼ା, ୩୦ ।୧୦(ସମିସ)**

ନୂଆପଡ଼ା ଉପନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି, ନିର୍ବାଚନୀ ଉଷ୍ମତା ସେତିକି ବଢ଼ିବାରେ ଲାଗିଛି । ଗୁରୁବାର ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ନୂଆପଡ଼ା ବ୍ଲକର କୋଦୋମେରୀ, ବୋଇରଭାଡି, ସାଲିହା ଓ ଆମସେନା ପଞ୍ଚାୟତରେ ପ୍ରଚାର ପାଇଁ ପହଞ୍ଚି ଥିବା ବେଳେ ସ୍ଥାନୀୟ ଜନତା ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନାକରି ପାଛୋଟି ନେଇଥିଲେ । ଏହି ଅବସରରେ ଆୟୋଜିତ ଜନସଭାରେ ସ୍ନେହାଙ୍ଗିନୀ ଛୁରିଆ ଯୁବ ଓ ଛାତ୍ର ଗୋଷ୍ଠୀଙ୍କ ସମେତ ମହିଳା, କୃଷକ, ଆଦିବାସୀ ଓ ଦଳିତ ବର୍ଗ ଏବଂ ଶ୍ରମିକମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝିଥିଲେ । ସ୍ଥାନୀୟ ବାସିନ୍ଦା ମୁଖ୍ୟତଃ କୃଷି, ଜଙ୍ଗଲ ଓ ଛୋଟମୋଟ ବ୍ୟବସାୟ ଉପରେ ନିର୍ଭର କରୁଥିବା ବେଳେ ଆଗକୁ ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ନିରନ୍ତର ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।କେବଳ ସେମାନଙ୍କ ଜୀବନ ଜୀବିକା ନୁହେଁ, ମୌଳିକ ସୁବିଧା ସୁଯୋଗ ସୁନିଶ୍ଚିତ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ନୂଆପଡ଼ାରେ ବିଜେଡି ଜିତିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ ଦୃଷ୍ଟିଭଙ୍ଗୀ ନେଇ କାମ କରିବେ ବୋଲି ସ୍ଥାନୀୟ ଲୋକଙ୍କୁ ଛୁରିଆ ଆଶ୍ୱାସନା ଦେଇଥିଲେ । ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ହୋଇଥିବା ଉନ୍ନୟନ ଓ ସମୃଦ୍ଧି ଯାତ୍ରାକୁ ଅବିରତ ଜାରି ରଖିବା ପାଇଁ ଶଙ୍ଖ ଚିହ୍ନରେ ଭୋଟ ଦେବା ଲାଗି ଚାରି ପଞ୍ଚାୟତରବାସିନ୍ଦା ସହମତି ପ୍ରକାଶ କରିଛନ୍ତି । ସେମାନେ କହିଥିଲେ ଯେ ନବୀନ ବାବୁଙ୍କ ଶାସନ କାଳରେ ଯେଉଁ ସବୁ ବିକାଶମୂଳକ କାର୍ଯ୍ୟ ହୋଇଛି ତାହା ଆଗକୁ ମଧ୍ୟ ଜାରି ରହିବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ । ଶ୍ରୀମତୀ ଛୁରିଆ ଚୁହୁରି, ଭୋଇରବାଡି, ସରେଇପାଲି, ମାଗୁରପାଣି ହାଟ, ଝାଲବାହାଲ, ଆମସେନା, ଚନାବେଡା ଗ୍ରାମରେ ଆୟୋଜିତ ଜନସଭାରେ ପ୍ରଚାର କରିଥିଲେ ।ପ୍ରଚାର କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଅରୁଣ ସାହୁ କହିଥିଲେ ଯେ ନୂଆପଡ଼ାର ଲୋକମାନେ ଅତୀତରେ ବିଜେଡିକୁ ଅସାଧାରଣ ସମର୍ଥନ ଦେଇଛନ୍ତି ଏବଂ ଆଗକୁ ମଧ୍ୟ ଏହି ଧାରା ଜାରି ରହିବ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲ୍ଲାକୁ ଯେତେବେଳେ ଆସିବେ, ଏହି ସମର୍ଥନ ମହାଦ୍ରୁମରେ ପରିଣତ ହେବ । ଉପନିର୍ବାଚନରେ ବିଜେଡି ବିପୁଳ ଭୋଟରେ ଜିତିବ ବୋଲି କହିଛନ୍ତି ।ଅନ୍ୟମାନଙ୍କ ମଧ୍ୟରେ ଟୁକୁନି ସାହୁ, ନିରଞ୍ଜନ ପୂଜାରୀ, ରୀତା ସାହୁ, ରମେଶ ମାଝୀ, ପ୍ରଦୀପ ସାହୁ, ନିହାର ରଞ୍ଜନ ବେହେରା, ପ୍ରଶାନ୍ତ ବେହେରା ଓ ସାରଦା ଜେନା ପ୍ରମୁଖ ବରିଷ୍ଠ ନେତା ଉପସ୍ଥିତ ରହି ନବୀନ ବାବୁଙ୍କ ପୂର୍ବପରି ଆଶୀର୍ବାଦ କରିବା ପାଇଁ ଆହ୍ୱାନ ଜଣାଇଛନ୍ତି । ନୂଆପଡ଼ାରେ ତାଙ୍କ ପ୍ରତି ଆସ୍ଥା ବଢୁଛି ବୋଲି ସ୍ନେହାଙ୍ଗିନୀ ଦୃଢୋକ୍ତି ପ୍ରକାଶ କରିଛନ୍ତି ।







■ ପଞ୍ଚାୟତସ୍ତରୀୟ ବୈଠକରେ ଲୋକପ୍ରିୟତା ପ୍ରତିଫଳିତ

## ନୂଆପଡ଼ାରେ କେବଳ ବିଜେଡି ହିଁ ବିକାଶ ଆଣିପାରିବ



**ନୂଆପଡ଼ା, ୩୦ ।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ବିଜୁ ଜନତା ଦଳ ପକ୍ଷରୁ ବୁଧବାର ନୂଆପଡ଼ା ବ୍ଲକ ଧରମବନ୍ଧା ଓ ସାଇପଲା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସକ୍ରିୟ କର୍ମୀ, ସାଧାରଣଜନତାଙ୍କୁ ନେଇ ସଭା ଆୟୋଜିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ଓ ବିଜେଡିର ବରିଷ୍ଠ ନେତା ପ୍ରତାପ ଜେନା, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ମାଲକାନଗିରି ପୂର୍ବତନ ବିଧାୟକ ମାନସ ମାଡକାମୀ, ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି, ବରିଷ୍ଠ ନେତା ସୁଶାନ୍ତ ମିଶ୍ର ପ୍ରମୁଖ ସଭାରେ ଉଦ୍‌ବୋଧନ ଦେଇ ଗତ ଦୁଇ ଦଶନ୍ଧୀ ଧରି ଓଡ଼ିଶାରେ ହୋଇଥିବା ଅଭୂତପୂର୍ବ ରୂପାନ୍ତରଣ କେବଳ ନବୀନ ବାବୁଙ୍କ ଅବଦାନ ।ଆଦିବାସୀ ବିକାଶ ପାଇଁ ବିଜେଡିର ସଂଗ୍ରାମ ଆଜି ମଧ୍ୟ ଜାରି ରହିଛି । ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ଓ ଦୂରଦୃଷ୍ଟି ସମ୍ପନ୍ନ କାର୍ଯ୍ୟଶୈଳୀ ହିଁ ଓଡ଼ିଶାକୁ ଆହୁରି ଆଗକୁ ନେଇପାରିବ ।ଏହି ଅବସରରେ ବିଜେଡି ନେତୃବୃନ୍ଦ ନୂଆପଡ଼ାର ବିକାଶ ପାଇଁ ବିଜେଡିର ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ କରାଇବା ପାଇଁ ଆହ୍ୱାନ ଜଣାଇଛନ୍ତି ।ଗୁରୁତ୍ୱପୂର୍ଣ୍ଣ ହେଉଛି ସଭାରେ ଦଳୀୟ ଏକତା, ସଂଗଠନ ଓ ଜନସମ୍ପର୍କ ସୃଷ୍ଟିରେ ନୂଆ ଉତ୍ସାହ ଦେଖାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଯୁବ ନେତା ଶିବାନନ୍ଦ ପରିଛା, ପ୍ରମୋଦ ପାଢ଼ୀ, ଗଇଁଦରାମ ସାହୁ, ଚୁମନ ପ୍ରଧାନ, ଚମନ ନିର୍ମଳ କର, ଆଶାରାମ ଦଣ୍ଡସେନା, ଚୁନେଶ ସାହୁ, ସୁଶାନ୍ତ ମିଶ୍ର, ମାୟାବତୀ ଜଗତ, ତୁଳସୀ ବେରିହା, ଲାଲେଶ୍ୱର ତାଣ୍ଡି, ବାଲକୁମାର ବରିହା, ଜ୍ଞାନସିଂ ମାଝୀ, ରୂପଲାଲ କେଉଁଟ, ଜାମୁଲାଲ ତାଣ୍ଡି ପ୍ରମୁଖଙ୍କ ସହ ବିଜେଡିର ଶତାଧିକ କର୍ମୀ ଉପସ୍ଥିତ ଥିଲେ ।



ଟାନୱାଟ ପଞ୍ଚାୟତରେ ବିଶାଳ ମହିଳା ସମାବେଶ

## ନବୀନଙ୍କ ସାଙ୍ଗରେ ମହିଳାଙ୍କ ସମର୍ଥନ ରହିଛି

**ନୂଆପଡ଼ା, ୩୦ ।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ବିଜେଡି ପକ୍ଷରୁ ନୂଆପଡ଼ା ବ୍ଲକ ଟାନୱାଟ ପଞ୍ଚାୟତରେ ବିଶାଳ ମହିଳା ସମାବେଶ ହୋଇଯାଇଛି ।ସମାବେଶରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି, ଦଶପଲ୍ଲା ବିଧାୟକ ରମେଶ ବେହେରା, ବିଜେଡି ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର, ସାଧାରଣ ସମ୍ପାଦକ ସଞ୍ଜିତ୍ ମହାନ୍ତି, ରାଜ୍ୟ ଯୁବ ସଭାପତି ଚିନ୍ମୟ ସାହୁ ଓ ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ ପ୍ରମୁଖ ସାମିଲ ଥିଲେ । ବିଜେଡି ନେତୃବୃନ୍ଦ ମହିଳାମାନଙ୍କୁ ସମ୍ବୋଧିତ କରି ଅଭିଭାଷଣରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କ ଆତ୍ମନିର୍ଭରତା ଓ ସ୍ୱାବଲମ୍ବନ ପାଇଁ କରିଥିବା ଉଦ୍ୟମ ତଥା ଏସଏଚ୍‌ଜି ମାଧ୍ୟମରେ ମହିଳାଙ୍କ ଆର୍ଥିକ ଓ ସାମାଜିକ ଶଶକ୍ତିକରଣ ଦିଗରେ ବିଜେଡି ସରକାର ଦୀର୍ଘଦିନ ଧରି ନିରନ୍ତର ପ୍ରୟାସ ଜାରି ରଖିଛି ବୋଲି କହିଛନ୍ତି । ମହିଳାମାନଙ୍କ ସମ୍ମାନ, ପରିଚୟ ଓ ରାଜ୍ୟର ବିକାଶରେ ଭାଗିଦାରୀ ତିଆରି କରିବାରେ ବିଜୁ ଜନତା ଦଳ ଭୂମିକାକୁ ମହିଳାମାନେ ମନେ ରଖି ଆଗାମୀ ନିର୍ବାଚନରେ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।କାର୍ଯ୍ୟକ୍ରମରେ ଶତାଧିକ ସଂଖ୍ୟାରେ ମହିଳା ଉପସ୍ଥିତ ଥିଲେ । ମହିଳାମାନେ ନବୀନ ପଟ୍ଟନାୟକ ଓ ବିଜୁ ଜନତା ଦଳ ପ୍ରତି ନିଜର ଆସ୍ଥା ଓ ସମର୍ଥନ ପ୍ରକଟ କରିଛନ୍ତି ।





## ପଏଁର ପଞ୍ଚାୟତରେ ବିଜେଡିର ପ୍ରଚାର

**କୋମନା, ୩୦ ।୧୦(ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ଗାଁ ଗାଁରେ ରାଜନିତୀ ତାତି ବଢ଼ିବାରେ ଲାଗିଛି । ତିନି ପ୍ରମୁଖ ଦଳ କଂଗ୍ରେସ, ବିଜେପି ଓ ବିଜେଡିର ପ୍ରାର୍ଥୀମାନେ ନିଜ ସମର୍ଥକଙ୍କୁ ନେଇ ପ୍ରଚାର ଚଳାଇଛନ୍ତି । ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଗାଁ ଗାଁ ବୁଲି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୨୪ ବର୍ଷ ଶାସନର ବିଭିନ୍ନ ଜନହିତକାରୀ ଯୋଜନା ଉପରେ ଭୋଟରଙ୍କୁ ଅବଗତ କରି ଭୋଟ ଭିକ୍ଷା କରୁଛନ୍ତି । ପଏଁର ପଞ୍ଚାୟତ ଦାୟିତ୍ୱରେ ଥିବା ସୁନ୍ଦରଗଡ଼ ବିଜେଡି ବିଧାୟକ ଯୋଗେଶ ସିଂ ଭୋଟରଙ୍କୁ ପ୍ରଶଂସା କରିବା ସହ ବିଜେଡିକୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବେ ବୋଲି ପ୍ରକାଶ କରିଛନ୍ତି ।



## ନବୀନଙ୍କ ଯୋଜନାକୁ ଝୁରୁଛନ୍ତି ଭୋଟର





**କୋମନା, ୩୦ ।୧୦(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକର ୩ଟି ଜିଲ୍ଲା ପରିଷଦ ଯୋନ୍‌ରେ ବିଜେଡିର ଭୋଟ ପ୍ରଚାର ଜୋରସୋରରେ ଚାଲିଛି । ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଭୋଟ ପ୍ରଚାର ସମୟରେ ବିଭିନ୍ନ ସ୍ଥାନର ଭୋଟରମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକାରୀ ଯୋଜନାକୁ ଝୁରୁଥିବା ପ୍ରକାଶ କରିଛନ୍ତି । ନବୀନଙ୍କ ଜନହିତକାରୀ ଯୋଜନାକୁ ଝୁରି ଝୁରି ଲୋକଙ୍କ ଆଖିରୁ ଲୁହ ଗଡ଼ି ଯାଉଥିବା ଦେଖାଯାଉଛି । ଅପରପଟରେ ଆସନ୍ତା ୩ ତାରିଖରେ କୋମନାରେ ହେବାକୁ ଥିବା ନବୀନଙ୍କ କାର୍ଯ୍ୟକ୍ରମକୁ ଯିବାପାଇଁ ଭୋଟର ଆତୁର ହେଉଛନ୍ତି ।

## ବିଜେଡିରେ ମିଶିଲେ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ

**ନୂଆପଡ଼ା, ୩୦ ।୧୦(ସମିସ):** ଉପନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ନୂଆପଡ଼ାରେ ବିଜେଡିର ଶକ୍ତି କ୍ରମଶଃ ବଢ଼ିବାରେ ଲାଗିଛି । ଗୁରୁବାର ନୂଆପଡ଼ା ବ୍ଲକ କେରମେଲୀ ପଞ୍ଚାୟତରେ ଆୟୋଜିତ ସଭାରେ ଶତାଧିକ ବିଜେପି ଓ କଂଗ୍ରେସ ଯୁବ କର୍ମୀ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି । ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି, ଦଶପଲ୍ଲା ବିଧାୟକ ରମେଶ ବେହେରା, ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତିଙ୍କ ଉପସ୍ଥିତିରେ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଶତାଧିକ ଯୁବ ନେତା ଓ କର୍ମୀ ବିଜେଡିରେ ଯୋଗ ଦେବା ସହ ଦଳପ୍ରତି ନିଷ୍ଠା ଓ ପ୍ରତିବଦ୍ଧତାର ସଂକଳ୍ପ ନେଇଛନ୍ତି । ତେଜ ଶବର, ବିହାରୀ ଲାଲ ଶବର, ଲାଲେଶ୍ୱର ମାଝୀ, ନିଳାମ୍ବର ମାଝୀ, ପେଷ୍କର ମାଝୀ ପ୍ରମୁଖ ନିଜର ସମର୍ଥକମାନଙ୍କ ସହିତ ଶଙ୍ଖ ଧରିବା ସହ ନବୀନ ପଟ୍ଟନାୟକଙ୍କ ଉପରେ ତାଙ୍କ ଆସ୍ଥା ପ୍ରକଟ କରିଛନ୍ତି ।



ଦିବ୍ୟାଙ୍ଗ ଡଗର ନବୀନଙ୍କ ଫ୍ୟାନ୍

## ବୁଲି ବୁଲି କରୁଛନ୍ତି ପ୍ରଚାର

**ନୂଆପଡ଼ା, ୩୦ ।୧୦(ସମିସ):** ନିର୍ବାଚନୀ ତିଥି ଯେତିକି ପାଖେଇ ଆସୁଛି ସେତିକି ରାଜନୈତିକ ତାତି ବଢ଼ି ବଢ଼ି ଚାଲିଛି ।ବିଭିନ୍ନ ରାଜନୈତିକ ଦଳର ସମର୍ଥକମାନେ ନାନାଦି ରକମରେ ନିଜର ସମର୍ଥନ ଦେଖାଇ ଦଳୀୟ ପ୍ରଚାର କରୁଥିବା ଦେଖିବାକୁ ମିଳୁଛି । ତନ୍ମଧ୍ୟରୁ ନୂଆପଡ଼ା ସହରରେ ନିତି ଡଗର ନାଏକ ନାମକ ଜନୈକ ନବୀନ ଫ୍ୟାନ ଏକ ତିନି ଚକିଆ ଗାଡିରେ ବିଜେଡିର ପ୍ରଚାର ଝଣ୍ଡା ଲଗାଇ ବୁଲୁଛନ୍ତି । ମଝିରେ ମଝିରେ ନବୀନ ପଟ୍ଟନାୟକଙ୍କ ଜୟ ଧ୍ୱନୀ ଗାନ କରୁଛନ୍ତି । ସେ ଆଜିକୁ ଦଶ ବର୍ଷ ଧରି ବିଜେଡିର ପ୍ରଚାର ମଙ୍ଗ ଧରିଛନ୍ତି ।କୌଣସି ପ୍ରକାର ପରିଶ୍ରମିକ ନନେଇ ଘୁରି ବୁଲୁଛନ୍ତି । ଗତ ଦିନମାନଙ୍କରେ ସମ୍ବଲପୁରରେ ପ୍ରଣବ ପ୍ରକାଶ ଦାସ ଏବଂ ପଦ୍ମପୁରରେ ବର୍ଷା ସିଂଙ୍କ ପାଇଁ ଉପନିର୍ବାଚନ ଲଢ଼ିଥିବା ପ୍ରକାଶ କରିଛନ୍ତି । ଏଭଳି ନିଆରା ପ୍ରଚାରକଙ୍କ ପ୍ରତି ଲୋକ ଆକୃଷ୍ଟ ହୋଇ ଝୁମି ହେଉଥିବା ଦେଖିବାକୁ ମିଳୁଛି । ସେ ମଧ୍ୟ ଆଶାବାଦୀ ରହିଛନ୍ତି ଯେ ତାଙ୍କର ପ୍ରାର୍ଥୀ ସ୍ନେହାଙ୍ଗିନୀ ଚଳିତ ନିର୍ବାଚନରେ ବିଜୟ ମୁକୁଟ ପିନ୍ଧିବେବୋଲି କହୁଛନ୍ତି ।



ନୂଆପଡ଼ା ଉପନିର୍ବାଚନରେ ବିଜେଡିର ବିଜୟ ସୁନିଶ୍ଚିତ: ଅରୁଣ

## ୫୦୦ ଦିନର ବିଜେପି ସରକାର ଚରମ ବିଫଳ

**ନୂଆପଡ଼ା, ୩୦ ।୧୦(ସମିସ):** ନୂଆପଡ଼ା ଉପନିର୍ବାଚନରେ ବିଜୁ ଜନତା ଦଳର ବିଜୟ ସୁନିଶ୍ଚିତ ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି ବିଜେଡିର ଉପସଭାପତି ତଥା ବିଧାୟକ ଡ.ଅରୁଣ ସାହୁ । ଗତ ୨୫ ବର୍ଷରେ ହୋଇଥିବା ଉପନିର୍ବାଚନ ଗୁଡିକରେ ୯୦ ପ୍ରତିଶତ ସଫଳତା ପାଇବାରେ ବିଜୁ ଜନତା ଦଳର ରେକର୍ଡ ରହିଛି । ନୂଆଡ଼ା ଉପନିର୍ବାଚନରେ ପ୍ରଥମ ପର୍ଯ୍ୟାୟ ପ୍ରଚାରରେ ବିଜେପି ଦଳ ନେତାମାନେ ନିର୍ବାଚନ ମୈଦାନକୁ ନ ଆସି କି ବହୁତ କଥା କହୁଥିଲେ କିନ୍ତୁ ବର୍ତ୍ତମାନ ନୂଆପଡ଼ାବାସୀ କହୁଛନ୍ତି ବିଜେଡିର ବିଜୟ ସୁନିଶ୍ଚିତ ।ବିଜୁ ଜନତା ଦଳ ପ୍ରଚାର ପ୍ରସାରରେ ବହୁତ ଆଗରେ ରହିଛି ।ବର୍ତ୍ତମାନ ନୂଆପଡ଼ାର ସମସ୍ତ ବ୍ଲକ, ଏନ୍‌ଏସି, ପଞ୍ଚାୟତ, ଗାଁ, ଗଳିକନ୍ଦି ଓ ସାହିମାନଙ୍କରେ ବିଜେଡି ନେତା, କର୍ମୀ ଓ ଶୁଭେଚ୍ଛୁମାନେ ଦଳ ପାଇଁ ଜୋରଦାର ପ୍ରଚାର କରୁଛନ୍ତି । ବିଜେପି ସରକାର ଚରମ ବିଫଳ । ବିଫଳତାର ସବୁ ରେକର୍ଡ ଭାଙ୍ଗୁଛି ବିଜେପି ସରକାର । ୫୦୦ ଦିନ ହେଲା ଡବଲ ଇଞ୍ଜିନ ସରକାର ନୂଆପଡ଼ାରେ ମାଟି ଗାଣ୍ଡୁଏ ମଧ୍ୟ ପକେଇ ନାହିଁ । ସାଧାରଣ ନିର୍ବାଚନ ପୂର୍ବରୁ ମାଳ ମାଳ ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ କୌଣସି ପ୍ରତିଶ୍ରୁତି ପୂରଣ କରିନାହାଁନ୍ତି । ସେହିଭଳି ନୂଆପଡ଼ା ଉପନିର୍ବାଚନରେ ବିଜେପି ନେତାମାନେ ନୂଆପଡ଼ା ପାଇଁ ବହୁ ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି । ଉପନିର୍ବାଚନରେ ନୂଆପଡ଼ାବାସୀ ବିଜୁ ଜନତା ଦଳକୁ ବିପୁଳ ଭୋଟ ଦେଇ ସମଗ୍ର ଓଡ଼ିଶାକୁ ସଂକେତ ଦେବେ ଯେ, ବିଜେପି ସରକାର ସମସ୍ତ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଆଗାମୀ ଦିନରେ ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ଓଡ଼ିଶାରେ ସରକାର ଗଢ଼ିବା ସହ ରାଜ୍ୟରେ ପୁଣି ଥରେ ସୁଶାସନ ଫେରି ଆସିବ । ଖାଲି ବାହାସ୍ଫୋଟ ମାରି କଥା କହିବାରେ ସୀମିତ ବିଜେପି ସରକାର । ସାଧାରଣ ଲୋକଙ୍କ ସାମଗ୍ରୀକ ବିକାଶ ପ୍ରତି ସେମାନଙ୍କ ନିଘା ନାହିଁ । ପରିଣାମ ସ୍ୱରୂପ ରାଜ୍ୟରେ ଦୁର୍ନୀତି, ଦୁଷ୍କର୍ମ ଓ ଅପରାଧ ବଢ଼ିବାରେ ଲାଗିଛି । ତେଣୁ ଏହି ବିଫଳ ସରକାରଙ୍କୁ ଜବାବ ଦେବା ପାଇଁ ନୂଆପଡ଼ା ଉପନିର୍ବାଚନ ହେଉଛି ଉପଯୁକ୍ତ ସମୟ ବୋଲି ଶ୍ରୀ ସାହୁ କହିଛନ୍ତି ।



## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।


**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଉପଯୁକ୍ତ ନିର୍ଣ୍ଣୟ ନେବେ।

**ମୀନ:** ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୭୫୯ - ଫିଲିପାଇନ୍ସରେ ଆସିଥିବା ଭୂମିକମ୍ପ ଯୋଗୁଁ ୧୦୦ ଲୋକଙ୍କ ପ୍ରାଣହାନି।
- ୧୯୨୦- 'ଅଲ୍ ଇଣ୍ଡିଆ ଟ୍ରେଡ୍ ୟୁନିଅନ୍ କଂଗ୍ରେସ'ର ଗଠନ।
- ୧୯୫୩- ବେଲଜିୟମ୍‌ରେ ଟେଲିଭିଜନ ପ୍ରସାରଣ ଆରମ୍ଭ ହେଲା।
- ୧୯୭୮ - ଇରାନ୍‌ରେ ତୈଳ କର୍ମଚାରୀଙ୍କ ଧର୍ମଘଟ ।
- ୧୯୮୪- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦେହାନ୍ତ।
- ୨୦୧୫- ରୁଷିଆର ମେଟ୍ରୋଜେଟ୍ ଫ୍ଲାଇଟ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ସମସ୍ତ ୨୨୪ ଯାତ୍ରୀ ମୃତ।

# ଜାତୀୟ ଏକତା ଦିବସ




ଆଜି ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ । ଆଜିର ଦିନକୁ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଉଛି । ବିବିଧତା ମଧ୍ୟରେ ଏକତାର ଭାବନାକୁ ପ୍ରୋତ୍ସାହିତ କରିବା ଏବଂ ଜାତୀୟ ଅଖଣ୍ଡତାକୁ ବଜାୟ ରଖିବା ଆଜି ଏହି ଦିବସ ପାଳନର ମୂଳ ଲକ୍ଷ୍ୟ । ଏହାବାଦ୍ ଦେଶର ଆଭ୍ୟନ୍ତରୀଣ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଏହି ଦିବସ ସଭିଙ୍କୁ ସଂକଳ୍ପବଦ୍ଧ କରିଥାଏ। ଭାରତ ପରି ବିବିଧତାପୂର୍ଣ୍ଣ ଦେଶରେ ଲୋକଙ୍କ ମଧ୍ୟରେ ଏକତାକୁ ସବୁଠୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଲୌହ ପୁରୁଷ ସର୍ଦ୍ଦାର ପଟେଲ ଭାରତ ଏକୀକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେ ୩୧ ଅକ୍ଟୋବର, ୧୮୭୫ରେ ଗୁଜରାଟର ନଡ଼ିୟାଦରେ ଜନ୍ମଗ୍ରହଣ କରିଥିଲେ। ପେସାରେ ସେ ଜଣେ ଓକିଲ ଥିଲେ । ତେବେ ରାଷ୍ଟ୍ରବାଦୀ ଗୁଣ ହିଁ ତାଙ୍କୁ ସ୍ୱାଧୀନତା ସଂଗ୍ରାମୀର ପରିଚୟ ପ୍ରଦାନ କରିଛି। ସେ ଥିଲେ ସ୍ୱାଧୀନ ଭାରତର ପ୍ରଥମ ଉପ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ। ଯେଉଁ ସମୟରେ ଅନେକ ଦେଶୀୟ ରାଜ୍ୟ ବିଭାଜିତ ହୋଇଥିଲା, ସେହି ସମୟରେ ସ୍ୱର୍ଗତ ପଟେଲ ଅଖଣ୍ଡ ଭାରତର ପରିକଳ୍ପନା କରିଥିଲେ। ଇତିହାସରେ 'ଭାରତର ଏକତାକାରୀ' ଭାବେ ପରିଚିତ ସର୍ଦ୍ଦାର ପଟେଲ ଦେଶ ସ୍ୱାଧୀନ ହେବା ପରେ ୫୬୫ଟି ଦେଶୀୟ ରାଜ୍ୟକୁ ଏକତ୍ର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଗୁଜରାଟର ଗୋଟିଏ ସାଧାରଣ ପରିବାରରୁ ଆସିଥିବା ସର୍ଦ୍ଦାର ପଟେଲ ସ୍ୱାଧୀନ ଭାରତର ଜଣେ ମହାନ ଜନନେତା ହୋଇପାରିଥିଲେ। ୧୫ ଡିସେମ୍ବର ୧୯୫୦ ମସିହାରେ ସେ ଇହଧାମ ତ୍ୟାଗ କରିଥିଲେ। ସେହିପରି ୨୦୧୮ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍ଦ୍ଦାର ପଟେଲଙ୍କ ସମ୍ମାନରେ ଗୁଜରାଟରେ ୧୮୨ ମିଟର ଉଚ୍ଚତାର 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଜାତୀୟ ଏକତା ଦିବସ ଅବସରରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଚାରଧାରା ସଂପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥାଏ। ସାରା ଦେଶରେ ଏହିଦିନ 'ଏକତା ଦୌଡ଼'ର ଆୟୋଜନ କରାଯାଏ। ଜାତୀୟ ଏକତା ଦିବସ ନାଗରିକମାନଙ୍କୁ ଏକଜୁଟ ହୋଇ ଦେଶର ପ୍ରଗତିରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ପ୍ରେରଣା ଯୋଗାଇଥାଏ।

# ମଶାମୁକ୍ତ ଦେଶରେ ମଶା ଚିହ୍ନଟ



ବିଶ୍ୱର ମଶା ମୁକ୍ତ ଦେଶ କହିଲେ ଆଇସ୍‌ଲ୍ୟାଣ୍ଡକୁ ବୁଝାଏ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବେ ଆଇସ୍‌ଲ୍ୟାଣ୍ଡ ଉପରେ ପଡ଼ିଛି। ଏଠାରେ ଏକସଙ୍ଗେ ତିନୋଟି ମଶାକୁ ଠାବ କରାଯାଇଛି। ଅନେକ ଦିନରୁ ମଶାଶୂନ୍ୟ ଦେଶ ଭାବେ ମାନ୍ୟତା ଅର୍ଜନ କରିଥିବା ଆଇସ୍‌ଲ୍ୟାଣ୍ଡରେ ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ ମଶା ଦେଖାଯାଇଛନ୍ତି। ଏଠାକାର ତାପମାତ୍ରା ଏବେ ମଶା ବଂଶ ବିସ୍ତାର ପାଇଁ ଅନୁକୂଳ ହୋଇଛି ବୋଲି ଏଥିରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ଆଇସ୍‌ଲ୍ୟାଣ୍ଡର ପ୍ରାକୃତିକ ବିଜ୍ଞାନ ସଂସ୍ଥାନର କୀଟତତ୍ତ୍ୱ ବିଜ୍ଞାନୀ ମେଥିୟାସ ଆଲଫ୍ରେଡସନ୍ ଏସମ୍ପର୍କରେ ସୂଚନା ଦେଇଛନ୍ତି। କିଡାଫେଲ, କଜୋସରେ କ୍ୟୁଲିସେଟା ଏନୁଲେଟା ମଶାର ତିନିଟି ନମୁନା ମିଳିଛି। ତନ୍ମଧ୍ୟରୁ ଦୁଇଟି ମାଈ ଏବଂ ଗୋଟିଏ ଅଣ୍ଡିରା ମଶା। ଏଠାରୁ ମିଳିଥିବା ମଶାଗୁଡ଼ିକ ଥଣ୍ଡା ଜଳବାୟୁରେ ବଢ଼ିପାରନ୍ତି। ମୁଖ୍ୟତଃ ଏହି ମଶା ଶୀତଦିନେ ଭୂତଳ ଘର କିମ୍ବା ପ୍ରାଣୀଙ୍କ ପାଇଁ ରଖାଯାଉଥିବା ଫସଲ ଚାରା କୋଠରୀରେ ସୃଷ୍ଟି ହୋଇଥାନ୍ତି। ତେବେ ଏହି ପ୍ରଜାତିର ମଶା ୟୁରୋପରେ ଅଧିକ ଦେଖାଯାଉଥିବାରୁ ଜାହାଜ ଦ୍ୱାରା ଏମାନେ ଆଇସ୍‌ଲ୍ୟାଣ୍ଡରେ ପହଞ୍ଚି ଥାଇ ପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ବ୍ୟୁଆର୍ଣ୍ଣ ହେଜାଲଟସନ୍ ନାମକ ବ୍ୟକ୍ତି ମଶାଙ୍କ ଫଟୋକୁ ଫେସବୁକ୍ ଗ୍ରୁପ୍‌ରେ 'ଇଫେକ୍ଟସ ଇନ୍ ଆଇସଲ୍ୟାଣ୍ଡ'ରେ ପୋଷ୍ଟ କରିଥିଲେ। ସେ ଏହି ପୋଷ୍ଟରେ ଉଲ୍ଲେଖ କରିଥିଲେ ଯେ, ୧୬ ଅକ୍ଟୋବର ସନ୍ଧ୍ୟାରେ ମଶାଙ୍କୁ ଆକର୍ଷିତ କରିବାକୁ ବ୍ୟବହୃତ ଜାଲ (ଲାଲ ୱାଇନ୍ ରିବନ) ଉପରେ ତାଙ୍କର ନଜର ପଡ଼ିଥିଲା। ଏଥିରେ ସେ ଏକ ଅଜବ କୀଟକୁ ଦେଖିଥିଲେ। ଏହାକୁ ନେଇ ମନରେ ସନ୍ଦେହ ହେବାରୁ ସେ ଏହାକୁ ବିଜ୍ଞାନ ପ୍ରତିଷ୍ଠାନକୁ ପଠାଇଥିଲେ। ଏହାବାଦ୍ ସେ ଅନ୍ୟ ଦୁଇଟି ମଶା ମଧ୍ୟ ଠାବ କରିଥିଲେ। କିଛି ଦିନ ପୂର୍ବରୁ ଏଠାରେ ମଶାବଂଶ ବିସ୍ତାର କରିବ ବୋଲି ବୈଜ୍ଞାନିକମାନେ ଭବିଷ୍ୟବାଣୀ କରିଥିଲେ। ଏବେ ଏକଥା ସତ ପ୍ରମାଣିତ ହୋଇଛି। ଗ୍ଲୋବାଲ ହିଟ୍ ହେଲ୍‌ଥ ଇନ୍‌ଫର୍ମେଶନ ନେଟୱର୍କ ୨୦୨୫, ଜୁନ୍‌ର ଏକ ରିପୋର୍ଟ ଅନୁସାରେ, 'ଉତ୍ତର ଗୋଲାର୍ଦ୍ଧର ଅବଶିଷ୍ଟ ଅଂଶ ତୁଳନାରେ ଆଇସଲ୍ୟାଣ୍ଡରେ ଚାରିଗୁଣ ଅଧିକ ଗରମ ହେଉଛି। ଗ୍ଲେସିୟର ତରଳିବାରୁ ଏଠାରେ ଏକ ବିଶେଷ ପ୍ରଜାତିର ମାଛ ଦେଖାଯାଇଛନ୍ତି, ଯାହାକି ଗରମ ଜଳବାୟୁରେ ଦେଖାଯାଏ।'


# ବିନା ବ୍ରେକ୍‌ରେ ସୁଟ୍ ହେଲା 'ଜଟାଧାରା'ର କ୍ଲାଇମାକ୍ସ



ସୁଧୀର ବାବୁ ଓ ସୋନାକ୍ଷୀ ସିହ୍ନାଙ୍କ ଅଭିନୀତ 'ଜଟାଧାରା' ଫିଲ୍ମ ନଭେମ୍ବର ୭ରେ ପରଦାକୁ ଆସିବ। ନିକଟରେ ଫିଲ୍ମର ପ୍ରଯୋଜକ ଶିବିନ ନାରଙ୍ଗ ଏହାର କ୍ଲାଇମାକ୍ସ ସିନ୍ ସମ୍ପର୍କରେ କହିଛନ୍ତି। ସେ କହିଛନ୍ତି, 'ଏହାର କ୍ଲାଇମାକ୍ସକୁ ଲଗାତାର ୨୪ ଘଣ୍ଟା ଧରି ସୁଟ୍ କରାଯାଇଛି। ଏହାର କ୍ଲାଇମାକ୍ସ ହିଁ ଫିଲ୍ମର ଆକର୍ଷଣ ସାଜିବ । ଏହି ସିନ୍ ପାଇଁ ସୋନାକ୍ଷୀ ଓ ସୁଧୀର ଶାରୀରିକ, ମାନସିକ ଓ ଭାବନାତ୍ମକ ଭାବେ ଯୋଡ଼ି ହୋଇ ରହିଥିଲେ। ପୂରା ଟିମ୍ କ୍ଲାଇମାକ୍ସ ପାଇଁ ଲଗାତାର ତିନି ଦିନ ଧରି ବିନା ବ୍ରେକ୍‌ରେ ସୁଟିଂ କରିଥିଲା। 'ଜଟାଧାରା'ର କ୍ଲାଇମାକ୍ସ ବଡ଼ ପରଦାରେ ଦେଖାଯାଉଥିବା ସବୁଠୁ ଉନ୍ନତମାନର କ୍ଲାଇମାକ୍ସ ହେବ।' ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଭେଙ୍କଟ କଲ୍ୟାଣ ଓ ଅଭିଷେକ ଜୟସୱାଲ ଅଛନ୍ତି। ଫିଲ୍ମରେ ପୌରାଣିକ କଥା ସହ କଳାଯାଦୁ, ଅଭିଶାପ ଓ ଏକ ରହସ୍ୟମୟ ଗୁପ୍ତଧନକୁ ଦେଖାଯାଇଛି। ଇତିମଧ୍ୟରେ ଫିଲ୍ମର ଟ୍ରେଲର୍ ସହ ଦୁଇଟି ଗୀତ ରିଲିଜ୍ ହୋଇଛି। ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଦିବ୍ୟା ଖୋସଲା, ଶିଲ୍ପା ଶିରୋଦକର, ଇନ୍ଦିରା କ୍ରୀଷ୍ଣା, ରବି ପ୍ରକାଶ, ନବୀନ ନେନି ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ।

## ସଞ୍ଜୀବନୀ


# ଷ୍ଟେମ୍ ସେଲ୍ ଥେରାପି



ଷ୍ଟେମ୍ ସେଲ୍ ଥେରାପି ଏକ ପ୍ରକାର ଅତ୍ୟାଧୁନିକ ଚିକିତ୍ସା। ଏହା ବ୍ୟୟ ବହୁଳ। ମନୁଷ୍ୟ ଶରୀରରେ କ୍ଷତିଗ୍ରସ୍ତ ତଥା ରୋଗାଗ୍ରସ୍ତ କୋଷର ପୁନଃକାର୍ଯ୍ୟକ୍ଷମ ପାଇଁ ଷ୍ଟେମ୍ କୋଷର ଉପଯୋଗ କରାଯାଇଥାଏ। ଏହା କ୍ଷତିଗ୍ରସ୍ତ କୋଷରେ ପରିବର୍ତ୍ତନ ଆଣି ଶରୀରକୁ ଆପେ ଠିକ୍ କରିଥାଏ। ଏଥିପାଇଁ ଶରୀରରୁ ବିଭିନ୍ନ ସ୍ଥାନରୁ ଷ୍ଟେମ୍ କୋଷ ବାହାର କରାଯାଇ ଏହାକୁ କ୍ଷତିଗ୍ରସ୍ତ କୋଷରେ ବ୍ୟବହାର କରାଯାଏ। ମୁଖ୍ୟତଃ ବିଭିନ୍ନ ରୋଗ ଯଥା- ରକ୍ତ କର୍କଟ, ଅଷ୍ଟିଓ ଆର୍ଥ୍ରାଇଟିସ୍, ହାଡ଼ ଭାଙ୍ଗିଯିବା ଆଦି କ୍ଷେତ୍ରରେ ଏହା ଉପଯୋଗ ହୋଇଥାଏ। ବର୍ତ୍ତମାନ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଅନ୍ୟାନ୍ୟ ରୋଗ ଯଥା, ହୃଦ୍‌ରୋଗ, ମସ୍ତିଷ୍କଜନିତ ରୋଗ, ମଧୁମେହ, ପାର୍କିନସନ୍ ଆଦି ରୋଗ ପାଇଁ ଏହାର ସାହାଯ୍ୟ ନେଉଛନ୍ତି। ଷ୍ଟେମ କୋଷଗୁଡିକୁ ଶରୀରର ଯେକୌଣସି କୋଷରେ ବିକଶିତ କରାଯାଇ ପ୍ରୟୋଗଶାଳାରେ ସ୍ୱତନ୍ତ୍ର ପ୍ରକାରେ ତଥା ଜେନେଟିକ୍ ଇଞ୍ଜିନିୟରିଂ ଦ୍ୱାରା ଉପଯୁକ୍ତ କେମିକାଲ ଦ୍ୱାରା ସାଧାରଣ ତନ୍ତୁକୋଷକୁ ପରିବର୍ତ୍ତନ କରାଯାଏ। ଏହି ନୂତନ କୋଷକୁ ରୋଗୀ ଶରୀରରେ ପୁନଃ ପ୍ରତିରୋପଣ କରାଯାଇଥାଏ। ଫଳରେ କ୍ଷତିଗ୍ରସ୍ତ କୋଷକୁ କାର୍ଯ୍ୟକ୍ଷମ କରିପାରେ। ଏହାଦ୍ୱାରା ଯନ୍ତ୍ରଣା ଲାଘବ ହୁଏ। ଆଣ୍ଠୁଗଣ୍ଠି ଆଘାତରେ ଷ୍ଟେମ୍ କୋଷ ଖଞ୍ଜା ଏବଂ ଅସ୍ଥି ଉପଚାରରେ ପ୍ରଭାବୀ। ଏହା ଦ୍ୱାରା ଆରାମ ମିଳିବା ସହିତ ଏହା ଗତିଶୀଳତା ବୃଦ୍ଧି କରେ। ବେଳେ ବେଳେ ଦାତାଙ୍କ କୋଷକୁ ଉପଯୋଗ କରାଗଲେ, ଏହା ବିଭିନ୍ନ ଜଟିଳ ରୋଗ ସୃଷ୍ଟି କରିପାରେ। ତେଣୁ ସେ କ୍ଷେତ୍ରରେ ଷ୍ଟେମ୍ ସେଲ୍ ଥେରାପି ଜୀବନରେ ଗୁଣବତ୍ତା ବୃଦ୍ଧି କରେ।

# ମୁଖଗହ୍ୱର ସ୍ୱଚ୍ଛତାରୁ କର୍କଟ ନିରୂପଣ

**ମୁଖ ଗହ୍ୱର ଶରୀରର ଦର୍ପଣ ସଦୃଶ। ଏହାର ସ୍ୱଚ୍ଛତା ଦାନ୍ତ ଏବଂ ମାଢ଼ିକୁ ସୁସ୍ଥ ରଖିବା ସହ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୁଏ। ହୃଦ୍‌ରୋଗ, ମଧୁମେହ, ବିଭିନ୍ନ କର୍କଟ ଭଳି ରୋଗ ଆଶଙ୍କାକୁ ଏହା ହ୍ରାସ କରେ। ତେଣୁ ଦିନକୁ ଦୁଇଥର ସଠିକ୍ ଢଙ୍ଗରେ ବ୍ରଶ୍ କରିବା ଓ ଆୟୁର୍ବେଦିକ ସମାଧାନ ଗ୍ରହଣ ଆଦିକୁ ଧ୍ୟାନ ଦେଲେ, କର୍କଟ ରୋଗର ପ୍ରାରମ୍ଭିକ ଚିହ୍ନଟ ଓ ଜଟିଳତା ହ୍ରାସ ପାଇପାରେ।**



ଡା. ସୋନିଆ ଦତ୍ତ

### ମୁଖ ଗହ୍ୱର ସ୍ୱାସ୍ଥ୍ୟ ସହିତ ଅନ୍ୟ ରୋଗର ସମ୍ପର୍କ

ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବା ବ୍ୟକ୍ତିଙ୍କ ପାଇଁ ମୁଖଗହ୍ୱରର ସ୍ୱଚ୍ଛତା ବଜାୟ ରଖିବା ନିହାତି ଆବଶ୍ୟକ। ଏହା ସେମାନଙ୍କ ଜୀବନଶୈଳୀକୁ ସକାରାତ୍ମକ ଭାବେ ପ୍ରଭାବିତ କରେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏମ୍ସ ଏବଂ ପ୍ରମୁଖ ସଂସ୍ଥାନର ଗବେଷଣାରୁ ସ୍ପଷ୍ଟ ହୋଇଛି ଯେ, ମୁଖ ଗହ୍ୱରର ସ୍ୱଚ୍ଛତାକୁ ଧ୍ୟାନ ନ ଦେଲେ କିଛି ଜୀବାଣୁ ଖାଦ୍ୟନଳୀ ଦେଇ ଶରୀର ଭିତରକୁ ଯାଇ ରୋଗ ସୃଷ୍ଟି କରିପାରନ୍ତି। ଦୀର୍ଘକାଳୀନ ମାଢ଼ିରୋଗ, ମାଢ଼ି ଫୁଲା, ମୁଖ ଗହ୍ୱର ଅପରିଷ୍କାର ସଂକ୍ରମଣର କାରଣ ସାଜି ମୁଖ ଗହ୍ୱର ଓ ଗଳା କର୍କଟ ସୃଷ୍ଟି କରେ। କେବଳ ସେତିକି ନୁହେଁ; ମସ୍ତିଷ୍କ, ପାକସ୍ଥଳି, ଫୁସ୍‌ଫୁସ୍, ପ୍ରୋଷ୍ଟେଟ୍ କର୍କଟ ଆଦି ହେବାର ଆଶଙ୍କା ଥାଏ। ତେଣୁ ଭଲ ଭାବେ ମୁଖ ପରିଷ୍କାର କରିବା, ବର୍ଷକୁ ଥରେ ଦାନ୍ତ ପରୀକ୍ଷା, ଦିନକୁ ଦୁଇଥର ଭଲ କରି ବ୍ରଶ୍ କରିବା ଦ୍ୱାରା ବିଶେଷ କରି ଗଳା ଏବଂ ମସ୍ତିଷ୍କ କର୍କଟର ବିପଦ ହ୍ରାସ ପାଇଥାଏ। ଦାନ୍ତ ପରୀକ୍ଷା ଦ୍ୱାରା ଏହା ମୁଖ ଗହ୍ୱର କର୍କଟର ପ୍ରାରମ୍ଭିକ ଅବସ୍ଥାକୁ ଚିହ୍ନଟ କରି ସତର୍କ କରାଏ। ଡାକ୍ତର ଦାନ୍ତଜନିତ ସମସ୍ୟା, ପାଟି ଘା' ଆଦିକୁ ଦେଖି ରୋଗ ବାରିଥାନ୍ତି। ଫଳରେ ମୁଖ ଗହ୍ୱରର ସଠିକ୍ ଦେଖାଶୁଣା କରିହୁଏ। ସାମୂହିକ ଭାବେ ଏଭଳି ଯତ୍ନ ନେଲେ ଦୀର୍ଘକାଳୀନ କର୍କଟ ଆଶଙ୍କା ମଧ୍ୟ ହ୍ରାସ ପାଇଥାଏ।

### ମୁଖ ଗହ୍ୱରର ଯତ୍ନ

ଦିନକୁ ଦୁଇଥର ଆୟୁର୍ବେଦିକ ଟୁଥ୍‌ପେଷ୍ଟ (ଡାବର ରେଡ୍) ରେ ବ୍ରଶ୍ କରିବା ଜରୁରି। ଜୀବାଣୁନାଶକ ମାଉଥୱାଶ୍ ବ୍ୟବହାର କରିପାରିବେ। ନିଶା ଓ ଧୂମପାନଠାରୁ ଦୂରେଇ ରହିଲେ କର୍କଟ ଆଶଙ୍କା ହ୍ରାସ ପାଏ। ସେହିପରି ଅତ୍ୟଧିକ ଚିନିଯୁକ୍ତ ସ୍ନାକ୍ସ, ଅମ୍ଳଯୁକ୍ତ ଖାଦ୍ୟ, କ୍ୟାଣ୍ଡି, କାର୍ବୋନେଟେଡ୍ ପାନୀୟ ଯୋଗୁଁ ଦାନ୍ତ ପୋକ ଖାଇଥାଏ। ଏହା ବଦଳରେ ସନ୍ତୁଳିତ ଖାଦ୍ୟପେୟକୁ ଗୁରୁତ୍ୱ ଦିଅନ୍ତୁ। ଏହା ବ୍ୟତୀତ ଯଦି ମୁଖଗହ୍ୱରର କୌଣସି ସମସ୍ୟା ଦେଖାଦିଏ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି।

ଦନ୍ତ ବିଶେଷଜ୍ଞ

## ମହୌଷଧୀ ସର୍ପଗନ୍ଧା

ସର୍ପଗନ୍ଧା ସଞ୍ଜିବନୀ ସଦୃଶ। ସର୍ପଗନ୍ଧାକୁ ଓଡ଼ିଆରେ ପାତାଳ ଗରୁଡ କୁହାଯାଏ। ଏହି ଉଦ୍ଭିଦର ପଞ୍ଚାଙ୍ଗ ଯଥା- ଫୁଲ, ପତ୍ର, ମୂଳ, କାଣ୍ଡ, ଚେରରେ ଔଷଧୀୟ ଗୁଣ ରହିଛି। ଏହା ବିଭିନ୍ନ ରୋଗ ଦୂର କରିବାରେ ସାହାଯ୍ୟ କରେ।




ଉଚ୍ଚ ରକ୍ତଚାପ, ଚିନ୍ତା, ମାନସିକ ରୋଗ, ନିଦ୍ରାହୀନତା ଆଦି ରୋଗ ପାଇଁ ସର୍ପଗନ୍ଧା ଲାଭକରୀ । ଚିକିତ୍ସକଙ୍କ ପରାମର୍ଶ ନେଇ ସର୍ପଗନ୍ଧା ପଞ୍ଚାଙ୍ଗର ଯେକୌଣସି ଅଙ୍ଗକୁ ଅନୁମୋଦିତ ହାତରେ କ୍ୱାଥ କରି ସେବନ କରାଯାଏ। ଏହାଦ୍ୱାରା ଚକ୍ତଚାପ ନିୟନ୍ତ୍ରଣରେ ରହିଥାଏ। ହୃଦୟ ସୁସ୍ଥ ରୁହେ। ସେହିପରି ପୂରା ପଞ୍ଚାଙ୍ଗର ଚୂର୍ଣ୍ଣରୁ ବଟିକା ବା ଘନ ବଟିକା ଉପଲବ୍ଧ ରହିଛି। ଏହାକୁ ଚିକିତ୍ସକଙ୍କ ପରାମର୍ଶରେ ବ୍ୟବହାର କଲେ ରକ୍ତଚାପ ସନ୍ତୁଳିତ ହୁଏ। ଅପସ୍ମାର, ମସ୍ତିଷ୍କ ରୋଗ, କଲେରା ଆଦି ରୋଗରେ ସର୍ପଗର୍ନ୍ଧାକୁ ଏକ ଉପଯୋଗୀ ଔଷଧ ଭାବେ ବ୍ୟବହାର କରାଯାଏ।

- ବାତ, ଯନ୍ତ୍ରଣା, ଜ୍ୱର ଆଦି ଦୂର କରିବାର ମଧ୍ୟ ଏହାର ଶକ୍ତି ରହିଛି। କୋଷ୍ଠକାଠିନ୍ୟ, ପେଟ ଯନ୍ତ୍ରଣା ରୋଗରେ ଏହା ଉପକାରୀ ଔଷଧ ଭାବେ ବ୍ୟବହୃତ ହୁଏ।
- ବିନା ଚିକିତ୍ସକଙ୍କ ପରାମର୍ଶରେ ସର୍ପଗନ୍ଧା ସେବନ କଲେ ରକ୍ତଚାପ କମିଯିବା ସହିତ ମସ୍ତିଷ୍କରେ ରକ୍ତ ସଞ୍ଚାଳନ ହ୍ରାସ ପାଇବ। ଏଥିପ୍ରତି ଧ୍ୟାନ ଦେବା ଜରୁରି।

## ରୋଗୀଙ୍କୁ ସଚେତନ କରେ


# ଔଷଧ ଷ୍ଟ୍ରିପ୍‌ର ନାଲି ଗାର




ଚିକିତ୍ସା ପାଇଁ ଔଷଧ ଦୁଇଥର କିମ୍ବା ବାରମ୍ବାର ବ୍ୟବହାର କରାଯାଇଥାଏ। ତେବେ ଦୈନନ୍ଦିନ ବ୍ୟବହୃତ ଔଷଧ ଷ୍ଟ୍ରିପ୍‌ର ନାଲିଗାରକୁ ପ୍ରାୟ ଅଣଦେଖା କରନ୍ତି। ଏହି ଗାର ଡିଜାଇନ୍ ନୁହେଁ, ବରଂ ଏକ ଗୁରୁତ୍ୱପୂର୍ଣ୍ଣ ଚେତାବନୀ। ଡାକ୍ତରଙ୍କ ବିନା ପରାମର୍ଶରେ ଏହି ଔଷଧ ଖାଇବା ଅନୁଚିତ ବୋଲି ନାଲି ଗାର ଚେତାଇଥାଏ। ଏହି ଔଷଧକୁ 'ରେଡ ଲାଇନ୍ ମେଡିସିନ୍' ମଧ୍ୟ କୁହାଯାଏ। ମୁଖ୍ୟତଃ ଆଣ୍ଟିବାୟୋଟିକ୍, ଷ୍ଟ୍ରଙ୍ଗ ପେନ୍‌କିଲର କିମ୍ବା ହର୍ମୋନାଲ୍ ଔଷଧ ଆଦି ଷ୍ଟ୍ରିପ୍‌ରେ ନାଲି ଗାର ରହିଥାଏ। ତେଣୁ ଏହି ଔଷଧକୁ ଡାକ୍ତରଙ୍କ ବିନା ପରାମର୍ଶରେ ସେବନ କଲେ, ଏହା ପାର୍ଶ୍ୱପ୍ରତିକ୍ରିୟା ସୃଷ୍ଟି କରେ। ଉଦାହରଣ ସ୍ୱରୂପ, ଡାକ୍ତରଙ୍କ ବିନା ପରାମର୍ଶରେ ଆଣ୍ଟିବାୟୋଟିକ୍ ଅନୁମୋଦିତ ହାରରେ ଉପଯୋଗ ନ କଲେ ଶରୀରରେ କିଛି ଜୀବାଣୁ ଜୀବିତ ରୁହନ୍ତି। ଏହି ଜୀବିତ ଜୀବାଣୁ ପରବର୍ତ୍ତୀ ସମୟରେ ପ୍ରତିରୋଧୀ ବନି ପାରନ୍ତି। ଫଳରେ ଜଣେ ବ୍ୟକ୍ତିଙ୍କ ଶରୀରରେ ସେହି ଔଷଧ ବଦଳରେ ଅଧିକ ପାୱାରଯୁକ୍ତ ଔଷଧ ଆବଶ୍ୟକ ହୁଏ। ଏହି ପ୍ରତିରୋଧୀ 'ସୁପରବଗ୍ସ' ବନିପାରନ୍ତି। ବେଳେ ବେଳେ ସଂକ୍ରମଣ ବଢ଼ି ଯାଇପାରେ ନତୁବା ଶରୀରରେ ଅନ୍ୟ ଔଷଧ ସହିତ ପ୍ରତିକ୍ରିୟା ସୃଷ୍ଟି କରାଏ। ସେଥିପାଇଁ ନାଲି ଗାର ଡାକ୍ତରଙ୍କ ପରାମର୍ଶରେ ସେବନ କରିବାକୁ ସୂଚାଇ ଥାଏ। ତେଣୁ ଡାକ୍ତରଙ୍କ ପରାମର୍ଶ ତଥା ପ୍ରେସ୍‌କ୍ରିପସନ୍ ଅନୁସାରେ ଔଷଧର କୋର୍ସ ପୂରା କରିବା ଆବଶ୍ୟକ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଔଷଧ ଷ୍ଟ୍ରିପ୍‌ରେ ନାଲି ଗାର ଥିଲେ ନାମ, ମାତ୍ରା, ଅବଧିକୁ ଭଲ ଭାବେ ପଢ଼ି ନେବା ଆବଶ୍ୟକ।

# ବିଶ୍ୱ କ୍ରିକେଟ୍‌କୁ ଭାରତ ନିୟନ୍ତ୍ରଣ କରୁଛି: ଗ୍ରେଗ୍ ଚାପେଲ

**ନୂଆଦିଲ୍ଲୀ, ୩୦।୧୦(ଏଜେନ୍ସି):** ଭାରତ ତାହାର ଆର୍ଥିକ କ୍ଷମତା ବ୍ୟବହାର କରି ବିଶ୍ୱ କ୍ରିକେଟ୍‌କୁ ପ୍ରଭାବିତ କରୁଛି ବୋଲି ମ୍ୟାଚ୍ ରେଫରି ଇଂଲଣ୍ଡର କ୍ରିସ୍ ବ୍ରଡ୍‌ଙ୍କ ଅଭିଯୋଗକୁ ସମର୍ଥନ କରିଛନ୍ତି ଅଷ୍ଟ୍ରେଲିଆର କିମ୍ବଦନ୍ତି ଖେଳାଳି



ତଥା ଭାରତୀୟ କ୍ରିକେଟ ଦଳର ପୂର୍ବତନ କୋଚ୍ ଗ୍ରେଗ୍ ଚାପେଲ। ଚାପେଲଙ୍କ କହିବା ଅନୁଯାୟୀ ଅର୍ଥ ବଳରେ ଭାରତ ବିଶ୍ୱ କ୍ରିକେଟ୍‌କୁ ନିୟନ୍ତ୍ରଣ କରୁଛି। ସେ ଯେତେବେଳେ ଭାରତୀୟ ଦଳର ହେଡ୍ କୋଚ୍ ଥିଲେ, ସେତେବେଳେ ସ୍ଲୋ ଓଭର ରେଟ୍ ଯୋଗୁଁ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କୁ ସସ୍‌ପେଣ୍ଡ କରାଯାଇଥିଲା। ମ୍ୟାଚ୍ ରେଫରି ବ୍ରଡ୍‌ଙ୍କୁ ଟେଲିଫୋନ ଯୋଗେ ଦଣ୍ଡ କୋହଳ କରିବାକୁ ତତ୍କାଳୀନ ଆଇସିସି ମୁଖ୍ୟ ଜଗମୋହନ ଡାଲମିଆ କହିଥିଲେ। ବ୍ରଡ୍ ଏକଥା ଲଣ୍ଡନରୁ ପ୍ରକାଶିତ ଟେଲିଗ୍ରାଫ୍‌କୁ କହିଥିଲେ। ଏବେ ସିଡନୀ ହେରାଲ୍ଡରେ ବ୍ରଡ୍‌ଙ୍କୁ ସମର୍ଥନ କରିଛନ୍ତି ଚାପେଲ। ୨୦୦୫ରେ ଚାପେଲ ଭାରତର କୋଚ୍ ଦାୟିତ୍ୱରେ ଥିଲେ। ଗାଙ୍ଗୁଲିଙ୍କ ଦଣ୍ଡ କିପରି କୋହଳ ହେବ ସେଥିଲାଗି ଚେଷ୍ଟା କରିବାକୁ ଚାପେଲଙ୍କ ଉପରେ ଚାପ ପକାଇଥିଲେ ଡାଲମିଆ। ଉଭୟ ଗାଙ୍ଗୁଲି ଓ ଡାଲମିଆ ଗୋଟିଏ ରାଜ୍ୟର ହୋଇଥିବାରୁ ଏଭଳି କଥା ସୃଷ୍ଟି ହୋଇଥିଲାବୋଲି ଚାପେଲ କହିଛନ୍ତି। ଏଣୁ ଆର୍ଥିକ କ୍ଷମତା ବଳରେ ଭାରତ ବିଶ୍ୱ କ୍ରିକେଟରେ ପ୍ରଭାବ ବିସ୍ତାର କରୁଛି ବୋଲି ବ୍ରଡ୍‌ଙ୍କ ଅଭିଯୋଗକୁ ଚାପେଲ ସମର୍ଥନ କରିଛନ୍ତି।

# କେକେଆର୍‌ର ନୂଆ କୋଚ୍ ହେଲେ ନାୟାର

**କୋଲକାତା, ୩୦ ।୧୦ (ଏଜେନ୍ସି):** ତିନିଥରର ଚାମ୍ପିଅନ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଆଇପିଏଲ୍‌ର ଆଗାମୀ ସିଜନ ଲାଗି ଅଭିଷେକ ନାୟାରଙ୍କୁ ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରିଛି। ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ସ୍ଥାନରେ ନାୟାର ଏହି ଗୁରୁଦାୟିତ୍ୱ ତୁଲାଇବେ। ପଣ୍ଡିତ ୨୦୨୩ରୁ ୨୦୨୫ ପର୍ଯ୍ୟନ୍ତ କେକେଆର୍ ଦଳର ମୁଖ୍ୟ କୋଚ୍ ରହିଥିଲେ। ତାଙ୍କ ସମୟରେ କେକେଆର୍



ତୃତୀୟଥର ଲାଗି ୨୦୨୪ରେ ଚାମ୍ପିଅନ ହୋଇଥିଲା। କିନ୍ତୁ ଆଇପିଏଲ୍‌ର ଗତ ସଂସ୍କରଣରେ କୋଲକାତା ନୈରାଶ୍ୟଜନକ ପ୍ରଦର୍ଶନ କରି ପ୍ଲେ-ଅଫ୍‌କୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲା। ଏହାପରେ ଫ୍ରାଞ୍ଚାଇଜ ଚଳିତ ବର୍ଷ ପ୍ରାରମ୍ଭରେ ପଣ୍ଡିତଙ୍କ ସହ ସମ୍ପର୍କ ତୁଟାଇଥିଲା। ୪୨ ବର୍ଷୀୟ ନାୟାର ଏଥିପୂର୍ବରୁ ୨୦୧୮ ରୁ ୨୦୨୪ ପର୍ଯ୍ୟନ୍ତ କୋଲକାତାର ପ୍ରଶିକ୍ଷକ ମଣ୍ଡଳୀରେ ବିଭିନ୍ନ ଭୂମିକାରେ ସଫଳତାରେ କାର୍ଯ୍ୟ ତୁଲାଇଥିଲେ। ଏହାପରେ ୨୦୨୪ରେ ତାଙ୍କୁ ଭାରତୀୟ ଦଳର ସହକାରୀ ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଥିଲା। କିନ୍ତୁ ଚଳିତ ବର୍ଷ ଏପ୍ରିଲରେ ତାଙ୍କ ଚୁକ୍ତିକୁ ବିସିସିଆଇ ଶେଷ କରିଦେଇଥିଲା।

# ନଭେମ୍ବର ୨୦ରେ ମନ୍ଧାନା-ପଲାଶ ବିବାହ!

**ନୂଆଦିଲ୍ଲୀ, ୩୦ ।୧୦ (ଏଜେନ୍ସି):** ଭାରତୀୟ ମହିଳା କ୍ରିକେଟ୍ ଦଳର ଉପ-ଅଧିନାୟିକା ସ୍ମୃତି ମନ୍ଧାନା ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି।



ପୁରୁଷ ବନ୍ଧୁ ତଥା ସଙ୍ଗୀତ ରଚୟିତା ଓ ନିର୍ଦ୍ଦେଶକ ପଲାଶ ମୁଚ୍ଛଲଙ୍କୁ ମନ୍ଧାନା ଆସନ୍ତା ନଭେମ୍ବର ୨୦ରେ ବିବାହ କରିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ମନ୍ଧାନାଙ୍କ ଜନ୍ମସ୍ଥାନ ସାଙ୍ଗଲୀରେ ଏହି ଚର୍ଚ୍ଚିତ ବିବାହ ଉତ୍ସବ ଆରମ୍ଭ ହେବ। ତେବେ ଉଭୟ ମନ୍ଧାନା କିମ୍ବା ପଲାଶଙ୍କ ପରିବାର ପକ୍ଷରୁ ବିବାହ ନେଇ ଅଫିସିଆଲ୍ ଭାବେ କିଛି ଘୋଷଣା କରାଯାଇନାହିଁ। ମନ୍ଧାନା ବର୍ତ୍ତମାନ ବିଶ୍ୱକପ୍‌ରେ ବ୍ୟସ୍ତ ରହିଛନ୍ତି। ଏହି ମେଗା ଇଭେଣ୍ଟ ଶେଷ ହେବାପରେ ସେ ବ୍ରେକ୍ ନେଇ ଦ୍ୱିତୀୟ ଇନିଂସ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ମନ୍ଧାନା ଓ ପଲାଶ ପରସ୍ପରକୁ ୨୦୧୯ରୁ ଡେଟିଂ କରି ଆସୁଛନ୍ତି। ଗତବର୍ଷ ଏକ ଇନଷ୍ଟାଗ୍ରାମ ଷ୍ଟୋରୀ ମାଧ୍ୟମରେ ମନ୍ଧାନା ଓ ପଲାଶ ସେମାନଙ୍କ ସମ୍ପର୍କକୁ ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ। ୩୦ ବର୍ଷୀୟ ପଲାଶ ବଲିଉଡ୍‌ର ଜଣେ ଜଣାଶୁଣା ସଙ୍ଗୀତ ନିର୍ଦ୍ଦେଶକ। 'ଭୁତନାଥ ରିଟର୍ଣ୍ଣସ' ଭଳି ଫିଲ୍ମର ସେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ପଲାଶଙ୍କ ଭଉଣୀ ପଲକ୍ ମୁଚ୍ଛଲ ମଧ୍ୟ ଜଣେ ପ୍ରସିଦ୍ଧ କଣ୍ଠଶିଳ୍ପୀ।

**ମହିଳା କ୍ରିକେଟ ବିଶ୍ୱକପ୍**

# ଭାରତ ବିପକ୍ଷରେ ଲିଚ୍‌ଫିଲ୍ଡଙ୍କ ଶତକ

**ନଭି ମୁମ୍ବଇ,୩୦।୧୦(ଏଜେନ୍ସି):**



ଭାରତ ବିପକ୍ଷ ମହିଳା ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲରେ ଅଷ୍ଟ୍ରେଲିଆର ଫୋଏବି ଲିଚ୍ ଫିଲ୍ଡ ଶତକ ହାସଲ କରିଛନ୍ତି। ସେ ୯୩ ବଲ୍‌ରୁ ୧୧୯ ରନ୍ ଏବଂ ଦ୍ୱିତୀୟ ୱିକେଟ ଭାଗୀଦାରିରେ ଏଲିସେ ପେରୀଙ୍କ ସହ ୧୫୫ ରନ୍ ଉଠାଇବା ଫଳରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୩୩୮ ରନ୍‌ରେ ଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ ପେରୀ ୮୮ ବଲ୍‌ରେ ୭୭ ଓ ଆଶଲେ ଗାର୍ଡନର ୪୫ ବଲ୍‌ରେ ୬୩ ରନ୍ କରିଥିଲେ। ଭାରତ ଏହି ଇନିଂସରେ ଏକାଧିକ ମିସ୍ ଫିଲ୍ଡିଂ କରି ଅତିକମ୍‌ରେ ଅଷ୍ଟ୍ରେଲିଆକୁ ୩୦ ରନ୍ ଦାନ କରିଛି। ତେବେ ଦଳ ପକ୍ଷରୁ ନବାଗତ ସ୍ପିନର ଶ୍ରୀ ଚରଣି ପୁଣିଥରେ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରି ୨ଟି ଏବଂ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିବା ଦୀପ୍ତି ଶର୍ମା ମଧ୍ୟ ୨ଟି ୱିକେଟ ପାଇଥିଲେ। ଅଷ୍ଟ୍ରେଲିଆ ପ୍ରଦତ୍ତ ୩୩୯ ରନ୍‌ର ଟାର୍ଗେଟକୁ ପିଛା କରି ଭାରତ ୪୧ ଓଭରରେ ସୁଦ୍ଧା ୪ ୱିକେଟ୍ ହରାଇ ୨୬୪ ରନ୍ ସଂଗ୍ରହ କରିଛି। ଏହି ସମୟରେ ଜେମିମା ରୋଡ୍ରିଗ୍ସେଜ୍ ୯୬ ଓ ରିଚା ଘୋଷ କୌଣସି ରନ୍ ନକରି ଖେଳୁଛନ୍ତି। ବିଶ୍ୱକପ୍‌ରେ ଭାରତ କେବେ ବି ୨୦୦ରୁ ଅଧିକ ରନ୍ ଚେଜ୍ କରି ନ ଥିଲାବେଳେ ଏଠାରେ ମ୍ୟାଚ୍ ଅଷ୍ଟ୍ରେଲିଆ ସପକ୍ଷରେ ରହିଛି। ଗତକାଲି ଇଂଲଣ୍ଡକୁ ୧୨୫ ରନ୍‌ର ବିରାଟ ବ୍ୟବଧାନରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଆଜି ମ୍ୟାଚ୍‌ର ବିଜେତା ସହ ଦକ୍ଷିଣ ଆଫ୍ରିକା ଆସନ୍ତା ରବିବାର ଫାଇନାଲ ମୁକାବିଲା କରିବ।

ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଅଧିନାୟକ ଆଲିସା ହିଲୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେବା ପରେ ୬ଷ୍ଠ ଓଭରରେ ମାତ୍ର ୫ ରନ୍ କରି ଆଉଟ ହୋଇଥିଲେ। ଏହା ପରେ ଚଳିତ ଟୁର୍ଣ୍ଣାମେଣ୍ଟରେ ଗୋଟିଏ ହେଲେ ଦର୍ଶନୀୟ ଇନିଂସ ଖେଳି ନ ଥିବା ଓପନର ଫୋଏବି ଲିଚ୍‌ଫିଲ୍ଡ ଏବଂ ଏଲିସେ ପେରୀ ଦମ୍‌ର ସହ ବ୍ୟାଟିଂ କରି ଦ୍ୱିତୀୟ ୱିକେଟରେ ୧୩୩ ବଲ୍‌ରୁ ୧୫୫ ରନ୍‌ର ଭାଗୀଦାରି କରିଥିଲେ। ଲିଚ୍‌ଫିଲ୍ଡ ୭୭ ବଲ୍‌ରେ ଶତକ ପୂରଣ କରିଥିଲେ ମଧ୍ୟ ୯୩ ବଲ୍‌ର ସାମ୍ନା କରି ୧୭ ଚୌକା ଓ ୩ ଛକା ସହ ସର୍ବାଧିକ ୧୧୯ ରନ୍ କରିଥିଲେ। ତାଙ୍କ ଆଉଟ ପରେ ପେରୀ ମଧ୍ୟ ବେଶି ସମୟ ତିଷ୍ଠି ନ ଥିଲେ। ସେ ୮୮ ବଲ୍‌ରୁ ୬ ଚୌକା ଓ ୨ ଛକା ସହ ୭୭ ରନ୍ କରିଥିଲେ। ଲିଚ୍‌ଫିଲ୍ଡ ଓ ପେରୀଙ୍କ ପାର୍ଟନରସିପ୍ ବଡ ସ୍କୋରର ମୂଳଦୁଆ ପକାଇଥିବାରୁ ଅନ୍ୟ ବ୍ୟାଟରମାନେ ଦ୍ରୁତ ରନ୍ ସଂଗ୍ରହ କରିବାକୁ ଯାଇ ଆଉଟ ହୋଇଥିଲେ। କିନ୍ତୁ ଟୁର୍ଣ୍ଣାମେଣ୍ଟରେ ଭଲ ଖେଳିଥିବା ଆଶ୍‌ଲେ ଗାର୍ଡନର ୪୫ ବଲ୍‌ରୁ ୪ଟି ଲେଖାଏଁ ଚୌକା ଓ ଛକା ସହ ୬୩ ରନ୍ କରିବା ଫଳରେ ଦଳ ୩୩୮ ରନ୍‌ର ବିଶାଳ ସ୍କୋର କରିଥିଲା। ସମସ୍ତ ବିଶ୍ୱକପ୍‌ରେ ଏହା ଦ୍ୱିତୀୟ ସର୍ବାଧିକ ସ୍କୋର। ଅଷ୍ଟ୍ରେଲିଆ ମଧ୍ୟ ଗୋଟିଏ ବିଶ୍ୱକପ୍‌ରେ ସର୍ବାଧିକ ୬ଟି ଶତକ ଓ ସର୍ବାଧିକ ୧୧୯ଟି ଛକା ମାରି ରେକର୍ଡ କରିଛି। ଭାରତ ପକ୍ଷରୁ ମିଡଲ ଓଭରରେ କିଛି ଭଲ ବୋଲିଂକୁ ଛାଡ଼ିଦେଲେ ଅନ୍ୟ ସବୁବେଳେ ଚାପରେ ରହିଥିଲେ। ମିସ୍ ଫିଲ୍ଡିଂ ଓ କ୍ୟାଚ୍ ହାତଛଡ଼ା କରିବା ଦଳ ଲାଗି ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଦଳର ଦୁଇ ସ୍ପିନର ଯୁବ ଖେଳାଳି ଶ୍ରୀ ଚରଣି ଓ ଦୀପ୍ତି ଶର୍ମା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

## ଫାଇନାଲରେ ଦକ୍ଷିଣ ଆଫ୍ରିକା

**ଗୌହାଟୀ:** ଲୌରା ୱଲଭାର୍ଟଙ୍କ ଦମ୍‌ଦାର ଶତକ ଓ ମାରିଜାନ କାପଙ୍କ ଅଲରାଉଣ୍ଡ ସଫଳତା ବଳରେ ଇଂଲଣ୍ଡକୁ ୧୨୫ ରନ୍‌ର ବିରାଟ ବ୍ୟବଧାନରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ପ୍ରଥମଥର ମହିଳା ବିଶ୍ୱକପ୍ କ୍ରିକେଟ ଫାଇନାଲରେ ପ୍ରବେଶ କରିଛି। ଗୁଆହାଟୀର ବର୍ଷାପରା ଷ୍ଟାଡିୟମ୍‌ରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଅଧିନାୟିକା ୱଲଭାର୍ଟ ୧୪୩ ବଲ୍‌ରୁ ୨୦ ଚୌକା ଓ ୪ଛକା ସହ ୧୬୯ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ ହରାଇ ୩୧୯ ରନ୍ କରିଥିଲା। ଜବାବରେ ୩୨୦ ରନ୍‌ର ବିଶାଳ ଲକ୍ଷ୍ୟକୁ ପିଛା କରୁଥିବା ଇଂଲଣ୍ଡ ମାରିଜାନ କାପ୍‌ଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ୪୨.୩ ଓଭରରେ ୧୯୪ ରନ୍ କରିଥିଲା। କାପ୍ ୨୦ରନ୍‌ରେ ୫ଟି ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ସଫଳତା କରିଥିଲାବେଳେ ଦକ୍ଷିଣ ଆଫ୍ରିକାକୁ ଫାଇନାଲରେ ପ୍ରବେଶ କରାଇଥିଲେ। ନାଦିନ ଡି କ୍ଲେର୍କ ୨ଟି ୱିକେଟ ପାଇଥିଲେ। ଇଂଲଣ୍ଡ ପକ୍ଷରୁ ଅଧିନାୟିକା ନାତାଲି ସିଭର ବ୍ରଣ୍ଟ ସର୍ବାଧିକ ୬୪, ଆଲିସେ କାପ୍‌ସି ୫୦ ରନ୍ କରିଥିଲେ।

## ପତ୍ନୀଙ୍କୁ ସମର୍ଥନ ଲାଗି ଷ୍ଟାଡିୟମରେ ପହଞ୍ଚିଲେ ଷ୍ଟାର୍କ

**ନଭି ମୁମ୍ବଇ, ୩୦ ।୧୦ (ଏଜେନ୍ସି):** ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଘରୋଇ ଭାରତ ମଧ୍ୟରେ ଗୁରୁବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ହାଇଭୋଲଟେଜ୍ ମ୍ୟାଚରେ ପତ୍ନୀ ତଥା ଅଷ୍ଟ୍ରେଲିଆ ଦଳର ଅଧିନାୟିକା ଆଲିସା ହେଲୀଙ୍କୁ ଚିୟର କରିବା ପାଇଁ ଅନ୍ୟତମ ଅଷ୍ଟ୍ରେଲୀୟ ତାରକା କ୍ରିକେଟର୍ ମିଚେଲ ଷ୍ଟାର୍କ ନଭି ମୁମ୍ବଇରେ ପହଞ୍ଚିଥିଲେ। ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ଷ୍ଟାର୍କ ଉପସ୍ଥିତ ରହି ଗୁରୁତ୍ୱପୂର୍ଣ୍ଣ ସେମିଫାଇନାଲ ଲଢ଼େଇରେ ପତ୍ନୀ ହେଲୀଙ୍କ ସମେତ ଅଷ୍ଟ୍ରେଲିଆ ଦଳକୁ ସମର୍ଥନ କରୁଥିବାର ଦେଖିବାକୁ ମିଳିଥିଲା। ତେବେ ଏହି ମ୍ୟାଚରେ ଇନିଂସ ଓପନ୍ କରିଥିବା ହେଲୀ ମାତ୍ର ୧୫ଟି ବଲ୍‌ରେ ମାତ୍ର ୫ ରନ କରି ଆଉଟ୍ ହୋଇଯାଇଥିଲେ। ଉଲ୍ଲେଖଯୋଗ୍ୟ, ଏହି ଚର୍ଚ୍ଚିତ କ୍ରିକେଟ୍ ଦମ୍ପତି ବିଭିନ୍ନ ମେଗା ଟୁର୍ଣ୍ଣାମେଣ୍ଟରେ ଷ୍ଟାଡିୟମରେ ଉପସ୍ଥିତ ରହି ପରସ୍ପରକୁ ସମର୍ଥନ କରୁଥିବାର ନଜିର ରହିଛି। ୨୦୨୪ ଆଇପିଏଲ୍ ସମୟରେ ଷ୍ଟାର୍କଙ୍କ ସହ ହେଲୀ ଉପସ୍ଥିତ ରହିଥିଲେ। ସେହିଭଳି ଷ୍ଟାର୍କ ମଧ୍ୟ ଗତବର୍ଷ ମହିଳା ଟି-୨୦ ବିଶ୍ୱକପ୍‌ର ଅଧିକାଂଶ ମ୍ୟାଚରେ ଷ୍ଟାଡିୟମରେ ଉପସ୍ଥିତ ରହି ହେଲୀଙ୍କୁ ଚିୟର କରିଥିଲେ। ୨୦୧୬ରେ ଷ୍ଟାର୍କ ଓ ହେଲୀ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।

## ଯାଜପୁର ଟାଉନ୍‌ରେ ଅସ୍ମିତା ରଗ୍‌ବୀ ଲିଗ୍

**ଯାଜପୁର, ୩୦।୧୦(ସମିସ):** ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ ଏବଂ ଯାଜପୁର ରଗ୍‌ବୀ ଆସୋସିଏସନର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଅସ୍ମିତା ରଗ୍‌ବୀ ଲିଗ୍ ଆୟୋଜିତ ହେବ। ଭାରତ ସରକାରଙ୍କ କ୍ରୀଡ଼ା ବିଭାଗ ଓ ରଗ୍‌ବୀ ଇଣ୍ଡିଆ ସହଯୋଗରେ ଏହି ଦିନିକିଆ ଲିଗ୍ ନଭେମ୍ବର ୧ରେ ଯାଜପୁର ଟାଉନସ୍ଥିତ କୁସୁମା ନିକଟବର୍ତ୍ତୀ ଯାଜପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଏହା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ସମଗ୍ର ରାଜ୍ୟରୁ ୨୦ଟି ଦଳ ଏଥିରେ ଭାଗ ନେଉଛନ୍ତି। ଏହା ସକାଳ ୮ଟାରୁ ଆରମ୍ଭ ହୋଇ ସନ୍ଧ୍ୟାରେ ଉଦ୍‌ଯାପିତ ହେବ ବୋଲି ଯାଜପୁର ରଗ୍‌ବୀ ସଂଘ ସମ୍ପାଦକ ଭରତ ସାହୁ ଜଣାଇଛନ୍ତି। ଏଥିରେ ରାଜ୍ୟ ସଂଘ ସମ୍ପାଦକ ସୁଶାନ୍ତ ସାହୁ, ଉପସଭାପତି ଉପେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହିବେ।

## ବଲ୍ ବାଜି ଅଷ୍ଟ୍ରେଲୀୟ ଯୁବ ଖେଳାଳିଙ୍କ ବିୟୋଗ

**ମେଲବୋର୍ଣ୍ଣ, ୩୦।୧୦(ଏଜେନ୍ସି):** କ୍ରିକେଟ ଖେଳରେ ଏକ ଦୁଃଖଦ ଖବର ମିଳିଛି। ଏଠାରେ ଅଭ୍ୟାସ କରୁଥିବାବେଳେ ବଲ ବାଜି ୧୭ ବର୍ଷୀୟ ବେନ୍ ଅଷ୍ଟିନ ନାମକ ଜଣେ ଯୁବ ଖେଳାଳିଙ୍କୁ ମୃତ୍ୟୁ ଘଟିଛି। ଏହା ଫଳରେ ନଭି ମୁମ୍ବାଇରେ ଆଜି ଖେଳାଯାଇଥିବା ଭାରତ-ଅଷ୍ଟ୍ରେଲିଆ ସେମିଫାଇନାଲ ମ୍ୟାଚ୍‌ରେ ଖେଳାଳିମାନେ କଳା ବ୍ୟାଜ୍ ପିନ୍ଧି ଖେଳିଥିଲେ। ଘଟଣାରୁ ଜଣାଯାଇଛି, ଏଠାରେ ଅନ୍ୟ ଖେଳାଳିଙ୍କ ସହ ଆଜି ବୋଲିଂ ମେସିନରେ ଅଭ୍ୟାସ କରୁଥିଲେ ବେନ୍। ମେସିନରୁ ଏକ ସ୍ପିଡ୍ ବଲ ତାଙ୍କ ମୁଣ୍ଡ ଓ ବେକ ମଧ୍ୟରେ ବାଜିଥିଲା। ଯାହା ଫଳରେ ସେ ପଡ଼ିଆରେ ଟଳି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ କ୍ରିକେଟ ଜଗତ ବା ବିଶେଷ କରି ଅଷ୍ଟ୍ରେଲିଆରେ ଶୋକର ଛାୟା ଖେଳିଯାଇଛି। ସେ ଫର୍ଣ୍ଣଟ୍ରି ଗଲି କ୍ରିକେଟ କ୍ଲବ୍‌ର ଜଣେ ଷ୍ଟାର ଖେଳାଳି ଥିଲେ ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି।

**ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ**

# ଗଞ୍ଜାମ ଜିଲ୍ଲା ଦଳଗତ ଚାମ୍ପିଅନ

**ଭୁବନେଶ୍ୱର, ୩୦।୧୦ (ସମିସ):** କଳିଙ୍ଗ ଷ୍ଟାଡିୟମ୍ ବିଜୁପଟ୍ଟନାୟକ ଭାରୋତ୍ତୋଳନ ହଲ୍‌ରେ ଚାଲିଥିବା



ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ୍ ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସିନିଅର, ଜୁନିଅର ଓ ୟୁଥ୍ ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା ଆୟୋଜିତ ହୋଇଥିଲା। ସମସ୍ତ ବିଭାଗରେ ଗଞ୍ଜାମ ଜିଲ୍ଲା ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ସିନିଅର ବିଭାଗରେ ଖୋର୍ଦ୍ଧା, ୟୁଥ୍ ଓ ଜୁନିଅର ବିଭାଗରେ ଢେଙ୍କାନାଳ ଜିଲ୍ଲା ରନର୍ସ ଅପ୍ ହୋଇଛି। ସିନିଅର ପୁରୁଷ ବିଭାଗରେ ଗଞ୍ଜାମର ମୁନା ନାଏକ, ୟୁଥ୍ ଓ ଜୁନିଅର ବାଳକରେ ଢେଙ୍କାନାଳର ସୁବ୍ରତ ନାଏକ ବେଷ୍ଟ ଲିଫ୍ଟର ହୋଇଛନ୍ତି। ମହିଳା ବିଭାଗରେ ମୟୁରଭଞ୍ଜର ସ୍ନେହା ସୋରେନ୍, ୟୁଥ୍ ଓ ଜୁନିଅର ବାଳିକା ବିଭାଗରେ ନବରଙ୍ଗପୁରର ମିନା ସାନ୍ତା ବେଷ୍ଟ ଲିଫ୍ଟର ଭାବେ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତା ଶେଷରେ ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି, ଭାରତୀୟ ଭାରୋତ୍ତୋଳନ ମହାସଂଘ କୋଷାଧ୍ୟକ୍ଷ ପ୍ରଦୀପ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅଳ୍ପଦିନ ମଧ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏହି ପ୍ରତିଯୋଗିତାଟି ସଫଳ ହୋଇଥିବାରୁ ରାଜ୍ୟ ଭାରୋତ୍ତୋଳନ ସଂଘ ସଭାପତି ଙ୍କ ଚିତ୍ତରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

**ଆଜି ଦ୍ୱିତୀୟ ଟି-୨୦**

# ଦମ୍ ଦେଖାଇବାକୁ ଭାରତ-ଅଷ୍ଟ୍ରେଲିଆ ପ୍ରସ୍ତୁତ

**ମେଲବୋର୍ଣ୍ଣ, ୩୦।୧୦(ଏଜେନ୍ସି):**






ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ପ୍ରଥମ ଟି-୨୦ ମୁକାବିଲା ବର୍ଷା ଯୋଗୁଁ ବାତିଲ ହୋଇଥିଲା। ଏହା ପରେ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯିବ। ବିଶ୍ୱର ଦୁଇ ଶ୍ରେଷ୍ଠ ଦଳ ନଂ-୧ ଭାରତ ଓ ନଂ-୨ ଅଷ୍ଟ୍ରେଲିଆ ଏହି ମ୍ୟାଚ୍‌ରେ ନିଜର ଦମ୍ ଦେଖାଇବାକୁ ପ୍ରସ୍ତୁତ ହୋଇଛନ୍ତି। କାନବେରାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଖେଳ ସମ୍ଭବ ହୋଇଥିବା ୯.୪ ଓଭର ଭାରତ ସପକ୍ଷରେ ଯାଇଥିଲା। ବ୍ୟାଟିଂ କରିବାକୁ ଆସିଥିବା ଦଳର ପ୍ରଥମ ୩ଜଣ ବ୍ୟାଟର ଅଭିଷେକ ଶର୍ମା, ଶୁବମନ ଗିଲ୍ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଭଲ ଫର୍ମରେ ଥିବା ଦର୍ଶାଇଥିଲେ। ଏମାନଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁଁ ଅଷ୍ଟ୍ରେଲିଆ ରକ୍ଷଣାତ୍ମକ ଖେଳିବାକୁ ବାଧ ହୋଇଥିଲା। ବର୍ଷା ଯୋଗୁଁ ଅଷ୍ଟ୍ରେଲିଆ ଏକ ନିରାଶାଜନକ ସ୍ଥିତିରୁ ରକ୍ଷା ପାଇଥିଲା। ଏବେ ଆଉ ଏକ ମୁକାବିଲା ଲାଗି ମିଚେଲ ମାର୍ଶଙ୍କ ଟିମ୍ ପ୍ରସ୍ତୁତ ହେଉଛି। ସୂର୍ଯ୍ୟକୁମାର ଯାଦବଙ୍କ ଟିମ୍ ଇଣ୍ଡିଆର ଆତ୍ମବିଶ୍ୱାସ ବଢ଼ିଥିଲାବେଳେ ୨୦୦୮ରୁ ଏଯାଏ ଦଳ ସପକ୍ଷରେ ସମସ୍ତ ସିରିଜ୍ ଯାଇଛି। ଏଣୁ ବାକିଥିବା ୪ଟି ମ୍ୟାଚ୍‌ରୁ ଯେଉଁ ଦଳ ୩ଟିରେ ବିଜୟୀ ହେବ ସେହି ଦଳ ସିରିଜ୍ କବ୍‌ଜା କରିବ।

ବିଶ୍ୱର ଦ୍ୱିତୀୟ ବୃହତ୍ତମ ଷ୍ଟାଡିୟମ୍ ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡରେ ଭାରତ ୬ଟି ମ୍ୟାଚ୍ ଖେଳି ୪ଟିରେ ବିଜୟୀ ହୋଇଛି। ଏଠାରେ ଉଭୟ ପକ୍ଷର ଅଧାଡଜନେ ଖେଳାଳି ଏଠାରେ ପ୍ରଥମଥର ଖେଳିବାକୁ ଯାଉଛନ୍ତି। ବିଶେଷ କରି ବିଶ୍ୱର ନଂ-୧ ଟି-୨୦ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ସହ ଏଯାଏ ଅଷ୍ଟ୍ରେଲିଆର ମୁକାବିଲା ହୋଇନାହିଁ। ଏଠାରେ ମଧ୍ୟ କିଛି ବର୍ଷ ହେବ ଅନ୍ତର୍ଜାତୀୟ କ୍ରିକେଟ ଖେଳାଯାଇନାହିଁ। ବିଗ୍ ବାଶ୍ ଲିଗ୍ ମ୍ୟାଚ୍‌ରେ ଏଠାରେ ହାରାହାରି ଇନିଂସ ପ୍ରତି ୧୮୦ କିମ୍ବା ତା'ଠାରୁ ଅଧିକ ସ୍କୋର ହୋଇଥିଲା। ଆସନ୍ତାକାଲି ମ୍ୟାଚ୍‌ରେ ଏହି ଧାରା ବଜାୟ ରହିବ ବୋଲି ଆଶା କରାଯାଉଛି। ପ୍ରଥମ ମ୍ୟାଚ୍ ଲାଗି ମନୋନୀତ ହୋଇଥିବା ଖେଳାଳିମାନେ ଖେଳିବା ସୁଯୋଗ ପାଇ ନ ଥିଲେ। ଏଣୁ ଦ୍ୱିତୀୟ ମ୍ୟାଚ୍‌ରେ ଉଭୟ ଦଳ ଖେଳାଳି ପରିବର୍ତ୍ତନ କରିବେ ନାହିଁ ବୋଲି ଆଶା କରାଯାଉଛି। ଭାରତୀୟ ଦଳର ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଆହତ ହୋଇ ଅତିକମ୍‌ରେ ପ୍ରଥମ ୩ଟି ମ୍ୟାଚ୍ ଖେଳିବେ ନାହିଁ। ଆବଶ୍ୟକ ହେଲେ ଫାଷ୍ଟ ବୋଲର ଅର୍ଶଦୀପ ସିଂହଙ୍କୁ ଦଳରେ ସାମିଲ କରାଯିବାର ସମ୍ଭାବନାକୁ ଏଡାଇ ଦେଇହେବ ନାହିଁ।

**ଆଜିର ମ୍ୟାଚ୍**
**ଭାରତ - ଅଷ୍ଟ୍ରେଲିଆ**
ଖେଳ ଆରମ୍ଭ : ଅପରାହ୍ଣ ୧ଟା ୪୫
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓ ହଟଷ୍ଟାର

**ଗୁଆହାଟୀରେ ନୂଆ ପରମ୍ପରା**

## ଆଗ ଟି', ପରେ ଲଞ୍ଚ୍

**ଗୁଆହାଟୀ, ୩୦।୧୦(ଏଜେନ୍ସି):** ଟେଷ୍ଟ କ୍ରିକେଟ ଇତିହାସରେ ଏକ ନୂଆ ପରମ୍ପରା ସୃଷ୍ଟି ହେବାକୁ ଯାଉଛି। ଏହା ହେଉଛି ଟେଷ୍ଟ ମ୍ୟାଚ୍‌ରେ ପ୍ରଥମେ ଟି' ବା ଚା' ପାନ ବିରତି ହେବ ଓ ପରେ ଲଞ୍ଚ୍ ବା ମଧ୍ୟାହ୍ନ ଭୋଜନ ହେବ। ଆସାମର ଗୁଆହାଟୀରେ ନଭେମ୍ବର ୨୨ରୁ ୨୬ ଯାଏ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍ ଏଠାରେ ହେବ ପ୍ରଥମ ଟେଷ୍ଟ ମ୍ୟାଚ୍। ଏଠାରେ ସୂର୍ଯ୍ୟୋଦୟ ଆଗୁଆ ହୁଏ ଓ ସୂର୍ଯ୍ୟାସ୍ତ ମଧ୍ୟ ପଛରେ ହୁଏ। ଏଣୁ ଖେଳ ମଧ୍ୟ ଆଗୁଆ ଆରମ୍ଭ ହେବ। ଏଠାରେ ସକାଳ ୯ଟାରୁ ଖେଳ ଆରମ୍ଭ ହେବ। ପ୍ରଥମ ସେସନ ପୂର୍ବାହ୍ନ ୧୧ଟାରେ ଶେଷ ହେବ। ୧୧ଟାରୁ ୧୧ଟା ୨୦ ଯାଏ ଚା'ପାନ ବିରତି ହେବ। ଏହା ପରେ ଦ୍ୱିତୀୟ ସେସନ ୧୧ଟା ୨୦ରୁ ଅପରାହ୍ଣ ୧ଟା ୨୦ ଯାଏ ଖେଳାଯିବ। ୧ଟା ୨୦ରୁ ୨ଟା ଯାଏ ଲଞ୍ଚ୍ ବା ମଧ୍ୟାହ୍ନ ଭୋଜନ ବିରତି ହେବ। ଦିନର ତୃତୀୟ ବା ଶେଷ ସେସନ ଅପରାହ୍ଣ ୨ଟାରୁ ୪ଟା ଯାଏ ଖେଳାଯିବ। ଆସାମ ରାଜ୍ୟ ଭାରତର ପୂର୍ବ ଭାଗରେ ଅବସ୍ଥିତ। ଏଠାରେ ଆଗୁଆ ସୂର୍ଯ୍ୟୋଦୟ ହେଉଥିବାରୁ କାର୍ଯ୍ୟକ୍ରମରେ ପରିବର୍ତ୍ତନ କରାଯାଇଛି। ଭାରତରେ ସାଧାରଣତଃ ସକାଳ ୯ଟା ୩୦ରୁ ଖେଳ ଆରମ୍ଭ ହୋଇ ୧୧ଟା ୩୦ରେ ଲଞ୍ଚ୍ ହୋଇଥାଏ। ୧୧ଟା ୩୦ରୁ ୧୨ଟା ୧୦ ଯାଏ ଲଞ୍ଚ୍, ୧୨ଟା ୧୦ରୁ ୨ଟା ୧୦ ଯାଏ ଦ୍ୱିତୀୟ ସେସନ, ୨ଟା ୧୦ରୁ ୨ଟା ୩୦ ଟି' ଏବଂ ୨ଟା ୩୦ରୁ ୪ଟା ୩୦ କିମ୍ବା ଆଲୋକ ଥିଲେ ୯୦ ଓଭର ଖେଳ ପୂରଣ କରିବାକୁ ଆଉ ଅଧଘଣ୍ଟା ଅଧିକ ଖେଳ ଆୟୋଜନ କରାଯାଇଥାଏ। ଦକ୍ଷିଣ ଆଫ୍ରିକା ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପ୍ରଥମ ମ୍ୟାଚ୍ କୋଲକାତାର ଇଡେନ ଗାର୍ଡେନ୍ସରେ ଖେଳାଯିବ। ଏଠାରେ ନିର୍ଦ୍ଧାରିତ ସମୟ ସକାଳ ୯ଟା ୩୦ରୁ ଖେଳ ଆରମ୍ଭ ହେବ।

**ଭାରତ-ଦ. ଆଫ୍ରିକା ଟେଷ୍ଟ ସିରିଜ୍**

**ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ**

## କୋଟିଆନଙ୍କୁ ୪ ୱିକେଟ୍; ଦ.ଆଫ୍ରିକା-ଏ ୨୯୯/୯

**ବେଙ୍ଗାଲୁରୁ, ୩୦ ।୧୦ (ଏଜେନ୍ସି):** ଘରୋଇ ଭାରତ-ଏ ଓ ଦକ୍ଷିଣ ଆଫ୍ରିକା-ଏ ଦଳ ମଧ୍ୟରେ ଗୁରୁବାରଠାରୁ ଏଠାରେ ପ୍ରଥମ ଅନ୍‌ଅଫିସିଆଲ୍ ଚାରିଦିବସୀୟ ଟେଷ୍ଟ ଆରମ୍ଭ



ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ଭାରତ-ଏ ଅଧିନାୟକ ଋଷଭ ପନ୍ତ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା-ଏ ପ୍ରଥମ ଇନିଂସରେ ୩ଟି ଅର୍ଦ୍ଧଶତକ ବଳରେ ୯ ୱିକେଟ ହରାଇ ୨୯୯ ରନର ସମ୍ମାନଜନକ ସ୍କୋର କରିଛି। ଓପନର୍ ଜୋର୍ଡାନ ହରମାନ୍ ସର୍ବାଧିକ ୭୧, ଜୁବେର ହମାଜ ୬୬ ଓ ରୁବିନ ହରମାନ୍ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ନିମ୍ନଭାଗରେ ତିଆନ ଭାନ ଭୁରେନ ୪୬ ରନର ଉପଯୋଗୀ ପାଳି ଖେଳିବା ଫଳରେ ଦଳ ୩୦୦ ରନ ନିକଟତର ହୋଇପାରିଥିଲା। ଘରୋଇ ଭାରତ-ଏ ପକ୍ଷରୁ ଅଫ୍-ସ୍ପିନର ତନୁଷ କୋଟିଆନ ସର୍ବାଧିକ ୪ଟି, ମାନବ ସୁତାର ୨ଟି ଏବଂ ଖଲିଲ ଅହମ୍ମଦ, ଅଂଶୁଲ କାମ୍ବୋଜ ଓ ଗୁର୍‌ନୁର୍ ବ୍ରାର୍ ଗୋଟିଏ ଲେଖାଏ ୱିକେଟ୍ ସଫଳତା ପାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS